# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୯/୨୦୨୬ (୧୪ ପୃଷ୍ଠା) | Bhubaneswar, Wednesday, April 29/2026 Page 14 | ₹ 7.00

୫୨ଶ ଭାଗ ୧୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 154 | ମୂଲ୍ୟ ₹୭/-




**ପରଦାକୁ ଆସିବ ବିଜୟଙ୍କ ଶେଷ ଅଭିନୀତ ଚଳଚ୍ଚିତ୍ର**

ରାଜନୀତିକୁ ଆସିବା ପୂର୍ବରୁ ତାମିଲ ଫିଲ୍ମ ସୁପରଷ୍ଟାର ବିଜୟଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'ଜନ ନାୟାଗନ' ମେ'୮ରେ ପରଦାକୁ ଆସିବ।

୦୨

୧୪

**ଡୋନୋଭାନ୍ ପ୍ଲେୟର ଅଫ୍ ଦି ମ୍ୟାଚ**

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ରାଜସ୍ଥାନ ରୟାଲ୍ସର ଡୋନୋଭାନ୍ ଫେରେରା।





କେରଳ ଥିରୁଭାନନ୍ତପୁରମ୍‌ସ୍ଥିତ ନେୟାର ଜଳଭଣ୍ଡାରରେ ମଙ୍ଗଳବାର କୋଟ୍ଟୁର ଏଲିଫ୍ୟାଣ୍ଟ ରିହାବିଲିଟେଶନ ସେଣ୍ଟରରେ ଥିବା ୮୫ ବର୍ଷୀୟ ସୋମନ୍ ହାତୀକୁ ମାହୁନ୍ତମାନେ ଗାଧୋଇ ଦେଉଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୩ ନାବାଳକ ମୃତ

## ବାହାଘର ଭୋଜି ବେଳେ ଅଘଟଣ: ୪ ଗୁରୁତର

ଟିଟିଲାଗଡ଼,୨୮।୪(ଶରତ ମିଶ୍ର)



ଦୁର୍ଘଟଣାଗ୍ରସ୍ତ ପିକ୍ ଅପ୍ ଭ୍ୟାନ୍।

ବାହାଘର ଭୋଜି ଚାଲିଥିବା ବେଳେ ଘଟିଛି ଅଘଟଣ। ଦୁର୍ଘଟଣାରେ ସେହି ପରିବାରର ୩ ନାବାଳକଙ୍କ ଜୀବନଦୀପ ଲିଭିଯାଇଛି। ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ମାର୍ଲାଡ ଗ୍ରାମ ନିକଟ ବ୍ରିଜରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣ ନାବାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ଟିଟିଲାଗଡ଼ ଥାନା ଲେସୁନବାହାଲି ଗ୍ରାମର ଜଳନ୍ଧର ତାଣ୍ଡିଙ୍କ ପୁଅ ଆଲୋକ (୧୦), ପରମାନନ୍ଦ ତାଣ୍ଡିଙ୍କ ପୁଅ ରାଜବୀର (୧୩) ଓ ତେତେଲପଡା ଗ୍ରାମର ଅଭିଶିକାଙ୍କ ପୁଅ ରାଜ (୧୪)। ଏହାଛଡ଼ା ଦୁର୍ଘଟଣାରେ ଗୁରୁତର ଆହତ ଡ୍ରାଇଭର ବିକ୍ରମ ତାଣ୍ଡି ଓ ଅନ୍ୟ ୩ ଜଣ ନାବାଳକ ଚିକିତ୍ସାଧୀନ ଅଛନ୍ତି। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାର ହେବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଲେସୁନବାହାଲି ଗ୍ରାମର ଦାରା ସିଂ ତାଣ୍ଡିଙ୍କ ପୁଅର ମଙ୍ଗଳବାର ବାହାଘର ଭୋଜି ଥିଲା। ତେବେ ଭୋଜିରେ ପିଇବା ପାଣି କମ୍ ପଡ଼ିବାରୁ ଦାରା ନିଜ ସମ୍ପର୍କୀୟ ବିକ୍ରମ ତାଣ୍ଡିଙ୍କୁ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି ୦୩ କ୍ୟୁ ୪୨୮୪)ରେ ଟିଟିଲାଗଡ଼ ପଠାଇଥିଲେ। ଏହି ସମୟରେ ଉକ୍ତ ଭ୍ୟାନ୍‌ରେ କୌତୂହଳବଶତଃ ତାଙ୍କ ପରିବାରର ୬ ଜଣ ନାବାଳକ ଚଢ଼ିଯାଇଥିଲେ। ତେବେ ଯିବା ରାସ୍ତାରେ ମାର୍ଲାଡ଼ ଗ୍ରାମ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟ ବ୍ରିଜରେ ଭ୍ୟାନ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଭ୍ୟାନ ତଳେ ଚାପି ହୋଇ ୩ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍ ଓଲଟି ସମସ୍ତଙ୍କୁ ଟିଟିଲାଗଡ଼ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତଡଲା କଡ଼େଇ**

# ଝାରସୁଗୁଡ଼ା ଦେଶର ୨ୟ ଉତ୍ତପ୍ତ ସହର

## ଆଜିଠୁ ବଦଳିବ ପାଗ, ଘଡ଼ଘଡ଼ି ସହ ବର୍ଷା ପବନ ପାଇଁ ୪ ଜିଲାକୁ ୱାର୍ନିଂ

ଭୁବନେଶ୍ୱର,୨୮।୪(ବନ୍ଦନା ସେଠୀ)

ରାଜ୍ୟରେ ଦିନକୁ ଦିନ ତାତି ଅସହ୍ୟ ହେବାରେ ଲାଗିଛି। ଗତ କିଛିଦିନ ଧରି ପାରଦ ଉପରମୁହାଁ ରହୁଛି। ଗତ କିଛିଦିନ ଧରି ଲଗାତର ଭାବେ ଝାରସୁଗୁଡ଼ାର ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିବା ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଣତ ହୋଇଛି। ମଙ୍ଗଳବାର ଝାରସୁଗୁଡ଼ାରେ ୪୫.୩ ଡିଗ୍ରୀ ତାତି ଅନୁଭୂତ ହୋଇଥିବାବେଳେ ଦେଶର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ୪୫.୬ ଡିଗ୍ରୀ ସହ ଉତ୍ତରପ୍ରଦେଶର ବାନ୍ଦା ଦେଶର ପ୍ରଥମ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିଲା।

ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ବୁଧବାରଠାରୁ ପାଗ ବଦଳିବ। ବୁଧବାରଠାରୁ ମେ' ୪ ପର୍ଯ୍ୟନ୍ତ ୬ଦିନ ଧରି ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ପ୍ରଭାବ ରହିବ। ଏହିସମୟରେ ଘଡ଼ଘଡ଼ି ବିଜୁଳି ସହିତ ବର୍ଷା ପବନ ହେବ। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏଥିସହ ବର୍ଷା ସମୟରେ ୫୦ରୁ ୬୦ କି.ମି ବେଗରେ ପବନ ବହିବା ନେଇ ସତର୍କ ସୂଚନା ଦିଆଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ କାଳବୈଶାଖୀ ପ୍ରଭାବ ରହିଲେ ମଧ୍ୟ ଅନୁଗୋଳ, କଳାହାଣ୍ଡି, ମୟୂରଭଞ୍ଜ, ବଲାଙ୍ଗୀର, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ☞ ପୃଷ୍ଠା-୪

**ଟଙ୍କା ମୂଲ୍ୟରେ ପୁଣି ୫୩ ପଇସା ହ୍ରାସ**

# ୧ ଡଲାର= ୯୪.୬୮ ଟଙ୍କା

ନୂଆଦିଲ୍ଲୀ,୨୮।୪

ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଗୋଟିଏ ପଟେ ଭୂ-ରାଜନୀତି ସ୍ତରରେ ବିବାଦ ଲାଗି ରହିଥିବାବେଳେ ଅନ୍ୟପଟେ ତୈଳ ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଦ୍ୱାରା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଁଆ ହେବାରେ ଲାଗିଛି। ଏଭଳି ସ୍ଥିତିରେ ନିବେଶକ ମହଲରେ ସୃଷ୍ଟି ହୋଇଥିବା ଆଶଙ୍କା ନିବେଶ କ୍ଷେତ୍ରକୁ ମଧ୍ୟ ମାତ୍ରାଧିକ ପ୍ରଭାବିତ କରିଛି। ଏହାକୁ ନେଇ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜ ସମେତ ଭାରତୀୟ ଶେୟାର ବଜାର ମଧ୍ୟ ପ୍ରଭାବିତ ହୋଇଛି। ଉପରୋକ୍ତ କାରଣକୁ ନେଇ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟର ଅବମୂଲ୍ୟାୟନ ଧାରା ଜାରି ରହିଛି। ପଶ୍ଚିମ ଏସିଆ ଯୁଦ୍ଧ ଆରମ୍ଭ ହେବା ପରେ କ୍ରମାଗତ ଭାବେ ଟଙ୍କା ମୂଲ୍ୟରେ ଅବମୂଲ୍ୟାୟନ ଘଟି ଚାଲିଥିବାବେଳେ ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୫୩ ପଇସା ହ୍ରାସ ଘଟି ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୪.୬୮ରେ ପହଞ୍ଚିଛି। ତୈଳ ସଙ୍କଟକୁ ☞ ପୃଷ୍ଠା-୪

# ଏଟିଏଫ୍ ମହଙ୍ଗା: ବିମାନସେବା ବନ୍ଦ ଚେତାବନୀ

**ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଏସୀୟ ଦେଶଗୁଡ଼ିକ ଉପରେ ବିଶେଷ ଭାବେ ପଡ଼ିଲାଣି । ତୈଳ ଆମଦାନୀରେ ବାଧା ଯୋଗୁ ଏହାର ସିଧାସଳଖ ପ୍ରଭାବ ଏବେ ଭାରତର ବିମାନ କମ୍ପାନୀକୁ ପ୍ରଭାବିତ କରିଛି । ବିମାନ ଇନ୍ଧନ(ଏଟିଏଫ୍) ଦର ବୃଦ୍ଧି ଯୋଗୁ ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସ୍ ଜେଟ ଭଳି ଦେଶର ପ୍ରମୁଖ କମ୍ପାନୀ ଶିଘ୍ର ବିମାନ ଚଳାଇବା ନେଇ ଚିନ୍ତା ପ୍ରକଟ କଲେଣି । ଏପରି କି ତୈଳ ଦର ବୃଦ୍ଧିରେ ରୋକ୍ ନ ଲାଗିଲେ ବିମାନ ଚଳାଚଳ ସମ୍ଭବ ହେବ ନାହିଁ ବୋଲି କହିବା ସହ ଏନେଇ କେନ୍ଦ୍ର ସରକାର ତୁରନ୍ତ ବିଚାର କରିବାକୁ ବିମାନ କମ୍ପାନୀ ଚିଠି ଲେଖି ଜଣାଇଛନ୍ତି । ଯଦି ସରକାର ଏଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ସହାୟତା ନ କରନ୍ତି ତେବେ ବିମାନ କମ୍ପାନୀ ବାଧ ହୋଇ ଉଡ଼ାଣ ବନ୍ଦ କରିବେ । ଫଳରେ ଦୈନିକ ପ୍ରାୟ ୩,୪୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣରେ ବାଧା ସୃଷ୍ଟି ହେବ ବୋଲି କୁହାଯାଉଛି ।**

**ସରକାରଙ୍କ ସହାୟତା ଲୋଡ଼ିଲା ବିମାନ କମ୍ପାନୀ**




ମୁମ୍ବାଇ,୨୮।୪(ପି.ଟି.)

ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିବାବେଳେ ବିମାନ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ପାଇଛି। ଏୟାରଲାଇନ୍ସ ବ୍ୟୟର ପ୍ରାୟ ୪୦ ପ୍ରତିଶତ ଏଟିଏଫ୍ ବାବଦରେ ହୋଇଥାଏ। ଏଥିସହିତ ଯୁଦ୍ଧ ସଙ୍କଟକୁ ନେଇ ଆକାଶ ସୀମା କଟକଣା ଲାଗୁ ହୋଇଥିବାରୁ ବିମାନ ଚଳାଚଳ ଖର୍ଚ୍ଚ ବୃଦ୍ଧି ପାଇଛି। ଭାରତର ଏୟାରଲାଇନ୍‌ଗୁଡ଼ିକ ଅତ୍ୟଧିକ ଚାପରେ ରହିଥିବାବେଳେ ବିମାନସେବା ବନ୍ଦ ହେବା ସମ୍ଭାବନା ଦେଖାଦେଇଥିବା ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସ୍‌ଜେଟ୍ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଜଣାଇ ଦିଆଯାଇଛି। ବିମାନସେବା ଜାରି ରଖିବାକୁ ହେଲେ ଏଟିଏଫ୍ ମୂଲ୍ୟରେ ସଂଶୋଧନ ସମେତ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସେମାନେ ଦାବି କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପତ୍ର ଲେଖି ଅତୀତର କ୍ରାକ୍ ବ୍ୟାଣ୍ଡ ବ୍ୟବସ୍ଥା ଅନୁଯାୟୀ, ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ଏଟିଏଫ୍ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାକୁ ସମାନ କରାଯାଉ ବୋଲି ଦାବି କରିଛି। ବିମାନ ଇନ୍ଧନ ମୂଲ୍ୟରେ ଅଭୂତପୂର୍ବ ବୃଦ୍ଧି ତଥା କ୍ରୁଡ୍ ଏବଂ ଏଟିଏଫ୍ ମଧ୍ୟରେ ଅତ୍ୟଧିକ ପାର୍ଥକ୍ୟ ଯୋଗୁ ବିମାନ ଚଳାଚଳ କ୍ଷେତ୍ରରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ମହାସଂଘ ଜଣାଇଛି। ବିମାନ ଇନ୍ଧନର ଅଯୌକ୍ତିକ ଦରବୃଦ୍ଧି ଏୟାରଲାଇନ୍‌ଗୁଡ଼ିକ ପାଇଁ ଅତ୍ୟଧିକ କ୍ଷତି ଘଟାଇବ ଏବଂ ବିମାନସେବା ବନ୍ଦ କରିବାକୁ ବାଧ କରିବ। ଫଳରେ ବିମାନ ଉଡ଼ାଣ ବାତିଲ ହେବ ବୋଲି ମହାସଂଘ କହିଛି। ତେଣୁ ଆମେ ବର୍ତ୍ତମାନର ସ୍ଥିତିରୁ ମୁକୁଳିବା ପାଇଁ ତୁରନ୍ତ ଓ ଅର୍ଥପୂର୍ଣ୍ଣ ଭାବେ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ସରକାର ହସ୍ତକ୍ଷେପ କରିବାକୁ ଆମେ ଦାବି କରୁଛୁ ବୋଲି ଫେଡେରେଶନ ପକ୍ଷରୁ ଲେଖାଯାଇଥିବା ପତ୍ରରେ ଉଲ୍ଲେଖ ରହିଛି। ଏଟିଏଫ୍ ଉପରେ ୧୧ ପ୍ରତିଶତ ସୀମାଶୁଳ୍କ ଲାଗୁ ହେଉଥିବାବେଳେ ଏହାକୁ ସାମୟିକ ଘୁଞ୍ଚାଇବା ପାଇଁ ମଧ୍ୟ ଦାବି ହୋଇଛି।

ଯୁଦ୍ଧ ପୂର୍ବବର୍ତ୍ତୀ ସମୟ ତୁଳନାରେ ଏଟିଏଫ୍ ମୂଲ୍ୟରେ ଅସ୍ୱାଭାବିକ ବୃଦ୍ଧି ସାଙ୍ଗକୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ଏବଂ ୧୧ ପ୍ରତିଶତ ସୀମାଶୁଳ୍କ ଏୟାରଲାଇନ୍‌ଗୁଡ଼ିକର ଖର୍ଚ୍ଚକୁ ବହୁଗୁଣିତ କରିଥିବା ସେମାନେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ସରକାର ଘରୋଇ ବିମାନ ଚଳାଚଳ ପାଇଁ ଏଟିଏଫ୍ ମୂଲ୍ୟ ଲିଟର ପ୍ରତି ୧୫ ଟଙ୍କା ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳ ପାଇଁ ୭୩ ଟଙ୍କା ବୃଦ୍ଧି କରିଥିଲେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ଫେବୃଆରୀରେ ଏଟିଏଫ୍ ଦର ନୂଆଦିଲ୍ଲୀରେ କିଲୋ ଲିଟର ପ୍ରତି ୯୨,୩୨୩ ଟଙ୍କା ଥିବାବେଳେ ଏବେ ତାହା ବୃଦ୍ଧିପାଇ ୧,୦୫,୦୦୦ ଟଙ୍କାରେ ପହଞ୍ଚିଛି। ଫଳରେ ଏପ୍ରିଲରେ ଘରୋଇ ବିମାନ ସମେତ ଅନ୍ତର୍ଜାତୀୟ ଉଡ଼ାଣ ସ୍ଥିତି ସମ୍ପୂର୍ଣ୍ଣ ଅନୁପଯୋଗୀ ଏବଂ ବିମାନ ଚଳାଚଳ ସେକ୍ଟର ପାଇଁ ଅତ୍ୟଧିକ କ୍ଷତିକାରକ ହୋଇଛି। ବର୍ତ୍ତମାନର ସ୍ଥିତି ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳରେ ଗୁରୁତର ଅସନ୍ତୁଳନ ସୃଷ୍ଟି କରିବା ସହ ଏୟାରଲାଇନ୍ସ ନେଟ୍‌ୱର୍କକୁ ଅପରିହାର୍ଯ୍ୟ ଓ ଅଣନିରନ୍ତର କରିଦେଇଛି। ସେଥିପାଇଁ ଏଟିଏଫ୍ ମୂଲ୍ୟରେ ସଂଶୋଧନ ସହ ଆର୍ଥିକ ସହାୟତା ପ୍ରଦାନ ଲାଗି ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଜରୁରୀ ହୋଇପଡ଼ିଥିବା ଏଫ୍ଆଇଏ କହିଛି।

# ସ୍ୱପ୍ନ ନିଜସ୍ୱ ଗୁଣ, ବାହ୍ୟ ଘଟଣାବଳୀର ପ୍ରତିଫଳନ

ନୂଆଦିଲ୍ଲୀ,୨୮।୪(ପି.ଟି.)



ସ୍ୱପ୍ନ କେବଳ ଅନିୟମିତ କିମ୍ବା ବିଶୃଙ୍ଖଳିତ ହୋଇ ନ ପାରେ, ବରଂ ଏହା ଜଣଙ୍କ ବ୍ୟକ୍ତିଗତ ଗୁଣ ଯେପରି କି ଜଣେ ବ୍ୟକ୍ତିର ଅନ୍ୟମନସ୍କ ହେବାର ପ୍ରବୃତ୍ତି, ସ୍ୱପ୍ନ ପ୍ରତି ଆଗ୍ରହ, ନିଦ୍ରାର ଗୁଣବତ୍ତା ଏବଂ କୋଭିଡ୍-୧୯ ମହାମାରୀ ଭଳି ବାହ୍ୟ ସାମାଜିକ ଘଟଣାବଳୀ ମଧ୍ୟରେ ଥିବା ଏକ ଜଟିଳ ସମ୍ପର୍କକୁ ପ୍ରତିଫଳିତ କରିପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଇଟାଲୀର ଆଇଏମ୍‌ଟି ସ୍କୁଲ ଫର୍ ଆଡ୍‌ଭାନ୍ସଡ ଷ୍ଟଡିଜ ଲୁକାର ଗବେଷକମାନେ ୧୮ରୁ ୭୦ ବର୍ଷ ବୟସର ୨୮୭ ଜଣ ଅଂଶଗ୍ରହଣକାରୀଙ୍କଠାରୁ ସଂଗୃହୀତ ୩,୭୦୦ରୁ ଅଧିକ ସ୍ୱପ୍ନ ଏବଂ ଜାଗ୍ରତ ଅବସ୍ଥାର ଅନୁଭୂତିକୁ ବିଶ୍ଳେଷଣ କରିବା ପରେ ଏପରି ତଥ୍ୟ ଦେଇଛନ୍ତି।

ଦୁଇ ସପ୍ତାହ ଧରି ଅଂଶଗ୍ରହଣକାରୀମାନେ ନିଜର ଦୈନନ୍ଦିନ ଅନୁଭୂତିଗୁଡ଼ିକୁ ଲିପିବଦ୍ଧ କରିଥିଲେ, ଅନ୍ୟପଟେ ଗବେଷକମାନେ ସେମାନଙ୍କ ଶୋଇବା ଶୈଳୀ, ବୌଦ୍ଧିକ କ୍ଷମତା, ବ୍ୟକ୍ତିତ୍ୱ ଏବଂ ମନସ୍ତାତ୍ତ୍ୱିକ ଗୁଣ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ଅଂଶଗ୍ରହଣକାରୀମାନେ ସେମାନଙ୍କ ଦୈନନ୍ଦିନ ଜୀବନ ଏବଂ ସ୍ୱପ୍ନର ବର୍ଣ୍ଣନା କରିବା ପାଇଁ ବ୍ୟବହାର କରିଥିବା ଶବ୍ଦଗୁଡ଼ିକୁ ଗବେଷକମାନେ ବିଶ୍ଳେଷଣ କରିଥିଲେ। ଗବେଷକଙ୍କ କହିବା ଅନୁଯାୟୀ, ସ୍ୱପ୍ନଗୁଡ଼ିକ କେବଳ ଜାଗ୍ରତ ଅବସ୍ଥାର ଅନୁଭୂତିକୁ ଦୋହରାଇ ନ ଥାଏ, ବରଂ ସେଗୁଡ଼ିକର ଏକ ନୂତନ ବ୍ୟାଖ୍ୟା ଉପସ୍ଥାପନ କରିଥାଏ ବୋଲି ଗବେଷକ ପ୍ରକାଶ କରିଛନ୍ତି।

ସ୍ୱପ୍ନ କେବଳ ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ, ବରଂ ଏହାକୁ ସକ୍ରିୟ ଭାବରେ ଏକ ନୂତନ ରୂପ ଦିଏ, ଅତୀତର ଅନୁଭୂତିର କିଛି ଅଂଶକୁ କାଳ୍ପନିକ କିମ୍ବା ଆଗାମୀ ସମ୍ଭାବନା ସହିତ ଯୋଡ଼ି ନୂଆ ଏବଂ ବେଳେବେଳେ ଅଦ୍ଭୁତ ଦୃଶ୍ୟ ସୃଷ୍ଟି କରେ ବୋଲି ଗବେଷକମାନେ କହିଛନ୍ତି। 'କମ୍ୟୁନିକେଶନ୍ସ ସାଇକୋଲୋଜି' ପତ୍ରିକାରେ ଏହି ଅଧ୍ୟୟନ ସମ୍ପର୍କରେ ଉଲ୍ଲେଖ କରାଯାଇ କୁହାଯାଇଛି ଯେ, ଜାଗ୍ରତ ଅବସ୍ଥାର ରିପୋର୍ଟ ତୁଳନାରେ, ସ୍ୱପ୍ନଗୁଡ଼ିକ ଆତ୍ମ-କୈନ୍ଦ୍ରିକ ଏବଂ ଚିନ୍ତା-ଆଧାରିତ କାହାଣୀରୁ ପରିବର୍ତ୍ତିତ ହୋଇ ଦୃଶ୍ୟଗତ ବିବରଣୀ, ଏକାଧିକ ଚରିତ୍ର ଏବଂ ଅଦ୍ଭୁତ ଘଟଣାବଳୀରେ ପରିପୂର୍ଣ୍ଣ ଅନୁଭୂତିରେ ପରିଣତ ହୋଇଥାଏ। ଏପରି କି ସ୍ୱପ୍ନ ପ୍ରତି ମନୋଭାବ, ଅନ୍ୟମନସ୍କ ହେବାର ପ୍ରବୃତ୍ତି ଏବଂ ବ୍ୟକ୍ତିଗତ ନିଦ୍ରାର ଗୁଣବତ୍ତା ପରି ସ୍ଥିର ଗୁଣଗୁଡ଼ିକ ☞ ପୃଷ୍ଠା-୪


**GIET UNIVERSITY**
GUNUPUR, ODISHA, INDIA PIN-765022 | www.giet.edu
Established by Govt, of Odisha Act 23 of 2018 Approved by AICTE, DSIR, UGC, AIU, ICAR, INC, DGCA, PCI
GIET ENTRANCE EXAM (GIETEE) 2026
Apply online through GIETU website https://apply-gietee.gietu.in/
B.Tech | MBA | MCA
M.Tech | BBA | BCA
B.Sc. (H) Ag. | M.Sc. Ag. | B. Pharma
B.Sc. Nursing
We also offer
Aircraft Maintenance Engg. (DGCA Approved)
Diploma (Civil, EE, CSE & Mechanical)
Ph.D. in all subjects (Technical & Non Technical)
FOLLOW US @gietuniversitygunupur | CALL US 8118053 002 / 003 | EMAIL US deanadmission@giet.edu

## ଦିଲ୍ଲୀରେ ଆଜି




ମହିଳା ସ୍ଥାନ ସଂରକ୍ଷଣ ବିଲ୍‌କୁ ଅଟକାଇବାରେ ବିପକ୍ଷ ଦଳର ଭୂମିକା ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନ୍ୟ ମନ୍ତ୍ରୀ ଓ ବିଧାୟକମାନେ ମଙ୍ଗଳବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଆଜି ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ

**କୋଲକାତା,୨୮।୪**

ପଶ୍ଚିମବଙ୍ଗ ବିଧାନସଭାର ୧୪୨ ଆସନ ପାଇଁ ବୁଧବାର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ମୋଟ ୧,୪୪୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ୭ ଜିଲାର ୪୦ ହଜାରରୁ ଊର୍ଦ୍ଧ୍ୱ ବୁଥ୍‌ରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ବୁଧବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସମସ୍ତ ବୁଥ୍‌ରେ ୱେବ୍‌କାଷ୍ଟିଂ ସୁବିଧା କରାଯାଇଛି। ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଲାଗି କମିଶନଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଭୋଟରମାନଙ୍କ ମନୋବଳ ବଢ଼ାଇବା ପାଇଁ ସୁରକ୍ଷା ବଳ ପକ୍ଷରୁ ବିଭିନ୍ନ ସ୍ଥାନରେ ରୁଟ୍ ମାର୍ଚ୍ଚ କରାଯାଇଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ୧୫୨ ଆସନ ପାଇଁ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୯୩%ରୁ ଅଧିକ ରହିଥିଲା।

# ଟିଏମ୍‌ସି ପ୍ରାର୍ଥୀଙ୍କୁ ଧମକ ଦେଇ ଚର୍ଚ୍ଚାରେ ୟୁପି ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ

**କୋଲକାତା/ଲକ୍ଷ୍ନୌ,୨୮।୪**



ଅଜୟ ପାଲ୍ ଶର୍ମା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଡ୍ୟୁଟିରେ ଥିବା ଉତ୍ତରପ୍ରଦେଶ ପୋଲିସର ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଅଜୟ ପାଲ୍ ଶର୍ମା ଦକ୍ଷିଣ ୨୪ ପ୍ରଗଣା ଜିଲାରେ ପୋଲିସ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଥିବାବେଳେ ଫାଲ୍‌ଟାର ଟିଏମ୍‌ସି ପ୍ରାର୍ଥୀ ଜେହାଙ୍ଗିର ଖାନ୍‌ଙ୍କୁ ଧମକ ଦେଇ ବିବାଦ ଘେରକୁ ଆସିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀରେ ଖାନ୍‌ଙ୍କ ଲୋକେ ଯଦି ଭୋଟରମାନଙ୍କୁ ଧମକ ଦେବା ଜାରି ରଖନ୍ତି, ତେବେ ଉପଯୁକ୍ତ ପଦକ୍ଷେପ ନେବି। ସେତେବେଳେ ଆଉ କାନ୍ଦିବନି କି ଅନୁତାପ କରିବନି ବୋଲି ଶର୍ମା କହିଥିଲେ। ସେହି ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟ ଶର୍ମାଙ୍କୁ ପ୍ରଶଂସା କରି ଉତ୍ତରପ୍ରଦେଶର ସିଂଘମ କହିଥିବାବେଳେ ଟିଏମ୍‌ସି ଉକ୍ତ ଅଫିସର ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛି। ପୋଲିସ ଅଫିସର ତାଙ୍କ ହିରୋଗିରିକୁ କାବୁରେ ରଖିବା ପାଇଁ ଶାସକ ଦଳ କହିଛି। ୟୁପି ପୋଲିସ ଅଫିସର ଆଦିତ୍ୟନାଥ ସରକାରଙ୍କ ଭାବମୂର୍ତ୍ତି ଖରାପ କରିଥିବା ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି।

# ଧର୍ମ ପଚାରି ସୁରକ୍ଷା କର୍ମୀଙ୍କୁ ଛୁରାମାଡ଼

## ଆତଙ୍କବାଦ ସମ୍ପୃକ୍ତି ସନ୍ଦେହ
## ଏଟିଏସ୍, ଏନ୍ଆଇଏକୁ ତଦନ୍ତ ଦାୟିତ୍ୱ

**ମୁମ୍ବାଇ,୨୮।୪**



ଜାଇବ ଜୁବେର ଅନ୍‌ସାରୀ

ମୁମ୍ବାଇର ମୀରା ରୋଡ୍ ଅଞ୍ଚଳର ଏକ ନିର୍ମାଣାଧୀନ ବିଲ୍ଡିଂରେ ୨ ସୁରକ୍ଷା କର୍ମୀଙ୍କୁ ଜଣେ ବ୍ୟକ୍ତି ସେମାନଙ୍କ ଧର୍ମ ପଚାରିବା ସହ 'କଲ୍‌ମା' (ଇସ୍‌ଲାମ ଧର୍ମ ବିଶ୍ୱାସ) ଗାଇବା ପାଇଁ କହିଥିଲେ। ସେମାନେ କଲ୍‌ମା ଆବୃତ୍ତି କରି ନ ପାରିବାରୁ ବ୍ୟକ୍ତି ଜଣକ ସେମାନଙ୍କୁ ଛୁରାମାଡ଼ କରିଥିବା ମୋବାଇଲ୍ ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ଉପର ମହଲାରେ ଥିବା ଜଣେ ଅଜଣା ବ୍ୟକ୍ତି ନିଜ ମୋବାଇଲ ଫୋନ୍‌ରେ ଉକ୍ତ ୬୦ ମିନିଟ୍‌ର ଭିଡିଓ ଶୁଟିଂ କରିଛନ୍ତି। ପୋଲିସ ଜାଇବ ଜୁବେର ଅନ୍‌ସାରୀ(୩୧) ନାମକ ଅଭିଯୁକ୍ତଙ୍କୁ ଗିରଫ କରି ହାଜତକୁ ନେଇଛି।

ପୋଲିସ କହିବା ଅନୁଯାୟୀ, ଅନ୍‌ସାରୀ ୨ ସୁରକ୍ଷା କର୍ମୀ ରାଜକୁମାର ମିଶ୍ରା ଏବଂ ସୁବ୍ରୋତୋ ସେନ୍‌ଙ୍କୁ କଲ୍‌ମା ଆବୃତ୍ତି କରିବାକୁ କହିଥିଲେ। ଗାର୍ଡଦ୍ୱୟ ଏହା ଗାଇପାରିବେ ନାହିଁ ବୋଲି କହିବାରୁ ସେ ଛୁରିରେ ଆକ୍ରମଣ କରିଥିଲେ। ସୋମବାର ଏହି ଆକ୍ରମଣ ଘଟିଥିବାବେଳେ ଆହତ ମିଶ୍ରା ଓ ସେନ୍‌ଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପଛରେ ଆତଙ୍କବାଦୀ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏହା ପଛରେ ଜିହାଦି ଉଦ୍ଦେଶ୍ୟ ରହିଛି। ଆକ୍ରମଣକାରୀ ଜଣେ ସ୍ୱୟଂ-ଉଗ୍ରବାଦୀ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ କହିବା ସହ ଘଟଣାର ତଦନ୍ତ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) କରୁଥିବା କହିଛନ୍ତି। ମୋଟାମୋଟି ଭାବେ ଏହା ଏକ ସ୍ୱୟଂ-ଉଗ୍ରବାଦ ଘଟଣା ଭଳି ଜଣାପଡୁଛି। ବିଭିନ୍ନ ପୁସ୍ତକ, ଲେଖା ଓ ଇଣ୍ଟରନେଟ୍ ଜରିଆରେ ଅଭିଯୁକ୍ତ ନିଜକୁ କଠୋରପନ୍ଥୀ କରାଇଥିଲେ। ସେ ଜିହାଦୀ ମନୋଭାବ ନେଇ ଅନ୍ୟ ଧର୍ମର ଲୋକଙ୍କୁ ଟାର୍ଗେଟ କରୁଥିଲେ ବୋଲି ଫଡ଼୍‌ନବିସ୍ କହିଛନ୍ତି। ଏହି ଘଟଣା ପଛରେ କାହାର ହାତ ରହିଛି ଏବଂ ଅନ୍ୟମାନେ ଏହିଭଳି ଭାବେ କଠୋରପନ୍ଥୀ ହୋଇଛନ୍ତି କି ନାହିଁ, ତାହାର ତଦନ୍ତ କରାଯାଉଛି।

ଆକ୍ରମଣକାରୀ ଅନ୍‌ସାରୀ ବିଦେଶରେ ଅନେକ ଦିନ ରହିଥିଲେ। ତାଙ୍କ ପରିବାର ଏବେ ଆମେରିକାରେ ରହୁଛନ୍ତି। ଅନ୍‌ସାରୀ ଭାରତ ଫେରି ପ୍ରଥମେ ମୁମ୍ବାଇର କୁର୍ଲାରେ ଓ ପରେ ମୀରା ରୋଡ୍ ଅନ୍ତର୍ଗତ ନୟା ନଗର ଅଞ୍ଚଳରେ ରହୁଥିଲେ। ଆକ୍ରମଣର ୯୦ ମିନିଟ୍ ମଧ୍ୟରେ ପୋଲିସ ଅନସାରୀଙ୍କୁ ତାଙ୍କ ନୟାନଗର ଭଡ଼ାଘରୁ ଗିରଫ କରିବାରେ ସଫଳ ହାଇଛି। ସେ ନିୟମିତ ଆଇଏସ୍ଆଇଏସ୍ ସମ୍ପର୍କିତ ପ୍ରଚାର ଅନ୍‌ଲାଇନ୍‌ରୁ ପଢୁଥିଲେ ବୋଲି ପୋଲିସ କହିଛି। ଏହାକୁ ତଦନ୍ତର ମୁଖ୍ୟ ଦିଗ ଭାବେ ଗ୍ରହଣ କରାଯାଇଛି।

# ଇରାନରୁ ୪ ହଜାର ବର୍ଷ ପୁରୁଣା ଏଲାମାଇଟ୍ ଲିପି ଉଦ୍ଧାର

**ତେହରାନ୍,୨୮।୪**

ଯୁଦ୍ଧକୁ ନେଇ ସାରା ବିଶ୍ୱର ନଜର ଏବେ ଇରାନ ଉପରେ ରହିଥିବାବେଳେ ଫ୍ରାନ୍ସର ପୁରାତତ୍ତ୍ୱବିତ୍ ଫ୍ରାଙ୍କୋଇସ୍ ଡିସେଟ୍ ସେଠାରୁ ସହସ୍ରାବ୍ଦ ପୁରୁଣା ରହସ୍ୟ ଉନ୍ମୋଚନ କରିଛନ୍ତି। ଇରାନ ମାଟିତଳୁ ୪,୦୦୦ ବର୍ଷ ପୁରୁଣା ଲିନିଅର ଏଲାମାଇଟ୍ ଲିପିକୁ ସେ ଉଦ୍ଧାର କରିପାରିଛନ୍ତି, ଯାହା ବାହାର କରିବା ସମ୍ଭବ ନୁହେଁ ବୋଲି ବିବେଚନା କରାଯାଉଥିଲା। ୪,୦୦୦ ବର୍ଷ ପୂର୍ବେ ଇରାନରେ ଏହି ଲିପିକୁ ବାସ୍ତବ ସ୍ଥାନୀୟ ଲିପି ଭାବେ ବ୍ୟବହାର କରାଯାଉଥିଲା। ଆରବୀୟ ଲିପି କ୍ୟୁନିଫର୍ମ ଏବଂ ଗ୍ରୀକ୍ ଲିପି ପାଶ୍ଚାତ୍ୟରୁ ପରେ ସେଠାକୁ ଆସିଥିଲା। ଡିସେଟ୍ ୨୦୨୬ରୁ ଏହି ପୁରାତନ ଲିପି ଉଦ୍ଧାର ପାଇଁ ଉଦ୍ୟମ ଚଳାଇଆସୁଥିଲେ ଓ ଦକ୍ଷିଣ ଇରାନରେ ଖନନ କାର୍ଯ୍ୟରେ ସାମିଲ ହୋଇଥିଲେ, ଯେଉଁଠୁ ଲିନିଅର ଏଲାମାଇଟ୍ ଲିପିରେ ଲେଖାଥିବା ଏକ ଫଳକ ମିଳିଛି।

# ଭାରତକୁ ରୁଷିଆ ପଠାଇଲା ୪ର୍ଥ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍

**ନୂଆଦିଲ୍ଲୀ,୨୮।୪**

ରୁଷିଆ ଏସ୍-୪୦୦ ଟ୍ରିଉମ୍ଫ ସ୍ଥଳରୁ ଆକାଶ ମିଶାଇଲ୍ ସିଷ୍ଟମ୍‌ର ଚତୁର୍ଥ ୟୁନିଟ୍ ଭାରତ ପଠାଇଛି। ଏହା ଆସନ୍ତା ମାସ ମଧ୍ୟଭାଗରେ ଭାରତରେ ପହଞ୍ଚିବା ଆଶା କରାଯାଉଛି। ଏହା ଭାରତୀୟ ବାୟୁସେନାର ଏୟାର ଡିଫେନ୍ସ ସିଷ୍ଟମ୍‌ର ଶକ୍ତି ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଅପରେଶନ ସିନ୍ଦୂର ବେଳେ ଏସ୍-୪୦୦ ମିଶାଇଲ୍ ସିଷ୍ଟମ୍ ଶତ୍ରୁପକ୍ଷ କ୍ଷେପଣାସ୍ତ୍ର ରୋକିବାରେ ସଫଳତା ହାସଲ କରିଥିଲା। ଅପରେଶନ ସିନ୍ଦୂରକୁ ଗୋଟିଏ ବର୍ଷ ପୂରିବାକୁ ଯାଉଥିବାବେଳେ ଏହା ପୂର୍ବରୁ ରୁଷିଆ ଏସ୍-୪୦୦ର ଆଉ ଏକ ୟୁନିଟ୍ ପଠାଇଛି। ରୁଷିଆରୁ ଏହି ମିଶାଇଲ୍ ସିଷ୍ଟମ୍‌ର ୫ଟି ୟୁନିଟ୍ କିଣିବା ପାଇଁ ୨୦୧୮ ଅକ୍ଟୋବରରେ ଭାରତ ୫ ବିଲିୟନ ଡଲାରର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ପୂର୍ବରୁ ୩ଟି ମିଳିଥିବାବେଳେ ନଭେମ୍ବର ବେଳକୁ ପଞ୍ଚମ ୟୁନିଟ୍ ମିଳିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ପଟିଆଲା ରେଳଲାଇନ୍‌ରେ ବିସ୍ଫୋରଣ

## ଖଲିସ୍ତାନୀ ଲିଙ୍କ୍ ଥିବା ୪ ଗିରଫ

**ଚଣ୍ଡିଗଡ଼,୨୮।୪(ପି.ଟି.)**

ପଞ୍ଜାବର ପଟିଆଲା ଅନ୍ତର୍ଗତ ଶମ୍ଭୁ ଅଞ୍ଚଳରେ ଏକ ମାଲ୍ ପରିବହନ ରେଲୱେ ଟ୍ରାକ୍‌ରେ ସୋମବାର ବିଳମ୍ବିତ ରାତିରେ ବିସ୍ଫୋରଣ ହୋଇଛି। ଖଲିସ୍ତାନୀ ସପକ୍ଷବାଦୀ ମଡ୍ୟୁଲ ଏହି ବିସ୍ଫୋରଣ ଘଟାଇଛନ୍ତି। ବିସ୍ଫୋରଣ ଘଟାଇବାବେଳେ ଉକ୍ତ ମଡ୍ୟୁଲ୍‌ର ଜଣେ ସଦସ୍ୟ ନିହତ ହୋଇଥିବା ପୋଲିସ କହିଛି। ଅନ୍ୟ ୪ ସଦସ୍ୟଙ୍କୁ ଗିରଫ କରାଯାଇଛି। ରେଳଲାଇନ୍‌କୁ ଉଡ଼ାଇଦେବା ବିସ୍ଫୋରଣର ଉଦ୍ଦେଶ୍ୟ ଥିଲା। ବିସ୍ଫୋରଣ ଯୋଗୁ ରେଳଲାଇନ୍ ତଳେ ଏକ ଛୋଟ ଗର୍ତ୍ତ ସୃଷ୍ଟି ହେବା ସହ ଲାଇନ୍ କ୍ଷତିଗ୍ରସ୍ତ ହୋଇଛି। ୩ ମାସ ମଧ୍ୟରେ ଏକ ଫ୍ରାଇଟ୍ କରିଡରରେ ଏହା ଦ୍ୱିତୀୟ ବିସ୍ଫୋରଣ ହୋଇଥିବାରୁ ଏନ୍ଆଇଏ ଏହାର ତଦନ୍ତ କରିପାରେ ବୋଲି ପୋଲିସ କହିଛି।

ବିସ୍ଫୋରଣ ସ୍ଥଳରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ବ୍ୟକ୍ତିଜଣକ ବିସ୍ଫୋରଣ ଘଟାଇବାକୁ ଉଦ୍ୟମ କରୁଥିବାବେଳେ ନିହତ ହୋଇଥିବା ପଟିଆଲା ଏସ୍ଏସ୍‌ପି ବରୁଣ ଶର୍ମା କହିଛନ୍ତି। ମୃତକ ଜଗରୁପ ସିଂ ଏବଂ ତାଙ୍କ ଘର ତର୍ନ ତରନ ଜିଲାର ପଞ୍ଜୱାର ଗ୍ରାମରେ ବୋଲି ଜଣାପଡ଼ିଛି। ଗିରଫ ୪ ସନ୍ଦିଗ୍ଧ ହେଲେ ପ୍ରଦୀପ ସିଂ ଖାଲ୍‌ସା, କୁଲୱିନ୍ଦର ସିଂ, ସତ୍‌ନାମ ସିଂ ଏବଂ ଗୁରପ୍ରୀତ୍ ସିଂ। ପ୍ରଦୀପ ଓ କୁଲ୍‌ୱିନ୍ଦରଙ୍କ ଘର ମନସାରେ ଏବଂ ସତନାମ ଓ ଗୁରପ୍ରୀତ୍‌ଙ୍କ ଘର ତର୍ନ ତରନରେ ବୋଲି ପୋଲିସ କହିଛି।

# ଭାଜପା ନେତା ନିତେଶ ରାଣେଙ୍କୁ ମାସେ ଜେଲ

**ମୁମ୍ବାଇ,୨୮।୪**

ଭାଜପା ନେତା ନିତେଶ ରାଣେଙ୍କୁ ମହାରାଷ୍ଟ୍ରର ଏକ ଅଦାଲତ ୨୦୧୯ର ଏକ ମାମଲାରେ ଦୋଷୀସାବ୍ୟସ୍ତ କରିବା ସହ ମାସେ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତେବେ ଦଣ୍ଡାଦେଶ ବିରୋଧରେ ଅପିଲ୍ ପାଇଁ ତାଙ୍କୁ ଅଦାଲତ ଅନୁମତି ଦେଇଛନ୍ତି। ୨୦୧୯ରେ ମୁମ୍ବାଇ-ଗୋଆ ରାଜପଥର ଦୁରବସ୍ଥା ପ୍ରତିବାଦରେ ବିକ୍ଷୋଭ ବେଳେ ନିତେଶ ଓ ତାଙ୍କ ସମର୍ଥକମାନେ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ର ଉପଯନ୍ତ୍ରୀ ପ୍ରକାଶ ଶେଡେକରଙ୍କ ଉପରେ କାଦୁଆ ଢାଳିଥିଲେ। ସେହି ସମୟରେ ନିତେଶ କଂଗ୍ରେସରେ ଥିଲେ। ପ୍ରମାଣ ଅଭାବରୁ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷମୁକ୍ତ କରିଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ନିତେଶଙ୍କୁ ତଥାପି ଆଇପିସିର ଧାରା ୫୦୪ରେ ଦୋଷୀସାବ୍ୟସ୍ତ କରାଯାଇଛି। ସାଧାରଣ ଅଭିଯୋଗ ସହ ସମ୍ପୃକ୍ତ ବିକ୍ଷୋଭ ଯେଉଁଭଳି ଢଙ୍ଗରେ କରାଯାଇଥିଲା, ତାହା ଆଇନଗତ ସୀମା ଟପିଯାଇଥିଲା। ନିମ୍ନମାନର କାମକୁ ବିରୋଧରେ ସ୍ୱର ଉଠାଇବା ନିତେଶଙ୍କ ଉଦ୍ଦେଶ୍ୟ ଥିଲେ ମଧ୍ୟ ସରକରୀ ଅଧିକାରୀଙ୍କୁ ଅପମାନିତ କରିବାକୁ ସମର୍ଥନ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।

# ଡିଜିଟାଲ ଆରେଷ୍ଟ ସହ ସମ୍ପୃକ୍ତ ୯,୪୦୦ ହ୍ୱାଟ୍ସଆପ୍ ଆକାଉଣ୍ଟ ବ୍ୟାନ୍

## ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

**ନୂଆଦିଲ୍ଲୀ,୨୮।୪(ପି.ଟି.)**

ଡିଜିଟାଲ ଆରେଷ୍ଟ ଦୁର୍ନୀତି ବଢୁଥିବାବେଳେ ଏହାର ମୁକାବିଲା ପାଇଁ ଟେଲିକମ୍ ନିୟାମକ, ଟେଲି ସେବା ପ୍ରଦାନକାରୀ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ବିଭିନ୍ନ ପ୍ରଯୁକ୍ତି ସଂସ୍ଥା ଏବଂ ସିବିଆଇ ପକ୍ଷରୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଭଳି ଅପରାଧରେ ସମ୍ପୃକ୍ତ ଥିବା ୯,୪୦୦ ଆକାଉଣ୍ଟକୁ ହ୍ୱାଟ୍ସଆପ୍ ବ୍ୟାନ୍ କରିଥିବା କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସର୍ବୋଚ୍ଚ ଅଦାଲତ ଗତ ଫେବୃଆରୀ ୯ରେ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେଶନ ସେଣ୍ଟର (ଆଇ୪ସି) ପକ୍ଷରୁ ଅଦାଲତରେ ଦାଖଲ କରାଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଡିଜିଟାଲ ଆରେଷ୍ଟ ସମେତ ଅନ୍‌ଲାଇନ୍ ଠକେଇ ମାମଲାଗୁଡ଼ିକୁ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିଲେ। ଡିଜିଟାଲ ଆରେଷ୍ଟ ମାମଲାରେ କ୍ଷତିପୂରଣ ପ୍ରଦାନ ପାଇଁ ବୈଠକ କରି ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ ଲାଗି ଖଣ୍ଡପୀଠ ଆର୍‌ବିଆଇ, ଟେଲି ଯୋଗାଯୋଗ ବିଭାଗ ଓ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଜାନୁଆରୀରୁ ୧୨ ସପ୍ତାହ ମଧ୍ୟରେ ପ୍ରଯୁକ୍ତି ସଂସ୍ଥାଗୁଡ଼ିକ ନେଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସାନି ଷ୍ଟାଟସ୍ ରିପୋର୍ଟ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କ ଜରିଆରେ ଅଦାଲତରେ ଦାଖଲ କରାଯାଇଛି।

# ହାଫିଜ୍ ସୟିଦଙ୍କ ଘନିଷ୍ଠ ସହଯୋଗୀ ନିହତ

**ଲାହୋର, ୨୮।୪(ପି.ଟି.)**

ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦଙ୍କ ଘନିଷ୍ଠ ସହଯୋଗୀ ତଥା ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନର ଅନ୍ୟତମ ବରିଷ୍ଠ କମାଣ୍ଡର ଶେଖ୍ ୟୁସାଫ୍ ଆଫ୍ରିଦି ଗୁଳିମାଡ଼ରେ ନିହତ ହୋଇଛନ୍ତି। ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଏହି ଗୁଳିକାଣ୍ଡ ଘଟିଛି। ଇସ୍‌ଲାମାବାଦଠାରୁ ୨୫୦ କି.ମି. ଦୂର ଖାଇବର ଅନ୍ତର୍ଗତ ଲାଣ୍ଡି କୋଟାଲଠାରେ ସୋମବାର ଦୁର୍ବୃତ୍ତ ଜଣକ ଆଫ୍ରିଦିଙ୍କୁ ଲକ୍ଷ୍ୟକରି ଆଖିବୁଜା ଗୁଳିଚାଳନା କରିଥିଲେ ବୋଲି ପୋଲିସ ସୂତ୍ରରୁ କୁହାଯାଇଛି। ଘଟଣାସ୍ଥଳରେ ଆଫ୍ରିଦିଙ୍କର ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଖାଇବର ପଖ୍‌ତୁନ୍‌ଖ୍ୱାରେ ଲଶ୍କର ସଂଗଠନର ନିଯୁକ୍ତି ଓ ସମନ୍ୱୟ ଆଦି କାର୍ଯ୍ୟରେ ଆଫ୍ରିଦିଙ୍କର ମୁଖ୍ୟ ଭୂମିକା ରହିଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ଗ୍ରୀଷ୍ମପ୍ରବାହରୁ ଦୁର୍ବଳ ବର୍ଗଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ପଦକ୍ଷେପ ଆବଶ୍ୟକ

## ୨୧ ରାଜ୍ୟଙ୍କୁ ଜଣାଇଲେ ଏନ୍ଏଚ୍ଆର୍‌ସି

**ନୂଆଦିଲ୍ଲୀ,୨୮।୪(ପି.ଟି.)**



ପର୍ଯ୍ୟାପ୍ତ ଆଶ୍ରୟସ୍ଥଳ ଏବଂ ସମ୍ବଳ ଅଭାବରୁ ସମାଜର ଦୁର୍ବଳ ବର୍ଗ ବିଶେଷ କରି ଆର୍ଥିକ ପଛୁଆ ଶ୍ରେଣୀ, ବାହାର କାମ କରୁଥିବା ଲୋକ ଏବଂ ବାସହୀନଙ୍କ ଉପରେ କ୍ରମାଗତ ଗ୍ରୀଷ୍ମପ୍ରବାହ ଓ ଏହାର ତୀବ୍ରତା ବୃଦ୍ଧିର ପ୍ରଭାବ ଅସମାନ ଭାବେ ପଡୁଛି। ତେଣୁ ସେମାନଙ୍କ ସୁରକ୍ଷା ଦିଗରେ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଲାଗି ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) ମଙ୍ଗଳବାର ୨୧ ରାଜ୍ୟ ଓ ଦିଲ୍ଲୀକୁ ନିର୍ଦ୍ଦେଶ ଦେଇଛନ୍ତି। ନବଜାତ, ଛୋଟ ପିଲା, ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଚଣ୍ଡ ଗ୍ରୀଷ୍ମର ଅତ୍ୟଧିକ ପ୍ରଭାବ ପଡୁଛି। ଏଥିସହିତ ଗ୍ରୀଷ୍ମଲହର ଯୋଗୁ ଅବହେଳିତ ବର୍ଗର ଲୋକେ ଜୀବିକା ହରାଇପାରନ୍ତି। ଗ୍ରୀଷ୍ମଦିନେ ଅଗ୍ନିକାଣ୍ଡ ବିପଦ ବଢ଼ିବା ଆଶଙ୍କା ରହିଛି ବୋଲି ଏନ୍ଏଚ୍ଆର୍‌ସି କହିଛନ୍ତି। ଗତ କିଛିଦିନ ହେଲା ବିଭିନ୍ନ ରାଜ୍ୟରେ ପାରଦ ସ୍ତର ବଢ଼ିଚାଲିଛି। ଦିଲ୍ଲୀରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟଗୁଡ଼ିକ ସମାଜର ଦୁର୍ବଳ ବର୍ଗଙ୍କୁ ଗ୍ରୀଷ୍ମଲହରରୁ ସୁରକ୍ଷା ଦେବା ଦିଗରେ ଆଗୁଆ ପଦକ୍ଷେପ ନେବା ଲାଗି ଏନ୍ଏଚ୍ଆର୍‌ସି ପରାମର୍ଶ ଦେଇଛନ୍ତି। ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, କର୍ନାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସିକିମ୍, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ରହିଛି।

# ସୋନମ୍ ରଘୁବଂଶୀଙ୍କୁ ଜାମିନ

## ମେଘାଳୟ ହନିମୁନ୍ ହତ୍ୟା ମାମଲା

**ଗୁଆହାଟୀ,୨୮।୪**

ମେଘାଳୟର ବହୁଚର୍ଚ୍ଚିତ ହନିମୁନ୍ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୋନମ୍ ରଘୁବଂଶୀଙ୍କୁ ଶିଲଂର ଏକ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୧୦ ମାସ ହେଲା ଜେଲରେ ଥିବା ସୋନମ୍ ପୂର୍ବରୁ କରିଥିବା ୩ଟି ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ଆବଶ୍ୟକ ଔପଚାରିକତା ଶେଷ ହେବା ପରେ ଶିଲଂ ଜେଲରୁ ସୋନମ୍ ବାହାରିବେ। ସୂଚନାଯୋଗ୍ୟ, ୨୦୨୫ ମେ'ରେ ହନିମୁନ୍ ମନାଇବାକୁ ମେଘାଳୟର ଇଷ୍ଟ ଖାସି ହିଲ୍ସକୁ ଯାଇଥିବା ସ୍ତ୍ରୀ ସୋନମ ରଘୁବଂଶୀ ସୁପାରି କିଲର ସହାୟତାରେ ସ୍ୱାମୀ ରାଜା ରଘୁବଂଶୀଙ୍କୁ ହତ୍ୟା କରିଥିଲେ। ପ୍ରେମିକ ରାଜ କୁଶୱାହା ସହ ଷଡ଼ଯନ୍ତ୍ର କରି ସୋନମ୍ ସ୍ୱାମୀଙ୍କୁ ହତ୍ୟା କରିଥିବା ଜେରାବେଳେ ସ୍ୱୀକାର କରିଥିଲେ। ଏହି ମାମଲାରେ କୁଶୱାହା ଓ ଅନ୍ୟ ୩ ଅଭିଯୁକ୍ତ ଜେଲରେ ଅଛନ୍ତି।



ଥାଲାପତି ବିଜୟ

# ପରଦାକୁ ଆସିବ ଥାଲାପତି ବିଜୟଙ୍କ ଶେଷ ଅଭିନୀତ ଚଳଚ୍ଚିତ୍ର

**ମୁମ୍ବାଇ**

ସିନେମା ହଲ୍‌କୁ ଆସିବାକୁ ପ୍ରସ୍ତୁତ ଅଭିନେତା-ରାଜନେତା ଥାଲାପତି ବିଜୟଙ୍କ ଚଳଚ୍ଚିତ୍ର 'ଜନ ନାୟାଗନ'। ରାଜନୀତିକୁ ଆସିବା ପୂର୍ବରୁ ତାମିଲ ଫିଲ୍ମ ସୁପରଷ୍ଟାର ବିଜୟଙ୍କର ଏହା ଶେଷ ଅଭିନୀତ ଚଳଚ୍ଚିତ୍ର। ତେବେ ସେନ୍‌ସର ବୋର୍ଡ ସହିତ ଦୀର୍ଘ ବିବାଦ ପରେ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ତାରିଖ ନିଶ୍ଚିତ ହୋଇଛି। ଉକ୍ତ ରାଜନୈତିକ ଆକ୍ସନ ଡ୍ରାମା ଆସନ୍ତା ମାସ ୮ରେ ବିଶ୍ୱବ୍ୟାପୀ ବଡ଼ ପରଦାକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା କହିଛି। କେଭିଏନ୍ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ଜନ ନାୟାଗନ କିଛିଦିନ ପୂର୍ବରୁ ଅନ୍‌ଲାଇନରେ ଲିକ୍ ହୋଇଥିଲା। ଏହା ଉକ୍ତ ଚଳଚ୍ଚିତ୍ରର ବକ୍ସ ଅଫିସ କଲେକ୍ସନକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି। ତାମିଲନାଡୁ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ। ବିଜୟ ଏବଂ ତାଙ୍କ ରାଜନୈତିକ ଦଳର ନିର୍ବାଚନ ଫଳାଫଳ ମଧ୍ୟ ଚଳଚ୍ଚିତ୍ରର ବକ୍ସ ଅଫିସ ପ୍ରଦର୍ଶନକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିପାରେ। ଏଚ୍. ଭିନୋଥଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବିଜୟ ଜଣେ ପୂର୍ବତନ ପୋଲିସ ଅଧିକାରୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ବବି ଦେଓଲ ପ୍ରତିପକ୍ଷ ଭୂମିକାରେ ଦେଖାଦେବେ। ପୂଜା ହେଗ୍‌ଡେ ମହିଳା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି।



କଟକ ବାରବାଟୀ ଦୁର୍ଗ ସମ୍ମୁଖ ବାଲିଯାତ୍ରା ପଡ଼ିଆ ରାସ୍ତା ପାର୍ଶ୍ୱରେ ଅନୁଷ୍ଠିତ ପଥ ଉତ୍ସବ କାର୍ଯ୍ୟକ୍ରମରେ ସ୍କେଟିଂର ମଜା ନେଉଛନ୍ତି ପିଲାମାନେ। (ଫଟୋ -ରାଜକିଶୋର ମହାନ୍ତି)

# ୨୦୩୬ ସୁଦ୍ଧା ରାଜ୍ୟରେ ଆଉ ୩୪ ନୂଆ ଗ୍ରୀଡ୍

- ସୁନ୍ଦରଗଡ଼ରୁ ବାଲେଶ୍ୱର ହେବ ଖଣିଜ ପରିବହନ କରିଡର
- ଉଞ୍ଚବାଲିଠାରେ ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ

ଯୋଡ଼ା,୨୮।୪(ମାନସ ମହାନ୍ତି)

କେନ୍ଦୁଝର ଜିଲାରେ ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ନିମନ୍ତେ ଯୋଡ଼ା ବ୍ଲକ୍ ଉଞ୍ଚବାଲିଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚକ୍ଷମତାସମ୍ପନ୍ନ ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ଉଞ୍ଚବାଲିସ୍ଥିତ ସଭାସ୍ଥଳରେ ପହଞ୍ଚିବା ପରେ ସେଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ସହ ୨ଟି ୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୫ଟି ଟ୍ରାନ୍ସମିଶନ ଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କେନ୍ଦୁଝର ଜିଲା ସହ ଓଡ଼ିଶାର ବିକାଶକୁ ଆଗେଇନେବା ପାଇଁ ସେ କାର୍ଯ୍ୟ କରୁଛନ୍ତି। ଏହି ଉଚ୍ଚକ୍ଷମତାସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନ ଦ୍ୱାରା କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ର କୋଇଡ଼ା ଆଦି ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ କରାଯିବ। ଏସବୁ ଅଞ୍ଚଳର ୭ ଲକ୍ଷ ୧୭ ହଜାର ଉପଭୋକ୍ତା ମଧ୍ୟ ଉପକୃତ ହେବେ। ଏଥିଯୋଗୁ ଶିଳ୍ପର ଅଭିବୃଦ୍ଧି ସହ ଆଗାମୀ ୩୦ରୁ ୪୦ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍‌ର ଅଭାବ ହେବନାହିଁ। ତେବେ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦୁଝରର ନୟାଗଡ଼ଠାରେ ପୂର୍ବ ସରକାରଙ୍କ ସମୟରେ ଦ୍ୱିତୀୟ ମେଗା ଷ୍ଟିଲ୍‌ପ୍ଲାଣ୍ଟ ଲାଗି ଜମି ଚିହ୍ନଟ ହୋଇଥିଲେ ବି ତାହା ହୋଇପାରି ନ ଥିଲା। କିନ୍ତୁ ବର୍ତ୍ତମାନ ସରକାର ଜିଲାରେ ଦ୍ୱିତୀୟ ଇସ୍ପାତ କାରଖାନା ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି। ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ କମ୍ପାନୀ ଏହି ଇସ୍ପାତ କାରଖାନା ସ୍ଥାପନ କରିବେ। ଜିଲାରେ ୫୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ପ୍ରକଳ୍ପ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସୁନାର କେନ୍ଦୁଝର ପାଇଁ ଶିଳ୍ପ, ରାସ୍ତାଘାଟ, ରେଳଲାଇନ, ଶିକ୍ଷା,ସ୍ୱାସ୍ଥ୍ୟର ଉନ୍ନତି ସକାଶେ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସେହିପରି ଜିଲାରେ ଥିବା ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ ପ୍ରତି ସରକାର ଦୃଷ୍ଟି ଦେଉଛନ୍ତି। ତେବେ ସୁନ୍ଦରଗଡ଼ରୁ ବାମେବାରି ଦେଇ ବାଲେଶ୍ୱରକୁ ସିଧା ରାସ୍ତାର ସଂଯୋଗୀକରଣ କରାଯିବ। ଏହାକୁ ଖଣିଜ ପରିବହନର ☞ପୃଷ୍ଠା-୪

# ବିଳମ୍ବରେ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ସଚିବ

**କର୍ମଚାରୀଙ୍କୁ ମହଙ୍ଗା ପଡ଼ିବ ଠକାମି**

ଭୁବନେଶ୍ୱର,୨୮।୪ (ରବିନାରାୟଣ ଜେନା)

ସରକାରୀ କର୍ମଚାରୀମାନଙ୍କ କୋହଳପଣ ନୀତି ବିରୋଧରେ ରାଜ୍ୟ ସରକାର କଠୋର ହୋଇଛନ୍ତି। ଏଣିକି ଯେଉଁ କର୍ମଚାରୀ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ବିଭାଗର ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଖାରବେଳଭବନରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକକୁ ନେଇ ଯୋଜନା ଓ ସଂଯୋଜନ ବିଭାଗ ଉପସଚିବ ସୁଧା ପଣ୍ଡା ଏପ୍ରିଲ ୨୧ରେ ସମସ୍ତ ବିଭାଗ ସଚିବଙ୍କୁ ଏ ସଂକ୍ରାନ୍ତ ପତ୍ର ଲେଖି ଅବଗତ କରାଇଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନେକ ସରକାରୀ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟ ଆସୁ ନ ଥିବା ଦୃଷ୍ଟିଗୋଚର ହୋଇଛି। ଏହାସହିତ ସରକାରଙ୍କ ଅଗୋଚରରେ ମଧ୍ୟ ଅନୁପସ୍ଥିତ ରହୁଛନ୍ତି। ଏହାକୁ ଏଣିକି ସଂପୃକ୍ତ ବିଭାଗୀୟ ସଚିବମାନେ ଅନୁଧ୍ୟାନ କରିବେ। ଯେଉଁ ଠକ କର୍ମଚାରୀ ବିଳମ୍ବରେ ଆସିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ବିଭାଗ ଏହାକୁ ପ୍ରାଥମିକତା ଦେଇ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବା ସହିତ ସରକାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି। ଏପରିକି ବିଭାଗୀୟ ମୁଖ୍ୟ ଖୋଜିବା ବେଳକୁ ସେମାନେ ନିଜ ଆସନରେ ରହୁନାହାନ୍ତି। ଏଥିଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ଭିତରେ ହୋଇପାରୁନାହିଁ। ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟିଗୋଚର ହେବାପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ବୈଠକରେ ସମସ୍ତ ବିଭାଗର ବଦଳି ପ୍ରକ୍ରିୟାକୁ ସମୟାନୁଭିତ୍ତିକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସମସ୍ତ ବିଭାଗ କର୍ମଚାରୀଙ୍କ ଆବେଦନକୁ ବିଚାରକୁ ନେଇ ବଦଳି ପ୍ରକ୍ରିୟା ଶେଷ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ବିଭାଗ ସାଧାରଣ ପ୍ରଶାସନ ବିଭାଗର ବଦଳି ନୀତିକୁ ଅନୁସରଣ କରି କର୍ମଚାରୀଙ୍କ ବଦଳି କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ସରକାରୀ ଆୟୁର୍ବେଦିକ, ହୋମିଓପାଥିକ ମେଡିକାଲ କଲେଜର ଚୁକ୍ତିଭିତ୍ତିକ ଅଧ୍ୟାପକ, ରିଡର, ପ୍ରଫେସରଙ୍କ ଦରମା ବୃଦ୍ଧି

ଭୁବନେଶ୍ୱର,୨୮।୪(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଅଧ୍ୟାପକ, ରିଡର ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ଚୁକ୍ତିଭିତ୍ତିକ ଅଧ୍ୟାପିକା ଅଧ୍ୟାପିକମାନଙ୍କ ଦରମା ପ୍ରତି ମାସ ୭୦,୦୦୦ ଟଙ୍କା ନିର୍ଦ୍ଧାରଣ ହୋଇଛି। ସେହିପରି ରିଡର ଓ ପ୍ରଫେସରମାନଙ୍କ ଦରମାରେ ମଧ୍ୟ ବୃଦ୍ଧି କରାଯାଇଛି। ରିଡରମାନଙ୍କ ଦରମା ୪୦,୦୦୦ ଟଙ୍କାରୁ ୮୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ପ୍ରଫେସରମାନଙ୍କ ଦରମା ୫୦,୦୦୦ ଟଙ୍କାରୁ ବଢାଯାଇ ୧ଲକ୍ଷ ଟଙ୍କା କରାଯାଇଛି। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ମଞ୍ଜୁରୀ ମିଳିଛି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଆୟୁଷ ଶିକ୍ଷା ଆହୁରି ସୁଦୃଢ଼ ହେବ ଏବଂ ଅଧ୍ୟାପକମାନଙ୍କୁ ଉତ୍ସାହିତ କରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# 'ଇଭି'ରେ ସରକାରୀ କର୍ମଚାରୀଙ୍କୁ ମିଳିବନି ସୁଧ ମୁକ୍ତ ଅଗ୍ରୀମ

- ବେଆଇନ ଭାବେ ଅଗ୍ରିମ ନେଇଥିବା କର୍ମଚାରୀ ଗଣିବେ ଦଣ୍ଡ
- ବାର୍ଷିକ ୧୨.୫% ସୁଧ ଆଦାୟ ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୪ (ରବିନାରାୟଣ ଜେନା)

ଚଳିତ ଆର୍ଥିକ ବର୍ଷ(୨୦୨୬-୨୭)ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ କର୍ମଚାରୀଙ୍କୁ ବୈଦ୍ୟୁତିକ ଯାନ(ଇଭି) କ୍ରୟ ପାଇଁ ସୁଧ ମୁକ୍ତ ଅଗ୍ରୀମ ରାଶି ମିଳିବ ନାହିଁ। ଏପ୍ରିଲ ପହିଲାରୁ ଏହି ଗାଡ଼ି ଉପରେ ସୁଧ ରିହାତି ଯୋଜନା ବନ୍ଦ ହୋଇଯାଇଛି ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବଙ୍କୁ ମଙ୍ଗଳବାର ପତ୍ର ଲେଖି ଅବଗତ କରାଇଛନ୍ତି। ଅର୍ଥ ବିଭାଗ ପ୍ରମୁଖ ସଚିବ ଏ ସଂକ୍ରାନ୍ତରେ ପୃଥକ୍ ଭାବେ ୨ଟି ପତ୍ର ଲେଖିଛନ୍ତି। ଗୋଟିକରେ ଏହାର ଅବଧି ଶେଷ ନେଇ ଅବଗତ କରାଯାଇଥିବାବେଳେ ଅନ୍ୟଟିରେ ଅବଧି ଶେଷ ପରେ ବେଆଇନ ଭାବେ କର୍ମଚାରୀମାନେ ଗ୍ରହଣ କରିଥିବା ଅଗ୍ରିମ ରାଶିକୁ ବାର୍ଷିକ ୧୨.୫% ସୁଧ ସହ ଆଦାୟ କରିବାକୁ ସବୁ ବିଭାଗର ସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

ମିଶ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ସମୟୋଚିତ ଭାବେ ସରକାରୀ କର୍ମଚାରୀମାନଙ୍କ ପାଇଁ ସୁଧମୁକ୍ତ ଇଭି ଅଗ୍ରିମ ମଞ୍ଜୁରୀ ସମ୍ବନ୍ଧୀୟ ନିୟମାବଳୀ ଜାରି କରିଆସୁଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଇଭି ନୀତି-୨୦୨୧ ଅନୁଯାୟୀ, ଉକ୍ତ ନୀତି ପ୍ରଥମେ ୨୦୨୫ ଡିସେମ୍ବର ୩୧ପର୍ଯ୍ୟନ୍ତ ବୈଧ ଥିଲା ଏବଂ ପରେ ଏହାକୁ ୩୧ମାର୍ଚ୍ଚ ୨୦୨୬ ଯାଏ ବୃଦ୍ଧି କରାଗଲା। ଏହି ଅନୁଯାୟୀ, ଅର୍ଥ ବିଭାଗ ଫେବୃଆରୀରେ ସୁଧମୁକ୍ତ ଇଭି ଅଗ୍ରିମ ପାଇବା ପାଇଁ ଶେଷ ସମୟସୀମା ନିର୍ଦ୍ଧାରଣ କରିଥିଲା। ଏଥିପାଇଁ ଆବେଦନ ଗ୍ରହଣର ଶେଷଦିନ ୨୮ ତାରିଖ ରହିଥିବାବେଳେ ଅଗ୍ରିମ ମଞ୍ଜୁରୀର ଶେଷ ତାରିଖ ମାର୍ଚ୍ଚ ୧୦ ରହିଥିଲା। ହେଲେ କେତେକ କ୍ଷେତ୍ରରେ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଇଛି। ଅନ୍ୟ କେତେକ କ୍ଷେତ୍ରରେ ୨୦୨୬ ଏପ୍ରିଲରେ ମଧ୍ୟ ସୁଧମୁକ୍ତ ଇଭି ଅଗ୍ରିମ ମଞ୍ଜୁରୀ ଓ ଉଠାଣ ହୋଇଛି, ଯାହା ନିର୍ଦ୍ଧାରିତ ସମୟସୀମା ପରେ ☞ପୃଷ୍ଠା-୪




# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବିଶ୍ୱ ନୃତ୍ୟ ଦିବସ ପାଳନ, ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତୀୟ କ୍ଷେତ ମଜ୍ଦୁର ୟୁନିଅନ୍, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କନ୍‌ଭେନଶନ୍, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପୂଣ୍ୟ ଉତ୍କଳ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

### କଟକ
- ନାମ ସଂକୀର୍ତ୍ତନ ମହୋତ୍ସବ, ମେଳା ଏବଂ ଯାତ୍ରା ପରିବେଷଣର ଦ୍ୱିତୀୟ ଦିବସ, ସ୍ଥାନ: ଅରପୁର, ଶବରସାହି, ବାଙ୍କୀ, ସମୟ: ସନ୍ଧ୍ୟା ୭ଟା।

### ପୁରୀ
- ୧୭ ତମ ନୀଳାଚଳ ଟ୍ରଫି, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ୨୯ଦିନ ଧରି ପୁରୀବାସୀଙ୍କ ଧାରଣା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

### ଖୋର୍ଦ୍ଧା
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କାଳିବେଡି, ସମୟ: ସକାଳ ୯ଟା ୩୦।
- ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଧାରଣା, ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପର୍ବାହ୍ନ ୧୦ଟା ୩୦।
- ନୃତ୍ୟଶ୍ରୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ପାଳନ, ସ୍ଥାନ: ନୃତ୍ୟଶ୍ରୀ ଅନୁଷ୍ଠାନ ପରିସର, ବିଷ୍ଣୁ ମନ୍ଦିର ନିକଟ, ଜଟଣୀ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର
- ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ଏଫ୍ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ : ସକାଳ ୮ ଟା।
- ସିଏମ ଟ୍ରଫି କ୍ରୀଡା ପ୍ରତିଯୋଗିତା, ସ୍ଥାନ: ପରମିଟ ପଡିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଧୋବାଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଅଙ୍କିତା, ପୋଲିସ ଲାଇନ୍, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

### ଭଦ୍ରକ
- ଜନଆକ୍ରୋଶ ମହିଳା ପଦଯାତ୍ରା, ସ୍ଥାନ: ଅଚକ ପଞ୍ଚାୟତ, ତିହିଡ଼ି, ସମୟ: ସକାଳ ୮ଟା।
- ଜନଆକ୍ରୋଶ ମହିଳା ସମାବେଶ, ସ୍ଥାନ: ଆରଡ଼ି, ସମୟ: ସକାଳ ୯ଟା।
- ଲକ୍ଷ୍ମୀନାରାୟଣଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପାଟଣା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ରାଣୀଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ଆକ୍ରୋଶ ସମାବେଶ, ସ୍ଥାନ: ମତୋ ବଜାର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମୀଣ ମଣ୍ଡଳସ୍ତରୀୟ ସମାବେଶ, ସ୍ଥାନ: ଚୂଡ଼ାକୁଟି, ଧାମନଗର, ସମୟ: ଅପରାହ୍ନ ୪ଟା।
- ଧୁଷୁରୀ ପ୍ରେସ୍ ୟୁନିୟନର ୨ୟ ବାର୍ଷିକ ସମାବର୍ତ୍ତନ ସମାରୋହ, ସ୍ଥାନ: ବାସନ୍ତୀ ପଡ଼ିଆ, ଧୁଷୁରୀ, ସମୟ: ଅପରାହ୍ନ ୫ଟା।
- ବୈଶାଖୀ ମେଳାର ୪ର୍ଥ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### ମୟୂରଭଞ୍ଜ
- ଆମେ– ୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଉତ୍ସବ 'ଉତ୍କର୍ଷ', ସ୍ଥାନ:ମୟୂରଭଞ୍ଜ ଆଇନ ମହା ବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ଅପରାହ୍ନ ୪ଟା।

### ବ୍ରହ୍ମପୁର
- ଜାତୀୟ ସମ୍ମିଳନୀ, ସ୍ଥାନ: ଖଲ୍ଲିକୋଟ କଲେଜ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଗଞ୍ଜାମ
- ଠାକୁରାଣୀ ଯାତ୍ରା ଉପଲକ୍ଷେ ୨୪ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଆରମ୍ଭ, ସ୍ଥାନ: ବୁଗୁଡ଼ା ବ୍ଲକ ଆଦିପୁର, ସମୟ: ସକାଳ ୭ଟା।

### କନ୍ଧମାଳ
- ବିଶ୍ୱ ନୃତ୍ୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ଅପରାହ୍ନ ୫ଟା।

### ଢେଙ୍କାନାଳ
- ବୀର ବୈଷ୍ଣବ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ସିମିଳିଆ ରେଳବାଇ ଓଭରବ୍ରିଜ କ୍ରସିଂ ଛକ, ସମୟ : ସକାଳ ୮ଟା।
- କପିଳାସ ପ୍ରତିଷ୍ଠା ଦିବସ ଉପଲକ୍ଷେ ସତସଙ୍ଗ ଯାତ୍ରା, ସ୍ଥାନ: ଦଧିବାବନଜୀଉ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ 'ପୁଲକ', ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର, ସମୟ: ଅପରାହ୍ନ ୫ଟା।

### ଅନୁଗୋଳ
- ଶିକ୍ଷାୟତନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଆଠମଲ୍ଲିକ କଲେଜ ରୋଡ୍, ସମୟ: ସକାଳ ୮ ଟା ୩୦।

### ଜଗତ୍‌ସିଂହପୁର
- ଦିବଂଗତ ମହିଳା ନନ୍ଦିନୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବନ୍ଦର କଲ୍ୟାଣ ମଣ୍ଡପ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦ୍ରାପଡ଼ା
- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ସୁଶ୍ରୀ ସୋନାଲି ଦାସଙ୍କ ପ୍ରବଚନ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶନି ମନ୍ଦିର ପୀଠ, ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

### ଯାଜପୁର
- ୨୦ତମ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ : ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ସକାଳ ୬ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା, ସ୍ଥାନ : ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ : ସକାଳ ୯ଟା।
- ମା' ମଙ୍ଗଳା ମନ୍ଦିରର ୧୪ତମ ବାର୍ଷିକ ପ୍ରତିଷ୍ଠା ଯଜ୍ଞୋତ୍ସବ, ସ୍ଥାନ : ରସୁଲପୁର ବ୍ଲକର ଭିକିପୁର, ସମୟ: ସନ୍ଧ୍ୟା ୭ଟା।
- ମା' ଶାରଳାଙ୍କ ୪ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳିପାଳ ପାହାଡ଼ ପାଦଦେଶ, ସମୟ: ରାତ୍ର ୧୦ଟା।

### ନୟାଗଡ଼
- ନୟାଗଡ଼ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା।
- ଚନ୍ଦନ ଯାତ୍ରାର ଦଶମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଦଶମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।

### ନବରଙ୍ଗପୁର
- ଜନଆକ୍ରୋଶ,ମହିଳା ସମାବେଶ ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- ନନ୍ଦପୁର ଆଦର୍ଶ ଲ୍ୟାମ୍ପର ଲାଭାଂଶ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଲ୍ୟାମ୍ପ୍ସ ପରିସର ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ କଣ୍ଟ୍ରି ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୬ଟା।
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟବଲ କ୍ରୀଡା ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୭ଟା।
- କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ ଆୟୋଜିତ ହିନ୍ଦୀ ନୂତନ ଲେଖକ ଶିବିର, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବଲାଙ୍ଗିର ଓ ବରଗଡ଼ ରେଳ ଉପଭୋକ୍ତା ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ଦାବିରେ ଧାରଣା, ସ୍ଥାନ: ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ସମିତି ସମନ୍ୱୟର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।

### ରାଉରକେଲା
- ଅନୁଷ୍କା ସଙ୍ଗଠନ ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ଡ୍ୟାନ୍ସ ଡେ, ସ୍ଥାନ: ସେକ୍ଟର–୨୦, ସମୟ: ସକାଳ ୭ଟା।
- ଲକ୍ଷ୍ମୀନୃସିଂହ ଜନ୍ମୋତ୍ସବରେ ଅଷ୍ଟପ୍ରହର ଆରମ୍ଭ, ସ୍ଥାନ: ସେକ୍ଟର–୫ ଗୁଣ୍ଡିଚା ମନ୍ଦିର, ସମୟ: ସକାଳ ୯ଟା।
- ୫ଦଫା ଦାବି ନେଇ ଏଡ଼ିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୧୦ମ ଦିବସ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର–୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୩ୟ ଦିବସ, ସ୍ଥାନ: ସେକ୍ଟର–୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ବୈଶାଖ ମେଳା, ସ୍ଥାନ:ନୃସିଂହନାଥ, ପାଇକମାଳ, ସମୟ:ସକାଳ ୭ଟା।
- ବାଲିଜୁରୀ ବୁଣାକାର ହାଟ ଅଭିମୁଖେ ଶୋଭାଯାତ୍ରା, ସ୍ଥାନ:ସର୍କିଟ ହାଉସ, ଅମ୍ବାପାଲି, ବରଗଡ଼, ସମୟ: ସକାଳ ୮ଟା ୩୦।
- ସମବାୟ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ:ବାଲିଜୁରୀ ବୁଣାକାର ହାଟ,ସମୟ: ସକାଳ ୯ଟା।
- ଶହୀଦ ଖଗେନ୍ଦ୍ର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, (ଦ୍ୱିତୀୟ ଦିବସ), ସ୍ଥାନ:ଗୋଡ଼ଭଗା ଗ୍ରାମ୍ୟ ଖେଳ ପଡ଼ିଆ,ସମୟ: ଅପରାହ୍ନ ୨ଟା।
- ପଞ୍ଚ ଦିନାତ୍ମକ ଶିବ ପୁରାଣ ପାରାୟଣ, ସ୍ଥାନ: ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା, ସମୟ: ଅପରାହ୍ନ ୫ଟା।

### କଳାହାଣ୍ଡି
- ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ତୁର୍କେଲ ବ୍ରିଜ୍ ନିର୍ମାଣ ଦାବିରେ କଂଗ୍ରେସର ଗଣ ଧାରଣା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୯ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର, ସମୟ: ସକାଳ ୮ଟା।

### ବୌଦ୍ଧ
- ରାତ୍ରିକାଳୀନ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: କରକଟା ଖେଳ ପଡିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ସାଲକଟା, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।
- ବୁଦ୍ଧ ପୂର୍ଣ୍ଣିମା ଓ ଚନ୍ଦନ ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ପରଗଳପୁର, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ:ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ସକାଳ ୯ଟା।
- ତରଭା ପିଏମ୍‌ଶ୍ରୀ ଜବାହାର ନବୋଦ୍ୟୋୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ସମୟ:ସନ୍ଧ୍ୟା ୬ଟା।

### ନୂଆପଡ଼ା
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ଚନୁଟମାଲ ଗାଁ, ସମୟ: ସକାଳ ୭ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ରାଣୀମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ବ୍ରାହ୍ମଣପଡ଼ା ୱାର୍ଡ ନଂ.୧୨ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ଅପରାହ୍ନ ୪ଟା ୨୯।
- ଅଖଣ୍ଡ ଷୋହଳ ପ୍ରହର ମହାମନ୍ତ୍ର ନାମଯଜ୍ଞ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଖମବାହୀ ଗାଁ, ସମୟ: ଅପରାହ୍ନ ୫ଟା ୨୦।
- ପ୍ରଥମ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ବ୍ଲକ ଆମାନାରା ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ବୈଶାଖ ମେଳା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଲିଗାଁ ରାଣୀ ମହାସ, ସମୟ: ସନ୍ଧ୍ୟା ୬ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ପାରିବାରିକ ଜୀବନକୁ ଶାନ୍ତିପ୍ରଦ ରଖିବା ସହ ଯାତ୍ରାକୁ ସଫଳ କରିବ। କର୍ମକ୍ଷେତ୍ରରେ ସହକର୍ମୀ ଯଥାସାଧ୍ୟ ସାହାଯ୍ୟ କରି ଶ୍ରମ ଲାଘବ କରିବେ। ବାଣିଜ୍ୟ, ପରିବହନରେ ଶିଥିଳତା ଦେଖାଦେଲେ ମଧ୍ୟ ଲାଭ କିଛି ଊଣା ହେବନି। ଗୃହ ନିର୍ମାଣ, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ।

**ବୃଷ**
ସପ୍ତମାଧିପତି ଏକାଦଶରେ ଅବସ୍ଥାନ କରୁଥିବାରୁ ପ୍ରତିଦ୍ୱନ୍ଦ୍ୱୀ ହିଁ ଆପଣଙ୍କୁ ବୁଝାମଣା ଭିତିରେ ସମାଧାନର ମାର୍ଗ ବତାଇପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ମାନି କାମ କଲେ ଉପକୃତ ହେବେ। ଆଜି ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କଳାତ୍ମକ ଦିଗରୁ ପ୍ରଶଂସିତ ହେବେ ଓ ସଭାସମିତିରେ ସମ୍ମାନିତ ହେବେ।

**ମିଥୁନ**
ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଶୁଭ ଯୋଗ ସୃଷ୍ଟି କରୁଥିବାରୁ କୌଣସି କାମ ଅଟକିବ ନାହିଁ। ଅନ୍ତରଙ୍ଗ ବନ୍ଧୁଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ଦ୍ୱିଧାବୋଧ ନ କରି ମନର ଭାବକୁ ପ୍ରକାଶ କରିପାରିଲେ କାମ ହାସଲରେ ସମର୍ଥ ହେବେ। ଦୀର୍ଘଦିନରୁ ଲାଗି ରହିଥିବା ପରୋକ୍ଷ ଶତ୍ରୁତା ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି କରିପାରେ।

**କର୍କଟ**
ଆଜିର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ ପୂର୍ଣ୍ଣ ଆରୋଗ୍ୟ ହୋଇ ନ ପାରେ। ଅଟକି ରହିଥିବା କାମଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ। ଆତ୍ମୀୟଙ୍କ ସହଯୋଗରେ ବାକି ପଡ଼ିଥିବା ଅର୍ଥ ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି କ୍ଷେତ୍ରରେ ସମସ୍ୟା ସୁଧାରି ନେବାର ପ୍ରଯତ୍ନ କରିବେ। ଆକସ୍ମିକ ଭ୍ରମଣ ସୁଯୋଗ ଲାଭ କରିବେ।

**ସିଂହ**
ରବି ଉଚ୍ଚସ୍ଥ ରହିଥିବାରୁ ସମସ୍ତ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ଆବଶ୍ୟକୀୟ ଅର୍ଥ ଲାଭର ଯୋଜନା ଫଳପ୍ରଦ ହେବାରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀ କିମ୍ବା ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାମାଜିକ ସ୍ତରରେ ଲୋକାଚାରକୁ ଭୟ କରି କୌଣସି କାର୍ଯ୍ୟରେ ଆଗକୁ ବଢ଼ିପାରିବେ ନାହିଁ।

**କନ୍ୟା**
ବୃହସ୍ପତିଙ୍କ ପ୍ରଭାବରୁ କର୍ମାରମ୍ଭ ସକାଶେ ମନ ବଳାଇ ପାରନ୍ତି। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ ସମସ୍ୟା ସମାଧାନର ରାସ୍ତା ମଧ୍ୟ ଖୋଜି ପାଇବେ। ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବା ସଙ୍ଗକୁ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ପରିବାର, ସନ୍ତାନସନ୍ତତି ଓ ଶିକ୍ଷା କ୍ଷେତ୍ର ସକାଶେ ଚିନ୍ତିତ ରହିପାରନ୍ତି।

**ତୁଳା**
ଶୁକ୍ର ଅଷ୍ଟମସ୍ଥ ସ୍ୱଗୃହୀ ଯୋଗୁ ଶୁଭଫଳ ସ୍ୱରୂପ ହସ, ଖୁସିରେ ସମୟ ଅତିବାହିତ କରିପାରନ୍ତି। ଆଜିର ସକାଳୁଆ ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା, ସଭାସମିତି, ଚୁକ୍ତିପତ୍ର, ପ୍ରେସ୍ ଓ ପବ୍ଲିକେଶନର ସ୍ଥିତି ପ୍ରାୟତଃ ଠିକ୍ ରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ବିଛା**
ସମୟର ଅନୁକୂଳତା ଆପଣଙ୍କୁ ନୂତନ କର୍ମର ଯୋଜନା ମାଧ୍ୟମରେ ବିଶ୍ରାମହୀନ କାର୍ଯ୍ୟ କରାଇପାରେ। ଅତି ନିଜର ମନେ କରୁଥିବା ବ୍ୟକ୍ତିଟି ଛଳନାତ୍ମକ କଥା କହି ଫାଇଦା ହାସଲର ଚିନ୍ତା କରିପାରେ। ବହୁତ ଦିନରୁ ରହି ଆସିଥିବା ଅପୂରଣୀୟ ଅଭିଳାଷ ପୂରଣ ହେବା ସକାଶେ ରାସ୍ତା ଖୋଲି ଯିବ।

**ଧନୁ**
ଆଜିର ଗ୍ରହସ୍ଥିତିରେ ସୁପ୍ରଭାବରେ ପ୍ରତ୍ୟେକ କାମକୁ ଦକ୍ଷତାର ସହ ସମ୍ପନ୍ନ କରି ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବିସ୍ତାର କରି କାମ କରିବେ। ପାରିବାରିକ କ୍ଷେତ୍ରରେ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିପାରେ। ଅର୍ଥ ସମ୍ପର୍କ, ବିବାଦୀୟ ଘଟଣା, ଫ୍ଲାଟିଂ କାରବାର, ଧାତୁ , ଅଳଙ୍କାରାଦି କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ।

**ମକର**
ନବମସ୍ଥ ଚନ୍ଦ୍ର ପ୍ରଭାବରେ ଆପଣ ମନ ଖୁସୀ ହେତୁ ସହୃଦୟତାର ସହ କାମ କରିବା ସକାଶେ ମନ ବଳାଇବେ। ତଥାପି ଭୁଲ୍ ବୁଝାମଣା କାରଣରୁ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ପରୋକ୍ଷ ଭାବରେ ଶତ୍ରୁତା ଆଚରଣ କରିପାରନ୍ତି। ଆର୍ଥିକ ସ୍ଥିତି ମଧ୍ୟ ମନ୍ଦ ହେବନାହିଁ, ଯାହାଦ୍ୱାରା କି ବହୁ ପରିମାଣରେ ଅଭିବୃଦ୍ଧିର ହାର ବଢ଼ିଯିବ।

**କୁମ୍ଭ**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ପୂର୍ବକ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ନିଷ୍ପତ୍ତି ନେବେ। ସଭାସମିତିରେ ସାହିତ୍ୟ, ରଚନାତ୍ମକ କାମରେ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲା ଓ ସଭାସମିତିରେ ସୁଫଳ ପାଇବେ।

**ମୀନ**
କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ସମସ୍ୟା ରହିଥିଲେ ମଧ୍ୟ ବୃହସ୍ପତିଙ୍କ ସୁଦୃଷ୍ଟିରୁ ଲାଘବ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତିରୁ ଲାଭବାନ ହେବେ। ସାମାଜିକ କ୍ଷେତ୍ରରେ, ରାଜନୈତିକ ପୃଷ୍ଠଭୂମିରେ, ସାଂସ୍କୃତିକ କାର୍ଯ୍ୟରେ, ବନ୍ଧୁ ମିଳନରୁ ଆନନ୍ଦିତ ହେବେ। କୌଣସି କଲ୍ୟାଣକାରକ କର୍ମରେ ଯୋଗଦେବେ।

ଆଜି ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବୈଶାଖ ଶୁକ୍ଳ ତ୍ରୟୋଦଶୀ ବୁଧବାର। ରାଶି ନକ୍ଷତ୍ର–ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ହସ୍ତା ନକ୍ଷତ୍ରେ ବିବାହ ପାଣିଗ୍ରହଣ। ସକାଳ ଘ.୦୫।୨୨ମି. ଗତେ ଘ.୦୪।୫୭ମି. ମଧ୍ୟେ, ଘ.୧୦।୦୮ମି. ଗତେ ଘ.୧୧।୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୪।୨୭ମି. ଗତେ ଘ.୦୧।୧୯ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେନ୍ତୁଳି ପତର ସରୁ**
**ପୁଅ କାଢ଼ିଦେଲା ବାପକୁ ଘରୁ**
**ବାପ କେମିତି ଚଳିବ ଚଳୁ।**

ବୃଦ୍ଧାବସ୍ଥାରେ ସାହାଭରସା ମିଳିବା ଆଶାରେ ଅନେକେ ପୁଅଟିଏ ଆଶା କରିଥାନ୍ତି। ତେବେ କିଛି ଅବିବେକୀ ପୁଅ ପୋଷିବା ତ ଦୂରର କଥା, ବୃଦ୍ଧାବସ୍ଥାରେ ଦୂର୍ ଦୂର୍ ମାର୍ ମାର୍ କରୁଥିବାର ଜଣାଯାଏ। ଏପରିକି ମୁଣ୍ଡରୁ ବୋଝ ହଟାଇବା ନେଇ ରାସ୍ତାରେ ଅସହାୟ ଭାବେ ଛାଡ଼ି ଚାଲି ଯାଉଥିବାର ଦେଖାଯାଏ। ଏପରି ସ୍ଥିତିରେ ଅସହାୟ ହୋଇପଡୁଥିବା ବୃଦ୍ଧ ପିତାର ମାନସିକ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋର ମୋର ଅଭେଦ ପ୍ରୀତି**
**ତାକୁ କେହି କେବେ ପାରେନି ଭେଦି।**

ଅଭେଦ୍ୟ ପ୍ରୀତିର ଆଲେଖ୍ୟ। ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଯେତେ ଅଧିକ ହୋଇଥାଏ ସେଇଠି ପରସ୍ପର ମଧ୍ୟରେ ଥିବା ସମ୍ପର୍କ ସେତେ ଦୃଢ଼ ହୋଇଥାଏ। ଦୁଇ ମନ, ଦୁଇ ପ୍ରାଣ ଏକ ହୋଇଯାଇଥାଏ। ଏପରିସ୍ଥଳେ ଦୁଇ ମନକୁ ଅଲଗା କରିବା କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

### ପିକ୍‌ଅପ୍ ଭ୍ୟାନ୍...

ଉପଖଣ୍ଡସ୍ତରୀୟ ହସ୍ପିଟାଲକୁ ଆଣିଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ୩ ଆହତ ନାବାଳକଙ୍କୁ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଜଣେ ନାବାଳକଙ୍କୁ ବୁର୍ଲା ରେଫର କରାଯାଇଥିବା ଜଣାଯାଇଛି। ଡ୍ରାଇଭର ଟିଟିଲାଗଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଟିଟିଲାଗଡ଼ ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ଝାରସୁଗୁଡ଼ା ଦେଶର...

ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ସତର୍କତା ଜାରି କରାଯାଇଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା। ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ରେକର୍ଡ ହୋଇଥିବାବେଳେ ବୌଦ୍ଧରେ ୪୩.୭, ସମ୍ବଲପୁରରେ ୪୩.୫, ହୀରାକୁଦରେ ୪୩.୪, ବରଗଡ଼ରେ ୪୨.୯, ନୂଆପଡ଼ାରେ ୪୨.୫, ଟିଟିଲାଗଡ଼ରେ ୪୨.୨, ବଲାଙ୍ଗୀରରେ ୪୨, ତାଳଚେରରେ ୪୨, ସୋନପୁରରେ ୪୧.୯, ଭବାନୀପାଟଣାରେ ୪୧.୮, ସୁନ୍ଦରଗଡ଼ରେ ୪୧.୫ ଏବଂ ରାଉରକେଲାରେ ୪୦.୭ ଡିଗ୍ରୀ ତାପମାତ୍ରା ରହିଥିଲା।

### ୧ ଡଲାର=...

ନେଇ ଦେଶର ଆମଦାନୀ ଖର୍ଚ୍ଚ ବେଳକୁ ବେଳ ବଢି ଚାଲିଛି। ଅନ୍ୟପଟେ ବିଦେଶୀ ନିବେଶକମାନେ ଭାରତୀୟ ଶେୟାର ବଜାରରୁ ବିପୁଳ ଅର୍ଥ ପ୍ରତ୍ୟାହାର କରିନେଉଥିବାରୁ ଡଲାରର ଅଭାବ ଭାରତୀୟ ଟଙ୍କା ମୂଲ୍ୟର ଅବମୂଲ୍ୟାନ ପାଇଁ ପ୍ରମୁଖ କାରଣ ହୋଇଥିବା କୁହାଯାଉଛି।

### ସ୍ୱପ୍ନ ନିଜସ୍ୱ ଗୁଣ...

ସ୍ୱପ୍ନର ବିଷୟବସ୍ତୁକୁ ମଧ୍ୟ ବିଶେଷ ଭାବରେ ପ୍ରଭାବିତ କରିଥାଏ। ଆଇଏମ୍‌ଟି ସ୍କୁଲ ଫର୍ ଆଡଭାନ୍ସଡ ଷ୍ଟଡିଜ ଲୁକାର ମୁଖ୍ୟ ଗବେଷକ ଭାଲେଣ୍ଟିନା ଏଲ୍‌ସେ କହିଛନ୍ତି, ଆମର ଅନୁସନ୍ଧାନ ଦର୍ଶାଉଛି ଯେ, ସ୍ୱପ୍ନ କେବଳ ଅତୀତର ଅଭିଜ୍ଞତାର ପ୍ରତିଫଳନ ନୁହେଁ, ବରଂ ଏହା ଆମର ବ୍ୟକ୍ତିତ୍ୱ ଏବଂ ଆମେ ଅତିବାହିତ କରୁଥିବା ଜୀବନ ଦ୍ୱାରା ଗଠିତ ଏକ ଗତିଶୀଳ ପ୍ରକ୍ରିୟା। ସେ ଆହୁରି ମଧ୍ୟ କହିଛନ୍ତି, ବୃହତ୍ ସ୍ତରର ତଥ୍ୟକୁ କମ୍ପ୍ୟୁଟେଶନାଲ ପଦ୍ଧତି ସହ ସଂଯୋଗ କରି ଆମେ ସ୍ୱପ୍ନର ବିଷୟବସ୍ତୁ ମଧ୍ୟରେ ଏପରି କିଛି ଶୈଳୀ ଖୋଜି ପାଇବାକୁ ସକ୍ଷମ ହେଲୁ, ଯାହା ପୂର୍ବରୁ ଚିହ୍ନଟ କରିବା କଷ୍ଟକର ଥିଲା। ଗବେଷଣାରୁ ଜଣାପଡ଼ିଛି ଯେ, ସ୍ୱପ୍ନରେ ହେଉଥିବା ଏହି ପରିବର୍ତ୍ତନଗୁଡ଼ିକ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣ ସ୍ୱରୂପ, ଯେଉଁମାନେ ଅଧିକ ଅନ୍ୟମନସ୍କ ହୁଅନ୍ତି, ସେମାନଙ୍କ ସ୍ୱପ୍ନରେ ଅସଂଲଗ୍ନ ଏବଂ ଦ୍ରୁତ ପରିବର୍ତ୍ତନଶୀଳ ବିଷୟବସ୍ତୁ ଦେଖିବାକୁ ମିଳିଥାଏ। ଏହାସତ୍ତ୍ୱେ ଯେଉଁମାନେ ସାଧାରଣତଃ ସ୍ୱପ୍ନର ମୂଲ୍ୟ, ଅର୍ଥ ଏବଂ ଗୁରୁତ୍ୱ ଉପରେ ଦୃଢ଼ ବିଶ୍ୱାସ ରଖନ୍ତି, ସେମାନେ ଅଧିକ ଜୀବନ୍ତ ଏବଂ ପ୍ରଭାବଶାଳୀ ସ୍ୱପ୍ନ ଅନୁଭବ କରନ୍ତି ବୋଲି ଗବେଷକମାନେ କହିଛନ୍ତି।

୨୦୨୦ ମସିହାର ପ୍ରଥମ କୋଭିଡ୍–୧୯ ଲକ୍ ଡାଉନ୍ ସମୟରେ ୮୦ ଜଣ ଅଂଶଗ୍ରହଣକାରୀଙ୍କଠାରୁ ସଂଗୃହୀତ ଏକ ସ୍ୱତନ୍ତ୍ର ତଥ୍ୟାବଳୀ ଗବେଷକମାନଙ୍କୁ ସ୍ୱପ୍ନ ଉପରେ ବାହ୍ୟ ଚାପର ପ୍ରଭାବ ପରୀକ୍ଷା କରିବାରେ ସାହାଯ୍ୟ କରିଥିଲା। ଲକ୍‌ଡାଉନ ସମୟରେ ସ୍ୱପ୍ନଗୁଡ଼ିକରେ କଟକଣା ବିଷୟରେ ଅଧିକ ସୂଚନା ଏବଂ ତୀବ୍ର ଭାବପ୍ରବଣତା ଦେଖିବାକୁ ମିଳିଥିଲା, ଯାହା ସେହି ସମୟର ସାମାଜିକ ପରିସ୍ଥିତିକୁ ପ୍ରତିଫଳିତ କରିଥିଲା। ତେବେ ସେହି ପ୍ରଭାବଗୁଡ଼ିକ ସମୟ ସହିତ ଧୀରେ ଧୀରେ ହ୍ରାସ ପାଉଥିବା ଦେଖାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ, ଜୀବନର ପ୍ରମୁଖ ଘଟଣାଗୁଡ଼ିକ ସହିତ ମାନସିକ ଅଭ୍ୟସ୍ତତା ବଢ଼ିବା ସହ ସ୍ୱପ୍ନର ବିଷୟବସ୍ତୁ ମଧ୍ୟ ପରିବର୍ତ୍ତିତ ହୋଇଥାଏ।

### ୨୦୩୬ ସୁଦ୍ଧା ରାଜ୍ୟରେ...

କରିଡର କରାଯିବା ସହ ଅଞ୍ଚଳର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କେନ୍ଦୁଝର ଜିଲା ପାଇଁ ଗ୍ରୀଡ୍ ସବ୍‌ଷ୍ଟେଶନର ଆବଶ୍ୟକତା ଥିଲା। ଶିଳ୍ପ କାରଖାନା କରିବା ପାଇଁ ବିଦ୍ୟୁତ୍‌ର ଚାହିଦା ରହିଛି। ଏହି ପ୍ରକଳ୍ପ ଆସନ୍ତା ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟ ସରକାର ୪୯୪ କୋଟି ଟଙ୍କା ଦେବେ ଏବଂ ବ୍ୟାଙ୍କରୁ ମଧ୍ୟ ଆର୍ଥିକ ସହାୟତା ନିଆଯିବ ବୋଲି ସେ କହିଥିଲେ।

ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଏକ ପରିବର୍ତ୍ତନକାରୀ ପ୍ରକଳ୍ପ ସ୍ୱରୂପ ଉଞ୍ଚବାଲିଠାରେ ଗ୍ରୀଡ୍ ସବ୍ ଷ୍ଟେଶନ ସ୍ଥାପନ ବିଷୟରେ ସୂଚିତ କରିଥିଲେ। ଚମ୍ପୁଆ ନିର୍ବାଚନମଣ୍ଡଳୀରେ ବିଦ୍ୟୁତ୍ ସମସ୍ୟାର ସମାଧାନ ନିମନ୍ତେ ପୂର୍ବରୁ ଶକ୍ତି ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ ବୋଲି ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ କହିଥିଲେ। ଏମ୍‌ପି ଅନନ୍ତ ଚରଣ ନାଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ନେଇ ଲୋକ ସଂଖ୍ୟା ବୃଦ୍ଧି, ଶିଳ୍ପ ବୃଦ୍ଧି, ଲୋଭୋଲ୍‌ଟେଜ୍ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଗ୍ରୀଡ୍ ସବ୍‌ଷ୍ଟେଶନ ସ୍ଥାପନ କରାଯାଉଛି ବୋଲି କହିଥିଲେ। ତେଲକୋଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡା.ଫକୀରମୋହନ ନାଏକ ମଞ୍ଚାସୀନ ଥିଲେ। ଏହି ସମାରୋହରେ ୭ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆବାସ ଯୋଜନା ଓ ବସୁନ୍ଧରା ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜିଲାପାଳ ବିଶାଲ ସିଂ ମୁଖ୍ୟ ଅତିଥି ତଥା ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

### 'ଇଭି'ରେ ସରକାରୀ...

ହୋଇଛି। ଏହା ବେଆଇନ ହୋଇଥିବାରୁ ଏହାକୁ ଅନିୟମିତ ଓ ଅନଧିକୃତ ଭାବେ ଗଣାଯିବ। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କର୍ମଚାରୀଙ୍କ କ୍ଷେତ୍ରରେ କଠୋର ପଦକ୍ଷେପ ନେବାକୁ ମିଶ୍ର ଦର୍ଶାଇଛନ୍ତି। ଏଭଳି ଅନିୟମିତ ଭାବେ ଗ୍ରହଣ କରିଥିବା ସମସ୍ତ ସୁଧମୁକ୍ତ ଇଭି ଅଗ୍ରିମ ରାଶି ସମ୍ପୂର୍ଣ୍ଣ ଭାବେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଆଦାୟ କରାଯିବ। ଏହାସହିତ ସାଧାରଣ ମୋଟରକାର୍ ଅଗ୍ରିମ ନିୟମ ଅନୁଯାୟୀ, ୧୨.୫% ବାର୍ଷିକ ସୁଧହାର ଲାଗୁହେବ। ଏହାକୁ ଅନଧିକୃତ ଉଠାଣ ଭାବେ ଗଣାଯିବ। ଏହି ଅନିୟମିତତା ପାଇଁ ମଞ୍ଜୁରୀ/ଉଠାଣ କରିଥିବା କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ଅନ୍ୟ ଅଧିକାରୀଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରାଯିବ। ସମସ୍ତ ବିଭାଗ ଏହି ଅନିୟମିତ ମାମଲାଗୁଡ଼ିକର ବିସ୍ତୃତ ତଥ୍ୟ ୧୫ ଦିନ ମଧ୍ୟରେ ଅର୍ଥ ବିଭାଗକୁ ପଠାଇବାକୁ ସଚିବ ଦର୍ଶାଇଛନ୍ତି। ଅର୍ଥ ବିଭାଗର ଏଭଳି ନିଷ୍ପତ୍ତିକୁ ନେଇ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପ୍ରଦୂଷଣ ହ୍ରାସକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଏହି ନୀତି ଆଣିଥିଲେ। ମାତ୍ର କେନ୍ଦ୍ର ସରକାର ଏହି ନୀତି ଚାଲୁରଖିଥିବାବେଳେ ରାଜ୍ୟ ସରକାର ଏହାର ଉଚ୍ଛେଦ କେଉଁ ପରିପ୍ରେକ୍ଷୀରେ କରିଛନ୍ତି ତାହା ବୁଝାପଡୁନାହିଁ।




# ମୃତ ଭଉଣୀଙ୍କ ଜମା ଟଙ୍କା ଫେରିପାଇଲେ ଭାଇ

## କଙ୍କାଳ ନେଇ ବ୍ୟାଙ୍କ ଆଗରେ ରଖିବା ଘଟଣା
## ତତ୍ପରତା ଦେଖାଇଲା ପ୍ରଶାସନ

ପାଟଣା,୨୮।୪
(ବୀର କିଶୋର ଦାଶ)



ଭଉଣୀଙ୍କ ମୃତ୍ୟୁ ପ୍ରମାଣ ପାଇଁ ମଶାଣିରୁ କଙ୍କାଳ ନେଇ ବ୍ୟାଙ୍କ ଆଗରେ ରଖିବା ପରେ ଜମା ଟଙ୍କା ଫେରିପାଇଛନ୍ତି ଭାଇ। ଏହି ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ ଆଲୋଡ଼ନ ଖେଳିଯାଇଥିଲା। ପ୍ରଶାସନ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ଗୋଟିଏ ଦିନରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଡିଆନାଳି ଗ୍ରାମର ଆଦିବାସୀ ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ୧୯ହଜାର ୪୦୨ ଟଙ୍କା ଫେରାଇଛନ୍ତି। ଏହା ସହ ରେଡକ୍ରସ ତରଫରୁ ଜିତୁଙ୍କୁ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଘଟଣାକୁ ନେଇ ରାଜନୀତି ଜୋର ଧରିଛି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଜେଡି ନେତା ଦେବୀ ମିଶ୍ର ଏହି ଘଟଣାର ନିନ୍ଦା କରିବା ସହ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ଟିମ୍ ତଦନ୍ତ କରି ରିପୋର୍ଟ ଦେବ ବୋଲି କହିଛନ୍ତି। ସେହିଭଳି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମଗ୍ର ଘଟଣାକୁ ନିନ୍ଦା କରି ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ପାଟଣା ଥାନା ମଲ୍ଲୀପୋଷି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ସୁଶାନ୍ତ ସେଠୀ କହିଛନ୍ତି, ଜିତୁ ମୁଣ୍ଡା ଆଗରୁ କେବେ ବ୍ୟାଙ୍କକୁ ଆସିନାହାନ୍ତି। ଟଙ୍କା ଉଠାଇବା ପାଇଁ ତାଙ୍କୁ ଆବଶ୍ୟକ କାଗଜ ପତ୍ର ଆଣିବାକୁ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲେ ମଧ୍ୟ ସେ ମଶାଣିରୁ କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିଥିଲେ।

ମଙ୍ଗଳବାର ମୃତ କାଲାରା ମୁଣ୍ଡାଙ୍କ ଭାଇ ଜିତୁଙ୍କ ଡ଼ିଆନାଳି ଗ୍ରାମ ଚତୁରୀ ସାହିସ୍ଥିତ ଘରେ ପ୍ରଶାସନିକ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ଜମା ବହିରେ ଥିବା ୧୯ହଜାର ୪୦୨ ଟଙ୍କା ଓ ରେଡ୍‌କ୍ରସ ତରଫରୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ ପ୍ରମୁଖ ପହଞ୍ଚି ରେଡ୍‌କ୍ରସ ତରଫରୁ ଆଉ ୧୦ହଜାର ଟଙ୍କା ଜିତୁଙ୍କୁ ଦେଇଥିଲେ। ସକାଳେ ସ୍ଥାନୀୟ ସରପଞ୍ଚ ପାର୍ବତୀ ଦେହୁରୀ, ୨୩ନଂ. ଜୋନ ଜିଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା,ବ୍ୟାଙ୍କ ପକ୍ଷରୁ ଏଲଡିଏମ ହୀରାଲାଲ ମହାଲ୍ଲିକ, ଏଚ୍‌ଆର ମ୍ୟାନେଜର ଅଭିମନ୍ୟୁ ବେହେରା, ମ୍ୟାନେଜର ସୁଧାଂଶୁ ଶେଖର ସେଠୀ, ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ପହଞ୍ଚି ଜିତୁଙ୍କ ସହ ଆଲୋଚନା କରିଥିଲେ। କେନ୍ଦୁଝର ପୂର୍ବତନ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପହଞ୍ଚି ସମବେଦନା ଜଣାଇଥିଲେ। ଟଙ୍କା ପାଇବା ପରେ ଜିତୁ ଖୁସିବ୍ୟକ୍ତ କରି ଉକ୍ତ ଟଙ୍କାରେ ଭଉଣୀର ଶୁଦ୍ଧି କ୍ରିୟା ଓ ଜାତି ବନ୍ଧୁଙ୍କୁ ଭୋଜି ଦେବା ସହ ବଳକା ଟଙ୍କା ଭାଇ ଶଙ୍କରା, ଭଉଣୀ ଗୁରୁବାରୀଙ୍କ ମଧ୍ୟରେ ବାଣ୍ଟି ଦେବେ ବୋଲି କହିଛନ୍ତି।

### ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

କେନ୍ଦୁଝର ପାଟଣା ବ୍ୟାଙ୍କକୁ ଜଣେ ଭାଇ ତାଙ୍କ ଭଉଣୀଙ୍କ ଶବ ନେବା ଘଟଣାକୁ ନେଇ ସବୁଆଡ଼େ ଚର୍ଚ୍ଚା ହୋଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ପରେ ଶବ ବୋହି ନେଇଯାଇଥିବା ଭାଇଙ୍କୁ ଟଙ୍କା ମିଳିପାରିଛି। ଏଭଳି ଘଟଣା କାହିଁକି ଘଟିଲା ଏବଂ ଏହାର ପୁନରାବୃତ୍ତି ଯେପରି ନ ହେବ ସେ ନେଇ ଉତ୍ତରାଞ୍ଚଳ ଆର୍‌ଡିସି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଡିଆନାଳି ଗାଁରେ ପହଞ୍ଚି ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଜିତୁ ମୁଣ୍ଡାଙ୍କୁ ବ୍ୟାଙ୍କରୁ ୧୯ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଛି। ଡେଥ୍ ସାର୍ଟିଫିକେଟ୍ (ମୃତ୍ୟୁ ପ୍ରମାଣପତ୍ର) ଏବଂ ଲିଗାଲ ହେୟାର ସାର୍ଟିଫିକେଟ୍ ମଧ୍ୟ ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରଦାନ କରାଯାଇଛି। ଫାଷ୍ଟ ଟ୍ରାକ୍ ମୋଡ୍‌ରେ ମେଡିକାଲ ଅଫିସର ପହଞ୍ଚି ଡେଥ୍ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି। ଅସହାୟ ବ୍ୟକ୍ତି ଯେପରି ପୁନର୍ବାର ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାର ନଜିର ଦେଖିବାକୁ ନ ମିଳେ ସେଥିନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମାଞ୍ଚଳରେ ସରକାରୀ ଏବଂ ବ୍ୟାଙ୍କିଙ୍ଗ୍ ସହାୟତା ବିନା ବାଧାରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଘଟଣା ଘଟିଲା ସେଥିପାଇଁ କାହାର ଅବହେଳା ଅଛି ସେକଥା ଜଣାଇବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅସୁବିଧାର ସାମ୍ନା କଲେ ଭୟଭୀତ ନ ହୋଇ ପ୍ରଶାସନକୁ ଜଣାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଏଫ୍‌ଏମ୍ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଘଟଣା | ଆଇସିସିଠାରେ ୯ ଛାତ୍ରୀଛାତ୍ର ଫେରାଦ

ବାଲେଶ୍ୱର, ୨୮।୪
(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ମଙ୍ଗଳବାର ୯ ଛାତ୍ରୀଛାତ୍ର ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି)ଠାରେ ଫେରାଦ ହୋଇଛନ୍ତି। ତେବେ ଏଚ୍‌ଓଡି ନାୟକ ଡରାଇ ଧମକାଇ ଛାତ୍ରୀଙ୍କ ଫୋନ୍‌ରୁ ହ୍ୱାଟସ୍‌ଆପ୍ ଚାଟ୍ ଡିଲିଟ୍ ପାଇଁ ଚାପ ପକାଉଥିବା ଛାତ୍ରୀଛାତ୍ର ଅଭିଯୋଗରେ ଦର୍ଶାଇଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଅଧ୍ୟକ୍ଷ ଦୀନେଶ ଦାସଙ୍କୁ ପଚରାଯିବାରୁ ଅଭିଯୋଗ ମୁତାବକ ଆଇସିସିକୁ ତଦନ୍ତ ଭାର ଦିଆଯାଇଥିଲା। ଆଇସିସି ପକ୍ଷରୁ ଆସିଥିବା ତଦନ୍ତ ରିପୋର୍ଟ ଉଚ୍ଚଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କଠାରେ ଦାଖଲ ହୋଇଥିବା କହିଛନ୍ତି।

ସୂଚନା ଅନୁଯାୟୀ, ଜଣେ ଛାତ୍ରୀଙ୍କୁ ଓଡ଼ିଆ ବିଭାଗ ମୁଖ୍ୟ ନାୟକ ଚଳିତମାସ ୬ ତାରିଖରେ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଛାତ୍ରୀଙ୍କଠାରୁ ଅଭିଯୋଗ ପାଇ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମହାବିଦ୍ୟାଳୟକୁ ତଦନ୍ତରେ ଯାଇଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଅଧ୍ୟକ୍ଷଙ୍କ ସହ ଅଭିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଆଦେଶ ନଂ. ୧୫୮୪/ତା୪।୪।୨୬ରେ ଓଡ଼ିଆ ବିଭାଗ ମୁଖ୍ୟଙ୍କୁ ତାଙ୍କ ପଦବୀରୁ ହଟାଯାଇଥିବା କହିଥିଲେ। ଏଥିସହ ଅଭିଯୋଗ ପିଟିଶନକୁ କଲେଜର ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି (ଆଇସିସି)କୁ ତଦନ୍ତ ପୂର୍ବକ ରିପୋର୍ଟ ଦାଖଲ ପାଇଁ ଦିଆଯାଇଥିବା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବାଲେଶ୍ୱରଙ୍କ ପତ୍ର ସଂଖ୍ୟା ୯୨୫/ତା୭।୪।୨୬ ଅନୁଯାୟୀ ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ସଚିବଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା।

# ସାଧାରଣ ଲୋକଙ୍କ ଜୀବନକୁ ବିପଦରେ ପକାଇପାରିବା ନାହିଁ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ରାଜ୍ୟର ବିକାଶ ନିମନ୍ତେ ଖଣି ଚାହୁଁ, ଶିଳ୍ପ ମଧ୍ୟ ଚାହୁଁ, ମାତ୍ର ସାଧାରଣ ଲୋକଙ୍କ ଜୀବନକୁ ବିପଦରେ ପକାଇ ନୁହେଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଲୋକସେବା ଭବନରେ ମଙ୍ଗଳବାର ମନ୍ତ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଥିବା ଜିଲାଗୁଡ଼ିକର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଗରିବ ଶ୍ରେଣୀର ଲୋକଙ୍କୁ ବିସ୍ଥାପିତ କରି ଗୃହ ନିର୍ମାଣ କରିବା କଦାପି ସମୀଚୀନ ନୁହେଁ। ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ଶିଳ୍ପ ବିକାଶକୁ ଆଗକୁ ନେବାକୁ ହେବ। କମ୍ପାନୀମାନଙ୍କୁ ପ୍ରଥମେ ସରକାରୀ ଜମି ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବା ସହ ଆବଶ୍ୟକସ୍ଥଳେ ଶେଷ ବିକଳ୍ପ ଭାବେ ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯାଇପାରିବ। କମ୍ପାନୀ କର୍ତ୍ତୃପକ୍ଷ ସାଧାରଣ ଲୋକଙ୍କୁ ଜମିର ସଠିକ୍ ମୂଲ୍ୟ ପ୍ରଦାନ ସହ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଏବଂ ସେମାନଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ସୁନିଶ୍ଚିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଖୁବ୍‌ଶୀଘ୍ର ଆସିବ ନୂଆ 'ପୁନର୍ବାସ ଏବଂ ଥଇଥାନ ନୀତି'

ବୈଠକରେ ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁରର ଖଣି ଖନନ ଏବଂ ତାପଜ ଶକ୍ତି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଜମି ଅଧିଗ୍ରହଣ ଯୋଗୁ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ବିଭିନ୍ନ ଖଣି କମ୍ପାନୀ ପକ୍ଷରୁ ଟ୍ରକ୍‌ଗୁଡ଼ିକ ଦ୍ୱାରା ଫ୍ଲାଏଆଶ୍ ପରିବହନ ହେବା ଦ୍ୱାରା ପ୍ରଦୂଷଣ ସମସ୍ୟା ଉପୁଜୁଥିବାରୁ ମନ୍ତ୍ରୀ ଏ ସମ୍ପର୍କରେ ତାଗିଦ୍ କରିବା ସହ କେବଳ ନିର୍ଦ୍ଦିଷ୍ଟ ସୀମିତ ସମୟ ମଧ୍ୟରେ ହିଁ ଟ୍ରକ୍‌ଗୁଡ଼ିକୁ ପରିବହନ ନିମନ୍ତେ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରାଧିକାରୀମାନେ ଏ ସମ୍ପର୍କରେ ନିୟମିତ ତଦାରଖ କରି ପ୍ରଦୂଷଣ ସମସ୍ୟାର ସମାଧାନ ସୁନିଶ୍ଚିତ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ ଜିଲାରେ ରାସ୍ତାରେ ପରିବହନକୁ ହ୍ରାସକରି ଭୂତଳ ମାଧ୍ୟମରେ ଫ୍ଲାଏ ଆଶ୍ ନିଷ୍କାସନ ତଥା ଅନ୍ୟାନ୍ୟ ବୈଜ୍ଞାନିକ ପଦ୍ଧତିରେ ପରିଚାଳନା ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଟ୍ରାଫିକ୍ ସମସ୍ୟା ତଥା ପର୍ଯ୍ୟାବରଣଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ରାତି ସମୟରେ ଏବଂ ଟ୍ରକ୍‌ରେ ପାଲ ଘୋଡ଼ାଇ ଫ୍ଲାଏ ଆଶ୍ ପରିବହନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ସେହିଭଳି ପରିବେଶ ବିରୋଧୀ ତଥା ଅନଧିକୃତ ଭାବେ ପାଉଁଶ ପକାଇଲେ ଦୃଢ଼ ଆଇନଗତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍(ଏମ୍‌ସିଏଲ୍)କୁ ସେମାନଙ୍କ ଅଧିଗୃହୀତ ଜମି ଉପରେ ପଟ୍ଟା ପ୍ରଦାନ କରିବା ସହ ସ୍ଥାନୀୟ ଅଞ୍ଚଳରେ ବିସ୍ଥାପିତ ଜନସାଧାରଣଙ୍କ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ଖୁବ୍‌ଶୀଘ୍ର ଏନେଇ ଆସିବ ନୂଆ 'ପୁନର୍ବାସ ଏବଂ ଥଇଥାନ ନୀତି' ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ-ସଚିବ ମନୋଜ ଭି ନାୟାର ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ନିର୍ବାଚନକୁ ନେଇ ରାଜନୀତି ସରଗରମ

- ବିଜେଡି ସହ ମେଣ୍ଟ ହେବନାହିଁ: ଭକ୍ତ
- ମୁଣ୍ଡ ନ ଥାଇ ମୁଣ୍ଡବ୍ୟଥା: ପ୍ରସନ୍ନ
- ବିଜେଡି ବୁଡ଼ିଯାଉଥିବା ଡଙ୍ଗା: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୮।୪
(ରବିନାରାୟଣ ଜେନା)

ପଞ୍ଚାୟତ ନିର୍ବାଚନକୁ ଆଉ ପ୍ରାୟ ୧୦ ମାସରୁ ଅଧିକ ଦିନ ରହିଛି। ହେଲେ ଏବେଠାରୁ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏହି ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଙ୍ଗଳବାର ଗଣମାଧ୍ୟମକୁ ବିଜେଡି ସହ ମେଣ୍ଟ ହେବନାହିଁ ବୋଲି କହିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ଭକ୍ତ କହିଛନ୍ତି, ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡି ସହ ମେଣ୍ଟ ହେବନାହିଁ। କଂଗ୍ରେସ ଏକା ହିଁ ଲଢ଼ିବ। ଦଳରେ ଅସନ୍ତୋଷ ବଢୁଥିବାରୁ ଭକ୍ତ କହିଛନ୍ତି ଜିଲା ପରିଷଦ, ପଞ୍ଚାୟତ, ମ୍ୟୁନିସିପାଲିଟି ନିର୍ବାଚନରେ ନିଜ ଦମ୍‌ରେ କଂଗ୍ରେସ ଏକାକୀ ଲଢ଼ିବ। ବିଜେଡି ସହ ଏକ୍ ହୋଇ ଲଢ଼ିବନାହିଁ। ତେବେ ବିଧାନସଭା ନିର୍ବାଚନ ବେଳେ ଆବଶ୍ୟକ ପଡ଼ିଲେ ହାଇକମାଣ୍ଡ କହିଲେ ବିଜେଡି ସହ ବୁଝାମଣା ହୋଇପାରେ ବୋଲି ସେ କହିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଏଭଳି ଚର୍ଚ୍ଚା ରାଜନୀତି ଓ ଗଣମାଧ୍ୟମ ପାଇଁ ଠିକ୍। କିନ୍ତୁ ଏସବୁ ଚର୍ଚ୍ଚା ଭିତ୍ତିହୀନ ବୋଲି କହିଛନ୍ତି। ଆଚାର୍ଯ୍ୟ ପାଲଟା ପ୍ରଶ୍ନ କରି କହିଛନ୍ତି, ବିଜେଡି କେବେ କାହାସହ ମେଣ୍ଟ କରିବା ପାଇଁ ପ୍ରସ୍ତାବ ଦେଇଥିଲା କି? ଏହା କେବଳ 'ଶିରନାସ୍ତି ଶିରପୀଡ଼ା।' ମୁଣ୍ଡ ନାହିଁ ମୁଣ୍ଡବ୍ୟଥା କେମିତି ହେବ? ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡିର ମେଣ୍ଟ ପ୍ରସଙ୍ଗରେ କାହାରି ସହ କୌଣସି ଆଲୋଚନା ହୋଇ ନ ଥିବା ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି।

ହଠାତ୍ ଭକ୍ତଙ୍କ ୟୁ-ଟର୍ନ ପରେ ବିଜେଡିକୁ କଟାକ୍ଷ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ବିଜେଡି ସ୍ଥିତି ଏବେ ଏମିତି ହେଲାଣି ଯେ ଯେଉଁ କଂଗ୍ରେସ ଦିନେ ମେଣ୍ଟ ପାଇଁ ପ୍ରସ୍ତାବ ଦେଇଥିଲା ଏବେ ସେହି ଦଳ ବି ତାକୁ ଗ୍ରହଣ କରୁନାହିଁ। ବିଜେଡି ବୁଡ଼ିଯାଉଥିବା ଡଙ୍ଗା ପରି ତଳକୁ ତଳ ଯାଉଛି। ସେ ଅତୀତର ଉଦାହରଣ ଦେଇ ବିଜେଡିର କଂଗ୍ରେସ ସହ 'ଚୋରା ପୀରତି' ରହିଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ପୁଣି କହିଛନ୍ତି, ସେ ସଭାପତି ଥିବାବେଳେ ବିଜେଡିଠୁ ମେଣ୍ଟ ସମ୍ପର୍କ ଭାଙ୍ଗିଥିଲା। ସେହି ସମୟରେ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ବିଜେଡିକୁ ପରୋକ୍ଷରେ ସମର୍ଥନ ଦେଇଥିଲା କଂଗ୍ରେସ। ଭାଜପା ସହ ମେଣ୍ଟରେ ଥିବା ବିଜେଡି ମଧ୍ୟ କଂଗ୍ରେସ ସହିତ 'ଚୋରା ପୀରତି' କରୁଥିଲା ବୋଲି ପୂଜାରୀ କଟାକ୍ଷ କରି କହିଛନ୍ତି।



ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# ତତଲା କଡ଼େଇ

ଅନ୍ତର୍ଜାତୀୟ ସ୍ତରରେ କରାଯାଇଥିବା ଏକ ଅନୁଧାନ ଅନୁଯାୟୀ ବିଶ୍ୱର ସବୁଠାରୁ ୧୦୦ ଉତ୍ତପ୍ତ ସହର ମଧ୍ୟରୁ ୯୫ ଭାରତରେ ଅଛି। ଦିଲ୍ଲୀ, ଲକ୍ଷ୍ନୌ, ଜୟପୁର, ନାଗପୁର, ପ୍ରୟାଗରାଜ ସହରରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ଓଡ଼ିଶାର ଝାରସୁଗୁଡ଼ା ୪୫ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କଲାଣି। ଏବେ ଏପ୍ରିଲ। ମେ'ରେ ସ୍ଥିତି କିଭଳି ରହିବ ଏହା ତାହାର ପ୍ରାକ୍ ଆଭାସ ଦେଲାଣି। ଯେଭଳି ଭାବେ ଉତ୍ତପ୍ତ ଲହରି ବହୁଛି, ତାହା ଜଳବାୟୁ ଗତିପଥର ସଙ୍କେତ ଦେଉଛି। ଏଲ୍ ନିନୋ ପ୍ରଭାବ ପଡୁଥିବାରୁ ଗରମ ବଢ଼ିଚାଲିଛି। ଫଳରେ ଏହା ମୌସୁମୀକୁ ପ୍ରଭାବିତ କରି କମ୍ ବୃଷ୍ଟିପାତ କରିବ ବୋଲି କୁହାଯାଉଛି। ଗରମ ବଢୁଥିବା ବେଳେ ଗୋଟେ କଥା ମନକୁ ଆସୁଛି। ସରକାରୀ ଭାବେ ବାରମ୍ବାର କୁହାଯାଉଛି ଯେ, ଓଡ଼ିଶା ସମେତ ଭାରତରେ ପ୍ରତିବର୍ଷ ଜଙ୍ଗଲ ଅଞ୍ଚଳ ବଢୁଛି। ଅର୍ଥାତ୍ ପରିବେଶ ଅଧିକ ସବୁଜମୟ ହେଉଛି। ଏପରିକି ବାଘ ସଂଖ୍ୟା ବଢୁଥିବା ନେଇ ରିପୋର୍ଟ ପ୍ରକାଶ କରାଯାଉଛି। ସମସ୍ତେ ଜାଣିଛନ୍ତି ପର୍ଯ୍ୟାପ୍ତ ଗଛଥିବା ଜଙ୍ଗଲ ଅଞ୍ଚଳ ପରିବେଶକୁ ଥଣ୍ଡା ରଖିଥାଏ। ଯଦି ଜଙ୍ଗଲ ଇଲାକା ସରକାରୀ ତଥ୍ୟ ଅନୁଯାୟୀ ବଢୁଥାଆନ୍ତା, ତାହା ହେଲେ ମଣିଷ ତତଲା କଡ଼େଇରେ ପଡୁ ନ ଥାଆନ୍ତା। ସରକାରୀ ତଥ୍ୟ ଯଦିବା ଠିକ୍ ହୋଇଥିବ, ତେବେ ଆକାଶିଆ ଭଳି ବିଦେଶୀ ଗଛ ବୃଦ୍ଧିକୁ ଦର୍ଶାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଉଥିବ। ପରିବେଶ ଓ ଭୂତଳ ଜଳ ବଢ଼ାଇବାରେ ଏଭଳି ଗଛଗୁଡ଼ିକର ନକାରାତ୍ମକ ପ୍ରଭାବ ପଡୁଛି। ଏହା ଜଣାଶୁଣା ଯେ ପାରମ୍ପରିକ ବଡ଼ ଗଛ ବ୍ୟତୀତ ନୂତନ ଧରଣର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛବୃଚ୍ଛ ଜଳଧାରଣ କରିବାରେ ସକ୍ଷମ ହୋଇ ନ ଥାଆନ୍ତି। ତେଣୁ ଉପରେ ଗରମ ପବନ ବହିବା ଓ ଭୂଇଁ ଉତ୍ତପ୍ତ ରହିବା ତାପମାତ୍ରାକୁ ବଢ଼ାଇଚାଲିଛି।

ପୁଣି ଦୋହରାଯାଇପାରେ ଯେ, ଏଲ୍ ନିନୋ ପ୍ରଭାବ ପଡୁଥିବାରୁ ଗରମ ବଢ଼ିଚାଲିଛି। ଫଳରେ ଏହା ମୌସୁମୀକୁ ପ୍ରଭାବିତ କରି କମ୍ ବୃଷ୍ଟିପାତ କରିବ। ନିର୍ମାଣ ଓ ସେବା କ୍ଷେତ୍ର ଯେତେ ବିକଶିତ ହେଉଥିବା କୁହାଯାଉଥିଲେ ମଧ୍ୟ ଭାରତୀୟ ଅର୍ଥନୀତି କୃଷିପ୍ରଧାନ ରହିଛି। ଆଗକୁ କମ୍ ବର୍ଷା ହେଲେ ବା ବର୍ଷା ଆସିବାରେ ବିଳମ୍ବ ଦେଖାଦେଲେ ଧାନ ଓ ଆଖୁ ଭଳି ଜଳ ଉପରେ ବହୁଳ ଭାବେ ନିର୍ଭରଶୀଳ ଚାଷ ବ୍ୟାପକ ଭାବେ ପ୍ରଭାବିତ ହେବ। ଏମିତି ଦେଖିଲେ ପୂର୍ବାପେକ୍ଷା କମ୍ ବର୍ଷା ହେଉଥିବାରୁ ଗ୍ରୀଷ୍ମ ଋତୁ ପୂର୍ବରୁ ଜଳାଶୟ ଶୁଖିଯିବା ଦୃଶ୍ୟମାନ ହେଉଛି। ଭୂତଳଜଳ ଅତ୍ୟଧିକ ବ୍ୟବହାର ଯୋଗୁ ମାଟି ତଳେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଗରମରୁ ରକ୍ଷା ପାଇବା ପାଇଁ ବିଦ୍ୟୁତଶକ୍ତିର ବ୍ୟାପକ ବ୍ୟବହାର କରାଯାଉଛି। ଏବେ ଭାରତ ସମେତ ସମଗ୍ର ପୃଥିବୀକୁ ଶକ୍ତିସଙ୍କଟ କାବୁ କରିଛି। ଓଡ଼ିଶା ସହିତ ଭାରତର ଅନେକ ପ୍ରାନ୍ତରେ ବିଦ୍ୟୁତ୍ ଗ୍ରୀଡ୍ ଉପରେ ଗ୍ରୀଷ୍ମ ବେଳେ ଯେଉଁ ଚାପ ପଡ଼ିଥାଏ, ତାହା ସମସ୍ତଙ୍କୁ ଜଣାପଡୁଛି। ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ଜଳବିଦ୍ୟୁତ, ତାପଜ ବିଦ୍ୟୁତ ଭଳି ଉତ୍ସ ଅପେକ୍ଷା ସୌରଶକ୍ତି ପରି ନବୀକରଣୀୟ ଉତ୍ସକୁ ଗୁରୁତ୍ୱ ଦେବା ଲାଗି ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯାଉଛି। କିନ୍ତୁ ଦେଖାଯାଉଛି ଯେ ସୌରଶକ୍ତି ଧାରଣ କରିବା ଲାଗି ଯେଉଁ ସୋଲାର ପ୍ୟାନେଲ ବ୍ୟବହାର କରାଯାଉଛି ତାହାର କାର୍ଯ୍ୟକ୍ଷମ ଅବଧି ୫ରୁ ୭ ବର୍ଷ ରହୁଛି। ଏଥିସହିତ ଏଥିରେ ବ୍ୟବହୃତ ବ୍ୟାଟେରି ଅକାମୀ ହେବା ପରେ ସେଗୁଡ଼ିକୁ ଜଙ୍ଗଲ ଭଳି ଅଞ୍ଚଳରେ ଫୋପାଡ଼ି ଦିଆଯାଉଛି। ବ୍ୟାଟେରିଗୁଡ଼ିକରେ ଆୟନ ଓ ଲିଥିୟମ ରହୁଥିବାରୁ ସେଗୁଡ଼ିକ ମଧ୍ୟ ପରିବେଶ ପ୍ରଦୂଷଣ କରି ବିପଦ ସୃଷ୍ଟି କରୁଛି। ତେଣୁ ଏହାର ନିରାକରଣ ଚିନ୍ତା କରାଯିବା ଦରକାର। ଏଥିସହିତ ଭାରତବର୍ଷ ବିଶେଷକରି ଓଡ଼ିଶାର ଅନେକ ଜଙ୍ଗଲ ବା ପୁରୁଣା ବନାଞ୍ଚଳ ଦେଖିଲେ ସହରର ଭଙ୍ଗା କୋଠାଘରୁ ବାହାରୁଥିବା କଂକ୍ରିଟ, ପ୍ଲାଷ୍ଟିକ୍ ଆବର୍ଜନା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ଏକ ଅଳିଆଗଦା ପାଲଟିଯାଇଛି। ବିଭିନ୍ନ ଜଙ୍ଗଲରେ ଲାଗୁଥିବା ନିଆଁ ପରିବେଶକୁ ମଧ୍ୟ ନଷ୍ଟ କରିବା ସହ ଉତ୍ତାପକୁ ବଢ଼ାଇ ଚାଲିଛି। ଜଙ୍ଗଲଧ୍ୱଂସ ସହ ନିଜ ଅଞ୍ଚଳରେ ପରିବେଶବିରୋଧୀ କାର୍ଯ୍ୟ ହେଉଥିଲେ ବି ସେ ଦିଗରେ ଜନଜାଗରଣ ହେଉନାହିଁ। ସ୍ଥାନୀୟ ବାସିନ୍ଦା ପ୍ରତିକ୍ରିୟାଶୀଳ ହେଉ ନ ଥିବାରୁ ପରିବେଶ ସୁରକ୍ଷିତ ରଖିବା ଲାଗି ଝୁଙ୍କ୍ ଆସୁନାହିଁ। ପରିବେଶ ବିରୋଧୀ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ଥିଲେ ମଧ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏ ଦିଗରେ ସୁଧାର ଆସିପାରୁ ନାହିଁ।

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା ଦିଗରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡ଼ିବ। ସେଥିପାଇଁ ଜଳବାୟୁ କାର୍ଯ୍ୟାନ୍ୱୟନ ଯୋଜନାଠାରୁ ଆରମ୍ଭ କରି ବ୍ୟାପକ ଜନସଚେତନତା ଓ ଗୋଷ୍ଠୀସ୍ତରରେ ଏବେଠାରୁ ବିଧିବଦ୍ଧ ପଦକ୍ଷେପ ନେବାକୁ ପଡ଼ିବ। ଏଥିସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ସରକାରୀ କଳର ଶିଳ୍ପ ଉପରେ ଧ୍ୟାନ। ବୃହତ୍ ଶିଳ୍ପ ଦ୍ୱାରା ପରିବେଶ ପ୍ରତି ବିପଦ ସବୁଠାରୁ ମାରାତ୍ମକ। ଅର୍ଥ ଲୋଭ ଦେଖାଇ ଶିଳ୍ପର ପରିବେଶ ବିରୋଧୀ କାର୍ଯ୍ୟ ସବୁବେଳେ ଲାଗିରହିଛି। ସେଥିପାଇଁ ସାଧାରଣ ନାଗରିକର ସହଯୋଗ ସହିତ ଶିଳ୍ପାନୁଷ୍ଠାନଗୁଡ଼ିକର ମନମୁଖି କାର୍ଯ୍ୟକୁ ଦମନ କରାଯିବା ଅତ୍ୟନ୍ତ ଆବଶ୍ୟକ।

ଗରମ ମାସଗୁଡ଼ିକରେ ବୃଦ୍ଧି ପାଉଥିବା ଶକ୍ତି ଚାହିଦାକୁ ମେଣ୍ଟାଇବା ପାଇଁ ସରକାର ବିଭିନ୍ନ ଗବେଷଣା ସଂସ୍ଥା ସହ ମିଶି ବିକଳ୍ପ ଶକ୍ତି ଉତ୍ସ ବାହାର କରିବା ଦରକାର ହେଲାଣି। ବିଶ୍ୱତାପନର ଧାରା ପ୍ରତିବର୍ଷ ଯେଭଳି ବଢ଼ିଚାଲିଛି ତାହାକୁ ସମ୍ପୂର୍ଣ୍ଣ ରୋକାଯାଇ ନ ପାରିଲେ ମଧ୍ୟ ତାହାର ତୀବ୍ରତାକୁ ହ୍ରାସ କରିବା ସକାଶେ ସରକାର, ଶିଳ୍ପ, ଗୋଷ୍ଠୀ ଓ ବ୍ୟକ୍ତିବିଶେଷଙ୍କୁ ଜାଗତିଆର ହେବାକୁ ପଡ଼ିବ। ପ୍ରାଣୀଜଗତ ତିଷ୍ଠି ରହିବା ଲାଗି ଅଭିନବ ଚିନ୍ତନ ଓ ସକାରାତ୍ମକ କାର୍ଯ୍ୟାନ୍ୱୟନ ଆବଶ୍ୟକ। ଅସତ୍ୟ ତଥ୍ୟ ଦେଖାଇ ସାଧାରଣ ଲୋକକୁ ଭୁଲେଇ ଦିଆଯାଇପାରେ, କିନ୍ତୁ ପରିବେଶ ଓ ପ୍ରକୃତିକୁ ନୁହଁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 3 | 8 | | 6 | | |
| | | | 1 | | 5 | | | |
| | | | | | | | | 4 |
| | | | 5 | | 2 | | | 6 |
| | | | 4 | | | | 7 | 1 |
| | | | | 3 | 7 | | | |
| | 6 | 3 | 2 | | 8 | 4 | | |
| 9 | | | | | | 8 | | |
| | | 4 | | | 3 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 6 | 7 | 9 | 8 | 3 | 2 | 4 |
| 8 | 4 | 7 | 5 | 3 | 2 | 6 | 9 | 1 |
| 2 | 3 | 9 | 6 | 1 | 4 | 8 | 7 | 5 |
| 3 | 7 | 2 | 1 | 8 | 5 | 9 | 4 | 6 |
| 6 | 8 | 4 | 3 | 7 | 9 | 5 | 1 | 2 |
| 5 | 9 | 1 | 4 | 2 | 6 | 7 | 3 | 8 |
| 4 | 1 | 3 | 8 | 5 | 7 | 2 | 6 | 9 |
| 7 | 2 | 8 | 9 | 6 | 1 | 4 | 5 | 3 |
| 9 | 6 | 5 | 2 | 4 | 3 | 1 | 8 | 7 |

ଗତକାଲିର ଉତ୍ତର

# ପିତୃତ୍ୱ: ଏକ ଆହ୍ୱାନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପୁତ୍ରକନ୍ୟାମାନଙ୍କ ପାଇଁ ପିତା ହେଉଛନ୍ତି ଦେବତା। ଏଣୁ ତୈତ୍ତିରୀୟ ଉପନିଷଦରେ କୁହାଯାଇଛି 'ପିତୃଦେବୋ ଭବଃ'। ମନୁ ସଂହିତାରେ ଉଲ୍ଲେଖ ଅଛି 'ଉପାଧ୍ୟାୟାତ୍ ଦଶାଚାର୍ଯ୍ୟଃ ଆଚାର୍ଯ୍ୟାଣାଂ ଶତଂ ପିତା' ଅର୍ଥାତ୍ ଉପାଧ୍ୟାୟଠାରୁ ଆଚାର୍ଯ୍ୟ ଦଶଗୁଣ ଓ ଆଚାର୍ଯ୍ୟଠାରୁ ପିତା ଶହେ ଗୁଣ ବଡ଼। ପଦ୍ମପୁରାଣରେ ପୁଣି କୁହାଯାଇଛି 'ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହିଁ ପରମଂ ତପଃ/ ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ'। ପିତାଙ୍କୁ ସନ୍ତୁଷ୍ଟ କଲେ ସମସ୍ତ ଦେବତା ତୃପ୍ତ ହୁଅନ୍ତି।

ପିତୃତ୍ୱ ଯେମିତି ଏକ ଆନନ୍ଦ, ସେମିତି ଏକ ଦୁଃଖ। ପିଲାଟିଏ ଜନ୍ମ ନେଲେ ବାପା ଭାବେ 'ମୋ ପୁଅ ମୋଠାରୁ ଅଧିକ ଗୁଣବାନ୍ ହେବ, ମୋର ସ୍ୱପ୍ନକୁ ସାକାର କରିବ ଓ ବୃଦ୍ଧାବସ୍ଥାରେ ମୋର ସାହାରା ହେବ।' ମାତ୍ର ସବୁ ବାପାମାନଙ୍କ କ୍ଷେତ୍ରରେ ଏହି ଇଚ୍ଛା ପୂରଣ ହୁଏନାହିଁ। ଅନେକ କ୍ଷେତ୍ରରେ ବାପାର ଏହି ସ୍ୱପ୍ନ ଚୂରମାର ହୋଇଯାଏ। ସନ୍ତାନସନ୍ତତି ତା'ଠାରୁ ଦୂରେଇ ଯାନ୍ତି। ସେ ପରିବାର ପାଇଁ ଅଦରକାରୀ ହୋଇଯାଏ। ଫକୀରମୋହନଙ୍କ 'ଡାକମୁନସି' ଗଳ୍ପରେ ପୁଅ ବାପାକୁ ଇଂରାଜୀ ଘୁଷି ମାରେ। ମନୋଜ ଦାସଙ୍କ 'ଦାନ୍ତ' ଗପରେ ପିତା ପୁଅବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ଘରକୁ ଫେରିଆସେ। ଅବଶ୍ୟ ଏହିପରି ଘଟଣା ଆଜି ବି ଘଟୁଛି। ତାହା ମଧ୍ୟ ଠିକ୍ ନୁହେଁ। ଯୁଗେ ଯୁଗେ ପୁତ୍ର ଖଳନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇଛି। ଅଜାତଶତ୍ରୁ ପିତା ବିମ୍ବିସାରଙ୍କୁ ଓ ଆଉରଙ୍ଗଜେବ ଶାହାଜାହାନଙ୍କୁ ବନ୍ଦୀ କରି କାରାଗାରରେ ନିର୍ଯାତନା ଦେଇଛନ୍ତି। ପୁରାଣର ବର୍ଣ୍ଣନା ଅନୁସାରେ କଂସ ପିତା ଉଗ୍ରସେନକୁ ବନ୍ଦୀ କରିଛି। ଅପରପକ୍ଷରେ ଶ୍ରବଣ କୁମାର ଓ ଧର୍ମପଦ ଭଳି ପିତୃଭକ୍ତ ସନ୍ତାନ ମଧ୍ୟ ଅଛନ୍ତି।

ସନ୍ତାନସନ୍ତତିଙ୍କ ପିତୃଦ୍ରୋହ ଆଚରଣ ସମ୍ପର୍କରେ ପ୍ରାଚୀନ ଇଂରେଜ ନାଟ୍ୟକାର ସେକ୍ସପିଅର ତାଙ୍କ କାଳଜୟୀ ନାଟକ 'କିଙ୍ଗ-ଲିଅର'ରେ ଏହା ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାଜା ଲିଅରଙ୍କ ଥିଲେ ତିନିଜଣ ଝିଅ- ଗନେରିଲ୍, ରେଗାନ୍ ଓ କଡେଲିଆ। ସେ ତାଙ୍କ ରାଜ୍ୟକୁ ଝିଅମାନଙ୍କ ପିତୃପ୍ରେମକୁ ଆଧାର କରି ତିନିଜଣଙ୍କ ମଧ୍ୟରେ ବାଣ୍ଟିବା ପାଇଁ ନିଷ୍ପତ୍ତି ନେଲେ ଓ ତାଙ୍କୁ କେଉଁ ଝିଅ କେତେ ଭଲ ପାଆନ୍ତି ଜାଣିବାକୁ ଚାହିଁଲେ। ଗନେରିଲ୍ କହିଲା, "ମୁଁ ଆପଣଙ୍କୁ ଏତେ ଭଲ ପାଏ ଯେ ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ। ମୁଁ ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଅପେକ୍ଷା ଆପଣଙ୍କୁ ବେଶି ଭଲ ପାଏ।" ରେଗାନ୍ କହିଲା, "ମୋ ଭଉଣୀ ଗନେରିଲ୍‌ର ପ୍ରେମଠାରୁ ମୋ ପ୍ରେମ କୌଣସି ଗୁଣରେ କମ୍ ନୁହେଁ। ମୁଁ ବି



ତୁମକୁ ଭଲ ପାଇ ଜୀବନର ଶ୍ରେଷ୍ଠ ଆନନ୍ଦ ଅନୁଭବ କରେ।" ମାତ୍ର କଡେଲିଆ କହିଲା, "ବାପା, ଆପଣ ମୋତେ ଜନ୍ମ ଦେଇଛନ୍ତି, ପାଳନ କରିଛନ୍ତି ଓ ଭଲ ପାଉଛନ୍ତି। ସେହି ଦୃଷ୍ଟିରୁ ଆପଣଙ୍କ ପ୍ରତି ମୁଁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରି ମୋର କର୍ତ୍ତବ୍ୟ ସମ୍ପାଦନ କରିବି। ଯେତେବେଳେ ମୁଁ ବିବାହ କରିବି ମୋ ସ୍ୱାମୀ ନ୍ୟାୟତଃ ମୋର ପ୍ରେମ ଓ କର୍ତ୍ତବ୍ୟର ଅର୍ଦ୍ଧେକ ଦାବି କରିବେ। ମୋ ଭଉଣୀମାନଙ୍କ ଭଳି ମୁଁ ମୋର ସବୁତକ ପ୍ରେମ କେବଳ ତୁମ ପାଇଁ ରଖିପାରିବି ନାହିଁ। ମୋ ପ୍ରେମ ଦୁଇଭାଗ ହେବା ସ୍ୱାଭାବିକ।" କଡେଲିଆ ମୁହଁରୁ ଏହା ଶୁଣି ରାଜା ଲିଅର କ୍ରୋଧଜର୍ଜରିତ ହୋଇ ସମଗ୍ର ରାଜ୍ୟକୁ ଗନେରିଲ୍ ଓ ରେଗାନ୍‌ଙ୍କ ମଧ୍ୟରେ ବାଣ୍ଟିଦେଇ କଡେଲିଆକୁ ନିର୍ବାସନ ଦଣ୍ଡ ଦେଲେ। ଜଣେ ନିର୍ଲୋଭ ଫରାସୀ ରାଜା ତାକୁ ବିବାହ କଲେ ଓ ନିଜ ରାଜ୍ୟକୁ ନେଇଗଲେ। ଗନେରିଲ୍ ଓ ରେଗାନ୍‌କୁ ରାଜ୍ୟ ଅର୍ପଣ କଲା ପରେ ଦୁଇଜଣ ଝିଅଙ୍କ ପାଖରେ ପାଳି କରି ମାସେ ଲେଖାଏ ରହିଲେ। କ୍ରମେ ଦୃଶ୍ୟପଟ ପରିବର୍ତ୍ତନ ହେଲା। ସ୍ୱାର୍ଥପର ଭଉଣୀ ଦ୍ୱୟ ରାଜ୍ୟ ପାଇସାରିବା ପରେ ବାପା ଲିଅରଙ୍କୁ ନିର୍ଯାତନା ଦେଲେ ଓ ଶେଷରେ ରାଜଉଆସରୁ ବିତାଡ଼ିତ ହେଲେ। ରାଜା କୃତଘ୍ନ ଝିଅମାନଙ୍କର ନିର୍ଯାତନାରେ ପାଗଳପ୍ରାୟ ହୋଇ ଘୂରି ବୁଲିଲେ। ଶେଷରେ କଡେଲିଆ ହିଁ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲା, ଯଦିଓ ଘଟଣାକ୍ରମେ ସେ ଜୀବନ ହାରିଲା ଓ ଶେଷରେ ଲିଅରଙ୍କ ମଧ୍ୟ ମୃତ୍ୟୁ ହେଲା।

ତାଙ୍କ ନାଟକରେ ସେକ୍ସପିଅର ସୂଚାଇ ଦେବାପାଇଁ ଚାହିଁଛନ୍ତି ଯେ ମୁହଁରେ ପ୍ରକାଶ ପାଉଥିବା ପ୍ରେମ ହୃଦୟର ଭାଷା ହୋଇ ନ ପାରେ। ଦ୍ୱିତୀୟତଃ ବାପାମାନଙ୍କୁ ମଧ୍ୟ ବାସ୍ତବତାକୁ ସ୍ୱୀକାର କରିବାକୁ ହେବ। ସ୍ନେହ ଆଧିପତ୍ୟର ରୂପ ନେବା ଠିକ୍ ନୁହେଁ। ପୁଅ ହେଉ ବା ଝିଅ ବିବାହ କଲା ପରେ ସେମାନଙ୍କ ଜୀବନରେ ଆଉ ଜଣେ ମଣିଷର ଆବିର୍ଭାବ ହେବ ଓ ପିତା ପ୍ରତି ଥିବା ସେମାନଙ୍କ ପ୍ରେମ ଦ୍ୱିଭାଗ ହେବା ଏକ ବାସ୍ତବତା। ଯେତେବେଳେ ଏହାକୁ ସ୍ୱୀକାର କରାଯାଏ ନାହିଁ, ସେତେବେଳେ ସୃଷ୍ଟି ହୁଏ ଦ୍ୱନ୍ଦ୍ୱ ଓ ଅଶାନ୍ତି। ପିତୃତ୍ୱ ଆଘାତ ପାଏ, ମାତ୍ର ତାକୁ ଗ୍ରହଣ କରିନେବା ହେଉଛି ବାସ୍ତବ ଦୃଷ୍ଟିଭଙ୍ଗୀ।

ଜଣେ ଆଦର୍ଶ ପିତା ହେବା ସହଜ କଥା ନୁହେଁ। ଏହା ମଧ୍ୟ ଏକ ସାଧନା। ମହାଭାରତରେ ବର୍ଣ୍ଣିତ ରାଜା ଶାନ୍ତନୁଙ୍କ ପାଇଁ ଭୀଷ୍ମ ଓ ରାଜା ଯଯାତିଙ୍କ ପାଇଁ ପୁରୁ ଆଦର୍ଶ ପୁତ୍ର ହୋଇପାରନ୍ତି, ମାତ୍ର ଶାନ୍ତନୁ ଓ ପୁରୁ ଜଣେ ଆଦର୍ଶ ପିତାର କର୍ତ୍ତବ୍ୟ କରିନାହାନ୍ତି। ଲାବଣ୍ୟବତୀ ସତ୍ୟବତୀଙ୍କୁ ପତ୍ନୀ ରୂପେ ପାଇବା ପାଇଁ ରାଜା ଶାନ୍ତନୁ ଖାଦ୍ୟପେୟ ତ୍ୟାଗ କରି ଦୁର୍ବଳ ହୁଅନ୍ତେ ସତ୍ୟବତୀଙ୍କ ସହ ପିତାଙ୍କ ବିବାହ କରିବା ପାଇଁ କୈବର୍ତ୍ତରାଜାଙ୍କ ଦୁଇଟି କଠୋର ସର୍ତ୍ତକୁ ଗ୍ରହଣ କରିନେଲେ ପୁତ୍ର ଦେବବ୍ରତ। ସର୍ତ୍ତାନୁସାରେ ସେ ପ୍ରତିଜ୍ଞା କଲେ ରାଜାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରିବେ ନାହିଁ, ଆରୋହଣ କରିବେ ସତ୍ୟବତୀଙ୍କ ପୁତ୍ର ଏବଂ ପରବର୍ତ୍ତୀ ଦ୍ୱନ୍ଦ୍ୱ ଓ ଆଶଙ୍କା ଦୂର କରିବା ପାଇଁ ସେ ଆଜୀବନ ଅବିବାହିତ ରହିବେ। ଏହିଭଳି ଭୀଷଣ ପ୍ରତିଜ୍ଞା କରି ସେ ଭୀଷ୍ମ ନାମରେ ପରିଚିତ ହେଲେ। ରାଜା ଶାନ୍ତନୁ ସତ୍ୟବତୀଙ୍କୁ ପାଇ ଜୀବନକୁ ଉପଭୋଗ କଲେ ସିନା, ପିତାଙ୍କୁ ସୁଖୀ କରିବା ପାଇଁ ଦେବବ୍ରତଙ୍କ ଜୀବନ ଅପରିପୂର୍ଣ୍ଣ ରହିଗଲା। ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କୁ ବିବାହ କରିବା ପରେ ମଧ୍ୟ ରାଜା ଯଯାତି ଶର୍ମିଷ୍ଠାଙ୍କୁ ଗୁପ୍ତରେ ବିବାହ କରିବାରୁ ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପରେ ଯଯାତି ବାର୍ଦ୍ଧକ୍ୟଗ୍ରସ୍ତ ହେଲେ। ଏକମାତ୍ର ଉପାୟ ଥିଲା କେହି ଯଦି ସ୍ୱଇଚ୍ଛାରେ ଯୌବନ ଦାନ କରି ବାର୍ଦ୍ଧକ୍ୟ ଗ୍ରହଣ କରେ ତା'ହେଲେ ରାଜା ପୁଣି ଯୌବନପ୍ରାପ୍ତ ହେବେ। ପିତା ଚାହୁଁଥିଲେ ପତ୍ନୀଙ୍କ ସହ ଏକ ଭୋଗମୟ ଜୀବନ। ତାଙ୍କୁ ଖୁସି କରିବା ପାଇଁ ପଞ୍ଚମ ପୁତ୍ର ପୁରୁ ସ୍ୱଇଚ୍ଛାରେ ଯୌବନ ଦାନ କରି ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କଲେ। ମାତ୍ର ପୁରୁ ବିନା କାରଣରେ ବାପାଙ୍କ ସୁଖ ପାଇଁ ବାର୍ଦ୍ଧକ୍ୟର ଯନ୍ତ୍ରଣା ଭୋଗିଲେ। ମହର୍ଷି ବ୍ୟାସଦେବ ଏହି ଦୁଇ ଚରିତ୍ର ମାଧ୍ୟମରେ ସୂଚାଇ ଦେଇଛନ୍ତି ଯେ ଏମାନେ ଆଦର୍ଶ ପିତା ନୁହନ୍ତି। ଶାନ୍ତନୁଙ୍କ ସମ୍ଭୋଗରୁ ଜନ୍ମ ନେଲେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ। ଏମାନେ ଅକାଳରେ ମୃତ୍ୟୁବରଣ କଲା ପରେ ବିଚିତ୍ରବୀର୍ଯ୍ୟଠାରୁ ଜନ୍ମ ନେଲେ ଧୃତରାଷ୍ଟ୍ର ଓ ପଣ୍ଡୁ। ସେଠାରୁ ଆରମ୍ଭ ହେଲା ମହାଭାରତ ଯୁଦ୍ଧ ଓ କୌରବ ବଂଶର ଧ୍ୱଂସ। ଏହି ଧ୍ୱଂସଲୀଳାର ବିଜ ଥିଲେ ଶାନ୍ତନୁ। ଯଯାତି ବହୁବର୍ଷ ଧରି ପତ୍ନୀମାନଙ୍କୁ ନେଇ ଯୌବନକୁ ଉପଭୋଗ କଲେ ସିନା, ଅକାରଣେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗିଲେ ପୁତ୍ର ପୁରୁ।

ପିତାପୁତ୍ରର ସମ୍ପର୍କ ଏକ ଆଦର୍ଶଗତ ସମ୍ପର୍କ। ପିତୃତ୍ୱ ଏକ ଆହ୍ୱାନ। ପିତାପୁତ୍ର ସମ୍ପର୍କ ଏକ ସାମାଜିକ ସମସ୍ୟା ନୁହେଁ। ଏଥିପାଇଁ ଯେଭଳି ପିତାର ପ୍ରଶସ୍ତ ହୃଦୟ ଦରକାର, ସେଭଳି ପୁତ୍ର କନ୍ୟାର କୃତଜ୍ଞତା ଓ ସମ୍ବେଦନଶୀଳତା ଦରକାର। ଏହିଭଳି ଦୃଷ୍ଟିଭଙ୍ଗୀ ପୋଷଣ କଲେ ପିତା-ପୁତ୍ର-କନ୍ୟା ସମ୍ପର୍କ ମଧୁର ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୭୦୦୮୩୬୯୯୨୦**

# ବଡ଼ଲୋକଙ୍କ ଚେରକଟା ନୀତି



ଦୀପ୍ତିମୟୀ ନାୟକ

ମଣିଷର ଚରିତ୍ର ପଦପଦବୀ ବା ସମ୍ପତ୍ତି ଦ୍ୱାରା ନିର୍ଦ୍ଧାରିତ ହୁଏନାହିଁ। ଅନେକ ସମୟରେ ଆମେ ଭାବୁ ଶୀର୍ଷରେ ପହଞ୍ଚିଥିବା ବ୍ୟକ୍ତି ମାନସିକ ସ୍ତରରେ ଖୁବ୍ ଶାନ୍ତ ଓ ଉଦାର କିନ୍ତୁ ବାସ୍ତବତା ହେଉଛି ଉଚ୍ଚତା ଯେତିକି ବଢ଼େ ପଡ଼ିଯିବାର ଭୟ ମଧ୍ୟ ସେତିକି ଥାଏ। ଏହି ମାନସିକତାରୁ ଜନ୍ମନିଏ ଚେରକଟା ନୀତି, ଯାହା ସାଧାରଣ ଲୋକଙ୍କ ଆଖିକୁ ଦେଖାଯାଏନାହିଁ କିନ୍ତୁ ଏହାର ପ୍ରଭାବ ଭୟଙ୍କର ହୋଇଥାଏ।

ସମାଜରେ ବଡ଼ଲୋକ ଶବ୍ଦଟି କେବଳ ଆର୍ଥିକ ସ୍ୱଚ୍ଛଳତାକୁ ବୁଝାଏ ନାହିଁ ବରଂ କ୍ଷମତା, ପଦପଦବୀ ଏବଂ ସାମାଜିକ ପ୍ରତିଷ୍ଠାକୁ ସୂଚାଇଥାଏ। ସାଧାରଣତଃ ଆମେ ଭାବୁ ଯାହା ପାଖରେ ସବୁକିଛି ଅଛି ତାଙ୍କର ପୁଣି କାହା ପ୍ରତି ଈର୍ଷା କାହିଁକି ରହିବ। କିନ୍ତୁ ବାସ୍ତବତା ହେଉଛି ଈର୍ଷା ଏକ ମାନବୀୟ ପ୍ରବୃତ୍ତି, ଯାହା ଗରିବଠାରୁ ଆରମ୍ଭ କରି ଅତି ଧନୀ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ରହିଛି। ତେବେ ବଡ଼ଲୋକଙ୍କ କ୍ଷେତ୍ରରେ ଏହି ଈର୍ଷା ଅଧିକ ଜଟିଳ, ରହସ୍ୟମୟ ଏବଂ ଅନେକ ସମୟରେ ବିପଜ୍ଜନକ ରୂପ ଧାରଣ କରିଥାଏ। ବଡ଼ଲୋକଙ୍କ ଈର୍ଷା ସାଧାରଣ ଲୋକଙ୍କ ଈର୍ଷାଠାରୁ ଭିନ୍ନ। ଜଣେ ସାଧାରଣ ଲୋକ ଅନ୍ୟର ଭଲ ଖାଦ୍ୟ ବା ପୋଷାକକୁ ଦେଖି ଈର୍ଷା କରିପାରେ କିନ୍ତୁ ଜଣେ ବଡ଼ଲୋକ ପ୍ରାୟତଃ ପ୍ରତିପତ୍ତି ଏବଂ ନିୟନ୍ତ୍ରଣକୁ ନେଇ ଈର୍ଷାନ୍ୱିତ ହୋଇଥାନ୍ତି। ତାଙ୍କ ଭିତରେ ଏହି ଭୟ ସବୁବେଳେ ଥାଏ। ଅନ୍ୟ କେହି ଜଣେ ତାଙ୍କଠାରୁ ଅଧିକ ପ୍ରଶଂସା ସାଉଁଟି ନେବେ ନାହିଁ ତ। ଏହି ଈର୍ଷା ମୁଖ୍ୟତଃ ତିନୋଟି କାରଣରୁ ଜନ୍ମ ନେଇଥାଏ। ଯେପରି କି ଅସୁରକ୍ଷା ଭାବ, ତୁଳନାତ୍ମକ ପ୍ରତିଯୋଗିତା ଏବଂ ଅହଂକାର। ତେବେ ଅସୁରକ୍ଷା ଭାବ ହେଉଛି ଶୀର୍ଷରେ ପହଞ୍ଚିବା ପରେ ସେଠାରେ ସ୍ଥିର ରହିବା ସବୁଠାରୁ କଷ୍ଟକର। ଯେତେବେଳେ ଜଣେ ନୂଆ ବ୍ୟକ୍ତି ନିଜର ଦକ୍ଷତା ବଳରେ ଉପରକୁ ଉଠେ ସେତେବେଳେ ପୂର୍ବରୁ ସ୍ଥାପିତ ବଡ଼ଲୋକ ନିଜକୁ ଅସୁରକ୍ଷିତ ମଣନ୍ତି। ସେହିପରି ତୁଳନାତ୍ମକ ପ୍ରତିଯୋଗିତା ହେଉଛି ବଡ଼ଲୋକମାନେ ନିଜ ସମକକ୍ଷ ବ୍ୟକ୍ତିଙ୍କ ସହ ସବୁବେଳେ ଏକ ଅଦୃଶ୍ୟ ଦୌଡ଼ରେ ଥାନ୍ତି। କାହାର ଗାଡ଼ି ବଡ଼, କାହାର ବଙ୍ଗଳା ସୁନ୍ଦର କିମ୍ବା କାହାର ପ୍ରଭାବ ରାଜନୀତିରେ ଅଧିକ, ଏହି ତୁଳନା ହିଁ ଈର୍ଷାର ମଞ୍ଜି ବୁଣିଥାଏ। ଆଉ ଅହଂକାର ହେଉଛି ମୁଁ ସବୁଠୁ ଶ୍ରେଷ୍ଠ-ଏହି ଭାବନା ଯେତେବେଳେ ଆହତ ହୁଏ, ସେତେବେଳେ ଈର୍ଷା ଏକ ପ୍ରତିଶୋଧର ରୂପ ନିଏ।

ତେବେ ସାଧାରଣ ଲୋକେ ଈର୍ଷା କଲେ ତାହା ପାଟିତୁଣ୍ଡ ବା ସାଧାରଣ କଳିଝଗଡ଼ା ଦେଖାଯାଏ, କିନ୍ତୁ ବଡ଼ଲୋକଙ୍କ ଈର୍ଷା ଅତ୍ୟନ୍ତ ସୂକ୍ଷ୍ମ ଏବଂ ଯୋଜନାବଦ୍ଧ। ବଡ଼ଲୋକମାନେ ସିଧାସଳଖ ଶତ୍ରୁତା କରିବା ପରିବର୍ତ୍ତେ ପଛରେ ରହି ଷଡ଼ଯନ୍ତ୍ର କରିବାକୁ ପସନ୍ଦ କରନ୍ତି। ଜଣେ ନୂଆ କରି ଉଠୁଥିବା ପ୍ରତିଭାକୁ କିପରି ଅଣନିଃଶ୍ୱାସୀ କରାଯିବ ସେଥିପାଇଁ ସେମାନେ ନିଜର କ୍ଷମତା ପ୍ରୟୋଗ କରନ୍ତି। ଅନେକ ସମୟରେ



ଈର୍ଷାନ୍ୱିତ ବଡ଼ଲୋକମାନେ ଗୋଷ୍ଠୀଗତ ଭାବେ ଜଣେ ବ୍ୟକ୍ତିଙ୍କୁ ଏକୁଟିଆ କରିଦିଅନ୍ତି। ତାଙ୍କ ବିଷୟରେ ଗୁଜବ ପ୍ରଚାର କରିବା କିମ୍ବା ତାଙ୍କର ସଫଳତାକୁ ଛୋଟ କରି ଦେଖାଇବା ଏକ ସାଧାରଣ କଥା। ଏହା ସବୁଠାରୁ ବିପଜ୍ଜନକ। ଉପରକୁ ବହୁତ ଭଲ ପାଇବା ଦେଖାଇ ଭିତରେ ଭିତରେ ଜଣକର ଚେର କାଟିବା ବଡ଼ଲୋକଙ୍କ ଈର୍ଷାର ଏକ ଚିରାଚରିତ ଢଙ୍ଗ। ତେବେ ବଡ଼ଲୋକଙ୍କ ଏହି ମାନସିକତା ଯୋଗୁ ସମାଜର କ୍ଷତି ହୁଏ। ଯେତେବେଳେ ଜଣେ କ୍ଷମତାଶାଳୀ ବ୍ୟକ୍ତି ନିଜ ତଳେ ଥିବା ଜଣେ ପ୍ରତିଭାବାନ ବ୍ୟକ୍ତି ପ୍ରତି ଈର୍ଷା ରଖନ୍ତି ସେତେବେଳେ ସେହି ପ୍ରତିଭା ସମାଜ ସାମ୍ନାକୁ ଆସିପାରେ ନାହିଁ। ଅନେକ ଯୁବତୀଯୁବକ ନିଜର ନୂଆ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଚାହାନ୍ତି କିନ୍ତୁ ବଡ଼ ମୁଣ୍ଡିଆଙ୍କ ଈର୍ଷା ଯୋଗୁଁ ସେମାନଙ୍କୁ ସୁଯୋଗ ମିଳେନାହିଁ। ଯେଉଁଠି ସଫଳତା ପାଇଁ ଯୋଗ୍ୟତା ଅପେକ୍ଷା କାହାର ଚାମଚାଗିରି କରିବାକୁ ପଡ଼େ ସେଠାରେ ସୁସ୍ଥ ପରିବେଶ ନଷ୍ଟ ହୋଇଯାଏ।

ପ୍ରକୃତରେ ଦେଖିବାକୁ ଗଲେ ଈର୍ଷା କରୁଥିବା ବ୍ୟକ୍ତି ନିଜେ ଜଣେ ମାନସିକ ରୋଗୀ ସଦୃଶ। ସେ ବାହାରକୁ ଯେତେ ଭଲ ଦେଖାଗଲେ ମଧ୍ୟ ଭିତରେ ଭିତରେ ସେ ସବୁବେଳେ ଅଶାନ୍ତ ଥାଏ। ଅନ୍ୟର ହସ ତାଙ୍କୁ କଷ୍ଟ ଦିଏ ଏବଂ ଅନ୍ୟର ଉନ୍ନତି ତାଙ୍କୁ ନିଦ୍ରାହୀନ କରିଦିଏ। ଏହିଭଳି ବ୍ୟକ୍ତିଙ୍କ ପ୍ରତି ଘୃଣା ଭାବ ରଖିବା ଅପେକ୍ଷା ଦୟା ଭାବ ରଖିବା ଉଚିତ କାରଣ ସେମାନେ ନିଜର ସୁଖକୁ ଉପଭୋଗ କରିବା ପରିବର୍ତ୍ତେ ଅନ୍ୟର ଦୁଃଖ ଖୋଜିବାରେ ନିଜ ଜୀବନ ବ୍ୟଥିତ କରନ୍ତି। ଯଦି ଆପଣଙ୍କ ଉନ୍ନତିରେ କେହି ବଡ଼ଲୋକ ଈର୍ଷା କରୁଛନ୍ତି ତେବେ ଜାଣି ରଖନ୍ତୁ ଯେ ଆପଣ ଠିକ ପଥରେ ଅଛନ୍ତି। ଏହିଭଳି ପରିସ୍ଥିତିରେ ଷଡ଼ଯନ୍ତ୍ରର ଜବାବ ଯୁକ୍ତିତର୍କରେ ନୁହେଁ ବରଂ ନିଜର ସଫଳତା ଦ୍ୱାରା ଦିଅନ୍ତୁ। ଆପଣଙ୍କ ହସ ଏବଂ ଅଧିକ ସଫଳତା ହିଁ ସେମାନଙ୍କ ପାଇଁ ସବୁଠାରୁ ଶକ୍ତ ଚାପୁଡ଼ା। ନିଜକୁ ଏମିତି ତିଆରି କରନ୍ତୁ ଯେମିତି ଦୁନିଆ ଆପଣଙ୍କୁ ହରାଇବା ପାଇଁ ଚେଷ୍ଟା ନୁହେଁ ବରଂ ଷଡ଼ଯନ୍ତ୍ର କରିବାକୁ ବାଧ୍ୟ ହେବ। ଏହା ହିଁ ଆପଣଙ୍କ ବ୍ୟକ୍ତିତ୍ୱର ବିଜୟ ହେବ। ଈର୍ଷାନ୍ୱିତ ବ୍ୟକ୍ତି ସବୁବେଳେ ଚାହାନ୍ତି ଆପଣ ରାଗନ୍ତୁ କିମ୍ବା ଭୁଲ୍ କରନ୍ତୁ। ଶାନ୍ତ ରହିବା ହିଁ ସେମାନଙ୍କର ସବୁ ଯୋଜନାକୁ ପଣ୍ଡ କରିଦେବ।

ତେବେ ବଡ଼ଲୋକ ହେବା ଏକ ସାମାଜିକ ସ୍ଥିତି ହୋଇପାରେ କିନ୍ତୁ ମହାନ ହେବା ଏକ ମାନସିକ ସ୍ଥିତି। ଜଣେ ପ୍ରକୃତ ବଡ଼ଲୋକ ସେ ହୋଇଥାଏ ଯିଏ ଅନ୍ୟକୁ ବଡ଼ ହେବାରେ ସାହାଯ୍ୟ କରେ। ଈର୍ଷା କେବଳ ବ୍ୟକ୍ତିକୁ ନୁହେଁ ବରଂ ସମ୍ପର୍କ ଏବଂ ସମାଜକୁ ମଧ୍ୟ ପୋଡ଼ି ପାଉଁଶ କରିଦିଏ। ତେଣୁ ଈର୍ଷାର ଅନ୍ଧକାରରେ ନ ରହି ପ୍ରଶଂସାର ଆଲୋକରେ ବଞ୍ଚିବା ହିଁ ଜୀବନର ସାର୍ଥକତା ହୋଇଥାଏ। ସଫଳତା ଯେତେବେଳେ ଆସେ ସେତେବେଳେ ଶତ୍ରୁ ଆପେ ଆପେ ସୃଷ୍ଟି ହୁଅନ୍ତି, କିନ୍ତୁ ମନେରଖନ୍ତୁ ପଥର ସେହି ଗଛ ଉପରକୁ ମରାଯାଏ, ଯେଉଁଥିରେ ମିଠା ଫଳ ଫଳିଥାଏ। ତେଣୁ ବଡ଼ଲୋକଙ୍କ ଈର୍ଷାକୁ ନିଜର ପ୍ରଗତିର ଏକ ପରିମାପକ ଭାବେ ଗ୍ରହଣ କରି ଆଗକୁ ବଢ଼ିବା ଉଚିତ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋ: ୯୦୯୦୬୬୧୫୮୬**

## ଏଇ ଭାରତରେ

ନୂତନତ୍ୱ ପାଇଁ ଦକ୍ଷତା କୌଶଳ ପଥ ନିକଡ଼ାଇନେଇଥାଏ, ଯେମିତି ଘଟିଛି ଗୁଜରାଟର ସାଧୁଲଭାଇ ଚାଓ୍ୱଡାଙ୍କ ଜୀବନରେ। ଚାଓ୍ୱଡା ଗୁଜରାଟର ଏକ ଛୋଟ ଗାଁରେ ରହି ସ୍କ୍ରାପ୍ ବା ବିଭିନ୍ନ ଅଦରକାରୀ ଜିନିଷ ସଂଗ୍ରହ କରି ସେଥିରେ ସୋଲାର କାର୍ ନିର୍ମାଣ କରିଛନ୍ତି। ସେ ସୋଲାର ପ୍ୟାନେଲ, ପୁରୁଣା ବିଦ୍ୟୁତ୍ ଚାଳିତ ବାଇକ୍ ପାର୍ଟସ୍, ଟାୟାରକୁ ଏଥିରେ ବ୍ୟବହାର କରିଛନ୍ତି। ସ୍କ୍ରାପ୍ ସଂଗ୍ରହ କରିବାରେ ସେ ମୋଟ ୨୫,୦୦୦- ୩୦,୦୦୦ ଟଙ୍କା ବ୍ୟୟ କରିଛନ୍ତି। ଥରେ ଚାର୍ଜ ହେଲେ ଏହି କାର୍ ୬୦ କିଲୋମିଟର ଯାଇପାରୁଛି। ଏହି କାର୍‌ରେ ୩ ଜଣ ବସି ଯାଇପାରୁଛନ୍ତି। ଏଥିରେ ୧୦୦ ୱାଟ ବିଶିଷ୍ଟ ଦୁଇଟି ସୋଲାର ପ୍ୟାନେଲ ଲାଗିଛି, ଯାହା ଦିନସାରା ବ୍ୟାଟେରିକୁ ଚାର୍ଜ କରିପାରୁଛି, ଏପରି କି ଚାଲିବା ସମୟରେ ମଧ୍ୟ। ଚାଓ୍ୱଡାଙ୍କ ଦ୍ୱାରା ନିର୍ମିତ ଏହି ସୋଲାର କାର୍ ଘଣ୍ଟାକୁ ୩୦ରୁ ୪୦ କି.ମି. ବେଗରେ ଯାଉଛି। ଚାଓ୍ୱଡା କହନ୍ତି, ପ୍ରତି ଚାରି ବର୍ଷରେ ଥରେ କାର୍‌ର ବ୍ୟାଟେରି ପରିବର୍ତ୍ତନ କରିବାକୁ ପଡ଼ିବ।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୭୬

- ଗୋଆର ଲେଫଟନାଣ୍ଟ ଗଭର୍ନର ଏସ୍.କେ. ବାନାର୍ଜୀ ଗୋଆ ବିଧାନସଭାକୁ ଭାଙ୍ଗିଦେଇଛନ୍ତି।
- ଦେଶର ଶିଳ୍ପ ସାମର୍ଥ୍ୟର ଅଧିକ ଉପଯୋଗୀ ପାଇଁ ଓ ରପ୍ତାନୀ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ନୂତନ ଆମଦାନୀ ନୀତି ଘୋଷଣା।

## ଚିରନ୍ତନୀ

ପୁରାତନ ପୋଖରୀ ହୁଡ଼ାରେ
ବଉଳିଛି ସୁବାସିତ ଚୂତ
ତଳେ ତାର ପଞ୍ଚମୀ ଚାଁଦ
ଚାହିଁ ଦେଇ ଚମକିଲି ମୁଁ ତ
ବଉଳିଛି ସୁବାସି ଚୂତ।
-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ତ୍ରୀଙ୍କ ଘୋଷଣା ପାଣିର ଗାର

ମହାଶୟ,

ଓଡ଼ିଶାରେ ଭାଜପା ନେତୃତ୍ୱରେ ଗଠିତ ଡବଲ ଇଞ୍ଜିନ ସରକାର ଶାସନ ଭାର ଗ୍ରହଣ କରିବାର ୨୦ ମାସ ମଧ୍ୟରେ ଶତାଧିକ ଆକର୍ଷଣୀୟ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଗଲାଣି। ବିଶେଷକରି ଦାୟିତ୍ୱ ନେବାର ବର୍ଷକ ମଧ୍ୟରେ ସରକାର ଘୋଷଣା କରିଥିବା କେତୋଟି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ। ସରକାର ଘୋଷଣା କରିଥିଲେ ପ୍ରଥମ ପର୍ଯ୍ୟାୟରେ ୧୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋଲାର ପ୍ୟାନେଲ ପ୍ରତିଷ୍ଠା ହେବ। ବାର୍ଦ୍ଧକ୍ୟ ଭତ୍ତା ୩୦୦୦ ଟଙ୍କା ହେବ। ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ଖୋଲାଯିବ। ସବୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଏଲିସିସ୍, ସିଟିସ୍କାନ୍ ଓ ଏମ୍‌ଆରଆଇ ସୁବିଧା ଉପଲବ୍ଧ ହେବ। ପ୍ରଥମ ପର୍ଯ୍ୟାୟରେ ୫୮ଟି ଉପଖଣ୍ଡରେ ଶୀତଳଭଣ୍ଡାର ଖୋଲାଯିବ। ୧୯୧ଟି ବେଆଇନ ଆପାର୍ଟମେଣ୍ଟକୁ ଭାଙ୍ଗି ଦିଆଯିବ। ପ୍ରତି ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଖୋଲା ହେବ। ଅତି ଶୀଘ୍ର ୧୯୫ ବିଚାରପତି ପଦବୀ ଓ ୫୦୦୦ ଡାକ୍ତର ପଦବୀ ପୂରଣ ହେବ। ରତ୍ନଭଣ୍ଡାର କବାଟ ସୁନା ଛାଣି ହେବ। ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବ। ଡିସେମ୍ବର ୨୦୨୪ ସୁଦ୍ଧା ନୂତନ ରାଜସ୍ୱ ଗ୍ରାମ ଘୋଷଣା ହେବ। ପ୍ରତି ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ପ୍ରତିଷ୍ଠା ହେବ। ଜାନୁୟାରୀ ୨୦୨୫ରୁ ଚାଉଳ ସହ ଗହମ ମିଳିବ। ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲିବ। ୧୦ ହଜାର ପୋଲିସ ପଦବୀ ଓ ୫ହଜାର ଗୃହରକ୍ଷୀ ନିଯୁକ୍ତ ହେବେ। ବର୍ଷ ପୂରଣ ପରେ ଆହୁରି ଆଠମାସ ସରିଲାଣି। କୌଣସି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ସୁତରାଂ ମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ଭାବେ ପରିଣତ ହୋଇଛି।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ରେକର୍ଡ ଯାଞ୍ଚ କଲେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା

## ଏସ୍‌ସିବିରୁ ୧୪ ଶିଶୁ ନିଖୋଜ ଘଟଣା

କଟକ,୨୮।୪(ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଅସହାୟ ମହିଳାଙ୍କ ୧୪ ଶିଶୁ ବିକ୍ରି ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) କମିଶନଙ୍କ ସମେତ ୩ ଜଣିଆ ଟିମ୍ ମେଡିକାଲରେ ପହଞ୍ଚି ତଦନ୍ତ କରିଛନ୍ତି। ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ପ୍ରତିନିଧି ଦଳ ରେକର୍ଡ ଯାଞ୍ଚ କରିଥିଲା। ତେବେ ୧୪ଜଣ ଶିଶୁଙ୍କ ମଧ୍ୟରୁ ୩ ଜଣଙ୍କୁ ତାଙ୍କ ମା'ବାପା ନେଇଥିବାବେଳେ ୨ ଶିଶୁଙ୍କୁ ଏନ୍‌ଜିଓକୁ ଦିଆଯାଇଛି। ଆଉ ୯ଜଣ ଶିଶୁଙ୍କ ତଥ୍ୟ ନେଇ ରିପୋର୍ଟ ମଗାଯାଇଛି। ଏନେଇ ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି, ଯାଞ୍ଚ ବେଳେ କେତେଜଣ ଅସହାୟ ମହିଳାଙ୍କ ଶିଶୁଙ୍କୁ ସେମାନଙ୍କ ପରିବାର ଲୋକେ ନେଇଥିବା ବେଳେ ଆଉ କିଛି ଘଟଣାରେ ମହିଳାଙ୍କୁ ହସ୍ପିଟାଲ ନେଇ ଆସିଥିବା ସଂସ୍ଥା ବା ଏନ୍‌ଜିଓ ଶିଶୁ ଓ ମା' ଗ୍ରହଣ କରିଥିବା ରେକର୍ଡରୁ ଜଣାପଡିଛି। ଯେଉଁ ସଂସ୍ଥା ଶିଶୁଙ୍କୁ ଗ୍ରହଣ କରିଥିଲା, ସେ ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରିଛନ୍ତି କି ନାହିଁ ଏବଂ ଏବେ ଶିଶୁର ସ୍ଥିତି କ'ଣ ରହିଛି ସେ ସଂକ୍ରାନ୍ତରେ ଜାଣିବା ଲାଗି ଓଏସ୍‌ସିପିସିଆର୍ ପକ୍ଷରୁ ସଂସ୍ଥାଗୁଡ଼ିକୁ ନୋଟିସ୍ କରାଯିବ। ଅସହାୟ ମହିଳା ମେଡିକାଲ ଆସିବା ପରେ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ ଅବଗତ କରିଥାନ୍ତି ଏବଂ ଯେଉଁ ସଂସ୍ଥା ଶିଶୁ ଓ ତାର ମା'ଙ୍କୁ ନେଇଛନ୍ତି, ସେମାନେ ଆବେଦନ କରି ନେଇଥିବା ତଥ୍ୟ ରହିଛି। ଏହାସହ ୨୦୧୫ରୁ ଅସହାୟ ମହିଳାଙ୍କ ପ୍ରସବ ତଥ୍ୟ ମଗାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାଞ୍ଚ କରାଯିବ। ଯଦି କୌଣସି ସଂସ୍ଥା ବା ଏନ୍‌ଜିଓ ପକ୍ଷରୁ ବେଆଇନ କାର୍ଯ୍ୟ କରାଯାଇଥିବା ଘଟଣା ସାମ୍ନାକୁ ଆସେ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାତ୍ର କହିଛନ୍ତି। ତେବେ ଛୁଆ ଜନ୍ମ ହେବା ପରେ ସିଡବ୍ଲ୍ୟୁସିରେ ହାଜର କରାଇବା ପରେ ମା' ଓ ଶିଶୁକୁ ସଂସ୍ଥା ନିଜ ପାଖରେ ରଖି ପାରିବାର ନିୟମ ରହିଛି। ମାତ୍ର ସିଡବ୍ଲ୍ୟୁସିରେ ମହିଳା ଓ ତାଙ୍କ ଶିଶୁଙ୍କୁ ହାଜର କରାଯାଉଛି ନା ନାହିଁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଞ୍ଚ ସମୟରେ ପ୍ରତିନିଧି ଦଳରେ ସଦସ୍ୟ କସ୍ତୁରୀ ମିଶ୍ର ଓ ମନସ୍ମିତା ଖୁଣ୍ଟିଆ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ୨୦୧୮ରୁ ୨୦୨୫ ସୁଦ୍ଧା ୧୬ଜଣ ଅସହାୟ ତଥା ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପ୍ରସବ କରାଯାଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୪ଜଣ ଶିଶୁଙ୍କ କୌଣସି ତଥ୍ୟ ନ ଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଥିଲା। ସାମାଜିକ କର୍ମୀ ଦୀପକ କୁମାର ଆଚାର୍ଯ୍ୟ ଓ ଅଚ୍ୟୁତ କୁମାର ସାହୁ ଏହି ଘଟଣାର ତଦନ୍ତ ପାଇଁ ସ୍ୱାସ୍ଥ୍ୟ ସଚିବ, ଆର୍‌ଡିସି, କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି।



ତଦନ୍ତ ପାଇଁ ମେଡିକାଲରେ ପହଞ୍ଚିଥିବା ଓଏସ୍‌ସିପିସିଆର୍ କମିଶନଙ୍କ ସମେତ ୩ ଜଣିଆ ଟିମ୍


ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବିଶ୍ୱ



@ ମାନସ



@ ସନ୍ତୋଷ



@ ସରିତା



@ ସୁଶୀଲ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଜଙ୍ଗଲ ଜମି ଜବରଦଖଲ ନେଇ ପୂର୍ବତନ ଏଜିଙ୍କ ନାମରେ ପିଟିଶନ

କଟକ,୨୮।୪ (କାର୍ତ୍ତିକ ସାହୁ)

ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ (ଏଜି) ଅଶୋକ ପରିଜାଙ୍କ ନାମରେ ଜଙ୍ଗଲ ଜମି ଜବରଦଖଲ ନେଇ ହାଇକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଯାଜପୁର ଜିଲା ସୁକିନ୍ଦା ତହସିଲ ଅନ୍ତର୍ଗତ ସାରଂସ ମୌଜାରେ ଖାତା ନଂ. ୨୨ ଓ ପ୍ଲଟ୍ ନଂ. ୦୧ରେ ଥିବା ୧୮.୦୪୯ ହେକ୍ଟର ପରିମିତ ଝାଟି ଜଙ୍ଗଲ କିସମ ଜମିକୁ ପରିଜା ଜବରଦଖଲ କରିଥିବା ଆବେଦନକାରୀ ଶିବଶଙ୍କର ମହାନ୍ତି ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ସେଠାରେ ହୋଇଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ସହ ଉକ୍ତ ଜମିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏଥିରେ ଯାଜପୁର ଜିଲାପାଳ, ମୁଖ୍ୟ ଶାସନ ସଚିବ, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଡେପୁଟି ସେକ୍ରେଟାରିଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ପୃଥକ୍ ଦୁର୍ଘଟଣାରେ ଗଲା ୨ ଜୀବନ

ଟାଙ୍ଗୀ,୨୮।୪ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ପୃଥକ୍ ସ୍ଥାନରେ ମଙ୍ଗଳବାର ଦୁର୍ଘଟଣା ଘଟି ଦୁଇ ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ ଚିଲିକା ବ୍ଲକ ବଉଳାବନ୍ଧ ଗ୍ରାମର କୈଳାସ ସାହୁ(୬୨) ଏବଂ ମଙ୍ଗଳାଯୋଡ଼ି ଗ୍ରାମର କୁଙ୍ଗୁ ମାଝୀ(୫୦)। ସୂଚନା ମୁତାବକ, ବାଇକ୍‌ରେ କୈଳାସ ବଉଳାବନ୍ଧ ଗ୍ରାମରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜୟମଙ୍ଗଳପୁର ଛକଠାରେ ପଛପଟୁ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଟାଙ୍ଗୀ ଥାନା ପୋଲିସ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଟାଙ୍ଗୀ–ମଙ୍ଗଳାଯୋଡ଼ି ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ କୁଙ୍ଗୁ ମାଝୀଙ୍କ ମୃତ୍ୟୁ ଘଟିଥିବା ବେଳେ ବାଦଲ ବେହେରା(୨୫) ଗୁରୁତର ଆହତ ହୋଇଥିଲେ। ଗୁରୁତର ବାଦଲଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଟାଙ୍ଗୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍ଗଳାଯୋଡ଼ି ରାସ୍ତାରେ ବହୁ ବୁଲାଣି ରହିଛି। ଚାଳକମାନେ ଦ୍ରୁତଗତିରେ ଗାଡ଼ି ଚଳାଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେଣୁ ବୁଲାଣି ରାସ୍ତାରେ ହମ୍ପ ନିର୍ମାଣ କରିବାକୁ ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

## 'ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ମନା'

■ନିର୍ଦ୍ଦେଶ ଉଲ୍ଲଂଘନକଲେ କଠୋର କାର୍ଯ୍ୟାନୁଷ୍ଠାନ

■ମେ' ୮ ଯାଏ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ

କଟକ,୨୮।୪(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଆଗାମୀ ଦିନରେ ମଧ୍ୟ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ ବେଳେ ଜଣାପଡ଼ିଛି, ଟିଟିଲାଗଡ଼ରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି–୦୩କ୍ୟୁ–୪୨୮୪)ର ଫିଟ୍‌ନେସ ନାହିଁ। ବୀମାର ବୈଧତା ବି ନାହିଁ। ନିୟମ ଉଲ୍ଲଂଘନ ପାଇଁ ବାରମ୍ବାର ଚାଲାଣ ବି କଟିଛି। ପୁଣି ମାଲଗାଡ଼ିରେ ଯାତ୍ରୀ ପରିବହନ କରି ଦୁର୍ଘଟଣା ଘଟାଇବା ଭଳି ଘଟଣାରେ ମୋଟରଯାନ ଆଇନ ଅନୁଯାୟୀ ଉକ୍ତ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯିବା ସହ ଗାଡ଼ିକୁ ସ୍କ୍ରାପ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି ଆଗାମୀ ଦିନରେ ମାଲ ଗାଡ଼ିରେ ଯାତ୍ରୀ ପରିବହନ କରି ସାଧାରଣ ଲୋକଙ୍କ ଜୀବନକୁ ବିପଦ ମୁହଁକୁ ଠେଲି ଦେଉଥିବା ଏଭଳି ଗାଡ଼ିଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟବ୍ୟାପୀ ସମସ୍ତ ଆର୍‌ଟିଓ ସ୍ତରରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଭିଯାନ ଗ୍ରହଣ କରାଯିବ। ମେ' ୮ ଯାଏ ଏହି ବିଶେଷ ଅଭିଯାନ ଜାରି ରହିବ। ଅତିରିକ୍ତ ପରିବହନ ଆୟୁକ୍ତ (ସଡ଼କ ସୁରକ୍ଷା) ଦୀପ୍ତିରଞ୍ଜନ ପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସଡ଼କକୁ ଗାଡ଼ି ଆସିଲେ ମୋଟର ଯାନ ନିୟମ ପାଳନ କରିବା ବାଧ୍ୟତାମୂଳକ। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ବେଆଇନ। ତେଣୁ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବାକୁ ଏଭଳି ନିୟମ ଉଲ୍ଲଂଘନରୁ ବିରତ ରହିବାକୁ ସେ ଅନୁରୋଧ କରିଛନ୍ତି।


ଓଡ଼ିଶା ସରକାର

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

ସଂଖ୍ୟା: ୪୫୪୪(୧) ତା: ୨୮।୦୪।୨୦୨୬

NSAP ହିତାଧିକାରୀଙ୍କ ଅବଗତି ନିମନ୍ତେ ସୂଚନା

No. 46001/3/2627: ଏତଦ୍ୱାରା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଯୋଜନା ଅଧୀନରେ ମାସିକ ଭତ୍ତା ପାଉଥିବା ହିତାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଅପ୍ରେଲ ମାସରୁ DBT ପ୍ରକ୍ରିୟାରେ ସଂଶୋଧନ କରିଛନ୍ତି। ଏଣୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଅପ୍ରେଲ ମାସରେ ମାସିକ ଭତ୍ତା ପ୍ରଦାନ କରାଯିବ ନାହିଁ। ଅପ୍ରେଲ ମାସର ଭତ୍ତା ରାଶିକୁ ବକେୟା ଆକାରରେ ମଇ ମାସରେ ସେମାନଙ୍କ ମାସିକ ଭତ୍ତା ରାଶି ସହ ଏକକାଳୀନ ପ୍ରଦାନ କରାଯିବ। ମାତ୍ର ମଧୁବାବୁ ପେନସନ ଯୋଜନା (MBPY) ଅଧୀନରେ ଯେପରି ମାସିକ ଭତ୍ତା ପ୍ରଦାନ କରାଯାଉଅଛି, ସେହିପରି ଉଭୟ ଅପ୍ରେଲ ମାସର ଭତ୍ତା ଅପ୍ରେଲ ମାସରେ ଓ ମଇ ମାସର ଭତ୍ତା ମଇ ମାସରେ ହିଁ ପ୍ରଦାନ କରାଯିବ।

OIPR-46001/46001/1/26-27/0001 Sd./- ନିର୍ଦ୍ଦେଶିକା



ODISHA ECOTOURISM SOCIETY

O/o. PRINCIPAL CHIEF CONSERVATOR OF FOREST WILDLIFE & CHIEF WILDLIFE WARDEN, ODISHA

Prakruti Bhawan, Saheed Nagar, Bhubaneswar

RFP for Selection of Specialized Experienced Consultancy Firms/Companies for providing DPR & PMC Consultancy Services for Development of ECO Tourism sites across Odisha

No. OETS/01/2026-27 Dt.28.04.2026

No. 8001/43/2627: Odisha Ecotourism Society invites sealed bids from Specialized Experienced Consultancy Firms/ Companies for providing DPR & PMC consultancy services for Development of Eco Tourism sites across Odisha.

Bid Start Date: 28.04.2026

Bid End Date: 21.05.2026 upto 4.30 P.M.

For more details visit

www.wildlife.odisha.gov.in

Bid must be submitted either physically or by Speed Post/ Registry Post only in the below address:

O/o. PCCF (WL) & CWLW, Odisha
Plot No. 1459, Prakruti Bhawan,
Saheed Nagar, Bhubaneswar, Odisha - 751007

Sd./- Dy. Conservator of Forests (ET)
OIPR-8001/8141/1/26-27/0001



GOVERNMENT OF ODISHA
DEPARTMENT OF PANCHAYATIRAJ & DRINKING WATER
OFFICE OF THE BLOCK DEVELOPMENT OFFICER
PANCHAYAT SAMITI NAKTIDEUL, SAMBALPUR-768118
e-Procurement Notice No. (PSNKD) 01/2026-27
email address: ori-naktideul@nic.in
PERCENTAGE RATE TENDER
NO.1408, DT.24.04.2026

No.19001/36/2627: The Block Development Officer, Panchayat Samiti, Naktideul, Dist-Sambalpur, Pin-768118, Odisha on behalf of Governor of Odisha invites "PERCENTAGE RATE BIDS" IN SINGLE COVER SYSTEM, in electronic tendering system for the construction work detailed in the table below, which are eventually to be draw on P1 agreement.

| | |
|---|---|
| Package No. | Notice ID No.(PSNKD) 01/2026-27 |
| Nature of Work | 2 (Two) Nos. Building Works<br>1(One) Nos. Boundary Work<br>1 (One) Nos. Drain work |
| Approximate value of work | 1 No. Works- Rs.14.747 Lakh (Excluding GST)<br>1 No. Works- Rs.12.5671 Lakh (Excluding GST)<br>1 No. Works- Rs.10.015 Lakh (Excluding GST)<br>1 No. Works- Rs.15.068 Lakh (Excluding GST) |
| Period of Completion | 06 (Six) Calendar Months |
| Classification of Bidder | 'D' & 'C' Class Contractor only |
| Bid documents available Date and Time | 30.04.2026 to 14.05.2026 upto 5.30 PM |
| Bid Clarification start date & Closing date | 30.04.2026 to 14.05.2026 upto 5.30 PM |
| Date, Time and Venue of opening of bid online | 15.05.2026 at 09.00 AM at office of the Block Development Officer, Panchayat Samiti, Naktideul, Sambalpur |
| If stipulation arises the Tender will be decided through Lottery System | 19.05.2026 After evaluation at office of the Block Development Officer, Panchayat Samiti, Naktideul, Sambalpur |

Further details can be seen any addendum/corrigendum/cancellation to the above notice will be published in the Govt. website www.tendersodisha.gov.in. only.

Sd./- Block Development Officer
Naktideul

OIPR-19001/19159/1/26-27/0001



OFFICE OF THE
PANCHAYAT SAMITI, JASHIPUR, MAYURBHANJ
At/P.O./P.s.: Jashipur, District: Mayurbhanj, Odisha - 757091
Tel/Fax: 06797-232435, E-Mail: ori-jashipur@nic.in

DTCN No. 01 Dated: 27.04.2026

No. 19001/34/2627

1. The Block Development Officer, Jashipur invites sealed tender in offline/online mode on percentage rate basis for 05 (Five) Nos. of Construction works as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/ M.I./C.P.W.D.
2. No. of work: 05 (Five) Nos.

| Name of the Work | Value of Work |
|---|---|
| A. Construction of 02 Nos. Additional Classroom at Chakidi High School | Rs.29,57,853/- |
| B. Construction of ACR at Chakidi ME School | Rs.14,69,712/- |
| C. Construction of ACR at Badmaranda Primary School | Rs.14,69,712/- |
| D. Construction of ACR at Asura Primary School | Rs.14,69,712/- |
| E. Construction of CC Road from RD Road to Sunaram House at Chakidi | Rs.6,68,075/- |

3. Cost of Tender Paper : Rs.6,000/- (Rupees Six thousand) only for work Sl. No. A to D, Rs.4,000/- (Rupees four thousand) only for work Sl. No. E
4. Class of Contractors : "B, C & D" Contractors
5. Date & time of available the tender documetn (DTCN & BOQ) : In district NIC website (www.mayurbhanj.odisha.gov.in) from Dt.29.04.2026 to Dt.12.05.2026 till 1.00 P.M. (on working days only)
6. Last date of receipt of Bids : Dt.12.05.2026 till 1.00 P.M.
7. Mode of receipt : Through Speed Post/Regd. Post only
8. Date of Tender Opening : Dt.13.05.2026 at 11.00 A.M.

# For more details, visit our District Administration website (www.mayurbhanj.odisha.gov.in).

# All amendments, time extension, clarification etc.w ill be uploaded in the website only. Bidders should regularly visit the above website to keep themselves updated.

Sd./- Block Development Officer, Jashipur
OIPR-19001/19279/1/26-27/0001



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

STAFF REQUIRED
For newly launched store in District Center, Chandrasekharpur
Position: Sales (Male)
Mob:9937360530

ଜରୁରୀ ନିଯୁକ୍ତି / ଚାକିରି ସୁଯୋଗ
କମ୍ପାନୀରେ ସିଧାସଳଖ ନିଯୁକ୍ତି ପାଇଁ ନିର୍ମାଣ ଶ୍ରମିକ ଆବଶ୍ୟକ।
✲ ଶଟରିଂ ଏବଂ ଷ୍ଟିଲ୍ (ରଡ୍ ବାଇଣ୍ଡିଂ) କାମ ଜାଣିଥିବା
✲ ସ୍ଥାୟୀ କାମ (Permanent Job)
✲ କମ୍ପାନୀରେ ଡାଇରେକ୍ଟ ହାଇରିଂ
✲ କୌଣସି ଅଗ୍ରିମ ଦିଆଯିବ ନାହିଁ
✲ ଅନୁଭବୀଙ୍କୁ ପ୍ରାଥମିକତା
ଆଗ୍ରହୀ ପ୍ରାର୍ଥୀମାନେ ଯୋଗାଯୋଗ କରନ୍ତୁ
Mob : 8847088916
ଯୋଗେଶ ଶର୍ମା

RJ FARMS REQUIRES
EC poultry farm Supervisor
Salary : 20k - 25k per month.
EC poultry farm worker
Salary: 12k per month
Location : Pubakhanda, Niali, Cuttack.
Contact : 9176179564

See Career Appointment on every Wednesday & Saturday

CREW EAST MANPOWER CONSULTANCY
URGENT HIRING
CNC Laser Op – 5 (3+ yrs), Bending Op – 5 (4+ yrs), MIG Welder/Fitter – 10 (6+ yrs), Powder Coater – 10 (3+yrs), Wiremen – 20 (3+ yrs), Busmen – 15 (3+ Yrs), Panel Assembler – 10 (2+ yrs), Welders– 40 (4+ yrs), Fitters – 20 (4+ yrs), Helpers– 40 (1+ Yrs).
Salary: Best in Industry.
Mob:7684080260 (WhatsApp)
Mail Id: creweast2025@gmail.com



THE ODISHA AGRO INDUSTRIES CORPORATION LIMITED
(A Government of Odisha Undertaking)
95, Satya Nagar, Bhubaneswar - 751 007
TENDER NOTICE
Bid Identification No. MD/OAIC-81 (Tech.)/2026-27

No. 1001/26/2627: Online tender in conformity with technical specification, terms & condition are invited from manufacturers for "Procurement of 13353 Nos. of storage bins of 110 Kg. capacity for supply to individual farmers under NFSNM 2025-26". For details please visit website https://tendersodisha.gov.in/ https://odishaagro.nic.in/ from Dt.29.04.2026 to Dt.19.05.2026.

Sd./- Managing Director, OAIC Ltd.
OIPR-1001/1047/1/26-27/0001



TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender Notice No. TPWODL/RP/O/SU/2500001175

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

Rate Contract for supply of Tree pruner spares.

Interested bidders are to submit Tender Participation Fee and Authorization Letter through email on or before 10th May 2026, 18:00Hrs, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of www.tpwesternodisha.com. All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Chief-TS, Contracts & Stores



ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹22,27,000/- ଟଙ୍କା ଆନୁମାନିକ ମୂଲ୍ୟରେ **ନିଜର ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା ସ୍ଥିତ ଅଫିସର କଲୋନୀରେ ଥିବା 7ଟି ଗ୍ରେଡ୍ ଏ ଫ୍ଲାଟ୍ ର ନବୀକରଣ (ବୈଦ୍ୟୁତିକ କାର୍ଯ୍ୟ) ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 115 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ମଇ 15, 2026 ଅପରାହ୍ନ 02:00 ଟା ଅଟେ।

ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

# ଆଇନଜୀବୀ ନ୍ୟାୟପାଳିକାର ସତର୍କ ପ୍ରହରି

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏବଂ ଅନ୍ୟ ଅତିଥିମାନେ।

ଖୋର୍ଦ୍ଧା ଜିଲା ଓକିଲ ସଂଘ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ଅବସରରେ ମଙ୍ଗଳବାର ଆଲୋଚନାଚକ୍ର 'ଜନତାଙ୍କୁ ନ୍ୟାୟ ଜନତାଙ୍କ ଭାଷାରେ' ସ୍ଥାନୀୟ ଜୟୀ ରାଜଗୁରୁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଲୋତକବିନ୍ଦୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନ୍ୟାୟାଧୀଶ ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ମଧୁବାବୁ ଜଣେ ସ୍ୱାଭିମାନୀ ଓଡ଼ିଆ ଥିଲେ। ଓଡ଼ିଶାର ସ୍ୱାଭିମାନ ପାଇଁ ସେ ଲଢ଼େଇ କରୁଥିଲେ। ଆଇନଜୀବୀମାନେ ତାଙ୍କ ପରି ନିର୍ଭୀକ ଓ ସ୍ୱାଭିମାନୀ ହେଲେ ମଧୁବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମଧୁବାବୁ ଜନତାଙ୍କ ସେବକ ହେବାକୁ ଗୁରୁତ୍ୱ ଦେଇଥିଲେ। ସମାଜରେ ନିଜ ଯୋଗ୍ୟତା, ପ୍ରତିଷ୍ଠା ବଜାୟ ରଖିଲେ ଗୌରବ ବଢ଼ିବ। ଓକିଲାତି ବୃତ୍ତି ଏକ ମହତ୍ ଏବଂ ସଚ୍ଚୋଟ ପେସା। ଓକିଲ ଏବଂ ଡାକ୍ତରୀ ପେସା ଟଙ୍କା ରୋଜଗାର ପାଇଁ ନୁହେଁ, ସମାଜର ସେବା ଲାଗି ଉଦ୍ଦିଷ୍ଟ। ଆଇନଜୀବୀମାନେ ନ୍ୟାୟପାଳିକାର ସତର୍କ ପ୍ରହରି। ଯେପରି ହୁଇସିଲ ବାଜିଲେ ଗାଡ଼ି ଚାଲିଥାଏ, ବିପଦ ସମୟରେ ସତର୍କ କରାଇଥାଏ, ସେହିପରି ଆଇନଜୀବୀମାନେ ସମାଜରେ ଘଟୁଥିବା ଅନ୍ୟାୟ, ମାନବିକ ଅଧିକାର ଉଲ୍ଲଂଘନ ଏବଂ ନ୍ୟାୟପାଳିକାରେ ତ୍ରୁଟି ବିଚ୍ୟୁତି ବିଷୟରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରନ୍ତି। ସାଧାରଣ ଲୋକଟିଏ ନ୍ୟାୟ ପାଇବାର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସେମାନେ ପକ୍ଷ ରଖନ୍ତି। ସେହିପରି ଯଦି ନ୍ୟାୟିକ ପ୍ରକ୍ରିୟାରେ କୌଣସି ଅବହେଳା ହୁଏ, ତେବେ ଆଇନଜୀବୀମାନେ ତାହାକୁ ସମ୍ମୁଖକୁ ଆଣିବା ଉଚିତ୍। ଓକିଲମାନେ ସଚ୍ଚୋଟତା ଏବଂ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୌଣସି କେସ୍ ପରିଚାଳନା ସମୟରେ ଭଲଭାବେ ତର୍ଜମା କରନ୍ତୁ। ନିଜ ମହକିଲଙ୍କୁ କିଭଳି ନ୍ୟାୟ ପ୍ରଦାନ କରିବେ ସେଥିପ୍ରତି ଚେଷ୍ଟା କରନ୍ତୁ। ସେହିପରି ଓକିଲ ସଂଘ ଏବଂ ବେଞ୍ଚ୍ ମଧ୍ୟରେ ସୁସମ୍ପର୍କ, ସମନ୍ୱୟ ରହିଲେ ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ଆଲୋଚନାଚକ୍ର ସମ୍ପର୍କରେ କହିଥିଲେ, ଓଡ଼ିଆ ହେଉଛି ଜନତାଙ୍କ ଭାଷା। ନ୍ୟାୟାଳୟରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସମୂହ ପ୍ରଚେଷ୍ଟା ଜରୁରୀ। ବଲାଙ୍ଗୀର କୋର୍ଟରେ ଇଂଲିଶ୍‌ରେ ଦିଆଯାଇଥିବା ଏକ ଆଦେଶ ଉପରେ ଜଣେ ଅଭିଯୋଗକାରୀଙ୍କ ଶୁଣାଣି କରି ହାଇକୋର୍ଟ ସମ୍ପୃକ୍ତ କୋର୍ଟଙ୍କୁ ଓଡ଼ିଆରେ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତ ହେଉଛି ନ୍ୟାୟପାଳିକାର ଭିତ୍ତିଭୂମି। ନ୍ୟାୟାଧୀଶମାନେ କେସ୍ ଫଇସଲା ସମୟରେ କିଭଳି ଶୀଘ୍ର କେସ୍ ସମାଧାନ ହେବ, ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିବ, ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ଅନେକ କେସ୍ ପରିଚାଳନା ସମୟରେ ତଦନ୍ତ ଅଧିକାରୀଙ୍କ ପକ୍ଷରୁ ଠିକ୍ ସମୟରେ ଚାର୍ଜଶିଟ୍ ନ ଆସିବାରୁ କେସ୍ ଅଯଥା ବିଳମ୍ବ ଘଟିଥାଏ। ଏହି କ୍ଷେତ୍ରରେ ନ୍ୟାୟାଧୀଶମାନେ ଦେଶର ବିଭିନ୍ନ ହାଇକୋର୍ଟ ଦେଇଥିବା ରାୟକୁ ତର୍ଜମା କରି କେସ୍‌କୁ ଖାରଜ କରିବା ସହ ଏହାର କାରଣ ଉଲ୍ଲେଖ କରିପାରିବେ। ୱାରେଣ୍ଟ ସମୟ ଗଡ଼ିଯିବା ପରେ ପୋଲିସ ଆଉ ୱାରେଣ୍ଟିଙ୍କୁ ଗିରଫ କରିପାରିବ ନାହିଁ। ଏ ସଂକ୍ରାନ୍ତରେ ଏକ କେସ୍‌ର ଉଦାହରଣ ଦେଇ ଓଡ଼ିଶା ହାଇକୋର୍ଟଙ୍କ ରାୟ ଉଲ୍ଲେଖ କରିଥିଲେ। ସେହିଭଳି ଅନେକ ସମୟରେ କୌଣସି ଏକ କେସ୍ ପରିଚାଳନା ସମୟରେ ବର୍ତ୍ତମାନର ସ୍ଥିତି ବଜାୟ ରଖିବା ପାଇଁ ଷ୍ଟାଟସ୍‌କୋ(ସ୍ଥିତାବସ୍ଥା) ଦିଆଯାଇଥାଏ। ତେବେ ଏହି ଆଦେଶର କୌଣସି ମୂଲ୍ୟ ନ ଥାଏ ବୋଲି କହିଥିଲେ। ଅନେକ କ୍ଷେତ୍ରରେ ଏହା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସପକ୍ଷରେ ଯାଇଥାଏ, ଦୁର୍ବଳ ବ୍ୟକ୍ତିଙ୍କୁ କୌଣସି ଲାଭ ମିଳି ନ ଥାଏ। ସରକାରୀ ଓକିଲଙ୍କ କାମ ହେଉଛି କୌଣସି କେସ୍ ପରିଚାଳନା ସମୟରେ କୋର୍ଟରେ ଏହାର ଉପଯୁକ୍ତ କାଗଜପତ୍ର ଦାଖଲ କରିବା। କିଭଳି ଦଣ୍ଡବିଧାନ ତ୍ୱରାନ୍ୱିତ ହେବ ସେଥିପ୍ରତି ଗୁରୁତ୍ୱଦେବା ଉଚିତ। କୌଣସି ଏକ ମାମଲାରେ ବାରମ୍ବାର କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ସାକ୍ଷୀ କୋର୍ଟରେ ହାଜର ହେଉନାହାନ୍ତି, ଫଳରେ ବର୍ଷ ବର୍ଷ ଧରି କୋର୍ଟରେ ଅନେକ ମାମଲା ଚାଲିଛି। ଏ ଦିଗରେ ନ୍ୟାୟାଧୀଶମାନେ ଅନ୍ୟ କୋର୍ଟର ରାୟକୁ ଉଲ୍ଲେଖ କରି କେସ୍‌କୁ ଖାରଜ କରିପାରିବେ। କୌଣସି ମାମଲାର ରାୟ ପ୍ରଦାନ ସମୟରେ ନ୍ୟାୟାଧୀଶଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପ୍ରତି ନ୍ୟାୟାଧୀଶମାନେ ସଜାଗ, ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ବିଜୟ ଛୋଟରାୟ, ବିଜୟ ସାମନ୍ତସିଂହାର, ନୃସିଂହ ଚରଣ ମିଶ୍ର, ଅଜିତ୍ ପଟ୍ଟନାୟକ, ପ୍ରାଣକୃଷ୍ଣ ଦଳବେହେରା, ରାମାଶିଷ ପଟ୍ଟନାୟକ ପ୍ରମୁଖ ନ୍ୟାୟପାଳିକାରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି ଓକିଲ ସଂଘ ପକ୍ଷରୁ ଖୋର୍ଦ୍ଧାରେ ପୋକ୍‌ସୋ ଏବଂ ଭିଜିଲାନ୍ସ କୋର୍ଟ ସ୍ଥାପନ ପାଇଁ ନ୍ୟାୟାଧୀଶଙ୍କୁ ପ୍ରସ୍ତାବ ଦେଇଥିଲେ। ଆଇନ ମହାବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ପଟ୍ଟନାୟକ ଖୋର୍ଦ୍ଧା ଓକିଲ ସଂଘ ଗରିମାମୟ ଇତିହାସ ସମ୍ପର୍କରେ କହିଥିବା ବେଳେ ସମ୍ପାଦକ ଲିଙ୍ଗରାଜ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୁନି କଳାକାରମାନେ ଓଡ଼ିଶୀ ନୃତ୍ୟ, ଶିଶୁମନ୍ଦିର ଛାତ୍ରୀ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

## ଜଟଣୀରୁ ସତ୍ୟଭାମାପୁର ଗଲା ମଧୁ ଜ୍ୟୋତି ରଥ



ଜଟଣୀ,୨୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଜଟଣୀ ବ୍ଲକ ଅନ୍ତର୍ଗତ ଗଡ଼ ରଥିପୁରଠାରୁ ସାଲେପୁର ନିକଟସ୍ଥ ସତ୍ୟଭାମାପୁରକୁ ମଧୁ ଜ୍ୟୋତି ରଥ ଯାତ୍ରା କରିଥିଲା। ମଧୁସୂଦନ ବିଚାର ମଞ୍ଚ ଓଡ଼ିଶା ପକ୍ଷରୁ ଗଡ଼ରଥିପୁରସ୍ଥ ସାକ୍ଷୀଗୋପୀନାଥ ମନ୍ଦିରଠାରେ ଏହି ଜ୍ୟୋତି ପୂଜାର୍ଚ୍ଚନା ପରେ ଯାତ୍ରା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଚେୟାରମ୍ୟାନ ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ସହିତ ଆୟୋଜକ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଜ୍ୟୋତି ଯାତ୍ରାର ମାର୍ଗରେ ସର୍ବସାଧାରଣ ଏବଂ ଓଡ଼ିଆ ପ୍ରେମୀ ସଙ୍ଗଠନଗୁଡ଼ିକ ସାମିଲ ହୋଇ ଜ୍ୟୋତିକୁ ସ୍ୱାଗତ କରିଥିଲେ।

## ବଢୁଛି ବେଆଇନ ମଦ କାରବାର

ବୈଦେଶ୍ୱର , ୨୮।୪(ମାନସ ରଞ୍ଜନ ସାହୁ )

ବୈଦେଶ୍ୱର ଥାନା ଅଞ୍ଚଳରେ ବିଭିନ୍ନ ଛକ ଏବଂ ଗାଁ ଗହଳିରେ ବେଆଇନ ଭାବେ ଚୋରା ବିଦେଶୀ ଓ ଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ ବ୍ୟବସାୟୀମାନେ ଦିବାରାତ୍ର ପାନ ଦୋକାନରେ ବେଧଡ଼କ ଭାବେ ମଦ ବିକ୍ରି କରୁଥିବାବେଳେ ଅବକାରୀ ବିଭାଗ କିମ୍ବା ବୈଦେଶ୍ୱର ଥାନା ପୋଲିସ ଏଠାରେ ସ୍ଥାଣୁ ପାଲଟିଛି। କଳାପଥର ଦୁର୍ଗା ବଜାରସ୍ଥିତ ହରେରାମ ଛକସ୍ଥିତ ଏକ ପାନଦୋକାନରେ ବେଆଇନ ମଦ କାରବାର କରାଯିବା ସହ ମଦ୍ୟ ପାନ କରାଯାଉଛି ବୋଲି ଗୁରେଇପଲ୍ଲୀ ସାହିର ପୂର୍ବତନ ୱାର୍ଡ ମେମ୍ବର ଗଦାଧର ସାହୁ ଅଭିଯୋଗ କରିଛନ୍ତି। ସେହିପରି କଳାପଥର – କାଳିଗିରି ରାଜ୍ୟ ରାଜପଥ କଡ଼ ପାନ ଓ ଥଣ୍ଡା ଦୋକାନ, ଗୋଳେଇଛକ ପଛପଟେ, ବଳଭଦ୍ରପୁର ପଞ୍ଚାୟତ ମାନପୁରସାହି ଛକ ସହ ବିଭିନ୍ନ ଗାଁରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚୋରା ମଦ ବ୍ୟବସାୟ ଚାଲିଛି। ମାତ୍ର ବୈଦେଶ୍ୱର ଥାନା ପୋଲିସ ମାସିକିଆ ବଟି ନେଇ ଚୁପ ବସିଛି ବୋଲି କୁହାଯାଉଛି। ନିଶାଦ୍ରବ୍ୟ ଯୁବ ସମାଜକୁ ପଥ ଭ୍ରଷ୍ଟ କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେଉଛି। ଅଞ୍ଚଳରୁ ଚୋରା ବିଦେଶୀ ଓ ଦେଶୀ ହାତ ରନ୍ଧା ମଦ ବନ୍ଦ କରାଗଲେ ସାମାଜିକ ବିଶୃଙ୍ଖଳା ଦୂର ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବୈଦେଶ୍ୱର ଥାନା ଅଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀଙ୍କୁ ପଚାରିବାରେ, ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିପ୍ରତି ଦୃଷ୍ଟି ଦେବାକୁ ବାଙ୍କୀ ପ୍ରଶାସନ ନିକଟରେ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ

ବାଘମାରୀ,୨୮।୪(ମିହିର ରଞ୍ଜନ ମହାପାତ୍ର): ସିମୋର ଗ୍ରାମର ପୋଡ଼ାସାହିସ୍ଥିତ ମା'ମଙ୍ଗଳାଙ୍କ ପୀଠରେ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ କୈଳାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦିଲୀପ ମହାପାତ୍ର, ପୁଷ୍ପଲତା ମହାପାତ୍ର କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ରବିବାର ଅଙ୍କୁରାରୋପଣ, ସୋମବାର ଶାଳା ପ୍ରବେଶ, ଦେବଦେବୀ ଆବାହନ, ଅଗ୍ନି ସ୍ଥାପନ, ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ମା'ଙ୍କ ଷୋଡ଼ଶ ଉପଚାର ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଜଗନ୍ନାଥ ମିଶ୍ର, ସନ୍ତୋଷ ମିଶ୍ର, ରଞ୍ଜିତ ପାଳ, ପ୍ରଶାନ୍ତ ମହାପାତ୍ର, ଦିବ୍ୟସିଂହ ମହାପାତ୍ର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ପରିତ୍ୟକ୍ତ ଚୁଆରୁ ବାର୍‌ହା ଉଦ୍ଧାର



ବାଘମାରୀ,୨୮।୪(ମିହିର ରଞ୍ଜନ ମହାପାତ୍ର): ବେଗୁନିଆ ବନାଞ୍ଚଳରେ ଜଙ୍ଗଲୀଜନ୍ତୁ ଏବେ ଖାଦ୍ୟ ଅନ୍ୱେଷଣେ ଗାଁମୁହାଁ ହେଉଛନ୍ତି। ଏହିକ୍ରମରେ ମଙ୍ଗଳବାର ସିମୋର–ବଡ଼ବେରଣା ମଧ୍ୟରେ ଥିବା ଏକ ପରିତ୍ୟକ୍ତ ଚୁଆରେ ବାର୍‌ହା ଖସିପଡିଥିଲା। ଏହାଦେଖି ସ୍ଥାନୀୟ ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନପାଳ ପ୍ରିୟଦର୍ଶନୀ ସେଠୀ ଖୋର୍ଦ୍ଧା ଅଗ୍ନିଶମ ବାହିନୀଙ୍କୁ ସୂଚନା ଦେଇଥିଲେ। ପରେ ବନ କର୍ମଚାରୀ ସୁଶାନ୍ତ ପଣ୍ଡା ଓ ଦୀପ୍ତିମୟୀ ପଣ୍ଡାଙ୍କ ସହଯୋଗରେ ଅଗ୍ନିଶମ ବାହିନୀ ବାର୍‌ହାକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ କଣ୍ଟାମଲିମ ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨୮।୪(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଭୋଗଡ଼ା ଗ୍ରାମର ଆରାଧ୍ୟ ମା'ଡାହାଳିଆଣି ଦେବୀଙ୍କ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞାଚାର୍ଯ୍ୟ ପୀତବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ ସତ୍ୟପ୍ରିୟ ମିଶ୍ରଙ୍କ ନେତୃତ୍ୱରେ ସୌମେନ୍ଦ୍ର ସାମନ୍ତରାୟ, ରାଜଲକ୍ଷ୍ମୀ କର୍ତ୍ତାକର୍ତ୍ତୀ ଭାବେ ଉପବେଶନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, କଳସଯାତ୍ରା, ମଣ୍ଡଳକରଣ, କଳସସ୍ଥାପନ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ, ସୂର୍ଯ୍ୟପୂଜା, ମଣ୍ଡଳପୂଜା ଓ ଯଜ୍ଞ ପୂର୍ଣ୍ଣାହୁତି ହୋଇ ସମାପନ ହୋଇଥିଲା। ସନ୍ଧ୍ୟାରେ ପାଲା ଗାୟିକା ସୁରଭାରତୀ ସସ୍ମିତା ପ୍ରଧାନ, ନୟାଗଡ଼ ଲୁଣିସାହି ପାଲା ପରିବେଷଣ କରିଥିବା ବେଳେ ପୌରାଣିକ ନାଟକ କୁମ୍ଭକର୍ଣ୍ଣ ବଧ ପରିବେଷଣ ହୋଇଥିଲା।

## ଜଟଣୀ ବାର୍ ଆସୋସିଏଶନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଜଟଣୀ,୨୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବାର୍ ଆସୋସିଏଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଏବଂ ଓକିଲ ଦିବସ ପାଳିତ ହୋଇଯାଇଛି। ଜଟଣୀ ଦେୱାନୀ ତଥା କନିଷ୍ଠ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍.ଜେ.ଏସ୍(ଏସ୍)ସଦସ୍ୟ ସଚିବ ରାଜ୍ୟ ଆଇନ ସେବା ପ୍ରାଧିକରଣ, ଓଡ଼ିଶା, କଟକ ଅରବିନ୍ଦ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ଲେଖକ ପୂର୍ବତନ ଉପ-ସାଧାରଣ ପ୍ରବନ୍ଧକ ଏସ୍‌ବିଆଇ ହିମାଂଶୁ ପରିଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେହୁରା ଯୋଗଦେଇଥିଲେ। ଜଟଣୀ ଦେୱାନୀ ତଥା କନିଷ୍ଠ ବିଚାର ବିଭାଗୀୟ ଅଦାଲତ ମାଜିଷ୍ଟ୍ରେଟ ଦେବେନ୍ଦ୍ରନାଥ ବାଗ, ରେଲୱେ କୋର୍ଟ ମାଜିଷ୍ଟ୍ରେଟ ଅଭିନନ୍ଦନ ରାୟ ଏବଂ ସିଟି ଆଣ୍ଡ ଜିଏସଟି ଡେପୁଟି କମିଶନର ଜଟଣୀ ନୀଳୟମ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଜଟଣୀ ବାର୍ ଆସୋସିଏଶନର ସଭାପତି ଜ୍ଞାନେନ୍ଦ୍ର ସେନାପତି ସଭାରେ ସଭାପତିତ୍ୱ ଏବଂ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ସଂଘର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କୁ ଜଟଣୀ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପସଭାପତି ପ୍ରଦୀପ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଜଟଣୀ ବାର୍ ଆସୋସିଏଶନର ଅଧିବକ୍ତା ସୁଶାନ୍ତ ସୁବୁଦ୍ଧି, ଆଲୋକ ମହାନ୍ତି, ସଞ୍ଜୟ ମହାପାତ୍ର, ଉମେଶ ମିଶ୍ର, ବିଶ୍ୱଜିତ ପୋଦାର, ପ୍ରଦୀପ ସୁବୁଦ୍ଧି, ଶୁଭ୍ରାଂଶୁ ଶେଖର ଜେନା, ସାନୁଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପୋଲିସ ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ବୋଲଗଡ଼,୨୮।୪(ଦେବବ୍ରତ ହୋତା)

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅନ୍ତର୍ଗତ ପଞ୍ଚୁକୋଟ ଛକ ନିକଟରେ ପୋଲିସ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଇଟାମାଟି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମରେ ଚିନ୍ତାମଣି ବେହେରା(୬୦)। ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ସୂଚନା ମୁତାବକ, ମଙ୍ଗଳବାର ସକାଳେ ବୋଲଗଡ଼ ପଟୁ ବାଲିଗାଡିଆକୁ ଏକ ଗାଡ଼ିରେ ଫେରୁଥିବା ଚିନ୍ତାମଣିଙ୍କୁ ବଲାଙ୍ଗୀରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ପୋଲିସ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ଚିନ୍ତାମଣି ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୋଲଗଡ଼ ଥାନାରେ ଏକ ମାମଲା (ନଂ.୧୮୧/୨୬) ରୁଜୁ କରାଯାଇ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ଅଣାଯାଇଛି।

## ଖୋର୍ଦ୍ଧାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାଷାଭିତ୍ତିକ ପ୍ରଦେଶ ଗଠନ ପାଇଁ ତାଙ୍କ ଅବଦାନ ଅତୁଳନୀୟ। ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାର ସଦର ମହକୁମାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଦାବି କରାଯାଇଛି। ମଧୁବାବୁଙ୍କ ଜୟନ୍ତୀ ସମସ୍ତ ଶିକ୍ଷାନୁଷ୍ଠାନରେ ପାଳନ କରିବାକୁ ଅନୁଷ୍ଠାନର କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମାତୃଭାଷା ଜାତିର ପରିଚୟ। ଏଥିପ୍ରତି ଅବହେଳା କଲେ ସେ ଜାତିସମୟର ସ୍ରୋତରେ ନିଶ୍ଚିହ୍ନ ହୋଇଯିବ ବୋଲି ଅନୁଷ୍ଠାନର ସମ୍ପାଦକ ରାମଶଙ୍କର କହିଛନ୍ତି। ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ଅନସୂୟା ସାମନ୍ତରାୟ, ପ୍ରଫୁଲ୍ଲ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ଲକ୍ଷ୍ମୀଧର ବଡ଼ଜେନା, ଦିବାକର ମୁଦୁଲି, ବୈକୁଣ୍ଠ ନାଥ ରାଜଗୁରୁ, ରାଜକିଶୋର ବଳିୟାରସିଂହ, ଶରତ କୁମାର ସାହୁ, ଡ.ପ୍ରମୋଦ ଚନ୍ଦ୍ର ଦାଶ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଧୁବାବୁଙ୍କ ତ୍ୟାଗମୟ ଜୀବନର ସ୍ମୃତିଚାରଣ କରି କବିତାପାଠ ଓ ବକ୍ତବ୍ୟ ରଖିଥିଲେ। କ୍ଷେତ୍ରବାସୀ ସାହୁ, ହରମୋହନ ମହାପାତ୍ର, ଗଦାଧର ଗୋଚ୍ଛି ସଭା ପରିଚାଳନା କରିଥିଲେ। ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆଇନ କ୍ଷେତ୍ରରେ ମଧୁବାବୁଙ୍କ ଭୂମିକା ବଳିଷ୍ଠ'

ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖାର କର୍ମକର୍ତ୍ତାମାନେ।

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଅଦାଲତ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ମଧୁବାବୁଙ୍କ ଜୟନ୍ତୀ ସଭା ହୋଇଥିଲା। ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ ସଭାପତିତ୍ୱ କରି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କୋଷାଧ୍ୟକ୍ଷ ଡ.ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ମଧୁବାବୁଙ୍କ ଉଦ୍ୟମରେ ଓଡ଼ିଶା ପାଇଁ ପୋଲିସ ବାହିନୀ ପ୍ରତିଷ୍ଠା ହୋଇଥିଲା। ମଧୁବାବୁଙ୍କ ପ୍ରତିଷ୍ଠିତ ସମବାୟ ଖାଉଟି ଭଣ୍ଡାର ଦେଶର ପ୍ରଥମ ସମବାୟ ଅନୁଷ୍ଠାନ। ସମ୍ମାନିତ ବକ୍ତାଭାବେ ଗବେଷକ ସତ୍ୟବାଦୀ ବଳିୟାରସିଂହ ମଧୁବାବୁଙ୍କ ଆଇନ ଶିକ୍ଷା, ଅଦାଲତରେ ବ୍ୟବହାର, ଓଡିଆମାନଙ୍କୁ ନେଇ ପାଟନାଠାରେ ସାଇମନ କମିଶନଙ୍କୁ ସାକ୍ଷାତ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପୂର୍ବତନ ସମବାୟ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧିବକ୍ତା ସୀତାକାନ୍ତ ମିଶ୍ର, ନୃସିଂହ ମିଶ୍ର, ଶିଶିର କୁମାର ପରିଡା, କବି ଲକ୍ଷ୍ମୀଧର ବଡଜେନା, ଶାନ୍ତିଲତା ସାହୁ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ବାଣପୁର (ଦିଲୀପ କୁମାର ସ୍ୱାଇଁ):** ଆରୋଗ୍ୟ ସେବା ସଦନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଦର୍ଶ ଆରୋଗ୍ୟ ସେବା ସଦନର ସଭାପତି ତଥା ଆଇନଜୀବୀ ଭି.କାମେଶ୍ୱର ଆଚରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ଅଧିବକ୍ତା ଯୋଗଦେଇ ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ସୁନୀଲ ମହାପାତ୍ର, ଅଶୋକ ଜାଲି, ଅନୀଲ ମହାପାତ୍ର, ସନ୍ଦୀପ ମହାପାତ୍ର, ଅନୀଲ ବାରିକ, ଅଜିତ ବାରିକ, ସନ୍ତୋଷ ପାତ୍ର, ବିନୋଦ କୁମାର ସ୍ୱାଇଁ,, ସନ୍ତୋଷ କୁମାର ମହାପାତ୍ର, ଶାନ୍ତନୁ ମହାପାତ୍ର, ଅଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ସୁନୀଲ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଜଟଣୀ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଟ୍ରାଫିକ କଲୋନୀସ୍ଥ ସର୍ବଭାରତୀୟ ଅବସରପ୍ରାପ୍ତ ରେଲୱେ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ୍ ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଙ୍ଗଠନର ବିଭୂତି ଭୂଷଣ ଦାସ, ବିଜୟ ରାମ ମହାନ୍ତି, ଗଙ୍ଗାଧର ଦାସ, ଉଲ୍ଲାସ ଚନ୍ଦ୍ର ଜେନା, ସୂର୍ଯ୍ୟନାରାୟଣ ପାଢ଼ୀ, ଏନ୍. ବି.ପଟ୍ଟନାୟକ, ବି.ଆର.ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କର ଓଡ଼ିଆ ଜାତି ଏବଂ ଭାଷାପ୍ରୀତିକୁ ନେଇ ବିଭିନ୍ନ ଆଲୋଚନା କରିଥିଲେ। ସୌଦାଗର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ବେଗୁନିଆ (ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦର ମହକୁମା ସ୍ଥିତ ଆଦର୍ଶ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆ ଗାନ୍ଧୀ ସ୍ମୃତି ସଂସଦର ସଭାପତି ଡ.ହରି ପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡା.ଅମରେନ୍ଦ୍ର ନାଥ ମହାପାତ୍ର ବକ୍ତା ଭାବେ ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଇଂ. ରାମ ମାନସ ପଣ୍ଡା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ ମଧୁବାବୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ, ଇଂ.କେଦାର କିଶୋର ବଳିୟାରସିଂହ, ବିଷ୍ଣୁ ପ୍ରସାଦ କର, କବୟିତ୍ରୀ ମାନସୀ ଦାସ, ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ସନ୍ତୋଷ ପଣ୍ଡା, ଅଶ୍ୱିନୀ ପଟ୍ଟନାୟକ, କୈଳାସ ନାଥ ପଟ୍ଟନାୟକ, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲଟାସିଂହ, ରାମଚନ୍ଦ୍ର ବେହେରା, ପଣ୍ଡିତ ଦୀନବନ୍ଧୁ ଦାଶ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଶିକ୍ଷାବିତ୍ ଶରତ ପଣ୍ଡା, ବିଜୟ ପ୍ରଧାନ, ଉପେନ୍ଦ୍ର ନାଥ ସାହୁ, ବିଶ୍ୱନାଥ ସାହୁ, ରାଜକିଶୋର ସାହୁ, ଭାଗବତ ମହାପାତ୍ର, ସରୋଜ ମହାପାତ୍ର, ବସନ୍ତ ସାହୁ, ସବିତା ରାୟ, ସତ୍ୟବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ରାମଚନ୍ଦ୍ର ସାହୁ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିବାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଯାଁଳା (ବୁଲା ବାରିକ):** ଉତ୍କଳ ସେବା ଅନୁଷ୍ଠାନରେ ଦାତାରାମ ଅଶୋକ କୁମାର ମଙ୍ଗରାଜଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ ମୁଖ୍ୟ ଅତିଥି, ଶିକ୍ଷାବିତ୍ ମନୋରଞ୍ଜନ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ନିରଜ କୁମାର ମହାନ୍ତି, ସୁବାଷ ଶ୍ରୀଚନ୍ଦନ, ନଳୀନ ପଟ୍ଟନାୟକ, ସିମନ ନାୟକ, କବି ରମାକାନ୍ତ ଦାସ, ପ୍ରତିମା ପାଣିଗ୍ରାହୀ, ଝୁମୁରି ସାହୁ, ମୁରଲୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାମିନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍–ବୋଲେରୋ ଧକ୍କା, ଚାଳକ ଗୁରୁତର

ବାଘମାରୀ,୨୮।୪ (ମିହିର ରଞ୍ଜନ ମହାପାତ୍ର): ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ବାଇକ୍–ବୋଲେରୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆହତଙ୍କ ପରିଚୟ ମିଳିପାରି ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ପେଟ୍ରୋଲ ପମ୍ପ ନିକଟରେ ନୟାଗଡ଼ ପଟୁ ଏକ ବାଇକ୍ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଏକ ବୋଲେରୋ ଆସୁଥିଲା। କୌଣସି କାରଣରୁ ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଅଧିକ ଥିଲା ଯେ ବାଇକ୍‌ର ଚକା ଫାଟି କ୍ଷତିଗ୍ରସ୍ତ ହେବା ସହ ଚାଳକ ଗୁରୁତର ଆହତ ହୋଇଥିଲା। ଖବରପାଇ ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

**ଧାର ଟଙ୍କା ମାଗିବାରୁ କୁରାଢ଼ିରେ ଆକ୍ରମଣ**

ଭୁବନେଶ୍ୱର, (ପ୍ରସନଜିତ୍ ସାହୁ): କୁରାଢିରେ ଆକ୍ରମଣ ଅଭିଯୋଗରେ ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୋଲିସ୍ ଜଣଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ତୋଳାସାହିର ଅମର ନାୟକ। ସୂଚନା ଅନୁଯାୟୀ, ପ୍ରେମଲତା ମୁଦୁଲି ଲକ୍ଷ୍ମୀସାଗର ଉପରସାହିର ତ୍ରିନାଥ ମନ୍ଦିର ମେଳଣ ପଡ଼ିଆ ନିକଟରେ ରୁହନ୍ତି। ତାଙ୍କ ଭାଇ ମୁକେଶ ରାଉତଙ୍କ ନିକଟରୁ ଅମର ୧୦ ମାସ ତଳେ ୨୫ ହଜାର ଟଙ୍କା ଧାର ନେଇଥିଲେ। ସୋମବାର ଅଭିଯୁକ୍ତ ପପୁ ତାଙ୍କ ଭାଇଙ୍କୁ ଟଙ୍କା ଫେରାଇବା ନିମନ୍ତେ ସନ୍ତୋଷ ବିହାର ଅଞ୍ଚଳକୁ ୨ହଜାର ଟଙ୍କା ନେବାଲାଗି କହିଥିଲେ। ସେ ଅମଙ୍ଗ ହେବାରୁ ଅମର ତାଙ୍କୁ କୁରାଢିରେ ଆକ୍ରମଣ କରିଥିଲେ।

# ନାଗେଶ୍ୱରଟାଙ୍ଗୀ ହାଟ ଉନ୍ନତୀକରଣ ବିବାଦ ତେଜିଲା

ଭୁବନେଶ୍ୱର, ୨୮।୪(ବନ୍ଦନା ସେଠୀ)

**ମେୟରଙ୍କ ପ୍ରତିଶ୍ରୁତି ପରେ ବି ବିରୋଧ**

- ସ୍ଥାନୀୟ କର୍ପୋରେଟରଙ୍କୁ ପଥର ମାଡ଼ ସହ ହତ୍ୟା ଧମକ
- ଥାନାରେ ଏତଲା ଦେଲେ କର୍ପୋରେଟର ନୃପେଶ ନାୟକ

ୱାର୍ଡ ନଂ. ୫୫ ଅନ୍ତର୍ଗତ ନାଗେଶ୍ୱରଟାଙ୍ଗୀ ହାଟର ଉନ୍ନତୀକରଣ ବିବାଦ ଆହୁରି ଉଗ୍ରରୂପ ନେଇଛି। ସୋମବାର ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଏବଂ ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ୍ ହାଟ କାମକୁ ବିରୋଧ କରୁଥିବା ବ୍ୟବସାୟୀଙ୍କୁ ବୁଝାଶୁଝା କରିବାରେ ବିଫଳ ହୋଇଥିଲେ। ଫଳରେ ମଙ୍ଗଳବାର ମେୟର ସୁଲୋଚନା ଦାସ ଘଟଣାସ୍ଥଳରେ ପହଞ୍ଚି ବ୍ୟବସାୟୀମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ବିଏମ୍‌ସି ୩ମାସ ଭିତରେ ହାଟର ଉନ୍ନତୀକରଣ କାମ ଶେଷକରି ପିଣ୍ଡି ଓ ଦୋକାନ ହସ୍ତାନ୍ତର କରିବ ବୋଲି ମେୟର ବ୍ୟବସାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହା ପୂର୍ବରୁ ପୁରୁଣା ନିର୍ମାଣ ଭାଙ୍ଗିବାର ଆବଶ୍ୟକତା ରହିଛି। ଏଣୁ ୩ମାସ ଦୋକାନୀମାନେ ସହଯୋଗ କରିବାକୁ ମେୟର ନିବେଦନ କରିଥିଲେ। ଏହି ୩ ମାସ ଦୋକାନୀମାନେ ବିକଳ୍ପ ସ୍ଥାନରେ ବେପାର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ମେୟର ଆଶ୍ୱାସନା ଦେଇଥିଲେ। ଏହାସତ୍ତ୍ୱେ ଉତ୍ତେଜନା ବୃଦ୍ଧି ପାଇବା ସହ ଗାଳିଗୁଲଜ, ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ହାଟ ସମ୍ପାଦକ ସଂଗ୍ରାମ ସାହୁ ଏବଂ ତାଙ୍କ ସହଯୋଗୀ ବ୍ୟବସାୟୀମାନେ ସମସ୍ତଙ୍କ ଉପସ୍ଥିତିରେ ନୃପେଶଙ୍କୁ ପଥର ମାଡ଼ କରିଥିଲେ। ଏଥିସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏଥିରେ ମର୍ମାହତ ହୋଇ ନୃପେଶ ରାସ୍ତାରେ ଧାରଣା ଦେଇଥିଲେ। ଖବର ପାଇ ଶତାଧିକ ସ୍ଥାନୀୟ ବାସିନ୍ଦା କର୍ପୋରେଟରଙ୍କ ସପକ୍ଷରେ ଧାରଣାରେ ବସିବା ସହ ହାଟର ଉନ୍ନତୀକରଣ ସମର୍ଥନରେ ନାରାବାଜି ଦେଇଥିଲେ। ଲିଙ୍ଗରାଜ ଥାନା ଅଧିକାରୀ ଏବଂ ମେୟର ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘଟଣା ପରେ ନୃପେଶ ଲିଙ୍ଗରାଜ ଥାନାରେ ଏନେଇ ଏତଲା ଦେଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଯୋଗାଇଦେବାକୁ ନିବେଦନ କରିଛନ୍ତି। ଅପରପକ୍ଷେ ଲୋକଙ୍କ ସ୍ୱାର୍ଥ ପାଇଁ ଜନହିତକର କାମ ଅଟକିବ ନାହିଁ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର କହିଛନ୍ତି।

ସୂଚନାଯୋଗ୍ୟ, ୩୪ବର୍ଷର ପୁରୁଣା ନାଗେଶ୍ୱରଟାଙ୍ଗୀ ହାଟର ଉନ୍ନତୀକରଣ ପାଇଁ ୨୦୨୫ ଡିସେମ୍ବରରୁ ୧.୪୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଠାରେ ପିଣ୍ଡି ସଂଖ୍ୟା ବୃଦ୍ଧି ସହ ପାର୍କିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା କରାଯିବ। ଏଥିପାଇଁ ହାଟ ପ୍ରବେଶ ପଥରେ ଥିବା ବରଗଛର କିଛି ଶାଖା କାଟିବାକୁ ପଡ଼ିବ। ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ ପାଇଁ ଯାଇଥିଲେ। ମାତ୍ର ହାଟ ସଂଘର କେତେଜଣ ସଦସ୍ୟ ଏହାକୁ ବିରୋଧ କରିବାରୁ ଟିମ୍ ଫେରିଆସିଥିଲା। ଏହି ସମୟରେ କର୍ପୋରେଟର ନୃପେଶଙ୍କୁ ବହୁ ହଟହଟା ହେବାକୁ ପଡ଼ିଥିଲା। ସମସ୍ୟାର ସମାଧାନ ପାଇଁ ଅତିରିକ୍ତ କମିଶନର, ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର, ଡିଭିଜନ୍-୩ ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖଙ୍କ ସହ ମେୟର ମଙ୍ଗଳବାର ହାଟରେ ପହଞ୍ଚିଥିଲେ। ବ୍ୟବସାୟୀମାନଙ୍କ ସହ ହାଟ ଉନ୍ନତୀକରଣ ଉପରେ ଆଲୋଚନା କରିବା ସମୟରେ ପୂର୍ବରୁ ଗଣ୍ଡଗୋଳ କରିଥିବା ବ୍ୟକ୍ତିମାନେ ପୁଣି ଥରେ ଗଣ୍ଡଗୋଳ ଆରମ୍ଭ କରିଦେଇଥିଲେ। ହାଟର ଉନ୍ନତୀକରଣ କାମ ନେଇଥିବା ଠିକାଦାର ହେମନ୍ତ କୁମାର ବେହେରା ସୋମବାର ଲିଙ୍ଗରାଜ ଥାନାରେ ଏମାନଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବାବେଳେ ମଙ୍ଗଳବାର କର୍ପୋରେଟର ପୁନର୍ବାର ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିପକ୍ଷ ଗୋଷ୍ଠୀ ମଧ୍ୟ ଲିଙ୍ଗରାଜ ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି।



ସ୍ଥାନୀୟ ଲୋକଙ୍କ ସହ ମେୟର ସୁଲୋଚନା ଦାସ ଆଲୋଚନା କରୁଛନ୍ତି।

# ସୋଆରେ ଆଜିଠୁ ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବୁଧବାର ଠାରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଂ ଟେକ୍ନୋଲଜିସ୍- ସିକ୍ୟୁରିଂ ଟୁମୋରୋସ୍ ଇଣ୍ଟେଲିଜେଣ୍ଟ ସିଷ୍ଟମ୍ସ' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ଆରମ୍ଭ ହେବ। ସୋଆ ଏବଂ ଅଟଳ ଇନ୍‌କ୍ୟୁବେଶନ୍ ସେଣ୍ଟର-ସୋଆ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ପ୍ରତି ଥିବା ସାଇବର ସମ୍ପର୍କିତ ବିପଦକୁ ପ୍ରତିହିତ କରିବା ସହ କୃତ୍ରିମ ବୁଦ୍ଧିମତ୍ତାକୁ ନୈତିକ ପ୍ରକ୍ରିୟାରେ ଆପଣାଇବା ସମ୍ପର୍କରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଏଆଇସି-ସୋଆ ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ କହିଛନ୍ତି। ସମ୍ମିଳନୀରେ ସାଇବର ସୁରକ୍ଷା ନେଇ ରୋଡ୍ ମ୍ୟାପ୍, ଡାଟା ସୁରକ୍ଷା ଓ ଏଆଇ ଗଭର୍ନାନ୍ସ, ଶିଳ୍ପ, ଶିକ୍ଷା, ସରକାରୀ ସହଭାଗିତା ନିମନ୍ତେ ଗବେଷଣା ସମ୍ପର୍କରେ ଆଲୋଚନା କରାଯିବ। ସାଇବର ସିକ୍ୟୁରିଟି ଆସୋସିଏଶନ୍ ଅଫ୍ ଇଣ୍ଡିଆର ସଭାପତି ଡ. ଏନ୍.କେ. ଗୋୟଲ ଏବଂ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଡାଟା ସିକ୍ୟୁରିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଡିଏସ୍‌ସିଆଇ)ର ସିଇଓ ବିନାୟକ ଗଡ୍‌ସେ, ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲ୍ୟୁସି) ଇଣ୍ଡିଆର ନିର୍ଦ୍ଦେଶକ ଡ. ଦେବବ୍ରତ ନାୟକ, ଏଆଇସି-ସୋଆ ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଏବଂ ଆଇଟିଇଆର୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରେଣୁ ଶର୍ମା ଉପସ୍ଥିତ ଥିଲେ।

# ଏଲ୍‌ଏଚ୍‌ବି କୋଚ୍ ସହ ଗଡ଼ିବ ଭୁବନେଶ୍ୱର-ଧାନବାଦ ଏକ୍ସପ୍ରେସ୍

ଭୁବନେଶ୍ୱର,୨୮।୪(ଅନୁରାଧା ମହାରଣା)

ଯାତ୍ରୀଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଟ୍ରେନ୍ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍‌ରେ ୨ୟ ଏଲ୍‌ଏଚ୍‌ବି ର୍‌ୟାକ୍ ସାମିଲ କରାଯାଇଛି। ଏହି ଟ୍ରେନ୍‌ର ପ୍ରଥମ ଏଲ୍‌ଏଚ୍‌ବି ର୍‌ୟାକ୍ ପୂର୍ବରୁ ଭୁବନେଶ୍ୱରରୁ ୨୦୨୬ ଏପ୍ରିଲ ୨୧ ଏବଂ ଧାନବାଦରୁ ୨୦୨୬ ଏପ୍ରିଲ ୨୨ଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରି ଏବେ ଦ୍ୱିତୀୟ ଏଲଏଚବି ର୍‌ୟାକ୍ ଭୁବନେଶ୍ୱରରୁ ୨୦୨୬ ଏପ୍ରିଲ ୨୮ ଏବଂ ଧାନବାଦରୁ ୨୦୨୬ ଏପ୍ରିଲ ୨୯ଠାରୁ ପ୍ରଚଳନ କରାଯିବ। ଏଥିସହ ଏହି ଟ୍ରେନ୍‌ଟି ଏବେ ସମ୍ପୂର୍ଣ୍ଣ ଭାବେ ଏଲ୍‌ଏଚ୍‌ବି କୋଚ୍ ଦ୍ୱାରା ପରିଚାଳିତ ହେବ। ପାରମ୍ପରିକ ଆଇସିଏଫ୍ କୋଚ୍ ବଦଳରେ ସମ୍ପୂର୍ଣ୍ଣ ଭାବେ ଏଲ୍‌ଏଚ୍‌ବି କୋଚ୍ ବ୍ୟବହାର ହେବ। ସଂଶୋଧିତ କୋଚ୍ ମଧ୍ୟରେ ଏସି ୨-ଟାୟାର ଗୋଟିଏ କୋଚ୍, ଏସି ୩-ଟାୟାରରେ ୩ କୋଚ୍, ସ୍ଲିପର କ୍ଲାସ୍‌ରେ ୮ କୋଚ୍, ଜେନେରାଲ ସେକେଣ୍ଡ କ୍ଲାସ୍‌ରେ ୪ କୋଚ୍ ଓ ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ)ରେ କୋଚ୍ ରହିଛି। ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକରେ 'ଆଣ୍ଟି-କ୍ଲାଇମ୍ବିଂ' ଭଳି ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ରହିଛି, ଯାହା ଦୁର୍ଘଟଣା ସମୟରେ ବଗିଗୁଡ଼ିକୁ ପରସ୍ପର ଉପରକୁ ଚଢ଼ିବାକୁ ଦିଏ ନାହିଁ। ଏହା ବ୍ୟତୀତ ଏହି କୋଚ୍‌ଗୁଡ଼ିକରେ ଯାତ୍ରା ଅଧିକ ଆରାମଦାୟକ, ଗତି ଅଧିକ ଏବଂ ଯାତ୍ରୀ ସୁବିଧା ଉନ୍ନତମାନର ହୋଇଥାଏ।





ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସଂଘ (ଓଷ୍ଟିଆ) ପକ୍ଷରୁ ୫ ଦଫା ଦାବି ନେଇ ମଙ୍ଗଳବାର ଲୋୟର ପିଏମ୍‌ଜିରେ ସମୂହ ଗଣଧାରଣା ଦିଆଯାଇଛି।

# ଯୁବତୀ ନିଖୋଜ ଥାନାରେ ଅଭିଯୋଗ

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଅଞ୍ଚଳର ଏକ ଘରୋଇ ଆପାର୍ଟମେଣ୍ଟ ନିକଟରୁ ଜଣେ ଯୁବତୀ ନିଖୋଜ ହୋଇଯାଇଥିବା ନେଇ ମଙ୍ଗଳବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବାରଙ୍ଗ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ଉପରୋକ୍ତ ଆପାର୍ଟମେଣ୍ଟରେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ପରି ସୋମବାର ନିଜ ଘରୁ ଆପାର୍ଟମେଣ୍ଟ ପର୍ଯ୍ୟନ୍ତ ସାଇକେଲ ନେଇ ଆସିଥିଲେ। ମାତ୍ର ଘରକୁ ଫେରି ନ ଥିଲେ। ଅପରାହ୍ନରେ ବେଣ୍ଟକାରପଡ଼ାସ୍ଥିତ ଏକ ଘରୋଇ ମଣ୍ଡପ ନିକଟରୁ ପରିବାର ଲୋକେ ସାଇକେଲ ପାଇଥିଲେ ମଧ୍ୟ ଯୁବତୀଙ୍କ ପତ୍ତା ମିଳି ନ ଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସୂଚନା ନ ପାଇ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ ଜାରି ରହିଛି ପୋଲି ପୋଲିସ କହିଛି।

# ସାଢ଼େ ୩ ଘଣ୍ଟା ଚାପଡଙ୍ଗାରେ ବସିରହିଲେ ଠାକୁର

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

- ସେବାୟତଙ୍କ ଅନ୍ତଃକନ୍ଦଳ
- କେବଳ ନୀତିରେ ସମ୍ପାଦିତ ହେଲା ଦିନ ଓ ରାତି ଚାପ

ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ, ଶ୍ରୀମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ଶ୍ରୀମନ୍ଦିରରୁ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱର ମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରି ନୌକାବିହାର କରିଥାନ୍ତି। ମଙ୍ଗଳବାର ବାହାର ଚନ୍ଦନ ଯାତ୍ରାର ନବମ ଦିବସରେ ରାତିଚାପରେ ବିଭ୍ରାଟ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବ କାରଣରୁ ପବନର ବେଗ ଅଧିକ ଥିବାରୁ ଦିନ ଓ ରାତି ଚାପ କେବଳ ନୀତିରେ ସମ୍ପାଦିତ ହୋଇଛି। ଠାକୁର, ଠାକୁରାଣୀଙ୍କୁ ନୀତି ଅନୁଯାୟୀ, ବିଡ଼ିଆ ପାନ ମଣୋହି କରାଯାଇଥିଲା। ଦିନଚାପର ନୀତି ସମ୍ପାଦନ ହେବା ପରେ ଠାକୁରଙ୍କୁ ଚନ୍ଦନ କୁଣ୍ଡକୁ ନିଆଯାଇଥିଲା।

ମଙ୍ଗଳବାର ରାତି ଚାପରେ ବିଭ୍ରାଟ ଦେଖିବାକୁ ମିଳିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ପରମ୍ପରା ଅନୁଯାୟୀ, ବେଶ ଭୋଗ ଓ ଅନ୍ୟାନ୍ୟ ନୀତି ହେବା ପରେ ରାତି ଚାପ ନିମନ୍ତେ ଚଳନ୍ତି ପ୍ରତିମା ଚାପ ଡଙ୍ଗାକୁ ବିଜେ କରିଥିଲେ। ମାତ୍ର ସେବାୟତଙ୍କ ମଧ୍ୟରେ ଥିବା ଅନ୍ତଃକନ୍ଦଳକୁ ନେଇ ଚାପ ଆରମ୍ଭ ହୋଇପାରି ନ ଥିଲା।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଅଧିକୃତ ସେବକ ଚାପ ଡଙ୍ଗା ଉପରେ ରହିପାରିବେ। ମିଳିଥିବା ସୂଚନା ଅନୁଯାୟୀ, ଶୁଦ୍ଧ ସୁଆର ସେବକ ଚାପ ଉପରକୁ ଯିବାକୁ ନେଇ ବିବାଦ ଦେଖିବାକୁ ମିଳିଥିଲା। ଶୁଦ୍ଧ ସୁଆର ସେବକ ଚାପ ଉପରକୁ ଯିବାର ଅଧିକାର ନ ଥିବା ଦର୍ଶାଇ ମହାଜନ ସେବାୟତମାନେ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏଥିଯୋଗୁ ଠାକୁରଙ୍କ ନୀତି ଆରମ୍ଭ ହୋଇପାରି ନ ଥିଲା। ରାତି ପ୍ରାୟ ୯ଟାରୁ ୧୨ଟା ୩୦ ଯାଏଁ ଠାକୁର ଚାପଡ଼ଙ୍ଗାରେ ବସି ରହିଥିଲେ। ଖବରପାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ନୀତି ପ୍ରଶାସକ, ଏସ୍‌ପି, ଜିଲାପାଳଙ୍କ ସହ ବରିଷ୍ଠ ଅଧିକାରୀ ଚନ୍ଦନଚକଡ଼ାକୁ ଯାଇ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଦୀର୍ଘ ସମୟ ଆଲୋଚନା ପରେ ବିବାଦର ସମାଧାନ ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ କେବଳ ନୀତି ସମ୍ପାଦନ କରାଯାଇ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ତେବେ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ଓ ସମ୍ପୃକ୍ତ ସେବାୟତ ନିଯୋଗ ସହ ଆଲୋଚନା କରାଯିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

# କିମ୍‌ସରେ ବିରଳ ଅସ୍ତ୍ରୋପଚାର



ଭୁବନେଶ୍ୱର, ୨୮।୪(ଅନୁରାଧା ମହାରଣା)

ଯାଜପୁର ଜିଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତିଙ୍କ ଗୋଡ଼ରେ ପ୍ରାୟ ୧୦ ବର୍ଷ ଧରି ଗମ୍ଭୀର ଲିମ୍ଫେଡେମା ଯୋଗୁ ସେ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ୧୫ ବର୍ଷ ପୂର୍ବେ ନନ୍-ହଜକିନ୍ ଲିମ୍ଫୋମାର ଚିକିତ୍ସା ତାଙ୍କ ବାମଗୋଡ଼ରେ ଗମ୍ଭୀର ଲିମ୍ଫେଡେମା ସୃଷ୍ଟି କରିଥିଲା। ଫଳରେ ତାଙ୍କ ଗୋଡ଼ର ଫୁଲା ଏତେ ତୀବ୍ର ହୋଇଗଲା ଯେ, ତାଙ୍କୁ ଦୀର୍ଘବର୍ଷ ଧରି ବିଛଣାରେ ରହିବାକୁ ପଡ଼ିଥିଲା। କିମ୍‌ସରେ ସେ ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ଡା. ସୁନୀଲ ରାଉତଙ୍କ ସହ ପରାମର୍ଶ କରିବା ପରେ ଡା. ରାଉତଙ୍କ ସମେତ କିମ୍‌ସ ଶଲ୍ୟଚିକିତ୍ସା ଦଳ ୩ଟି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରିଥିଲେ। ୪ମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। କିମ୍‌ସ ଡାକ୍ତରୀ ଦଳ ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମ୍‌ରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଏତେ ପରିମାଣର ଟିସ୍ୟୁ ଓ ତରଳ ପଦାର୍ଥ ବାହାର କରିବା ଶଲ୍ୟଚିକିତ୍ସା ଏବଂ ଆନାସ୍ଥେସିଆ ଦଳ ପାଇଁ ଏକ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଂଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍‌ସ ପ୍ଲାଷ୍ଟିକ୍ ସର୍ଜରି ବିଭାଗର ସହକାରୀ ପ୍ରଫେସର ଡା. ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡା. ରାଉତଙ୍କୁ ସହାୟତା କରିଥିଲେ। ଡା. ଲିଙ୍ଗରାଜ ସାହୁ ଆନାସ୍ଥେସିଆ ଦଳର ନେତୃତ୍ୱ ନେଇଥିଲେ। ଏଭଳି ବିରଳ ରୋଗର ସଫଳ ଚିକିତ୍ସା କରିଥିବାରୁ କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଲଜ୍ଜାରେ ମୁଣ୍ଡ ନଇଁଯାଉଛି: ଭକ୍ତ

ଭୁବନେଶ୍ୱର,୨୮।୪(ରବିନାରାୟଣ ଜେନା)

କେନ୍ଦୁଝର ପାଟଣା ଥାନା ଅନ୍ତର୍ଗତ ମଲ୍ଲୀପଶିରେ ମୃତ ଭଉଣୀଙ୍କ କଙ୍କାଳକୁ କାନ୍ଧରେ ବୋହିନେବା ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ଭକ୍ତ କହିଛନ୍ତି, ବିଜେଡି ଶାସନ ବେଳେ ଦାନ ମାଝୀ ଘଟଣାରେ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ନିନ୍ଦିତ ହୋଇଥିଲା। ସେତେବେଳେ ବିରୋଧୀ ଦଳରେ ଥିବା ଭାଜପା ଏହି ପ୍ରସଙ୍ଗକୁ ଦୀର୍ଘକାଳ ବଞ୍ଚାଇ ରଖିବାକୁ ଚେଷ୍ଟା କରିଥିଲା।

ବିଧାନସଭାରେ ହଟ୍ଟଗୋଳଠୁ ନେଇ ରାଜରାସ୍ତାରେ ତୁମ୍ଭିତୋଫାନ କରିଥିଲା। ଗଣଦାରିଦ୍ର୍ୟ ପାଇଁ ଅପବାଦ ମୁଣ୍ଡାଇଥିବା ଓଡ଼ିଶାକୁ ଭାଜପା ଶାସନ କରିବାର ଇତିମଧ୍ୟରେ ୨ ବର୍ଷ ପୂରିବାକୁ ଯାଉଛି। ଅଥଚ ରାଜ୍ୟର ଗଣଦାରିଦ୍ର୍ୟ ଆହୁରି ଉତ୍କଟ ହୋଇଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲା କେନ୍ଦୁଝରର ପାଟଣା ଅଞ୍ଚଳରେ ଯାହା ଘଟିଗଲା, ଏକବିଂଶ ଶତାବ୍ଦୀରେ ବିଶ୍ୱର ଅନ୍ୟ କେଉଁଠି ଏପରି ଅଭାବନୀୟ ଘଟଣା ଘଟିନାହିଁ। ଏଥିପାଇଁ ରାଜ୍ୟବାସୀଙ୍କ ମୁଣ୍ଡ ଲଜ୍ଜାରେ ନଇଁଯାଉଛି ବୋଲି ଭକ୍ତ କହିଛନ୍ତି।

ଏପରି ଲଜ୍ଜାକର ସ୍ଥିତିରେ କ୍ଷତିଗ୍ରସ୍ତ ପରିବାରକୁ କେବଳ ତାଙ୍କ ପ୍ରାପ୍ୟ ଦେଇ ନିଜ ଦାୟିତ୍ୱ ସାରିଦେବା 'କଟା ଘା'ରେ ଚୂନ' ଛଡ଼ା ଆଉ କିଛି ନୁହେଁ। ଉକ୍ତ ପରିବାରକୁ ତୁରନ୍ତ ଅନ୍ୟୁନ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ସହ ଗ୍ରାମାଞ୍ଚଳ ବ୍ୟାଙ୍କଗୁଡ଼ିକର ସେବାରେ ଆଖିଦୃଶିଆ ଉନ୍ନତି ଆଣିବା ଦିଗରେ ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରିବାକୁ ସେ ଦାବି କରିଛନ୍ତି। ଏହି ଅବସରରେ ପିସିସି ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ମହିଳା ଥାନାରେ ଏକ ଏତଲା ଦେବା ସହ ଦୋଷୀମାନଙ୍କୁ ତୁରନ୍ତ ଗିରଫକରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ସମନ୍ୱିତ ଯୋଜନା, ପ୍ରଶାସନିକ ସଂସ୍କାର ଉପରେ ଆଲୋଚନା

ଭୁବନେଶ୍ୱର,୨୮।୪(ବନ୍ଦନା ସେଠୀ)

**ବିକଶିତ ଓଡ଼ିଶା-୨୦୩୬**

ଓଡ଼ିଶାର ଦୀର୍ଘକାଳୀନ ବିକାଶର ରୂପରେଖ ପ୍ରସ୍ତୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ମଙ୍ଗଳବାର ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ସଦସ୍ୟ ଓ.ପି. ଅଗ୍ରୱାଲଙ୍କ ସହ ଉଚ୍ଚସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟକୁ ସାକାର କରିବା ପାଇଁ ସମନ୍ୱିତ ଯୋଜନା ପ୍ରଣାଳୀକୁ ଦୃଢ଼ କରିବା ଏବଂ ପ୍ରଶାସନିକ ସଂସ୍କାରକୁ ଆଗେଇ ନେବା ବିଷୟରେ ଆଲୋଚନା ହୋଇଥିଲା। ପାରମ୍ପରିକ ଯୋଜନା ପ୍ରଣାଳୀ ପରିବର୍ତ୍ତେ ଏକ ଗତିଶୀଳ ତଥା ଭବିଷ୍ୟତମୁଖୀ ମଡେଲ ଆପଣାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ନୂତନ ମଡେଲ ମୁଖ୍ୟତଃ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ ଏବଂ ସଂସ୍ଥାନିକ ସଂହତି ଉପରେ ପର୍ଯ୍ୟବସିତ। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଅର୍ଥନୈତିକ, ସ୍ଥାନିକ ଏବଂ ପ୍ରଶାସନିକ ଯୋଜନାକୁ ଏକତ୍ରିତ କରି ସ୍ଥାୟୀ ତଥା ସମାବେଶୀ ଅଭିବୃଦ୍ଧି ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଭୂ-ଉପଯୋଗ ଯୋଜନାରେ ସ୍ୱଚ୍ଛତା ଆଣିବା ସହ ଅଭିବୃଦ୍ଧି ତ୍ୱରାନ୍ୱିତ କରିବାକୁ ରଣନୈତିକ ଅର୍ଥନୈତିକ କ୍ଷେତ୍ର ଚିହ୍ନଟ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଦକ୍ଷତା ବୃଦ୍ଧି, ସଂସ୍ଥାନିକ ସୁଦୃଢ଼ୀକରଣ ଏବଂ ପରିବର୍ତ୍ତିତ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିପାରୁଥିବା ଶାସନ ବ୍ୟବସ୍ଥା ଗଠନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଘଟଣାସ୍ଥଳକୁ ଯାଇ ରିପୋର୍ଟ ଆଣିବ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

କେନ୍ଦୁଝର ଜିଲାରେ ଜଣେ ଆଦିବାସୀ ତାଙ୍କ ଭଉଣୀଙ୍କ ମୃତଦେହ ନେଇ ବ୍ୟାଙ୍କରେ ପହଞ୍ଚିବା ଘଟଣାକୁ ମଙ୍ଗଳବାର ବିଜେଡି ନିନ୍ଦା କରିଛି। ଏହି ଘଟଣାରେ ଦାୟୀ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସୁଦାମ ମାରାଣ୍ଡି କହିଛନ୍ତି, ଏହି ଘଟଣା ସମଗ୍ର ଦେଶରେ ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି। କେନ୍ଦୁଝର ଜିଲାର ଏରେଣ୍ଡେଇ ପଞ୍ଚାୟତର ଡିଆନାଳି ଗ୍ରାମର ରାଇବୁ ମୁଣ୍ଡା ଓ ଜିତୁ ମୁଣ୍ଡା ୨ ଭାଇ । ସେମାନଙ୍କ ପାଖରେ ତାଙ୍କ ଭଉଣୀ କଲରା ମୁଣ୍ଡା ରହୁଥିଲେ। ସେହି ସମୟରେ କଲରାଙ୍କ ନାଁରେ ସ୍ଥାନୀୟ ଏକ ବ୍ୟାଙ୍କରେ ଏକ ଆକାଉଣ୍ଟ ରହିଥିଲା। କିଛିଦିନ ପରେ କଲରା ଅସୁସ୍ଥ ହେଲେ। ସେହି ସମୟରେ କଲରାଙ୍କ ସାନଭାଇ ଜିତୁ ମୁଣ୍ଡା ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଯାଇଥିବା ସତ୍ତ୍ୱେ ବ୍ୟାଙ୍କ କର୍ମଚାରୀଙ୍କ ଅସହଯୋଗ ପାଇଁ ଟଙ୍କା ଉଠାଇପାରି ନ ଥିଲେ। ୨ ମାସ ତଳେ କଲରାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେହି ଟଙ୍କା ଉଠାଇବା ଲାଗି ଜିତୁ ବ୍ୟାଙ୍କକୁ ବାରମ୍ବାର ଯାଇଥିଲେ। ମାତ୍ର ବ୍ୟାଙ୍କ କର୍ମଚାରୀ କହିଥିଲେ, କଲରା ମୁଣ୍ଡା ଆସିଲେ ହିଁ ଟଙ୍କା ଉଠାଇହେବ। କିଛି ଉପାୟ ନ ପାଇ ଶେଷରେ ଜିତୁ ତାଙ୍କ ଭଉଣୀଙ୍କ ଶବକୁ ଯେଉଁଠାରେ ପୋତିଥିଲେ ତାକୁ କାଢ଼ି ବ୍ୟାଙ୍କକୁ ଆଣି ଆସିଥିଲେ। ଏହି ଦୃଶ୍ୟ ବ୍ୟାଙ୍କ କର୍ମଚାରୀଙ୍କ ସମ୍ବେଦନହୀନ ମନୋଭାବକୁ ପ୍ରଦର୍ଶିତ କରୁଥିଲା। ଏହା ସମଗ୍ର ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଘଟଣାର ଅନୁଧ୍ୟାନ କରିବା ଲାଗି ଦଳର ସଭାପତିଙ୍କ ଅନୁମୋଦନକ୍ରମେ ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଯାଇ ରିପୋର୍ଟ ପ୍ରସ୍ତୁତକରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।





ଭଞ୍ଜକଳା ମଣ୍ଡପରେ ଅନନ୍ୟ କଳା ଦର୍ପଣର ତୃତୀୟ ବାର୍ଷିକ ଉତ୍ସବ ପ୍ରତିବିମ୍ବରେ କଣ୍ଠଶିଳ୍ପୀଙ୍କ ସହ ଅତିଥି ଏବଂ ଅନ୍ୟମାନେ।

# ଟଙ୍କା ନେଲେ, ଦେଲେନି ଡ୍ୟୁପ୍ଲେକ୍ସ ଘର

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରେ ଏକ ଡ୍ୟୁପ୍ଲେକ୍ସ ଘର ନିର୍ମାଣ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୬୮ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ଘର ନ ଦେବା ସହ ଟଙ୍କା ମାଗିବାରୁ ଜୀବନରେ ମାରିଦେବାକୁ ଧମକ ଦେବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ରିଅଲ ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ସାରଳା ଗ୍ରାମର ସୁଶାନ୍ତ କୁମାର ବେହେରା। ଏନେଇ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର ଏକ ମାମଲା (ନଂ.୧୭୬/୨୪) ରୁଜୁ କରିଛନ୍ତି। ସୁଶାନ୍ତ ଏକ ରିଅଲ ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି। ସେ ଏକ ଡ୍ୟୁପ୍ଲେକ୍ସ ଘର ନିର୍ମାଣ କରିବା ପାଇଁ ଲୋକନାଥ ମିଶ୍ରଙ୍କଠାରୁ ୨ବର୍ଷ ତଳେ ପର୍ଯ୍ୟାୟକ୍ରମେ ୬୮ ଲକ୍ଷ ଟଙ୍କା ନେଇଥିଲେ। ଯେଉଁ ଜାଗାରେ ଡ୍ୟୁପ୍ଲେକ୍ସ ନିର୍ମାଣ ହେବ, ସେ ଜାଗା ମଧ୍ୟ ଦେଖାଇଥିଲେ। ପର୍ଯ୍ୟାୟକ୍ରମେ ଧାର୍ଯ୍ୟ ମୁତାବକ ଟଙ୍କା ନେଇଥିଲେ ମଧ୍ୟ ସମୟାନୁସାରେ ଦେଖାଇଥିବା ଜାଗା ଉପରେ ଘର ନିର୍ମାଣ ନ ହେବାରୁ ଲୋକନାଥ ଉକ୍ତ ସୁଶାନ୍ତଙ୍କୁ ଟଙ୍କା ମାଗିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସୁଶାନ୍ତ ଜୀବନରେ ମାରିଦେବାକୁ ଧମକ ଦେବାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିବା ଏପ୍ରିଲ୍ ୧ରେ ଚନ୍ଦକା ଥାନାରେ ଲୋକନାଥ କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପରେ ସୁଶାନ୍ତ ଫେରାର୍ ହୋଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସୋମବାର ରାତିରେ ଏକ ସ୍ଥାନରୁ ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିଛି।

## ସ୍ୱାଭିମାନ ଦିବସ ପାଳିତ

ଫୁଲନଖରା,୨୮।୪ (ସତ୍ୟରଞ୍ଜନ ଦାସ ମହାପାତ୍ର): କଟକ ସଦର ଥାନା ଅଞ୍ଚଳର ଆଞ୍ଚଳିକ ଶାନ୍ତି କମିଟି ଆନୁକୂଲ୍ୟରେ ମଧୁବାବୁଙ୍କ ଜୟନ୍ତୀକୁ ସ୍ୱାଭିମାନ ଦିବସ ରୂପେ ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରତାପନଗରୀସ୍ଥିତ ମା'ଧାକୁଲେଇ ପୀଠରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଏଥିରେ କମିଟି ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଓ ପ୍ରମୋଦ କୁମାର ସ୍ୱାଇଁ, ଉପଦେଷ୍ଟା ଡ. ଶରତ କୁମାର ରଥ ଓ ଶ୍ରୀସନ୍ୟାସୀ ଜୀ ଏବଂ ସାଧାରଣ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପରି ଜଣେ ବିଚକ୍ଷଣ ବ୍ୟକ୍ତି ସମଗ୍ର ବିଶ୍ୱରେ ବିରଳ ବୋଲି ବର୍ଣ୍ଣନା କରିଥିଲେ।

## ସଂକ୍ଷେପରେ

### ଯୁବତୀ ନିଖୋଜ ଥାନାରେ ଅଭିଯୋଗ

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ପଦ୍ମନାଭନଗର ଅଞ୍ଚଳର ଏକ ଘରୋଇ ଆପାର୍ଟମେଣ୍ଟ ନିକଟରୁ ଜଣେ ଯୁବତୀ ନିଖୋଜ ହୋଇଯାଇଥିବା ନେଇ ମଙ୍ଗଳବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ବାରଙ୍ଗ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ଉପରୋକ୍ତ ଆପାର୍ଟମେଣ୍ଟରେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଦିନ ପରି ସୋମବାର ନିଜ ଘରୁ ଆପାର୍ଟମେଣ୍ଟ ପର୍ଯ୍ୟନ୍ତ ସାଇକେଲ ନେଇ ଆସିଥିଲେ। ମାତ୍ର ଘରକୁ ଫେରି ନ ଥିଲେ। ଅପରାହ୍ନରେ ବେଣ୍ଟକାରପଡ଼ାସ୍ଥିତ ଏକ ଘରୋଇ ମଣ୍ଡପ ନିକଟରୁ ପରିବାର ଲୋକେ ସାଇକେଲ ପାଇଥିଲେ ମଧ ଯୁବତୀଙ୍କ ପତ୍ତା ମିଳି ନ ଥିଲା।

### ନିଆଳି ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ନିଆଳି,୨୮।୪(ସୁକାନ୍ତ କୁମାର ସିଂହ) ନିଆଳି ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଆଇକ୍ୟୁଏସି ସହଯୋଗରେ ନବପଥ-୨୦୨୬ ନାମରେ ବିଦାୟ ସମାରୋହ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ଦାସ ଉଦ୍‌ଘାଟନ କରିଥିବା ସହ ବିଭାଗର ଶ୍ରେଷ୍ଠତା ପାଇଁ ପିଲାମାନଙ୍କୁ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ସାହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ମତାମତ ପ୍ରକାଶ କରିଥିଲେ। ଅଧ୍ୟାପିକା ପ୍ରିୟଦର୍ଶିନୀ ଲେଙ୍କାଙ୍କ ସହ ଅନ୍ୟ ଅଧ୍ୟାପିକାଅଧ୍ୟାପକମାନେ ଉଦ୍‌ବୋଧନ ଦେଇଥିଲେ। ଶେଷରେ ପୁରାତନ ଛାତ୍ରୀଛାତ୍ର ତାଙ୍କର ମହାବିଦ୍ୟାଳୟର ଜୀବନୀ ଅଭିଜ୍ଞତା ଓ ସ୍ମୃତି ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ତଶ୍ରୀନ୍ ଓ ସ୍ୱୟଂ ପରିଚାଳନା କରଥିଲେ।

### ବାର୍ଷିକ ନାମ ସଂକୀର୍ତ୍ତନ ମହୋତ୍ସବ ଉଦ୍‌ଘାଟିତ

ତାଳବସ୍ତ,୨୮।୪(ସୁବ୍ରତ କୁମାର ନାୟକ): ଡମପଡ଼ା ବ୍ଲକ ଅନ୍ତର୍ଗତ ଅରପୁର ଆଦିବାସୀ ଶବର ସାହିରେ ୨ ଦିନିଆ ନାମ ସଂକୀର୍ତ୍ତନ ଓ ମେଳା ମହୋତ୍ସବ ମଙ୍ଗଳବାର ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମ୍ୟ ଆଧାତ୍ମିକ ବାତାବରଣ ଭିତରେ ଶୁଭାଧିବାସ, ନାମ ସଂକୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପଲ୍ଲୀମେଳାର ଭରପୂର ଆନନ୍ଦ ଉଠାଉଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଏପ୍ରିଲ ୨୯ରୁ ମେ' ୧ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଉତ୍କଳ ରଙ୍ଗମଞ୍ଚ ତରଫରୁ ଯାତ୍ରା ପରିବେଷଣ ହେବ ବୋଲି ପ୍ରମୁଖ କାର୍ଯ୍ୟକର୍ତ୍ତା ଗଣେଶ୍ୱର ପ୍ରଧାନ, ବ୍ରଜବନ୍ଧୁ ନାୟକ ଜଣାଇଛନ୍ତି। ମେଳା ଏବଂ ଯାତ୍ରା ଶାନ୍ତିଶୃଙ୍ଖଳା ପାଇଁ ତାଳବସ୍ତ ଫାଣ୍ଡି ତରଫରୁ ସମସ୍ତ ପ୍ରକାର ସୁରକ୍ଷା ବନ୍ଦୋବସ୍ତ ଦାୟିତ୍ୱ ନିଆଯାଇଛି।

# ରାମେଶ୍ୱର-ଟାଙ୍ଗୀ ରାସ୍ତା ହେଲେ ଜିଲାବାସୀ ଉପକୃତ ହେବେ



ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି।

କଟକ,୨୮।୪(କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ ମଧୁବାବୁଙ୍କ ପ୍ରତି ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ରେଳ ପ୍ରକଳ୍ପ, ଡ୍ରେନେଜ ବ୍ୟବସ୍ଥା, ନୂତନ ସେତୁ ନିର୍ମାଣ, ନୂତନ ସଡ଼କ ନିର୍ମାଣ, ବିଦ୍ୟୁତ୍ ସଂଯୋଗୀକରଣ ଆଦି ବିଷୟରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନଙ୍କୁ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାର ବିଭିନ୍ନ ମହାପୁରୁଷ ପୀଠ, ଦର୍ଶନୀୟ

**ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ**

ସ୍ଥାନ ଓ ମନ୍ଦିରଗୁଡ଼ିକର ଉନ୍ନତୀକରଣ ସହିତ ସେଠାକୁ ସଂଯୋଗ କରୁଥିବା ରାସ୍ତା ମରାମତି ଏବଂ ଆବଶ୍ୟକ ସ୍ଥଳେ ନୂତନ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ (କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ) ରାମେଶ୍ୱରଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ଥିବା ୧୧୦ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟକାରୀ ହେବା ପରେ କଟକ ଜିଲାର ଅଧିବାସୀ ଉପକୃତ ହେବା ସହ ଭୁବନେଶ୍ୱର ଓ କଟକ ସହରକୁ ଘେରିଥିବା ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ବହୁ ମାତ୍ରାରେ କମିବ ବୋଲି ଏମ୍‌ପି ମହତାବ ମତପ୍ରକାଶ କରିଛନ୍ତି।

ଜିଲାରେ ସାର ଯୋଗାଣ ସ୍ଥିତି ଓ ଚାଷୀମାନଙ୍କ ଚାହିଦା ପୂରଣ ସୁନିଶ୍ଚିତ କରିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏମ୍‌ପି ଭର୍ତ୍ତୃହରି ଏଲପିଜି ଯୋଗାଣ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି କହିଲେ, ଯୁଦ୍ଧର କୌଣସି ପ୍ରଭାବରେ ଯେପରି ନ ପଡ଼ିବ ସେଥିପ୍ରତି ସରକାର ଏବଂ ସମସ୍ତ ପ୍ରଶାସନିକ ଅଧିକାରୀ ସଚେତନ ଅଛନ୍ତି। ଏଲପିଜିର ଅନ୍ୟ ବିକଳ୍ପ ନିମନ୍ତେ ମଧ ବ୍ୟବସ୍ଥା କରାଯାଇ ସାରିଛି। ଯେଉଁଠି କଳାବଜାରୀ ସୂଚନା ପାଉଛନ୍ତି ଅତିଶୀଘ୍ର ବିଭିନ୍ନ ସ୍ତରରେ ଥିବା ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ। ଏଥିସହ ସ୍ଥାନୀୟ ଲୋକମାନଙ୍କ ସହଯୋଗ ନେଇ, ସେମାନଙ୍କୁ କୌଣସି କ୍ଷତି ନ ପହଞ୍ଚାଇ ଓ ସେମାନଙ୍କ ସମର୍ଥନ ସୁନିଶ୍ଚିତ କରିବା ସହ ପରସ୍ପର ସମନ୍ୱୟ ରକ୍ଷା କରି ଜିଲାର ବିଭିନ୍ନ ଅସମାପ୍ତ କାର୍ଯ୍ୟଗୁଡ଼ିକୁ ଖୁବ୍‌ଶୀଘ୍ର ସମାପ୍ତ କରିବାକୁ ବୈଠକରେ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟିକା, ବାରବାଟୀ-କଟକ ଇଂ ସୋଫିଆ ଫିର୍ଦ୍ଦୋସ, କଟକ-ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ଅନୁଷ୍ଠିତ ହୋଇଥିଲା।

# ଟଙ୍କା ନେଲେ, ଦେଲେନି ଡୁପ୍ଲେକ୍ସ ଘର

ବାରଙ୍ଗ,୨୮।୪(ଲିଙ୍ଗରାଜ ରାଉତ):

ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରେ ଏକ ଡୁପ୍ଲେକ୍ସ ଘର ନିର୍ମାଣ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୬୮ ଲକ୍ଷ ଟଙ୍କା ନେଇଥିଲେ। ମାତ୍ର ଘର ନ ଦେବା ସହ ଟଙ୍କା ମାଗିବାରୁ ଜୀବନରେ ମାରିଦେବାକୁ ଧମକ ଦେବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ରିଅଲ ଇଷ୍ଟେଟ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦୁଝର ସାରଳା ଗ୍ରାମର ସୁଶାନ୍ତ କୁମାର ବେହେରା। ଏନେଇ ଚନ୍ଦକା ଥାନା ଅଧିକାରିଣୀ ସମିତା ମିଶ୍ର ଏକ ମାମଲା (ନଂ.୧୭୬/୨୪) ରୁଜୁ କରିଛନ୍ତି।

ସୁଶାନ୍ତ ଏକ ରିଅଲ ଇଷ୍ଟେଟର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରନ୍ତି। ସେ ଏକ ଡୁପ୍ଲେକ୍ସ ଘର ନିର୍ମାଣ କରିବା ପାଇଁ ଲୋକନାଥ ମିଶ୍ରଙ୍କଠାରୁ ୨ବର୍ଷ ତଳେ ପର୍ଯ୍ୟାୟକ୍ରମେ ୬୮ ଲକ୍ଷ ଟଙ୍କା ନେଇଥିଲେ। ଯେଉଁ ଜାଗାରେ ଡୁପ୍ଲେକ୍ସ ନିର୍ମାଣ ହେବ, ସେ ଜାଗା ମଧ ଦେଖାଇଥିଲେ। ପର୍ଯ୍ୟାୟକ୍ରମେ ଧାର୍ଯ୍ୟ ମୁତାବକ ଟଙ୍କା ନେଇଥିଲେ ମଧ ସମୟାନୁସାରେ ଦେଖାଇଥିବା ଜାଗା ଉପରେ ଘର ନିର୍ମାଣ ନ ହେବାରୁ ଲୋକନାଥ ଉକ୍ତ ସୁଶାନ୍ତଙ୍କୁ ଟଙ୍କା ମାଗିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁଶାନ୍ତ ଜୀବନରେ ମାରିଦେବାକୁ ଧମକ ଦେବାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରିଥିବା ଏପ୍ରିଲ୍ ୧ରେ ଚନ୍ଦକା ଥାନାରେ ଲୋକନାଥ କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ପରେ ସୁଶାନ୍ତ ଫେରାର୍ ହୋଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସୋମବାର ରାତିରେ ଏକ ସ୍ଥାନରୁ ଚଢ଼ାଉ କରି ସୁଶାନ୍ତଙ୍କୁ ଗିରଫ କରିଛି।

# ପିକ୍‌ଅପ୍‌କୁ ଧକ୍କା ଦେଇ ଓଲଟିଲା ବସ୍



ମଙ୍ଗୁଳି-ଜଗତପୁର,୨୮।୪(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ପଶୁପତିଗଡ଼ା ନିକଟରେ ମଙ୍ଗଳବାର ଅପରାହ୍ନରେ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବେଆଇନ ପାର୍କିଂ କରି ଛିଡା ହୋଇଥିବା ଏକ ପିକ୍‌ଅପ୍ ଭ୍ୟାନକୁ ବସ୍ ପିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ବସ୍ ଓ ପିକ୍‌ଅପ୍‌ର ସାମ୍ନାପଟ ସମ୍ପୂର୍ଣ୍ଣ ଭାଙ୍ଗିଚୂରମାର ହୋଇଯାଇଛି। ବସ୍‌ରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବା ବେଳେ କଣ୍ଡକ୍ଟରଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ କଟକ ବଡମେଡିକାଲକୁ ପଠାଯାଇଛି। ବସ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି୦୫-ବିକ୍ୟୁ ୨୯୩୫) ପଶୁପତି ଦାନା କମ୍ପାନୀରୁ ମାଲ ଖାଲି କରି ଜାତୀୟ ରାଜପଥ ଆସିଥିଲା। ହଠାତ୍ ଚାଳକ ଗାଡି ରାସ୍ତା ମଝିରେ ଛିଡା କରି ବିଲ୍ ପାଇଁ ପୁନଃଶ୍ଚ କମ୍ପାନୀକୁ ଯାଇଥିଲେ। ସେହି ସମୟରେ ଯାଜପୁର ସିଂପୁରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଚକାନୟନ ବସ୍ (ନଂ.ଓଡି୦୨ସିଏଲ୍ ୪୫୫୮) ଭାରସାମ୍ୟ ହରାଇ ପିକ୍‌ଅପ୍ ଭ୍ୟାନକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ବସ୍ କାଚ ଭାଙ୍ଗି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ।

# କଣ୍ଟିପୁର ପ୍ରସିଦ୍ଧ ମା' ଖଣ୍ଡୁଆଳୀ ଯାତ୍ରାରମ୍ଭ

ଟିଗିରିଆ,୨୮।୪(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତସ୍ଥିତ କଣ୍ଟିପୁର ଗ୍ରାମର ଆରାଧ୍ୟା ଦେବୀ ମା' ଖଣ୍ଡୁଆଳୀଙ୍କ ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଯାଇଛି। ପରମ୍ପରା ଅନୁଯାୟୀ ପ୍ରତ୍ୟେକ ବର୍ଷ ବୈଶାଖ ମାସ ତ୍ରୟୋଦଶୀ ତିଥିରେ ଏହି ଯାତ୍ର ଆରମ୍ଭ ହୋଇ ବୁଦ୍ଧପୂର୍ଣ୍ଣିମା ଦିନ ଝାମୁଯାତ୍ରା ସହ ଶେଷ ହୋଇଥାଏ। ଚଳିତବର୍ଷ ଯାତ୍ରାର ପ୍ରଥମ ଦିବସରେ ଗ୍ରାମର ଶତାଧିକ ମାନସିକଧାରୀ କଳସ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଗନ୍ଧର୍ବ ନାଳରୁ ପାଣି ନେଇ ପୀଠରେ ପହଞ୍ଚିଥିଲେ। ପୀଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଯାତ୍ରା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା। ବୁଧବାର ମା' ଖଣ୍ଡୁଆଳୀଙ୍କ ବିଗ୍ରହ ସୁସଜ୍ଜିତ ବିମାନରେ ବାଜା, ବାଣ ଓ ରୋଶଣିରେ ଗ୍ରାମ ପରିକ୍ରମା କରି





ଭୋଗ ଖାଇବାର ପରମ୍ପରା ରହିଛି। ୧ ତାରିଖ ବୁଦ୍ଧପୂର୍ଣ୍ଣିମାର ଅନ୍ତିମ ଦିନରେ ମା'ଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରାରେ ମାନସିକଧାରୀ ଝାମୁ ଚାଲିବାର ପରମ୍ପରା ରହିଛି। ଏହି ପ୍ରସିଦ୍ଧ ଯାତ୍ରା ପାଇଁ ଗ୍ରାମର ସମସ୍ତ ସାହି, ଗଳିରେ ଯାତ୍ରା କମିଟି ପକ୍ଷରୁ ରଙ୍ଗବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଛି। ଗ୍ରାମର ଖଣ୍ଡୁଆଳୀ ସାହି, ସତ୍ୟନଗର ସାହି, ବିଜୟ ନଗର ସାହି, ତ୍ରିନାଥ ନଗର ସାହି ଓ ମଝି ସାହି ଯାତ୍ରା କମିଟିର ସଦସ୍ୟଙ୍କ ତରଫରୁ ଆକର୍ଷଣୀୟ ମେଢ଼ ନିର୍ମାଣ ସହ ସୁନ୍ଦର ତୋରଣ ନିର୍ମାଣ କରାଯାଇଛି। ପ୍ରତ୍ୟେକ ଦିନ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### କନ୍ୟାଶ୍ରମ ପ୍ରତିଷ୍ଠାତାଙ୍କ ପରଲୋକ

ଚୌଦ୍ୱାର,୨୮।୪(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତସ୍ଥିତ ଶିଶୁ ଆଶ୍ରମ 'ଭରସା'ର ପ୍ରତିଷ୍ଠାତା ତଥା ସମ୍ପାଦକ ଛବିଳ ନାୟକଙ୍କ ମଙ୍ଗଳବାର ଭୋରରେ ପରଲୋକ ହୋଇଯାଇଛି। ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଟକର ମୂଳ ବାସିନ୍ଦା ନାୟକ ଯୁବାବସ୍ଥାରେ ପ୍ରଥମେ ଫୁଲବାଣୀରେ ଏକ କନ୍ୟାଶ୍ରମ ପ୍ରତିଷ୍ଠା କରି ଅସହାୟ ବାଳିକାମାନଙ୍କୁ ସେବା ଯୋଗାଇ ଆସୁଥିଲେ। ପରେ ସେ ମଙ୍ଗରାଜପୁରଠାରେ ଏକ ଆଶ୍ରମ ପ୍ରତିଷ୍ଠା କରି ପ୍ରାକୃତିକ ପରିବେଶ ଭିତରେ ଅସହାୟ ଶିଶୁମାନଙ୍କ ସେବାରେ ନିଜକୁ ବ୍ରତୀ କରାଇଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ମଙ୍ଗରାଜପୁର ଗ୍ରାମ ପରିକ୍ରମା କରାଯାଇ ଜନସାଧାରଣଙ୍କ ଦର୍ଶନ ପାଇଁ ଆଶ୍ରମ ପରିସରରେ ରଖାଯାଇଛି। ବୁଧବାର ପୂର୍ବାହ୍ନରେ ଖ୍ରୀଷ୍ଟୀୟ ରୀତିନୀତିରେ ଶବ ସତ୍କାର କରାଯିବ ବୋଲି ପରିବାର ଓ କନ୍ୟାଶ୍ରମ ସୂତ୍ରରୁ ପ୍ରକାଶ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଗଭୀର ଶୋକବ୍ୟକ୍ତ କରି ଅଞ୍ଚଳବାସୀ ଜଣେ ନିଷ୍ଠାପର ଓ ନିଃସ୍ୱାର୍ଥପର ଶିଶୁ ସେବକ ଓ ଶିଶୁପ୍ରେମୀଙ୍କୁ ହରାଇଲା ବୋଲି ମତବ୍ୟକ୍ତ କରିଛନ୍ତି।

### ଜଳିଗଲା ୨ ବଖରା

ବାଙ୍କୀ,୨୮।୪(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ପଞ୍ଚାୟତସ୍ଥିତ ରାମଚଣ୍ଡୀ ଗ୍ରାମର ଟିଟୁ ଗୋଛାୟତଙ୍କ ଘରେ ସୋମବାର ରାତିରେ ନିଆଁ ଲାଗି ୨ ବଖରା ଚାଳଘର ସହ ଆସବାବ ପତ୍ର ଧନ ସମ୍ପତ୍ତି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡି ନାହିଁ।

ବିଳମ୍ବିତ ରାତିରେ ପରିବାର ଲୋକେ ଶୋଇଥିଲେ। ହଠାତ୍ ନିଦ ଭାଙ୍ଗିଯିବାରୁ ନିଆଁ ଦେଖି ବାହାରକୁ ଦୌଡ଼ି ଆସି ଚିତ୍କାର କରିଥିଲେ। ପରେ ଗାଁ ଲୋକେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ ଆୟତ୍ତ କରି ପାରି ନ ଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ୨ ବଖରା ଚାଳଘର ସହ ଭିତରେ ଥିବା ଆସବାବ ପତ୍ର ଓ ଧନ ସମ୍ପତ୍ତି ସମ୍ପୂର୍ଣ୍ଣ ପୋଡ଼ି ଜଳି ଧୂଳିସାତ୍ ହୋଇଯାଇଥିଲା। ଡମପଡ଼ା ତହସିଲଦାର ବୈଶାଖୀ ଲେଙ୍କା ଓ ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରଙ୍କୁ ଆଶ୍ୱାସନା ଦେବା ଏବଂ କ୍ଷୟକ୍ଷତିର ଆକଳନ କରିବା ସହ ପାଲ ଯୋଗାଇଥିଲେ। ଏଥିସହ ଅଗ୍ନି ବିପନ୍ନ ପରିବାରକୁ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ତହସିଲଦାର ଲେଙ୍କା କହିଛନ୍ତି।

### ଜୈବପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଔଷଧୀୟ ବୃକ୍ଷର ସଂରକ୍ଷଣ ହୋଇପାରିବ

ବାଙ୍କୀ,୨୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ଜୈବପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ , ବ୍ୟବହାର , ପ୍ରଚାର ଓ ସଂରକ୍ଷଣ ଦିଗରେ ଔଷୀୟ ବୃକ୍ଷ ଉପଯୋଗ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଦୃଶ୍ୟଶ୍ରାବ ଗୃହରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଡ. ମୁକ୍ତିପଦ ପଣ୍ଡା ସଭାପତିତ୍ୱ କରିଥିଲେ । ଅଧ୍ୟକ୍ଷ ପ୍ରାଧାପକ ପ୍ରମୋଦ କୁମାର ପଣ୍ଡା ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜୈବ ପ୍ରଯୁକ୍ତି ବିଦ୍ୟାର କିପରି ଉପଯୋଗ କରି ବିରଳ ଔଷଧୀୟ ବୃକ୍ଷର ସଂରକ୍ଷଣ ହୋଇ ପାରିବ ସେ ସମ୍ପର୍କରେ ମତ ରଖଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧାପକ ମନୋଜ କୁମାର ମହାପାତ୍ର ଓ ଉପାଧ୍ୟକ୍ଷା ପ୍ରାଧାପିକା ଗାୟତ୍ରୀ ନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଉଦ୍ଭିଦବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ପ୍ରଦୀପ କୁମାର ଚାନ୍ଦ ଯୋଗଦେଇ ଥିଲେ।

# ପକ୍ଷ ରଖିଲେ କିଶନନଗର ତହସିଲଦାର

କଟକ ସଦର,୨୮।୪ (ସୁଶାନ୍ତ କୁମାର ଜେନା):



କୋସିଦା ଭୋଗ ମଣ୍ଡପ ।

କିଶନନଗର ତହସିଲ ଅନ୍ତର୍ଗତ କୋସିଦା ଗ୍ରାମରେ ବିଦ୍ୟାଳୟ ଜାଗାରେ ଭୋଗ ମଣ୍ଡପ ନିର୍ମାଣ ଘଟଣା ସମ୍ପର୍କରେ କଟକ ଜିଲାପାଳ ତଦନ୍ତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋସିଦା ମୌଜା ଖାତା ନଂ. ୧୮୭ (ରକ୍ଷିତ)ପ୍ଲଟ ନଂ ୫୨ ଓ ୫୩ ଭିକାରୀ ଚରଣ ବିଦ୍ୟାପୀଠ ଦଖଲରେ ଥିବା ମନ୍ତବ୍ୟ ସ୍ଥାନରେ ଉଲ୍ଲେଖ ରହିଛି। ପ୍ଲଟ ନଂ. ୫୩ର କିଛି ଅଂଶ ଖାଲି ଥିବାରୁ ଏହି ସ୍ଥାନରେ ଭୋଗ ମଣ୍ଡପ ନିର୍ମାଣ କରାଯାଇ ପାରିବ। କିନ୍ତୁ ପ୍ରଥମେ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ ୨୦୧୩ ମୁତାବକ ବିଡିଓ ଜମିର ମାଲିକାନା ପାଇଁ ତହସିଲରଙ୍କୁ ଆବେଦନ କରିବେ। ଏହି ଆବେଦନକୁ କେବଳ ଜିଲାପାଳ ଓ ରାଜସ୍ୱ ଆୟୁକ୍ତ ବିଚାର କରି ଅନୁମତି ଦେଇପାରିବେ। ମାତ୍ର ତାହା କରା ନ ଯାଇ ଭୋଗ ମଣ୍ଡପ ନିର୍ମାଣ ବିଭାଗୀୟ ତତ୍ତ୍ୱାବଧାନରେ କରାଯାଇଛି। କାମ ଶେଷ ହୋଇଥିଲେ ସୁଦ୍ଧା ଅନୁମତି ପାଇଁ

**କୋସିଦା ଭୋଗ ମଣ୍ଡପ ନିର୍ମାଣ ଘଟଣା**

ବିଡିଓଙ୍କ ପକ୍ଷରୁ କୌଣସି ଆବେଦନ କରାଯାଇ ନାହିଁ ବୋଲି ପକ୍ଷ ସଞ୍ଜୟ କୁମାର ଦାସ କହିଛନ୍ତି। ତେଣୁ ଏହି ଘଟଣା ଜିଲାପାଳଙ୍କ ତଦନ୍ତ ବେଳେ ଭିନ୍ନ ମୋଡ଼ ନେବ ବୋଲି ଦାସ କହିଛନ୍ତି। ଅନ୍ୟପକ୍ଷରେ କିଶନନଗର ତହସିଲଦାର ନିଜ ପକ୍ଷରଖି ପତ୍ର ସଂଖ୍ୟା ୨୬୧/୨୨।୧।୨୦୨୬ରେ ସବୁକଥା କଟକ ସଦର ବିଡିଓଙ୍କୁ ଜଣାଇ ସରିଛି ବୋଲି ସ୍ପଷ୍ଟ କରଣ ଦେଇଛନ୍ତି। ଏଥିରେ ପ୍ରଥମେ ନିର୍ମାଣ ପାଇଁ କୌଣସି ଲେଖା ନାହିଁ ବୋଲି ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ କହିଛନ୍ତି।

# ଯୁବପିଢ଼ି ମଧୁବାବୁଙ୍କ ଜୀବନୀକୁ ଅନୁସରଣ କରିବା ଆବଶ୍ୟକ

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)



ମଧୁବାବୁ ଜୟନ୍ତୀ ପାଳନ ଅବସରରେ ସାଲେପୁର ମଧୁବାବୁ ଜୟନ୍ତୀ କମିଟିର ସଦସ୍ୟମାନେ।

ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ କଟକ ଜିଲା ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟରେ ଜିଲା ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁ ବାବୁଙ୍କ ଅବଦାନ ଏକ ଇତିହାସ ନୁହେଁ, ବରଂ ଓଡ଼ିଆ ଜାତିର ସ୍ୱାଭିମାନ ଓ ସ୍ଥିତି ରକ୍ଷାର ମୂଳଦୁଆ। ଆଜିର ଯୁବପିଢ଼ି ମଧୁବାବୁଙ୍କ ଜୀବନୀକୁ ଅନୁସରଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ଶଶିଭୂଷଣ ବେହେରା, ରାଜ୍ୟ ବିଜୁ ଜନତା ଦଳ ଆଇନଜୀବୀ ସାମୁଖ୍ୟର ପୂର୍ବତନ ଅଧ୍ୟକ୍ଷ ମିଳନ କାନୁନ୍‌ଗୋ ଯୋଗଦେଇଥିଲେ। ଏହି ଅବସରରେ କଟକ କ୍ରିମିନାଲ ବାର୍ ଆସୋସିଏଶନର ନବ ନିର୍ବାଚିତ ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ ଆଇନ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ବିଜେ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ମହାନ୍ତି, ଶିଶିର ପରିଜା, ସୟଦ ଏକରାମ ହୁସେନ, ଅନିତା ବେହେରା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଜୟଦେବ ଜେନା, ଇତିଶ୍ରୀ ଦାସ, ଝିଲ୍ଲୀ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଉପାଧ୍ୟକ୍ଷା ରଞ୍ଜିତା କାହାଳି ଧନ୍ୟବାଦ ଅର୍ପଣ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ)**

ଚୌଦ୍ୱାରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଚୌଦ୍ୱାର ମହିଳା ମହାବିଦ୍ୟାଳୟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଶରତ କୁମାର ଖୁଣ୍ଟିଆ, ବୈଷ୍ଣବ ଚରଣ ପ୍ରଧାନ, ଭାଗବତ ରାଉତ, ଅକ୍ଷୟ ମିଶ୍ର, କାଉନସିଲର ଦିଲୀପ କୁମାର ସାହୁ, ପ୍ରମୁଖ ପୁଷ୍ପମାଲ୍ୟାର୍ପଣ କରିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁରୂପ ଭାବରେ ଚୌଦ୍ୱାର ପ୍ରେସ କ୍ଲବ, ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ, ଟାଙ୍ଗୀ-ଚୌଦ୍ୱାର ଆଇନ୍‌ଜୀବୀ ସଂଘ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂସଦର ଯୁଗ୍ମ ସମ୍ପାଦକ ଆଡ୍‌ଭୋକେଟ୍ ସରିତା ଦାସ ଓ ସହସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

**ଟିଗିରିଆ,(ଜାଫର ଖାଁ)**

ଟିଗିରିଆ ଜେଏମ୍‌ଏଫ୍‌ସି କୋର୍ଟ ବାର ହଲ୍‌ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀଙ୍କ ତରଫରୁ ଉତ୍କଳର ବରପୁତ୍ର ମଧୁସୂଦନ ଦାସ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଆଇନଜୀବୀଙ୍କ ମଧ୍ୟରେ ମଙ୍ଗଳ କୃଷ୍ଣ ଦାସ, ରମେଶ ଚନ୍ଦ୍ର ମାଝୀ, ଶଙ୍କର୍ଷଣ ମହାନ୍ତି, ଚନ୍ଦ୍ରମଣି ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟମାନେ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ)**

ସାଲେପୁରର ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ମଧୁବାବୁ ଜୟନ୍ତୀ କମିଟି ସଭାପତି ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ ପୌରୋହିତ୍ୟ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ସାଲେପୁର ବଜାରର କୁଆଁପାଳ ଛକ ନିକଟ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଏବଂ ମଧୁସୂଦନ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଭୂୟାଁ, ଆଜମଲ ଖାଁ, ପୂର୍ଣ୍ଣିମା ବଡ଼ିଆ, ପ୍ରଭାକର ଦାଶ, କୈଳାସ କର ପ୍ରମୁଖଙ୍କ ସମେତ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଭାଜପାର ଜନଆକ୍ରୋଶ ମହିଳା ସମାବେଶ, ପଦଯାତ୍ରା

**ଅସ୍ତରଙ୍ଗ,୨୮।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ମହିଳା ସଂରକ୍ଷଣ ବିଲ୍ କାଟ୍‌କୁ ନେଇ ମଙ୍ଗଳବାର ଅସ୍ତରଙ୍ଗ ଓ ନୂଆଗଡ଼ ମଣ୍ଡଳ ଭାଜପା ପକ୍ଷରୁ ବିଶାଳ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ହରିଣୀହୁଳା ରାମମନ୍ଦିରଠାରୁ ମା’ ଜାଗୁଳେଇ ମନ୍ଦିର ପର୍ଯ୍ୟନ୍ତ ଶହ ଶହ ମହିଳା ଓ ପୁରୁଷ କଳାବ୍ୟାଜ୍ ପରିଧାନ କରି ଏକ ବିଶାଳ ପଦଯାତ୍ରାରେ ଯାଇଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସଂସଦରେ ପାରିତ କରିବାରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀମାନେ ପ୍ରତିବନ୍ଧକ ସାଜିଥିଲେ। ଏହି ବିଲ୍ ବିରୋଧରେ ଭୋଟିଂ ଦେଇ ରାଜନୀତି କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ଚାହୁଁ ନ ଥିବା ଉପସ୍ଥିତ ଆନ୍ଦୋଳନକାରୀମାନେ କହିଛନ୍ତି। ସମାବେଶରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ, ନାରୀନେତ୍ରୀ ରାଜଲକ୍ଷ୍ମୀ ନାୟକ, ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା, ପ୍ରଶାନ୍ତ ଭୋଳ, ଜିତେନ୍ଦ୍ର ସ୍ୱାଇଁ, ପ୍ରସନ୍ନ ବାରିକ ଓ ଅର୍ଜୁନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାଜପା ତରଫରୁ ବିଶାଳ ଜନଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ସମାଜର ପ୍ରତ୍ୟେକ ବର୍ଗର ମହିଳା ଓ ପୁରୁଷ ସାମିଲ ହୋଇ ପଥପ୍ରାନ୍ତ ସଭା କରିବା ସହ ବିରୋଧୀ ନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ପରଲୋକ

**ଅସ୍ତରଙ୍ଗ,୨୮।୪(ମମତା ଜେନା)**

କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡ଼ା ପଞ୍ଚାୟତ କୁରୁଜଙ୍ଗା ଗ୍ରାମର ଅବସର ପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ସାଧୁ ଚରଣ ସାହୁ (୮୧) ଙ୍କର ମଙ୍ଗଳବାର ପରଲୋକ ଘଟିଛି। ସେ ପ୍ରଥମେ ବାଜପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ କୋଣାର୍କ ଓ ପରେ ନିମାପଡା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଅବସର ନେଇଥିଲେ। ତାଙ୍କ ମୃତ୍ୟୁରେ ଶିକ୍ଷକ ମହଲରେ ଶୋକରଛାୟା ଖେଳିଯାଇଛି। ତାଙ୍କ ମୃତଦେହ ନିକଟରେ ପତ୍ନୀ (ଅନୁ), ପୁତ୍ର ସ୍ୱରାଜ୍ୟ, ପୁତ୍ରବଧୂ ମିତା, ନାତି ସମ୍ଭବ, ନାତୁଣୀ ସମ୍ଭାବନା, ପୁତୁରା, ଝିଆରୀ ପରିବାର, ବନ୍ଧୁବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଦାହ କରାଯାଇଛି।

## ଦୀର୍ଘବର୍ଷ ପରେ ସାପ୍ତାହିକ ହାଟରେ ଲାଗିଲା ଲାଇଟ୍

**ଅସ୍ତରଙ୍ଗ,୨୮।୪ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପୁରୀ ଜିଲାର ସବୁଠୁ ବଡ଼ ସାପ୍ତାହିକ ହାଟ ଭାବେ ବେଶ୍ ପରିଚିତ ଅସ୍ତରଙ୍ଗ ହାଟ। କିନ୍ତୁ ହାଟ ମଧ୍ୟରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଏଠାକୁ ଆସୁଥିବା ଦୂରଦୂରାନ୍ତର ବେପାରୀ ଓ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ବର୍ଷ ପରେ ଅସ୍ତରଙ୍ଗ ପଞ୍ଚାୟତ ପକ୍ଷରୁ ଏଠାରେ ଲାଇଟ୍ ଲଗାଯାଇଛି। ଏଥିପାଇଁ ସାପ୍ତାହିକ ହାଟକୁ ଯାଉଥିବା ବ୍ୟବସାୟୀ ଓ ଗ୍ରାହକ ଖୁସି ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବଜାର ଓ ସାପ୍ତାହିକ ହାଟ ଉପରେ କାକଟପୁର ନିର୍ବାଚନମଣ୍ଡଳୀର ଲକ୍ଷାଧିକ ଜନସାଧାରଣ ନିର୍ଭର କରିଥାନ୍ତି। ହାଟପାଳି ଦିନ ହାଟ ମଧ୍ୟରେ ଆଲୋକୀକରଣ ନ ଥିବାରୁ ଆମିଷ ବଜାର, ପନିପରିବା ବଜାର ଓ ଅନ୍ୟାନ୍ୟ ଜିନିଷ ବିକ୍ରି କରୁଥିବା ବ୍ୟବସାୟୀ ଓ ଖାଉଟିମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସଞ୍ଜ ହେବା ମାତ୍ରେ ଅନ୍ଧାରକୁ ଦୂର କରିବାକୁ ଜଣେ ବ୍ୟକ୍ତି ଜେନେରେଟର ଲଗାଇ ପ୍ରତି ବ୍ୟବସାୟୀଙ୍କୁ ଭଡ଼ାରେ ଆଲୋକ ଯୋଗାଉଥିଲେ। ଏହି ଆଲୋକୀକରଣ ପାଇଁ ବ୍ୟବସାୟୀଙ୍କ ପକେଟ ଉପରେ ପ୍ରଭାବ ପଡୁଥିଲା। ଏହା ମଧ୍ୟରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ଯୋଗୁ ହାଟ ଭିତରେ ୧୮ଟି ସୋଲାର ଲାଇଟ୍ ଲଗାଯାଇ ଆଲୋକୀକରଣ କରାଯାଇଛି। ଫଳରେ ସାପ୍ତାହିକ ହାଟ ଭିତର ଓ ମାଛ ବଜାରରେ ରାତିରେ ବ୍ୟବସାୟୀ ଏବଂ ଗ୍ରାହକମାନେ ଉପକୃତ ହେବେ।

# ଚିକିତ୍ସା ଅବହେଳାରୁ ବସନ୍ତଙ୍କ ମୃତ୍ୟୁ, ମେଡିକାଲ୍‌ରେ ଉତ୍ତେଜନା

- ଅଭିଯୋଗ ଆଣିଲେ ପରିବାର ଲୋକେ
- ୩୦ ମିନିଟ୍ ଧରି ଚିକିତ୍ସା କଲେନି ଡାକ୍ତର

**ସାକ୍ଷୀଗୋପାଳ,୨୮।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**


ଉତ୍ତେଜନା ସ୍ଥଳରେ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

ଚିକିତ୍ସାରେ ବିଳମ୍ବ କାରଣରୁ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ସାକ୍ଷୀଗୋପାଳ ମେଡିକାଲ୍‌ରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ମୃତ୍ୟୁ ପାଇଁ କାର୍ଯ୍ୟରେ ଅବହେଳା କରିଥିବା ଡାକ୍ତରଙ୍କୁ ତୁରନ୍ତ ବଦଳି ସହ ଉପଯୁକ୍ତ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ମୃତକଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଡ଼ି ବସିଥିଲେ। ଖବରପାଇ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ସମ୍ପର୍କୀୟ ଓ ସେଠାରେ ଉପସ୍ଥିତ ଥିବା ଶତାଧିକ ଲୋକଙ୍କ ଅଭିଯୋଗକୁ ଆଧାରକରି ଜିଲା ଚିକିତ୍ସାଧିକାରୀ ଓ ପୁରୀ ଉପଜିଲାପାଳଙ୍କୁ ଏ ବିଷୟରେ ଜଣାଇବା ପରେ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ମୃତକଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ସତ୍ୟବାଦୀ ଥାନା ଅନ୍ତର୍ଗତ ବନପୁର ସାମିଲ ବନମାଳୀଡ଼ିପିର ବସନ୍ତ କୁମାର ମହାନ୍ତି(୬୧) ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ଚିକିତ୍ସା ନିମନ୍ତେ ପରିବାର ଲୋକେ ତାଙ୍କୁ ମଧ୍ୟାହ୍ନ ୧୨.୧୫ରେ ସାକ୍ଷୀଗୋପାଳ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ହେଲେ ୧୨ଟା ୪୫ ପର୍ଯ୍ୟନ୍ତ ବସନ୍ତଙ୍କୁ କୌଣସି ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବାରୁ ବସନ୍ତଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଯେତେବେଳେ ବସନ୍ତଙ୍କ ଶରୀର ନିସ୍ତେଜ ହୋଇଯାଇଥିଲା, ସେତେବେଳେ ହୋହଲ୍ଲା ଶୁଣି ଦାୟିତ୍ୱରେ ଥିବା ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ ବୋଲି ବସନ୍ତଙ୍କ ପୁତୁରା ବିଶ୍ୱନାଥ ପ୍ରତାପ ମହାନ୍ତି ଅଭିଯୋଗ କରିଛନ୍ତି। ତେବେ ଘଟଣା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ତାହା ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହାକୁ ତଦନ୍ତ ପରିସରକୁ ନେବା ପାଇଁ ମୃତକଙ୍କ ପୁତୁରା ଦାବି କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୃତ ବସନ୍ତଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଛି।

# ରେଙ୍ଗଳ ମେଳଣ ପଡ଼ିଆରେ ମାର୍‌ପିଟ, ଏକାଧିକ ଆହତ

**ଡେଲାଙ୍ଗ,୨୮।୪(ରଶ୍ମୀରଞ୍ଜନ ପ୍ରଧାନ)**

ଡେଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗଳ ମେଳଣ ପଡ଼ିଆରେ ଡ୍ରାମା ଚାଲିଥିବା ସମୟରେ ହଠାତ ଡ୍ରାମା ପେଣ୍ଡାଲ ଉପରକୁ ଟେକା ପଥର ମାଡ଼ ହେବା ସହ ଠେଙ୍ଗା ମାଡ଼ରେ ଏକାଧିକ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ଗ୍ରାମରେ ମେଳଣ ଯାତ୍ରା ପରଦିନ ଗାଁର ଯୁବକଙ୍କ ଦ୍ୱାରା ମଞ୍ଚରେ ଡ୍ରାମା କରାଯାଉଥିଲା। ବିଗତ ୩ବର୍ଷ ହେଲାଣି ଶ୍ରୀଭାଗବତ ବାସୁଦେବ ଡ୍ରାମାଟିକ ଆସୋସିଏଶନ ପକ୍ଷରୁ ଡ୍ରାମା ପରିବେଷଣ ହୋଇଆସୁଛି। ଚଳିତ ବର୍ଷ ଡ୍ରାମା ଚାଲିଥିବା ସମୟରେ ହଠାତ୍ ଡ୍ରାମା ପେଣ୍ଡାଲ ଉପରକୁ ଟେକା ପଥର ମାଡ ହେବା ସହ ଗ୍ରାମର ଉପରସାହିର ୧୫ରୁ ଅଧିକ ଯୁବକ ହାତରେ ମାରଣାସ୍ତ୍ର, ଠେଙ୍ଗା, ବାଡ଼ି ଧରି ପେଣ୍ଡାଲ ଉପରେ ଚଢ଼ି ଭଙ୍ଗାରୁଜା କରି ମରଣାତ୍ମକ ଆକ୍ରମଣ କରିଛନ୍ତି। ଏହି ସମୟରେ ଲୋକମାନେ ଭୟରେ ଏଣେତେଣେ ଦୌଡ଼ି ପଳାଇଯିବାରୁ ଅନେକ ଲୋକ ଦଳାଚକଟାର ଶିକାର ହୋଇଛନ୍ତି। ଦଳାଚକଟାରେ ଏକାଧିକ ଲୋକ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏନେଇ ଡ୍ରାମାଟିକ ଆସୋସିଏଶନର ସଭାପତି ବିକ୍ରମ ସାହୁଙ୍କ ସମେତ ପ୍ରଶାନ୍ତ ରାୟ, ଦୀପକ ବାରିକ, ଗଣେଶ ମହାପାତ୍ର, ଦୀପକ ଲେଙ୍କା ପ୍ରମୁଖ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ୧୨୨/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଅପରପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ୧୨୩/୨୬ରେ କରାଯାଇଥିବା ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ଏନେଇ ଡେଲାଙ୍ଗ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

# ଯୁବଶକ୍ତିର ବିକାଶ ହେଲେ ଦେଶର ବିକାଶ ସମ୍ଭବ

**ଡେଲାଙ୍ଗ,୨୮।୪(ରଶ୍ମୀରଞ୍ଜନ ପ୍ରଧାନ)**

**ଡେଲାଙ୍ଗ ଯୁବ ଉତ୍ସବ ଉଦ୍‌ଯାପିତ**



ଡେଲାଙ୍ଗ ବ୍ଲକର ମା’ କେନ୍ଦ୍ରେଶ୍ୱରୀ ମନ୍ଦିର ସନ୍ନିକଟ ପଡ଼ିଆରେ ଅନୁଷ୍ଠିତ ୩ଦିନିଆ ଯୁବ ଉତ୍ସବ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। କଳକୀ ଫାଉଣ୍ଡେଶନ ଓ ଲିପ୍ସା ଏଜୁକେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଯୁବ ଉତ୍ସବ ସମାବେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ଗଙ୍ଗାଧର ବରାଳ, ବର୍ଷିୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଶିକ୍ଷାବିତ୍ ନଗେନ୍ଦ୍ର ନାଥ ସୁନ୍ଦରାୟ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଯୁବଶକ୍ତିର ବିକାଶ ହେଲେ ଦେଶର ବିକାଶ ସମ୍ଭବ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ସଂଗଠିତ ହିନ୍ଦୁ ପରିବାରର ସଂସ୍ଥାପକ ପ୍ରଦୀପ କୁମାର ବେହେରା ଉପସ୍ଥିତ ରହି ଡେଲାଙ୍ଗ ଅଞ୍ଚଳରେ ନୂତନ ଭାବେ ପ୍ରାରମ୍ଭ କରାଯାଇଥିବା ଯୁବ ଉତ୍ସବକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକଙ୍କ ଭାଗୀଦାରୀ ଆବଶ୍ୟକତା ରହିଥିବା ନେଇ ବକ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନୃତ୍ୟ, ସଙ୍ଗୀତ, ମ୍ୟୁଜିକ୍ ଚେୟାର, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ ଓ ୧୧,୧୧୧ ରାମନାମ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କବିରାଜ ସାହୁ ସଭା ସଂଯୋଜନା କରିଥିବା ବେଳେ ଟ୍ରଷ୍ଟର ସଭାପତି ପୂର୍ଣ୍ଣେନ୍ଦୁ ପ୍ରଧାନ, ସମ୍ପାଦକ ଶ୍ୟାମାଳୀମା ରାଉତ, ଫାଉଣ୍ଡେଶନର ସଭାପତି ରୋଜାଲିନ ପଟ୍ଟନାୟକ, ସମ୍ପାଦକ ପ୍ରିୟବ୍ରତ ପ୍ରଧାନ ଓ ସଂସ୍ଥାପକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଅଧିକାରୀମାନେ ।

**ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)**

ଅସ୍ତରଙ୍ଗ ବ୍ଲକ୍‌ର ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ିଠାରେ ପ୍ରତିବର୍ଷ ମେ’ ୨୧କୁ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଭାବେ ପାଳନ କରାଯାଏ। ଚଳିତବର୍ଷ ୯୬ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ତ୍ୟାଗ ଓ ବଳିଦାନର ଫଳ ଆମର ଦେଶର ସ୍ୱାଧୀନତା, ଯାହା ଆମେ ଉପଭୋଗ କରୁଛୁ ବୋଲି ଅତିରିକ୍ତ ଜିଲାପାଳ ବେହେରା କହିବା ସହ ଏହି ଦିବସକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସବୁ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ନିଷ୍ପତ୍ତି ଅନୁସାରେ ମେ’ ୨୧ ସକାଳ ୭ଟାରେ ବ୍ଲକ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ବ୍ଲକ ପରିସରରେ ଥିବା ସ୍ମୃତିସ୍ତମ୍ଭଠାରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା କୁହୁଡ଼ିଠାରେ ପହଞ୍ଚିବ। ସେଠାରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ଲବଣ ସତ୍ୟାଗ୍ରହ ସମାରୋହ ଅନୁଷ୍ଠିତ ହେବ। ଏହାର ସୁବନ୍ଦୋବସ୍ତ ସମୟସୀମା ମଧ୍ୟରେ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରିଡ଼ା, ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍, ଅନ୍ୟାନ୍ୟ ଜିଲାସ୍ତରୀୟ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ

**ପୁରୀ, ୨୮।୪(ଅଜିତ୍ କୁମାର ମହାନ୍ତି)**

ସର୍ବଭାରତୀୟ ସଂଗଠନ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ ବୈଠକ ପଥୁରିଆସାହିସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସେନାନୀମାନଙ୍କ ଅସୁବିଧା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରାୟ ୫୦ ଜଣ ସେନାନୀ ଏଥିରେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସଂଘର ରାଜ୍ୟ ସଭାପତି ବିମ୍ବାଧର କୁଅଁର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ ପରଲୋକଗତ ସେନାନୀମାନଙ୍କ ପତ୍ନୀମାନଙ୍କୁ ପେନ୍‌ସନ ଯୋଗାଇଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଏବଂ ଦସ୍ତାବିଜ୍ ନ ଥିବା ସେନାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ପ୍ରକ୍ରିୟାକୁ ସରଳ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ, ଯାହାଦ୍ୱାରା ସେନାନୀମାନେ ସରକାର ଘୋଷଣା କରିଥିବା ବିଭିନ୍ନ ସୁବିଧା ପାଇପାରିବେ। ଆସନ୍ତା ବର୍ଷ ଓଡ଼ିଶାରେ ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରୀୟସ୍ତରର ସମାବେଶ ପୁରୀରେ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଓ ପରାମର୍ଶଦାତା ଜଗବନ୍ଧୁ ମିଶ୍ର ଏହି ପ୍ରସ୍ତାବକୁ ସ୍ୱାଗତକରି ଏ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ନିଜର ମତାମତ ରଖିଥିଲେ। ଲୋକତନ୍ତ୍ର ସେନାନୀ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣ ଜଗଦ୍ଦେବ ସେନାନୀମାନେ ସମାଜ ସହିତ ନିଜର ଅନୁଭୂତି ବାଣ୍ଟିବା ସହିତ ନିଶା ନିବାରଣ ପରି ସାମାଜିକ ସମସ୍ୟା ପ୍ରତି ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମରତନ ଶର୍ମା, ପ୍ରକାଶ ମହାନ୍ତି, ଭାରତ ଭୂଷଣ ଠାକୁର, ହରିହର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ରାମେଶ୍ୱର ପୁରୋହିତ, ସତ୍ୟନାରାୟଣ ମହାପାତ୍ର ଏବଂ ନିର୍ମଳ କୁମାର ଜେନା ପ୍ରମୁଖ ସଂଗଠନର ସୁଦୃଢ଼ତା ପାଇଁ ସକାରାତ୍ମକ ମତ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳଛତ୍ର

**ଗୋପ,୨୮।୪ (ଭାରତୀ ଭୂଷଣ ଉପାଧ୍ୟାୟ)**



ଛୋଟ ପିଲା ହୋଇଥିଲେ ମଧ୍ୟ ସମାଜସେବା କରିବାର ପ୍ରୟାସ କରି ମଙ୍ଗଳବାର ଗୋପ ସନ୍ନିକଟ ସେନାପତି ସାହି ଗ୍ରାମର କିଛି ଛାତ୍ରୀଛାତ୍ର ନିଜ ଖର୍ଚ୍ଚରୁ ଜଳସେବା କରୁଥିବା ଦେଖିବାକୁ ମିଳିଛି। ଏବେ ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଗୋପ ବ୍ଲକର ଅନେକ ପଞ୍ଚାୟତରେ ପିଇବା ପାଣିର ସମସ୍ୟା ଦେଖାଦେଇଛି। ଏହି ସମୟରେ ଗୋପ ପଞ୍ଚାୟତର ଅନେକ ସ୍ଥାନରେ ସରକାରୀ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ଗୋପ ବ୍ଲକ ଦାୟିତ୍ୱରେ ଥିବା ବ୍ଲକ ଜଳପରିମଳ ଯନ୍ତ୍ରୀ ବ୍ଲକକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଗୋପ ସେନାପତିସାହି ଗ୍ରାମର ୪ ଜଣ ଛାତ୍ରୀଛାତ୍ର କିଛି ଅର୍ଥ ଆଦାୟ କରି ଗାଁ ରାସ୍ତାରେ ଯା’ ଆସ କରୁଥିବା ପଥଚାରୀଙ୍କୁ ଜଳସେବା ଯୋଗାଇ ଦେଉଛନ୍ତି। ଏପରି ଏକ ମହତ୍ କାର୍ଯ୍ୟ କରିବା ଖବରକୁ ନେଇ ସେମାନଙ୍କୁ ମଧ୍ୟ ବାଟରେ ଯାଉଥିବା ଲୋକମାନେ ସାଧୁବାଦ ଜଣାଇଛନ୍ତି।

# ଖୁବ୍‌ଶୀଘ୍ର ଗୀତାଞ୍ଜଳିଙ୍କୁ ମିଳିବ ଅନ୍ତ୍ୟୋଦୟ ଗୃହ

**ଗୋପ,୨୮।୪(ଭାରତୀ ଭୂଷଣ ଉପାଧ୍ୟାୟ)**

**ଧରିତ୍ରୀ ପ୍ରଭାବ**

ଖୁବ୍‌ଶୀଘ୍ର ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଶଙ୍ଖାରିଆ ଗ୍ରାମର ଗୀତାଞ୍ଜଳି ସ୍ୱାଇଁଙ୍କୁ ଅନ୍ତ୍ୟୋଦୟ ଗୃହ ଦିଆଯିବ ବୋଲି ଗୋପ ବିଡିଓ ଦାୟିତ୍ୱରେ ଥିବା ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି। ‘ଧରିତ୍ରୀ’ ଖବରକାଗଜରେ ମଙ୍ଗଳବାର ଏହି ଖବର ପ୍ରକାଶିତ ହେବା ପରେ ତୁରନ୍ତ ଏପରି ଜଣେ ଗରିବ ଶ୍ରେଣୀ ପରିବାରକୁ ଏହି ଯୋଜନାରେ ସାମିଲ କରାଯିବାକୁ ବିଡିଓ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତର ଗୀତାଞ୍ଜଳି ସ୍ୱାଇଁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ସ୍ୱାମୀ ସୁଧିର ସ୍ୱାଇଁ ଖବରକାଗଜ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। ଏକମାତ୍ର ଝିଅ ନିମାପଡ଼ା କଲେଜରେ ବି.ଏସ୍‌ସି ପଢୁଛନ୍ତି। ଗୀତାଞ୍ଜଳି ଦୀର୍ଘଦିନ ଧରି ପରିବାରର ତିନିପ୍ରାଣୀକୁ ନେଇ ଗୋଟିଏ ଭଙ୍ଗା ଦଦରା ଆଜ୍‌ବେଷ୍ଟସ ଘରେ ରହୁଥିବା ବେଳେ ବର୍ଷା ପବନ ହେଲେ ଗାଁର ବିଭିନ୍ନ ବ୍ୟକ୍ତିଙ୍କ ପିଣ୍ଡାରେ ଆଶ୍ରୟ ନେଇଥାନ୍ତି। ଚଳିତ ବର୍ଷ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହେବା ଲାଗି ବିଡିଓଙ୍କୁ ଦରଖାସ୍ତ କରିଥିଲେ। ବିଡିଓ ଦାଶ ସଙ୍ଗେସଙ୍ଗେ ଗୀତାଞ୍ଜଳିଙ୍କ ଘର ତଦନ୍ତ କରି ଗୃହ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ପଞ୍ଚାୟତ ଅଧିକାରୀ ତଦନ୍ତ ରିପୋର୍ଟ ଦେବାପରେ ସ୍ୱାଇଁଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି।

# ଆଇନଜୀବୀ ସାଧାରଣ ଲୋକଙ୍କ ସେତୁ ଭଳି

**ସାକ୍ଷୀଗୋପାଳ,୨୮।୪(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ସତ୍ୟବାଦୀ ଆଇନଜୀବୀ ସଂଘ ପକ୍ଷରୁ ତହସିଲ୍ କାର୍ଯ୍ୟାଳୟରେ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲ୍‌ଦାର ସୌଭାଗ୍ୟଲକ୍ଷ୍ମୀ ସେନାପତି, ସତ୍ୟବାଦୀ ଆଇନଜୀବୀ ସଂଘର ସଭାପତି ବାଳକୃଷ୍ଣ ମହାପାତ୍ର, ସମ୍ପାଦକ ଦେବଦତ୍ତ ସାମନ୍ତରାୟ, ସରକାରୀ ଓକିଲ କ୍ଷୀତିଶ୍ ମିଶ୍ର ଜୟନ୍ତୀ ଉତ୍ସବରେ ଯୋଗଦେଇ ଆଇନଜୀବୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମଧୁବାବୁଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିବା ସହିତ ସତ୍ୟନିଷ୍ଠ ଭାବରେ ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ଆଇନସେବା ଯୋଗାଇଦେବାକୁ ଆଇନଜୀବୀମାନେ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଅଞ୍ଜନ କୁମାର ହୋତା, ଯୁବ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ସାଧାରଣ ଜନତା ଓ ନ୍ୟାୟପାଳିକା ମଧ୍ୟରେ ଆଇନଜୀବୀମାନେ ସଂଯୋଗ ସେତୁ ଭଳି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟୁଭୂଷଣ ମହାନ୍ତି, ରବୀନ୍ଦ୍ର ଶତପଥୀ, ମୋହନ ସାହୁ, ଚିନ୍ମୟ ସାହୁ, ପ୍ରଭାକର ମିଶ୍ର, ସନ୍ତୋଷ ବେହେରା, ବଟକୃଷ୍ଣ ଦାସ, ଅମୂଲ୍ୟ ଦାସ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।


ସମାରୋହରେ ଉପସ୍ଥିତ ଆଇନଜୀବୀମାନେ।

# ମଧୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ

**ନିମାପଡ଼ା,୨୮।୪(ବିଚିତ୍ରାନନ୍ଦ ସାହୁ)**


ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା ବାର୍ ଆସୋସିଏଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମବାର୍ଷିକୀ ସମାରୋହ ଓ ଆଇନଜୀବୀ ଦିବସ ସ୍ଥାନୀୟ ତହସିଲ୍ ଅଫିସ୍‌ଠାରେ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକ, କେ. ଭେଙ୍କଟେଶ୍ୱର ରାଓ, ନିମାପଡ଼ା ବାର୍ ଆସୋସିଏଶନର ସଭାପତି ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ଦୁର୍ଯ୍ୟୋଧନ ବାରିକ, ସମ୍ପାଦକ ପ୍ରସ୍ତୁଜିତ ପରିଡ଼ା, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ରାମକୃଷ୍ଣ ମିଶ୍ର, ଶୁଭେନ୍ଦୁ ରାଉତରାୟ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ପରିଚୟ ଓ ସ୍ୱାଭିମାନର ପ୍ରତୀକ। ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ମଧୁବାବୁଙ୍କର ଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମସ୍ତ ଅତିଥି, ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାରୋହରେ ଆଇନଜୀବୀ ପ୍ରଶାନ୍ତ ମିଶ୍ର, ବିଜୟ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ, ପ୍ରଭାତ ନାୟକ, ସୁଧାଂଶୁ ଶେଖର ମହାନ୍ତି, ପ୍ରଭାକର ଜେନାଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ବଳଙ୍ଗା,(କେଦାରେଶ୍ୱର ନନ୍ଦ):** ଭାର୍ଗବୀ ସାହିତ୍ୟ ସଂସଦ, ବଳଙ୍ଗା ପକ୍ଷରୁ ନିଗମାନନ୍ଦ ସାରସ୍ୱତ ବିଦ୍ୟାନିକେତନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜୟନ୍ତୀ ଅନୁଷ୍ଠିତ ହୋଇଛି। ସଂସଦର ସଭ୍ୟାସଭ୍ୟମାନେ ‘ଓଡିଆ ଭାଷା, ଓଡିଆ ଭାଷା ସାହିତ୍ୟ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା" ଶୀର୍ଷକ ଆଲୋଚନାଚକ୍ରରେ ନିଜର ମତାମତ ଉପସ୍ଥାପନା କରିଥିଲେ। ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ସଭାପତିତ୍ୱରେ ସମ୍ପାଦକ ସୁରେନ୍ଦ୍ର କୁମାର ପଣ୍ଡା, ଶିକ୍ଷକ ଗଙ୍ଗାଧର ପ୍ରଧାନ, ଭରତ ମିଶ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ଶିକ୍ଷକ ସରୋଜ ଦେଓ, ଡ. ପ୍ରଦୋଷ କୁମାର ପତି, କୈଳାସ ଚନ୍ଦ୍ର ଶତପଥି ପ୍ରମୁଖ ନିଜର ଦୃଷ୍ଟିଭଙ୍ଗୀ ମତବ୍ୟକ୍ତ କରିଥିବାବେଳେ ହେମନ୍ତ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

**କଣାସ,(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ କାଦୁଆ ପଞ୍ଚାୟତ ଅନ୍ତର୍ଗତ ସାନଓରା ଗ୍ରାମରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ସାନଓରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ଶ୍ରୀଚନ୍ଦନ, ହରଚଣ୍ଡୀ ଉ. ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଉତ୍କଳଗୌରବ ମଧୁସୂଦନଙ୍କ ଅବଦାନ ନିକଟରେ ଏ ଜାତି ନତମସ୍ତକ ହୋଇରହିଛି ବୋଲି ଶ୍ରୀଚନ୍ଦନ କହିଛନ୍ତି।

# ଓଡ଼ିଶାର ବିକାଶରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୮।୪( ସୁଚିସ୍ମିତା ସାହୁ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ମଙ୍ଗଳବାର ସୂଚନା ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ମଧୁବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନାରୀ ସଶକ୍ତୀକରଣ ଏବଂ ଓଡ଼ିଶାର କଳା ଓ ଶିଳ୍ପ ବିକାଶ କ୍ଷେତ୍ରରେ ମଧୁବାବୁଙ୍କ ଅବଦାନ ଅତୁଳନୀୟ। ମହିଳାଙ୍କୁ ଓକିଲାତି କରିବାର ଅଧିକାର ଓ ସମାନ ମତଦାନ ଅଧିକାର ଦେବା ପାଇଁ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି 'ଉତ୍କଳ ଟ୍ୟାନେରୀ' ଓ 'ଉତ୍କଳ ଆର୍ଟ ଓ୍ୟାର୍ସ' ଭଳି ଶିଳ୍ପ ଅନୁଷ୍ଠାନ ମାଧ୍ୟମରେ ସେ ଓଡ଼ିଶାର ସ୍ୱଦେଶୀ କାରିଗରିକୁ ବିଶ୍ୱଦରବାରରେ ପହଞ୍ଚାଇବା


ଜୟନ୍ତୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଅନ୍ୟ ଅତିଥିବୃନ୍ଦ।

ସହ ଓଡ଼ିଆ ସ୍ୱାଭିମାନର ପରିଚୟ ଦେଇଥିଲେ ବୋଲି ବାଚସ୍ପତି କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଲେ, ମଧୁବାବୁଙ୍କ ଜୀବନାଦର୍ଶ ଆଜିର ଯୁବପିଢ଼ି ପାଇଁ ଶ୍ରେଷ୍ଠ ପ୍ରେରଣା। ସ୍ୱଦେଶୀ ଜ୍ଞାନକୌଶଳ ଓ କାରିଗରି ପ୍ରତି ତାଙ୍କର ଯେଉଁ ଅହେତୁକ ଆଗ୍ରହ ଥିଲା, ତାହା ଆଜିର 'ଆତ୍ମନିର୍ଭର ଓଡ଼ିଶା' ଗଠନ ପାଇଁ ପାଥେୟ ହେବା ଉଚିତ। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ କହିଲେ ଯେ, ମଧୁବାବୁ ଓଡ଼ିଶାର ସଂସ୍କୃତି, ଭାଷା ଏବଂ ଇତିହାସର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଓଡ଼ିଆ ଅସ୍ମିତା ଓ ଭାଷାର ସୁରକ୍ଷା ପାଇଁ ମଧୁବାବୁ ଯେଉଁ ଲଢ଼େଇ କରିଥିଲେ, ତାହା ଆଜି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ସମାରୋହରେ ଅବସରପ୍ରାପ୍ତ ପ୍ରଧାପକ ଡ. ସଂଗ୍ରାମ କେଶରୀ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁଙ୍କ ଗୌରବମୟ ଜୀବନୀ, ବହୁମୁଖୀ ଅବଦାନ ଏବଂ ସମାଜ ସଂସ୍କାର ପାଇଁ ନିଷ୍ଠା ଆଗାମୀ ଯୁବପିଢ଼ିକୁ ଅନୁପ୍ରାଣିତ କରିବ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କବି ରକ୍ଷକ ନାୟକଙ୍କ ପୌରୋହିତ୍ୟରେ କବିତା ପାଠ ଆୟୋଜିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିବାବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଏବଂ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ମଧୁସୂଦନ ଓଡ଼ିଆ ଜାତିର ଗର୍ବ'


ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)

ବିଧାନସଭା ପରିସରରେ ମଙ୍ଗଳବାର ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳଗୌରବ ମଧୁସୂଦନ ଓଡ଼ିଶା ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର ଏକାମ୍ର

### ବିଧାନସଭା ପରିସରରେ ଜୟନ୍ତୀ ପାଳିତ

ବିଧାୟକ ବାବୁ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା ଏବଂ ପୂଜ୍ୟପୂଜା ସଂସଦର ପ୍ରତିନିଧିମାନେ ଯୋଗଦେଇ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଲୋକଭବନ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ମାଲ୍ୟାର୍ପଣ।


ଲୋକଭବନ ସମ୍ମୁଖସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ।

# ୪୦ ଉଦ୍ୟୋଗୀଙ୍କୁ 'ଦ୍ୱିତୀୟ କୁଳଗୌରବ ସମ୍ମାନ'


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୨୮।୪ (ବନ୍ଦନା ସେଠୀ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରଠାରେ 'ଦ୍ୱିତୀୟ କୁଳଗୌରବ ସମ୍ମାନ' ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିକାଶ କ୍ଷେତ୍ରରେ ଅବଦାନ ପାଇଁ ୪୦ଜଣ ଉଦ୍ୟୋଗୀଙ୍କୁ 'କୁଳଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ବିଶ୍ୱ ଓଡ଼ିଆ ପରିବାର ସଭାପତି ସଜ୍ଜନ ଶର୍ମା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ଭାରତର ପ୍ରଥମ ଭାଷାଗତ ରାଜ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ଥପତି ଭାବେ ମଧୁ ବାବୁଙ୍କ

### ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ଥପତି: ବାଚସ୍ପତି

ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଶିଳ୍ପାୟନ, ମହିଳା ସଶକ୍ତୀକରଣ ଏବଂ ପ୍ରତିଷ୍ଠାନଗତ ବିକାଶରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ବୈଜୟନ୍ତ ପଣ୍ଡା ଓଡ଼ିଆ ପରିଚୟ, ସ୍ୱାଭିମାନ, ବିକାଶ ଏବଂ ଆକାଂକ୍ଷାକୁ ଦୃଢ଼ କରିବାରେ ମଧୁ ବାବୁଙ୍କ ଆଦର୍ଶର ନିରନ୍ତର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ବିକଶିତ ଶିଳ୍ପ ଦୃଶ୍ୟପଟ ଏବଂ ବିକଶିତ ଓଡ଼ିଶାର ସ୍ୱପ୍ନ ହାସଲ କରିବାରେ ଉଦ୍ୟୋଗର ରଣନୈତିକ ଗୁରୁତ୍ୱ ବିଷୟରେ କହିଥିଲେ। ସାମ୍ପ୍ରତିକ ଅର୍ଥନୈତିକ ସୂଚକଗୁଡ଼ିକୁ ଉଲ୍ଲେଖ କରି ସେ ନିବେଶ ଆକର୍ଷଣରେ ଓଡ଼ିଶାର ଦୃଢ଼ ପ୍ରଦର୍ଶନ ଉଲ୍ଲେଖ କରିଥିଲେ। ଶିଳ୍ପପତି ତଥା ଓଡ଼ିଶା ଭାଜପାର କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲ ବିଭିନ୍ନ କ୍ଷେତ୍ରରେ ମଧୁ ବାବୁଙ୍କ ବହୁମୁଖୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଉଦ୍ୟୋଗ ବିଭାଗ ପ୍ରମୁଖ ତପନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକକର୍ମୀ ଜଗନ୍ନାଥ ପ୍ରଧାନ ଓଡ଼ିଶା ଶିଳ୍ପ ବିକାଶରେ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଦେଇଥିଲେ।

# 'ମଧୁବାବୁଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଦେବ'

ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)

ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅତୁଳନୀୟ ଅବଦାନ ରଖିଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ତାଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଗଭୀର ଶ୍ରଦ୍ଧା ସହ ସ୍ମରଣ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜଭବନ ଛକରେ ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନ ଓ ଏକତାର ଶକ୍ତିଶାଳୀ ପ୍ରତୀକ ଥିଲେ ଏବଂ ତାଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଦେବ ବୋଲି ବାଚସ୍ପତି କହିଥିଲେ। ସେହିପରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ ମିଶ୍ର, ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ସୁଜିତ ରଞ୍ଜନ ସ୍ୱାଇଁ, ପ୍ରମୋଦିନୀ ଟେଟେ, ଏମ୍.ଅଭିଷେକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ, ବହୁ ରାଜନେତା, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ବିଭିନ୍ନ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ମଧୁସୂଦନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# 'ଗଣତନ୍ତ୍ରକୁ ସୁରୁଖୁରୁରେ ଚଳାଉଛି ନ୍ୟାୟପାଳିକା'

ଭୁବନେଶ୍ୱର,୨୮।୪(ପ୍ରସନ୍ନଜିତ ସାହୁ)

ଭୁବନେଶ୍ୱର ଓକିଲ ସଂଘ ତରଫରୁ ମଙ୍ଗଳବାର ସୂଚନା ଭବନରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓକିଲ ସଂଘ ସଭାପତି ଅଶୋକ କୁମାର ଛୋଟରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଯୋଗଦେଇ କହିଥିଲେ, ମଧୁବାବୁ ଜଣେ ବିପ୍ଳବୀ ଓ ସ୍ୱାଭିମାନୀ ପୁରୁଷ ଥିଲେ। ସେ ତାଙ୍କ ଜୀବନକାଳରେ ଆଇନ ପରିଧିରେ ରହି ବହୁ ସଂଗ୍ରାମ କରିବା ସହିତ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ବୋଲି ହରିଚନ୍ଦନ କହିଥିଲେ। ଓକିଲଙ୍କ ପାଇଁ ଆଇନଜୀବୀ କଲ୍ୟାଣ ପାଣ୍ଠି ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା କରିବାକୁ ଆଇନ ମନ୍ତ୍ରୀ

### ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ

**ଆଇନଜୀବୀ କଲ୍ୟାଣ ପାଣ୍ଠି ବୃଦ୍ଧି, ସ୍ୱାସ୍ଥ୍ୟବୀମା ପାଇଁ ଚେଷ୍ଟା କରିବି: ଆଇନ ମନ୍ତ୍ରୀ**

ଚେଷ୍ଟା କରିବେ ବୋଲି ପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଓକିଲମାନେ ମଧୁବାବୁଙ୍କ ପରି ସାହସୀ ଓ ପରୋପକାରୀ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ମିଶ୍ର ଯୋଗଦେଇ ନ୍ୟାୟପାଳିକା ଗଣତନ୍ତ୍ରକୁ ସୁରୁଖୁରୁରେ ଚଳାଉଛି ଓ ସାମନ୍ତବାଦୀ ମାନସିକତାକୁ ଭାଙ୍ଗୁଛି ବୋଲି କହିବା ସହ ଓକିଲମାନେ ସମାଜର ନିଷ୍ପେଷିତ ଲୋକଙ୍କୁ ସାହାଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘ ସମ୍ପାଦକ ସୁମନ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଇନଜୀବୀ ପ୍ରମୋଦ ମହାନ୍ତି, ନିର୍ମଳ ପଟ୍ଟନାୟକ, ମାନସ ରଞ୍ଜନ ମହାପାତ୍ର, ଶିବାନନ୍ଦ ରାୟ, କପିଳେଶ୍ୱର ପଣ୍ଡା, ବନବିହାରୀ ମହାନ୍ତି, ଅଶୋକ କୁମାର ପାତ୍ର ଏବଂ ରାଜଲକ୍ଷ୍ମୀ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସଙ୍ଗୀତା ପଟ୍ଟନାୟକ, କୋଷାଧ୍ୟକ୍ଷ ହିତେନ ନାୟକ, ସହସମ୍ପାଦକ ଜ୍ୟୋତିର୍ମୟୀ ପଣ୍ଡା ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉପସଭାପତି ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଅନ୍ୟ ଅତିଥିବୃନ୍ଦ।

## ଓବିସି ମହିଳାଙ୍କ ପାଇଁ ସଂରକ୍ଷଣ ଦାବି

ଭୁବନେଶ୍ୱର,୨୮।୪(ସୁଚିସ୍ମିତା ସାହୁ)

୩୦ ତାରିଖରେ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ଉପରେ ଆଲୋଚନା ହେବ। ପଛୁଆ ବର୍ଗ ମହିଳାଙ୍କ ପାଇଁ ଏହି ୩୩% ସଂରକ୍ଷଣ ଭିତରେ ସଂରକ୍ଷଣ ଦେବାକୁ ଓବିସି ଫୋରମ ଦାବି କରିଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବିବେହେରା ସମସ୍ତ ବିଧାୟକଙ୍କୁ ଏ ନେଇ ସର୍ବସମ୍ମତ ପ୍ରସ୍ତାବ ଆଗତ ସହ ଅନୁମୋଦନ ପାଇଁ ଅନୁରୋଧ କରିଛନ୍ତି।

# ସହାୟକ ପ୍ରଜନନ ସମ୍ବନ୍ଧୀୟ ସେବା: କ୍ୟାପିଟାଲ ହସ୍ପିଟାଲ ପଞ୍ଜୀକୃତ

ଭୁବନେଶ୍ୱର, ୨୮।୪(ବନ୍ଦନା ସେଠୀ)

ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଜ୍ଞାନ (ଅବ୍‌ଷ୍ଟେଟ୍ରିକ୍ସ ଆଣ୍ଡ ଗାଇନୋକୋଲୋଜି) ବିଭାଗକୁ ସହାୟକ ପ୍ରଜନନ ପ୍ରଯୁକ୍ତି (ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍ନୋଲୋଜି) କ୍ଲିନିକ୍ (ଲେଭଲ୍-୧) ଭାବେ ପଞ୍ଜୀକରଣ ସାର୍ଟିଫିକେଟ ମିଳିଛି। ସହାୟକ ପ୍ରଜନନ ପ୍ରଯୁକ୍ତି (ଏଆର୍‌ଟି) ହେଉଛି ଏକ ଆଧୁନିକ ଚିକିତ୍ସା ପ୍ରଣାଳୀ, ଯଦ୍ଦ୍ୱାରା ସନ୍ତାନ ଲାଭରେ ସମସ୍ୟା ଥିବା ଦମ୍ପତିମାନଙ୍କୁ ସହାୟତା କରାଯାଏ। ଏହି ପଞ୍ଜୀକରଣ ସାର୍ଟିଫିକେଟ୍ ଏଆର୍‌ଟି (ରେଗୁଲେଶନ)-ଆକ୍ଟ ୨୦୨୧ ଅନୁସାରେ ପ୍ରଦାନ କରାଯାଇଛି। ଏହାର ବୈଧତା ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ଅର୍ଥାତ ୨୦୩୧ ଏପ୍ରିଲ ୨୭ ପର୍ଯ୍ୟନ୍ତ ରହିବ। ଏହି କ୍ଲିନିକ୍ ମାଧ୍ୟମରେ ସରକାରୀ ସ୍ତରରେ ଆଧୁନିକ ପ୍ରଜନନ ସମ୍ବନ୍ଧୀୟ ସେବା ସୁଲଭ ହେବା ସହ ନିଃସନ୍ତାନ ଦମ୍ପତିମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ମିଳିବ। ଏହା ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

# ରାଜ୍ୟ ସଂଗ୍ରହାଳୟରେ ମଧୁସୂଦନ ଜୟନ୍ତୀ

ଭୁବନେଶ୍ୱର,୨୮।୪ (ସୁଚିସ୍ମିତା ସାହୁ)

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ କହିଲେ, ମୁଁ ପ୍ରଥମେ ଓଡ଼ିଆ, ପରେ ଭାରତୀୟ ଏ ଡାକରା ଉତ୍କଳଗୌରବ ମଧୁସୂଦନ ଦାସ ଦେଇଥିଲେ। ଲାଟ ସାହେବ ଲାଟ ସଭାରେ ତାଙ୍କ ବାଗ୍ମିତାରେ ମୁଗ୍ଧ ହୋଇ ତାଙ୍କୁ ଉପାଧି ଦେଇଥିଲେ।

ଅନ୍ୟ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ଉପସଭାପତି ଡ. ସଂଗ୍ରାମ ଜେନା କହିଥିଲେ, ଓଡ଼ିଆଙ୍କ ତ୍ରାଣକର୍ତ୍ତା ହେଲେ ମଧ ମଧୁବାବୁ ସେକାଳର ଓଡ଼ିଆଙ୍କ ପାଇଁ ଜଣେ ଅତ୍ୟନ୍ତ ଦୁର୍ବୋଧ ଚରିତ୍ର ଥିଲେ। ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ କାର୍ଯ୍ୟକ୍ରମର ଯଥେଷ୍ଟ ପୂର୍ବରୁ ମଧୁବାବୁ ଭାରତ ସରକାରଙ୍କ 'ସଲ୍ଟ ଟ୍ୟାକ୍ସ' ନୀତିର ବିରୋଧ କରିଥିଲେ। ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରାକ୍ତନ ଅଧିକ୍ଷକ ଡ. ଜୟନ୍ତୀ ରଥ ଯୋଗଦେଇ କହିଲେ, ମଧୁବାବୁ କେବଳ ଓଡ଼ିଆ ଜାତି ପାଇଁ ଗର୍ବ ନ ଥିଲେ, ବରଂ ଓଡ଼ିଆ ଭାଷା ପ୍ରତି ତାଙ୍କର ଲେଖନୀ ଚାଳନା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଭାବେ ଲେଖିକା ଡ. ଶକୁନ୍ତଳା ବଳିଆରସିଂ କହିଥିଲେ, ମଧୁବାବୁଙ୍କ ବିଚକ୍ଷଣ ବୁଦ୍ଧି ଓ ଦୂରଦ୍ରଷ୍ଟା କୂଟନୈତିକ ରାଜନୀତି ହେତୁ ଆଜି ଆମେ ଓଡିଆମାନେ ଭାରତର ଏକ ସ୍ୱତନ୍ତ୍ର ଐତିହାସିକ ପରିଚୟପ୍ରାପ୍ତ ସ୍ୱାଭିମାନୀ ଜାତି ରୂପେ ଠିଆ ହେବାକୁ ସମର୍ଥ ହୋଇପାରିଛନ୍ତି ବୋଲି କହିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ସଭା ପରିଚଳନା କରିଥିଲେ ।

# ନୃତ୍ୟର ଶକ୍ତିକୁ ଗୁରୁତ୍ୱ

### ଆଜି ଅନ୍ତର୍ଜାତୀୟ ନୃତ୍ୟ ଦିବସ

ପ୍ରତିବର୍ଷ ଏପ୍ରିଲ ୨୯ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ନୃତ୍ୟ ଦିବସ। ଆଧୁନିକ ବାଲେ ନୃତ୍ୟର ସ୍ରଷ୍ଟା ଜିନ୍-ଜର୍ଜେସ ନୋଭେରେଙ୍କ ଜନ୍ମଦିନ ଅବସରରେ ଏହି ଦିବସ ପାଳନ କରାଯାଏ। ଅନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନର ନୃତ୍ୟ କମିଟି ଦ୍ୱାରା ସୃଷ୍ଟ ଏହି ଦିବସ ପ୍ରଥମେ ୧୯୮୨ରେ ପାଳନ କରାଯାଇଥିଲା। ଉକ୍ତ ଦିବସ ସୃଜନଶୀଳତା, ଅନ୍ତର୍ଭୁକ୍ତୀକରଣ ଏବଂ ଭାବପ୍ରବଣ ପ୍ରକାଶନ ଉପରେ ଧ୍ୟାନ ଦେଇ ବିଭିନ୍ନ ସଂସ୍କୃତିର ଲୋକଙ୍କୁ ଏକତ୍ର କରିବା ପାଇଁ ନୃତ୍ୟର ଶକ୍ତିକୁ ଗୁରୁତ୍ୱ ଦିଏ।

*-ରିପୋର୍ଟ: ସୌମ୍ୟରଞ୍ଜନ ରାଉତ*



### ଆଧୁନିକ ସହ ପୁରାତନ ସଙ୍ଗୀତକୁ ସୁରକ୍ଷିତ ରଖିବା ଆବଶ୍ୟକ

ପୂର୍ବରୁ ଓଡ଼ିଆ ଭଜନ, ଜଣାଣ, ଗୀତ, ଓଡ଼ିଶୀ ସଙ୍ଗୀତ ଏବଂ ଶାସ୍ତ୍ରୀୟ ସଙ୍ଗୀତ ଲୋକଙ୍କ ଜୀବନର ଅଂଶ ଥିଲା। ଏସବୁ ସଙ୍ଗୀତ ଆମ ସଂସ୍କୃତି, ଐତିହ୍ୟକୁ ପ୍ରକାଶ କରୁଥିଲା। କିନ୍ତୁ ବର୍ତ୍ତମାନ ସଙ୍ଗୀତର ରୂପରେ ବଡ଼ ପରିବର୍ତ୍ତନ ଦେଖାଯାଉଛି। ଡିଜିଟାଲ ଯୁଗ ଆସିବା ସହିତ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ ଓ ଅନ୍ୟ ସୋସିଆଲ ମିଡିଆ ମାଧ୍ୟମରେ ନୂତନ ପ୍ରକାରର ଗୀତ ଖୁବ୍ ଶୀଘ୍ର ଲୋକଙ୍କ ପାଖରେ ପହଞ୍ଚୁଛି। ନୂଆ ପିଢ଼ି ଆଧୁନିକ ଧାରାର ଗୀତ ଓ ରିମିକ୍ସ ଗୀତ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ଏହା ସହିତ ଓଡ଼ିଆ ସଙ୍ଗୀତ ଜଗତରେ ନୂଆ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ଓ ୟୁଟ୍ୟୁବରମାନେ ଆସୁଛନ୍ତି, ଯେଉଁମାନେ ନୂତନ ଶୈଳୀରେ ଗୀତ ପ୍ରସ୍ତୁତ କରୁଛନ୍ତି। ଏହା ଓଡ଼ିଆ ସଙ୍ଗୀତକୁ ଏକ ନୂତନ ପରିଚୟ ଦେଉଛି। କିନ୍ତୁ ଅନ୍ୟପଟେ ପୁରୁଣା ଲୋକଗୀତ ଓ ପାରମ୍ପରିକ ସଙ୍ଗୀତ ଧୀରେ ଧୀରେ କମିଯାଉଛି, ଯାହା ଚିନ୍ତାର ବିଷୟ। ଆଧୁନିକ ସଙ୍ଗୀତ ସହିତ ଆମ ପୁରାତନ ସଙ୍ଗୀତକୁ ସୁରକ୍ଷିତ ରଖିବା ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା।



- ବିନୋଦ ବିହାରୀ ବେହେରା, କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ

### ଓଡ଼ିଶାର ସାଂସ୍କୃତିକ ପରିଚୟକୁ ଆଦୃତ କରାଇଛି ଓଡ଼ିଶୀ ନୃତ୍ୟ

ଓଡ଼ିଶୀ ନୃତ୍ୟ ଆମ ଓଡ଼ିଶାର ପରିଚୟ। ଏହି ନୃତ୍ୟ ଆଜି ବିଶ୍ୱବିଦିତ। ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଶାର ସଂସ୍କୃତି ସାରା ବିଶ୍ୱରେ ପ୍ରସାର ଲାଭ କରିଛି। ଯଦ୍ଦ୍ୱାରା ଅନେକ ଶିଳ୍ପୀ ଏହାକୁ ଜୀବିକା କରିପାରିଛନ୍ତ। ଅନ୍ୟ ଦେଶରୁ ଆସି ଏଠାରେ ରହି ଓଡ଼ିଶୀ ନୃତ୍ୟ ପରମ୍ପରାକୁ ଶିକ୍ଷା କରି ସେମାନେ ମଧ ଏହାର ପ୍ରଚାର ପ୍ରସାର କରୁଛନ୍ତି। ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସବୁଠି ଆଦୃତ।

- ବିପଞ୍ଚି ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ



# 'ସାହିତ୍ୟ ସାଧନା ମାନବକୁ ଉଚ୍ଚ ମୂଲ୍ୟବୋଧ ଦେଇଥାଏ'

## ଚିଲିକା ପୁସ୍ତକ ମେଳା ଉଦ୍‌ଯାପିତ


ଚିଲିକା ପୁସ୍ତକ ମେଳା ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବାଲୁଗାଁ,୨୮।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଚିଲିକା ପୁସ୍ତକ ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ, ଚିଲିକା ହେଉଛି ସାହିତ୍ୟର ସଙ୍ଗମ କ୍ଷେତ୍ର। ଚିଲିକାର ତଟଦେଶରେ ଆୟୋଜିତ ଏହି ପୁସ୍ତକ ମେଳା ପାଠକ, ଲେଖକ, ପ୍ରକାଶକ ଓ ସାହିତ୍ୟପ୍ରେମୀଙ୍କୁ ୫ଦିନ ଧରି ଏକ ମଞ୍ଚରେ ବାନ୍ଧି ରଖିଥିଲା। ସାହିତ୍ୟ ସାଧନା ମାନବକୁ ଉଚ୍ଚ ମୂଲ୍ୟବୋଧ ଦେଇଥାଏ। ସେହିପରି ଅନ୍ୟତମ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ, ବାଣପୁର-ଚିଲିକା ମାଟିରେ ଅନେକ ସାରସ୍ୱତ ସାଧକ ଜନ୍ମନେଇ ଏହି ମାଟିକୁ ମହିମାମଣ୍ଡିତ କରିଛନ୍ତି। ଏହି ସମାରୋହରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ବିଶ୍ୱମୁକ୍ତି ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଡ. ଶଶାଙ୍କ ଶେଖର ଚୂଡ଼ାମଣି, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମିଟୁ ନାୟକ, ଚିଲିକା ପୁସ୍ତକ ମେଳା କମିଟି ସଭାପତି ଶରତ ପାଇକରାୟ, ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ଚିଲିକା ପୁସ୍ତକ ମେଳାର ଉପସଭାପତି ତଥା ଯୁକ୍ତ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, କମିଟିର ସାଧାରଣ ସମ୍ପାଦକ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାରଣାଙ୍କ କବିତା ସଂକଳନ ସାତମେଘର ଗୀତ, ଶୋଭନ କୁମାର ଦାଶଙ୍କ ରଚିତ ପୁସ୍ତକ ଜୀବନ ସଂଘର୍ଷ ଓ ସଫଳତା, ସୌମ୍ୟକାନ୍ତ ତ୍ରିପାଠୀଙ୍କ ମୁଖତାଳ ମଣିଷ, ପ୍ରଜ୍ଞାସ୍ମିତା ସାହୁଙ୍କ କବିତା ସଙ୍କଳନ 'ଭାବ ସମୁଦ୍ର' ଉନ୍ମୋଚନ ହୋଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିଲେ। ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ସାମ୍ବାଦିକ ସନ୍ତୋଷ ବଳିୟାରସିଂହ, ଅଧ୍ୟାପକ ଡ. ଅକ୍ଷୟ ମିଶ୍ର, ସମ୍ପଦ ପାଇକରାୟ, ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ସହଯୋଗ କରିଥିଲେ।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ସମ୍ପର୍କିତ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର



**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)**

ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷ ଏବଂ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପୃଥକ୍ ଭାବେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଏବଂ ସଭାପତି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ପ୍ରଶାସନରେ ଓଡ଼ିଆ ଭାଷା ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି କହିଥିଲେ, ଓଡ଼ିଆ ଭାଷା ବ୍ୟବହାର ଦ୍ୱାରା ତୃଣମୂଳସ୍ତରରେ ସାଧାରଣ ଜନତା ଯୋଜନା ସମ୍ପର୍କରେ ଅବଗତ ହୋଇପାରିବେ। ବିକଶିତ ଗ୍ରାମ, ବିକଶିତ ପଞ୍ଚାୟତ, ବିକଶିତ ସମାଜ, ବିକଶିତ ଓଡ଼ିଶା ଓ ବିକଶିତ ରାଷ୍ଟ୍ର ନିର୍ମାଣ ନିମନ୍ତେ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟାଳୟର ନଥିପତ୍ର କାର୍ଯ୍ୟ ଶତପ୍ରତିଶତ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଶିକ୍ଷକଭାବେ ଡ.ସନ୍ତୋଷ କୁମାର ରଥ, ସୁରେନ୍ଦ୍ର ମୋହନ ଦାସ, ବୈଷ୍ଣବ ଚରଣ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ, ମନୋରଞ୍ଜନ ପାଣିଗ୍ରାହୀ ଏବଂ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଓଡ଼ିଆ ଭାଷା ପ୍ରତିଷ୍ଠାନର ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ସରକାରୀ ନଥିପତ୍ର, ଚିଠି ଆଦି କାର୍ଯ୍ୟ ସମ୍ପାଦନରେ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଜିଲା ପରିଷଦ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଏବଂ ଜିଲାର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଶିବିର ସଂଯୋଜନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଜିଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ନିରାକାରପୁର,୨୮।୪ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନନପଡ଼ା ମୌଜାସ୍ଥିତ ଖାତା ନଂ.୮୪୩, ପ୍ଲଟ ନଂ.୯୦୬/୨୧୩୭ ଲକ୍ଷ୍ମୀବଜାରରେ ଥିବା ଦୋକାନ ଗୃହର ସମ୍ମୁଖ ସର୍ବସାଧାରଣ ରାସ୍ତାରେ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବା ନେଇ ସ୍ଥାନୀୟ ଅଞ୍ଚଳର ରୁନୁ ବେହେରା କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଜବରଦଖଲ ଉଚ୍ଛେଦ ନିମନ୍ତେ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଅବରୋଧ ମାମଲା ନଂ.୯/୨୫-୨୬ରେ ଦଫା (ଖ)ଅନୁସାରେ ତୁରନ୍ତ ଉକ୍ତ ସ୍ଥାନକୁ ଖାଲି କରିବା ନିମନ୍ତେ ଅବରୋଧକାରୀଙ୍କୁ ନୋଟିସ କରାଯାଇଥିଲା। ହେଲେ ଅବରୋଧକାରୀ ଏହି ନିର୍ଦ୍ଦେଶକୁ ମାନି ନ ଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ତହସିଲ ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର, ଅତିରିକ୍ତ ତହସିଲଦାର ସନାତନ ମଲିକ, ନିରାକାରପୁର ରାଜସ୍ୱ ନିରୀକ୍ଷକ ଯୋଗେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଭ୍ରାତୃଭାବର ଅପୂର୍ବ ନିଦର୍ଶନ ମହୋତ୍ସବ

## 'ପିଟୁକୁଳି ଲୋକୋତ୍ସବ' ଦ୍ୱିତୀୟ ସନ୍ଧ୍ୟା


'ପିଟୁକୁଳି ଲୋକୋତ୍ସବ' ଦ୍ୱିତୀୟ ସନ୍ଧ୍ୟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥି।

**ବୋଲଗଡ଼,୨୮।୪(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅଧୀନ ପିଟୁକୁଳିଠାରେ ରାଜ୍ୟ ସଂସ୍କୃତି ବିଭାଗ ଓ ପିଟୁକୁଳି ବଣିକ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ 'ନୀଳକଣ୍ଠେଶ୍ୱର ଲୋକୋତ୍ସବ'ର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଭ୍ରାତୃଭାବର ଅପୂର୍ବ ନିଦର୍ଶନ ମହୋତ୍ସବ ବୋଲି ମତପ୍ରକାଶ ପାଇଥିଲା। ଲୋକୋତ୍ସବ କମିଟିର ସଭାପତି ପବିତ୍ର ମୋହନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ନେତା ପ୍ରକାଶ ରଣବିଜୁଳି, ପ୍ରକାଶ କୁମାର ରାଉତରାୟ, ଭାବଗ୍ରାହୀ ସାହୁ, ବ୍ରଜ ସୁବୁଦ୍ଧି, ପବିତ୍ର ଚୌଧୁରୀ, ବିରଞ୍ଚି ଖାଡ଼ଙ୍ଗା, ଜାଗେଶ୍ୱର ସୁନ୍ଦରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ପିଟୁକୁଳି ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀ, କୃତୀ ଛାତ୍ର ରୁଦ୍ର ମାଧବ ବେହେରା, ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ର, ମାନସ କୁମାର ବେହେରା, ଖବରଦାତା ଦେବବ୍ରତ ହୋତା ଏବଂ ସୁରେଶ କୁମାର ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକକଳା ଦଳ ସେମାନଙ୍କ ପ୍ରଦର୍ଶନ କରିଥିବା ବେଳେ କଟକର ରକ୍‌ଷ୍ଟାର ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା।


'ପିଟୁକୁଳି ଲୋକୋତ୍ସବ' ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ୫ହଜାର କେଜି ପୋଚ ନଷ୍ଟ, ୪୦୦ ଲିଟର ଦେଶୀମଦ ଜବତ

## ୩ କୋର୍ଟଚାଲାଣ

**ବେଗୁନିଆ,୨୮।୪(ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ, ମୋବାଇଲ ନିରୀକ୍ଷକ ମିତ୍ରବିନ୍ଦା ପରିଡା ଏବଂ କର୍ମଚାରୀ, ଜଟଣୀ ଏଏସ୍‌ଆଇ ଏବଂ କର୍ମଚାରୀ, ଖୋର୍ଦ୍ଧା ସଦର ଅବକାରୀ ଥାନା ଏଏସଆଇ ଏବଂ କର୍ମଚାରୀ, ବେଗୁନିଆ ଥାନା କର୍ମଚାରୀ, ବେଗୁନିଆ ଅବକାରୀ ଥାନା କର୍ମଚାରୀ ଏବଂ ଖୋର୍ଦ୍ଧା ଏପିଆରଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା, ଗୋଡ଼ି ଏବଂ ଡାଳତୋଳା କାଜୁ ଜଙ୍ଗଲରେ ମିଳିତଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ୫ହଜାର କେଜି ପୋଚ ନଷ୍ଟ କରାଯାଇଥିବା ବେଳେ ୪ଶହ ଲିଟର ଦେଶୀ ମଦ, ମଦ ପ୍ରସ୍ତୁତ ସରଞ୍ଜାମ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କବିରାଜ ନାୟକ, ଭୀମସେନ ପରିଡା ଏବଂ ଯଦୁମଣି ମୁଦୁଲି। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମାଟିରେ ମିଶିଲା ୨୦ ଘର

## ଜବରଦଖଲ ଉଚ୍ଛେଦ

**ଝାଁଳା,୨୮।୪(ବୁଲା ବାରିକ)**

ଯୋଗ ଓ ନେଚରପାଥି କେନ୍ଦ୍ର ପ୍ରକଳ୍ପ ପାଇଁ ଜଟଣୀ ତହସିଲ ଛତାବର ପଞ୍ଚାୟତ ଅଳକର ମୌଜାରେ ଥିବା ସରକାରୀ ଜମିରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଜେସିବି ମେଶିନ ଦ୍ୱାରା ୨୦ଟି ଘର ଉଚ୍ଛେଦ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ତହସିଲଦାର ଶିବାଶିଷ ପରିଡା ଓ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଏହି ଉଚ୍ଛେଦ କାର୍ଯ୍ୟର ନେତୃତ୍ୱ ନେଇଥିଲେ। ତେବେ ଉଚ୍ଛେଦ ବେଳେ ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ ସମେତ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଖେଳପଡିଆ ଓ କ୍ଲବ ଘର ଭୂମିହୀନ ଲୋକଙ୍କ ପାଇଁ ଲିଖିତଭାବେ ଆବେଦନ କରିବା ପରେ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର କହିଥିଲେ। ସେହିପରି ସମ୍ପୂର୍ଣ୍ଣ ଜମି ଜବରଦଖଲ ମୁକ୍ତ ନ ହେବା ଯାଏ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର କହିଛନ୍ତି। ଏକ ପ୍ଲାଟୁନ ପୋଲିସ ଫୋର୍ସ, ଜୋନ ୩ ଏସିପି, ଇନ୍‌ଫୋଭ୍ୟାଲି ଥାନା ଅଧିକାରୀଙ୍କ ସମେତ ୮ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# 'ମଧୁବାବୁଙ୍କ ପରି ସ୍ୱାଭିମାନୀ ହୁଅ'

**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)**

ଉତ୍କଳ ସାମ୍ବାଦିକ ସଂଘ(ୟୁଜେଏ) ଏବଂ ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋର୍ଟ ସମ୍ମୁଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ୟୁଜେଏ ସଭାପତି ଅବ୍ୟକ୍ତ ହରିହର ଖାଡଙ୍ଗା କହିଥିଲେ, ମଧୁବାବୁ ଏକାଧାରାରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ବିଲାତ ଯାତ୍ର ତଥା ପ୍ରଥମ ଓଡ଼ିଆ ଓକିଲ। ସେ ମଧ ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ। ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଜାଗୃତିର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ମଧୁବାବୁ ସମାଜ ପାଇଁ ଜଣେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ। ଶ୍ରୀମନ୍ଦିର ପରମ୍ପରା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ତତ୍କାଳୀନ ବ୍ରିଟିଶ ସରକାର ବିରୋଧରେ କେଶ ଲଢ଼ି ଓଡ଼ିଆ ଅସ୍ମିତା ବଜାୟ ରଖିଥିଲେ। ସେ ଓଡ଼ିଆ ଜାତି ପାଇଁ ନମସ୍ୟ। ସେ ନିର୍ଭିକ, ସ୍ୱାଭିମାନୀ ଓଡ଼ିଆ ଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ଅଜିତ୍ ପଟ୍ଟନାୟକ ଆଇନ ଏକ ସେବା, ପେଶା ନୁହଁ ବୋଲି କହିଥିଲେ। ଜଣେ ଓକିଲ ଭାବେ ନିଜକୁ ଗର୍ବ ଅନୁଭବ କରନ୍ତୁ ବୋଲି କହିଥିଲେ। ଆଇନଜୀବୀ ମନ୍ମଥ ମିଶ୍ର କହିଥିଲେ, ଯୁବ ଆଇନଜୀବୀମାନେ ବରିଷ୍ଠଙ୍କଠାରୁ ମାର୍ଗଦର୍ଶନ ନିଅନ୍ତୁ, କିଭଳି କେଶ ପରିଚାଳନା ସମ୍ପର୍କରେ ଆଲୋଚନା ସହ ଅଧ୍ୟୟନ କଲେ ସଫଳତା ପାଇବେ। ଖବରଦାତା ଦିଲୀପ ପଟ୍ଟନାୟକ, ସତ୍ୟନାରାୟଣ ପାଇକରାୟ, ପ୍ରବୀଣ ଭଞ୍ଜ, ପ୍ରଦୀପ ବେହେରା, ଶୁଭକାନ୍ତ ମହାପାତ୍ର, ଇକବାଲ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ରାଇସ୍ ମିଲ୍‌ରେ ଅଗ୍ନିକାଣ୍ଡ: ୨ଲକ୍ଷ ଟଙ୍କାର ସାମଗ୍ରୀ ଜଳିଗଲା



**ବୋଲଗଡ଼,୨୮।୪(ଦେବବ୍ରତ ହୋତା)**

ରାଜସୁନାଖଳା ସ୍ଥିତ ଶୁଭଲକ୍ଷ୍ମୀ ରାଇସ୍ ମିଲ୍‌ରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୨ଲକ୍ଷ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। ମିଲ୍ ମାଲିକ ସର୍ବେଶ୍ୱର ସାହୁଙ୍କ ପୁଅ ଅମିତ୍‌ଙ୍କ ଠାରୁ ଅପରାହ୍ନ ୪ଟାରେ ଖବରପାଇ ବୋଲଗଡ଼ ଅଗ୍ନିଶମ ସେବା ବିଭାଗର ଦୁଇଟି ଅଗ୍ନି ନିର୍ବାପକ ଗାଡ଼ି ସହ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ପ୍ରାୟ ୧୨ହଜାର ଜରିବସ୍ତା ଓ ୧୫୦ ବସ୍ତା କୁଣ୍ଡା ଜଳି ସାରିଥିଲା, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ଗଚ୍ଛିତ ଥିବା ବହୁ ପରିମାଣର ଧାନ ଏବଂ ବସ୍ତାରେ ଭର୍ତ୍ତି ଚାଉଳ ସୁରକ୍ଷିତ ଥିବା ଜଣାପଡ଼ିଛି।

# ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ: ସୁନ୍ଦରଗଡ଼ ବିଜୟୀ

**ଖୋର୍ଦ୍ଧା,୨୮।୪(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତା ଖୋର୍ଦ୍ଧା ଜୋନ ମ୍ୟାଚ୍‌ରେ ମଙ୍ଗଳବାର ସୁନ୍ଦରଗଡ଼ ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ସୁନ୍ଦରଗଡ଼ ଏବଂ ଦେଓଗଡ଼ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସୁନ୍ଦରଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୨ଉଇକେଟ ବିନିମୟରେ ୨୮୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିବ୍ୟା ରାଉତରାୟ ୧୦୩ ରନ ଏବଂ ଇଷିତା ପାଣି ୮୮ରନ କରିଥିଲେ। ଜବାବରେ ଦେଓଗଡ଼ ଟିମ୍ ୨୦ଓଭରରେ ୮ ଉଇକେଟ ବିନିମୟରେ ୪୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁନ୍ଦରଗଡ଼ ଟିମ୍ ପକ୍ଷରୁ ସୁପ୍ରିୟା ମିଶ୍ର ୪ ଓଭରରେ ୨ରନ ଦେଇ ୨ଟି ଉଇକେଟ ନେଇଥିଲେ। ତେଜନ ଦୁର୍ଗା ଏବଂ ଅଭିନାଶ ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ମ୍ୟାଚରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

# ସ୍ୱାଇଲ ଇଲେଭେନ, ବି.ବି. ରକ୍‌ଷ୍ଟାର ବିଜୟୀ

## ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ବୋଲଗଡ଼,୨୮।୪(ଦେବବ୍ରତ ହୋତା)**

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ଓ ପଞ୍ଚମ ଲିଗ୍ ମ୍ୟାଚରେ ଯଥାକ୍ରମେ ସ୍ୱାଇଲ ଇଲେଭେନ ଏବଂ ବି.ବି. ରକ୍‌ଷ୍ଟାର ଟିମ୍ ବିଜୟୀ ହୋଇଛି। ଚତୁର୍ଥ ଲିଗ୍ ମ୍ୟାଚ୍ ସ୍ୱାଇଲ ଇଲେଭେନ ଏବଂ ଆର୍ମି ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ସ୍ୱାଇଲ ଇଲେଭେନ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୯ରନ ସଂଗ୍ରହ କରିଥିଲା। ଜବାବରେ ଆର୍ମି ଇଲେଭେନ ଟିମ୍ ୧୦ ଓଭରରେ ୯ଉଇକେଟ ବିନିମୟରେ ୯୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ଅତିଥିଭାବ ଫ୍ରାଞ୍ଚାଇଜ ଓନର ଆଲୋକ ସାହୁ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କାବୁଙ୍କୁ ପୁରସ୍କୃତ କରିଥିଲେ। ଅଜୟ ସିଂ ଏବଂ ସୁନୀଲ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ପଞ୍ଚମ ଲିଗ୍ ମ୍ୟାଚ୍ ସ୍ୱାଇଲ ଇଲେଭେନ ଏବଂ ବି.ବି. ରକ୍‌ଷ୍ଟାର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବି.ବି. ରକ୍‌ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ନିୟମ ଉଲ୍ଲଂଘନ କରିଥିବାରୁ ନିର୍ଦ୍ଧାରିତ ୧୦ ଓଭରରୁ ୧ ଓଭର କାଟି ୯ଓଭରରେ ୬ ଉଇଲେଟ ବିନିମୟରେ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ସ୍ୱାଇଲ ଇଲେଭେନ ଟିମ୍ ୧୦ ଓଭରରେ ୯ ଉଇକେଟ ବିନିମୟରେ ୬୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ୨ଓଭରରେ ୨ରନ ଦେଇ ୬ଟି ଉଇକେଟ ନେଇଥିବା ସତ୍ୟଜିତ୍ ରଣସିଂହଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମାଷ୍ଟର ରିଙ୍କୁ ଏବଂ ବାପି ସାହୁ ମ୍ୟାଚ୍ ପରିଚାନଳା କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୪।୨୦୨୬

| | |
|---|---|
| ୧୩,୦୨,୭୦୩ ଟଙ୍କା | |
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୧୦୨ ଗ୍ରାମ୍ |

# କାର୍ଯ୍ୟକ୍ଷମ ହେଉ ୬୫୦ ଶଯ୍ୟାବିଶିଷ୍ଟ ମେଡିକାଲ କଲେଜ

- ବନଖଣ୍ଡ ଅଧିକାରୀଙ୍କ ଆପତ୍ତିବିହୀନ ପ୍ରମାଣପତ୍ରକୁ ଅପେକ୍ଷା: ସଚିବ
- ମେଡିକାଲ କଲେଜ ଓ ହସ୍ପିଟାଲର ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଯିବ: ଜିଲାପାଳ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ପୂର୍ବରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ କାର୍ଯ୍ୟକ୍ଷମ କରିବାକୁ ପୁରୀ ବିକାଶ ପରିଷଦ ଦାବି କରିଛି। ମଙ୍ଗଳବାର ଏ ନେଇ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହିତ ଆଲୋଚନା କରିବା ସହ ତୁରନ୍ତ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରିବାକୁ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମେ' ଶେଷସୁଦ୍ଧା ନବନିର୍ମିତ ୬୫୦ ଶଯ୍ୟାବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲର ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡ଼ା ସେଠାରେ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଥିବା ପରିଡ଼ା ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ନିକଟ ବାଲୁଖଣ୍ଡ ରାଜସ୍ୱ ମୌଜାର ୮ ଏକର ଜମିରେ ୬୫୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ୨୦୨୫ ଫେବୃଆରୀରୁ ଏହାର ନିର୍ମାଣ ଶେଷ ହୋଇଛି। ଏହାଛଡ଼ା ରାଜ୍ୟ ସରକାର ୧୧୦ ଜଣ ପ୍ରଫେସର ଓ ଡାକ୍ତର ସେଠାରେ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଗୃହ ନିର୍ମାଣ ନକ୍ସା ପିକେଡିଏ ଦ୍ୱାରା ଅନୁମୋଦନ କରାଯାଇନାହିଁ କିମ୍ବା ନୂତନ କୋଠାକୁ ଟାଟା ପାୱାର ବିଦ୍ୟୁତ୍ ସଂଯୋଗ ଦେଇନାହିଁ। ବନଖଣ୍ଡ ଅଧିକାରୀ ଆପତ୍ତିବିହୀନ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି। ଏହିସବୁ କାରଣ ଯୋଗୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ୬୫୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇପାରୁନି। ଫଳରେ ଜିଲାର ପ୍ରାୟ ୧୬ ଲକ୍ଷ ଅଧିବାସୀଙ୍କ ସମେତ ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ତେଣୁ ପୁରୀ ବିକାଶ ପରିଷଦ ସଭାପତି ଜଗନ୍ନାଥ ବସ୍ତିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଦିଲୀପ କୁମାର ମହାରଣାଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଯଥାଶୀଘ୍ର ୬୫୦ ଶଯ୍ୟାବିଶିଷ୍ଟ ନୂତନ ଚିକିତ୍ସାଳୟର ଗୃହ ନିର୍ମାଣ ନକ୍ସା ଅନୁମୋଦନ କରିବାକୁ ସେମାନେ ଦାବି କରିଛନ୍ତି।

ସଚିବ ମହାରଣା କହିଛନ୍ତି, ଗୃହ ନିର୍ମାଣ ନକ୍ସା ଅନୁମୋଦନ ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ବାଲୁଖଣ୍ଡ ଅଭୟାରଣ୍ୟର ୫୦୦ ମିଟର ମଧ୍ୟରେ ଏହି ଚିକିତ୍ସାଳୟ ନିର୍ମାଣ କରାଯାଇଥିବାରୁ ବନଖଣ୍ଡ ଅଧିକାରୀଙ୍କ ଆପତ୍ତିବିହୀନ ପ୍ରମାଣପତ୍ରକୁ ଅପେକ୍ଷା କରାଯାଇଛି। ନଚେତ୍ ସର୍ତ୍ତମୂଳକ ଭାବେ ୬୫୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନା ପାଇଁ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଯିବ ବୋଲି ସେ କହିଛନ୍ତି। ସେହିପରି ପୁରୀ-କୋଣାର୍କ ରାଜପଥ ଠାରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲକୁ ସଂଯୋଗ କରିଥିବା ରାସ୍ତା ସମ୍ପ୍ରସାରଣ ଓ ବିକାଶ, ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବାକୁ ପୁରୀ ବିକାଶ ପରିଷଦ ପକ୍ଷରୁ ମଧ୍ୟ ଦାବି କରାଯାଇଛି। ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ, ଉପସଭାପତି ସୁକାନ୍ତ କୁମାର ପଣ୍ଡା, ଉପଦେଷ୍ଟା ଚକ୍ରଧର ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଗୋବିନ୍ଦ ଦାସ ଘୋଷ, ପ୍ରାନ୍ତସିନୀ ଜେନା ଓ ଶୁଭଶ୍ରୀ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପୁରୀ ବିକାଶ ପରିଷଦର ସଭ୍ୟମାନେ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ସଚିବ ଦିଲୀପ କୁମାର ମହାରଣାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ରଥଖଳାରୁ...

### ତୁମ୍ବର ଉଭୟ ପାର୍ଶ୍ୱ ଅଖ ବିନ୍ଧ ଖୋଦେଇ ଆରମ୍ଭ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣର ଅଷ୍ଟମ ଦିନରେ ସେବକ ଓ କାରିଗରମାନେ ରଥଖଳାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ କାମ ଜାରି ରଖିଛନ୍ତି। ମଙ୍ଗଳବାର ୩ ରଥର ୪୨ଟି ତୁମ୍ବ ମଧ୍ୟରୁ ୧୬ ଯୋଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତୁମ୍ବର ଉଭୟ ପାର୍ଶ୍ୱ ଅଖ ବିନ୍ଧ ଖୋଦେଇ ଆରମ୍ଭ ହୋଇଛି। ଏଥିସହ ତୁମ୍ବରେ ଅର ସଂଯୋଗ ପାଇଁ ହୋଇଥିବା ଅର ବିନ୍ଧ ନିକଟରେ କଣ୍ଟା ବସିବା ସହ ଅଗର ବିନ୍ଧ ହୋଇ ତୁମ୍ବଗୁଡ଼ିକର ବଳକା ଅଂଶକୁ ବାଦ୍ ଦେବା ପାଇଁ ତୁମ୍ବର ଘେରକଟା କାର୍ଯ୍ୟ କରତୀ ମହାରଣା ସେବକମାନେ ଜାରି ରଖିଛନ୍ତି। ୩ ରଥର ଘେରକଟା ଯାଇଥିବା ତୁମ୍ବଗୁଡ଼ିକର ଉଭୟ ପାର୍ଶ୍ୱରେ ଅଖ ବିନ୍ଧ ପାଇଁ ସୂତା ମାପ ଚିହ୍ନ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ମାପ ଚିହ୍ନ ଶେଷ ହୋଇଥିବା ତୁମ୍ବ ଗୁଡ଼ିକରେ ଅଖବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ତିନିରଥର ଓଝା ସେବକମାନେ ଆବଶ୍ୟକ ପ୍ରକାରେ ଅରକଣ୍ଟା ପ୍ରସ୍ତୁତି ଚଳାଇଛନ୍ତି।



## ସଂକ୍ଷେପରେ

### ବାଲି, ମାଟି ଚୋରାଚାଲାଣ, ୩ ଟ୍ରାକ୍ଟର ଜବତ

କୋଣାର୍କ,୨୮।୪(ଜ୍ୟୋତିରାଜ ମହାନ୍ତି)

ବାଲି, ମାଟି ଚୋରାଚାଲାଣ ବେଳେ ପୋଲିସ୍ ୩ ଟ୍ରାକ୍ଟର ଜବତ କରିଥିବା ବେଳେ ଗାଡ଼ିର ଡ୍ରାଇଭର୍‌ମାନଙ୍କୁ ଗିରଫ କରି କୋର୍ଟଚଲାଣ କରିଛି। ପ୍ରକାଶ ଯେ, କିଛିଦିନ ଧରି କୋଣାର୍କ ତଥା ଆଖପାଖ ଅଞ୍ଚଳରେ ବେଆଇନ ଇଟାଭାଟି ପାଇଁ ରାତିଅଧିଆ ବାଲି ଓ ମାଟି ଚୋରାଚାଲାଣ ହେଉଥିବା ନେଇ କୋଣାର୍କ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ କୋଣାର୍କ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀଙ୍କ ନେତୃତ୍ୱରେ ଏକ ଟିମ୍ ରାତି ପ୍ରେଟୋଲିଂ କରୁଥିବା ସମୟରେ କୋଣାର୍କ ଥାନା ଅଧିନସ୍ଥ ଅନସରା ଗ୍ରାମରୁ ଟ୍ରାକ୍ଟର ଯୋଗେ ବାଲି ଓ ମାଟି ଚୋରାଚାଲାଣ ହେଉଥିବା ପୋଲିସ ନଜରକୁ ଆସିଥିଲା। ଏହି ବେଆଇନ ମାଟି ଓ ବାଲି ଚୋରା ଚାଲାଣ କାର୍ଯ୍ୟରେ ବ୍ୟବହୃତ ୩ଟି ଟ୍ରାକ୍ଟର ଜବତକରି ଟ୍ରାକ୍ଟର ଡ୍ରାଇଭରଙ୍କୁ କୋଣାର୍କ ପୋଲିସ ଗିରଫ କରିଛି। ଏ ନେଇ କୋଣାର୍କ ପୋଲିସ ପକ୍ଷରୁ ପୃଥକ ପୃଥକ ଭାବେ ୯୬/୨୬, ୯୭/୨୬ ଓ ୯୮/୨୬ରେ ମାମଲା ରୁଜୁ କରି ଟ୍ରାକ୍ଟର ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଛି।

### ଇଟାଭାଟିରୁ ୩ ଶିଶୁ ଶ୍ରମିକ ଉଦ୍ଧାର

ନିମାପଡ଼ା,୨୮।୪(ବିଚିତ୍ରାନନ୍ଦ ସାହୁ)

ଭୁବନେଶ୍ୱର ସ୍ଥିତ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ମଙ୍ଗଳବାର ନିମାପଡ଼ା ଅଞ୍ଚଳରେ ଥିବା ଏକ ଇଟାଭାଟିରେ ଚଢ଼ାଉ କରାଯାଇ ସେଠାରେ କାର୍ଯ୍ୟରତ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ଶ୍ରମିକମାନେ ହେଲେ ବିହାର ରାଜ୍ୟର ଓ ସେମାନଙ୍କର ବୟସ ୧୩ରୁ ୧୫ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି। ଉଦ୍ଧାର ଶିଶୁଶ୍ରମିକଙ୍କୁ ନିମାପଡ଼ା ଥାନା ପୋଲିସ ନିକଟରେ ହାଜର କରାଯିବା ପରେ ରୁଚିକା ସମାଜ ମଙ୍ଗଳ ସଂଗଠନର ସପର୍ଟ ପର୍ସନ ତଟିନୀ ବିଶ୍ୱାଳ, ଚନ୍ଦନ ସାହୁ ପ୍ରମୁଖ ପୁରୀ ଶିଶୁମଙ୍ଗଳ ସମିତି (ସି. ଡବ୍ଲୁ. ସି.)ରେ ଛାଡ଼ିଥିବା ଜଣାପଡ଼ିଛି। ଇଟାଭାଟିରେ ଶିଶୁଶ୍ରମିକମାନେ କାର୍ଯ୍ୟକରୁଥିବାର ବିଶେଷସୂତ୍ରରୁ ଖବରପାଇ ଭୁବନେଶ୍ୱର ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ଚଢ଼ାଉ କରାଯାଇ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।

### ଚନ୍ଦନଯାତ୍ରାରେ ଭକ୍ତିସଙ୍ଗୀତ ପରିବେଷଣ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ୨୦୨୬ରେ ନରେନ୍ଦ୍ର ପୁଷ୍କରିଣୀ ସନ୍ନିକଟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଆୟୋଜିତ ଭକ୍ତିସଙ୍ଗୀତ ସମାରୋହରେ ସୋମବାର ରାତି ୮ଟାରେ ପୁରୀର 'ଦୟାନିଧି ସଙ୍ଗୀତ ସୁଧା' ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପାରମ୍ପରିକ ଓଡ଼ିଶୀ, ଛାନ୍ଦ, ଭଜନ ଏବଂ ଚନ୍ଦନ ଗୀତ ପରିବେଷଣ କରି ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ମନ ମୋହି ନେଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ଡ. ଈପ୍ସିତା ଦାଶ, ଡ. ନୀହାର ତ୍ରିପାଠୀ, ଶୁଭଶ୍ରୀ ପ୍ରଧାନ, ସମ୍ପ୍ରିତା ପାତ୍ର, ଶତୋ ସାଗରିକା ପାଇକ, ଦିବ୍ୟଜ୍ୟୋତି ଦାଶ ଏବଂ ଆୟୁଷ ଅଂଶୁମାନ ନାୟକ। ବାଦ୍ୟଯନ୍ତ୍ରରେ ଗୁରୁ ଜଗନ୍ନାଥ ମିଶ୍ର, ଗୁରୁ ହରିଶ୍ ଚନ୍ଦ୍ର ଦାସ, ଗୁରୁ ଶାରଦା ପ୍ରସନ୍ନ ମିଶ୍ର ଏବଂ ଦେବାଶିଷ ଦାସ ସହଯୋଗ କରିଥିଲେ।

# ମେ' ୧୫ରୁ ରବି ଧାନ ସଂଗ୍ରହ



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ।

**ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ**

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ରବିଋତୁ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ସର୍କିଟ୍ ହାଉସ୍‌ଠାରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରବି ଧାନ ସଂଗ୍ରହ ମେ' ୧୫ରୁ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି। ଖରିଫ ଧାନ ସଂଗ୍ରହ ପରି ରବି ଧାନ ସଂଗ୍ରହକୁ ସମସ୍ତଙ୍କ ଉଦ୍ୟମରେ ସଫଳ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୃଷକମାନେ ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ୍ ହେବା, ଧାନମଣ୍ଡିଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା, ଧାନ ସଂଗ୍ରହ ଉପକରଣ ପ୍ରସ୍ତୁତ ରଖିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ୨୨,୨୩୬ କୃଷକ ନାମ ପଞ୍ଜୀକରଣ କରିଛନ୍ତି। ଗତ ଖରିଫ ଋତୁରେ ଜିଲାରେ ୨ ଲକ୍ଷ ୧୦ ହଜାର ୪୦୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟରୁ ୨୦୩୫୨୦.୫୭୯ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଜିଲାରେ ୫୯,୨୫୩ ପଞ୍ଜୀକୃତ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୫୮,୦୦୫ କୃଷକଙ୍କଠାରୁ ଏହି ଧାନ ସଂଗ୍ରହ ହୋଇଛି। ସେହିପରି ଗତବର୍ଷ ରବି ଋତୁରେ ୨୫,୩୨୧ ପଞ୍ଜୀକୃତ ଯୋଗ୍ୟ କୃଷକଙ୍କ ମଧ୍ୟରୁ ୧୮,୦୧୩ ଚାଷୀଙ୍କଠାରୁ ୭୨୫୪୪.୦୭୮ ମେଟ୍ରିକ୍‌ଟନ୍ ଧାନ ସଂଗ୍ରହ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ପୁରୀ ଏମ୍‌ପିଙ୍କ ପ୍ରତିନିଧି, ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକରେ ବିବିଧ ସୂଚନା ପ୍ରଦାନ କରିଥିଲେ।

## 'ବଢତେ କଦମ' ଶୀର୍ଷକ ସଚେତନତା ଶିବିର

ନିମାପଡ଼ା,୨୮।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାଶନାଲ ଟ୍ରଷ୍ଟର ସହାୟତାରେ 'ବଢତେ କଦମ୍' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ପି.ପି.ଡବ୍ଲୁ.ଓ. କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥି ଭାବେ ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ସିଡିପିଓ ମାଧବୀ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, ପି.ପି.ଡବ୍ଲୁ.ଓ. ର ସାଧାରଣ ସମ୍ପାଦକ ଗଗନ ବିହାରୀ ଦାସ, ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ନ୍ୟାଶନାଲ ଟ୍ରଷ୍ଟ ଦାରା କାର୍ଯ୍ୟକାରୀ କରାଯାଉଥିବା ନିରାମୟ ସ୍ୱାସ୍ଥ୍ୟବୀମା ଯୋଜନା, ଦିଶା, ବିକାଶ, ସମର୍ଥ, ଲୋକାଲ ଲେଭୁଲ କମିଟି ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ନିୟମାବଳୀ ପ୍ରଦାନ କରାଯାଇଥିଲା, ଅତିଥିମାନେ ଦିବ୍ୟାଙ୍ଗଙ୍କ ନିମନ୍ତେ ରହିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଜନ୍ମେଜୟ ସ୍ୱାଇଁ, ମୌସୁମୀ ରାୟସିଂ, ପ୍ରଜ୍ଞାପରମିତା ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୋନାଲି ଦାସ, ସନ୍ଧ୍ୟାସୁଧା ନାୟକ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।

## ଇଲେକ୍ଟ୍ରିକ୍ ବାଣ ବିସ୍ଫୋରଣରେ ଗଲା ଯୁବକଙ୍କ ଜୀବନ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ମଙ୍ଗଳବାର ଥିଲା ଭଉଣୀ ବାହାଘର। ଏଭଳି ଏକ ଖୁସିର ମୁହୂର୍ତ୍ତରେ ଇଲେକ୍ଟ୍ରିକ୍ ବାଣ ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମଙ୍ଗଳାଘାଟ ପାଇକସାହିର ଶ୍ରଦ୍ଧାନନ୍ଦ ମଲିକ ଓରଫ୍ ସାନୁ। ସାନୁ ସୋମବାର ବିଳମ୍ବିତ ରାତିରେ ଖଣ୍ଡିଆବନ୍ଧର ଏକ ବିବାହ ମଣ୍ଡପରେ ଇଲେକ୍ଟ୍ରିକ୍ ବାଣ ପ୍ରସ୍ତୁତ କରୁଥିବାବେଳେ ତାହା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ତାଙ୍କର ୨ ହାତ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟ ଓ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଘରୋଇ ହସ୍ପିଟାଲ୍‌କୁ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ମଙ୍ଗଳାଘାଟ ପାଇକସାହିର ଛବି ମଲିକଙ୍କ ପୁଅ ସାନୁ ପୁରୀ ବେଳାଭୂମିରେ ଘୋଡ଼ା ଚଳାଇ ଜୀବିକା ନିର୍ବାହ କରୁଥିଲେ। ଗତ କିଛିମାସ ହେବ ସେ ବିବାହ କରି ଘର ଛାଡ଼ି ସ୍ତ୍ରୀ ସୁଭଦ୍ରାଙ୍କ ସହ ମଶାଣିଚଣ୍ଡୀ ଛକରେ ଭଡ଼ାରେ ରହୁଥିଲେ। ସୋମବାର ରାତିରେ ସ୍ତ୍ରୀଙ୍କୁ ବାପଘରେ ଛାଡ଼ି ସାନୁ ଖଣ୍ଡିଆବନ୍ଧର ଏକ ବିବାହ ମଣ୍ଡପରେ ଇଲେକ୍ଟ୍ରିକ୍ ବାଣ ପ୍ରସ୍ତୁତି ପାଇଁ ଯାଇଥିଲେ। ସ୍ତ୍ରୀଙ୍କ ସହ ସୋମବାର ରାତି ୧୦ଟା ୩୦ରେ ଶେଷଥର ପାଇଁ କଥା ହୋଇଥିଲେ। ତେବେ ହଠାତ୍ ମଙ୍ଗଳବାର ପରିବାର ଲୋକେ ଖବର ପାଇଥିଲେ ତାଙ୍କ ପୁଅର ମୃତଦେହ ସଦର ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଏହା ଶୁଣି ସ୍ତ୍ରୀ ଓ ପରିବାର ଲୋକେ ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ତାଙ୍କ ପୁଅକୁ କେହି ମାରି ଦେଇଥିବା ବାପା ଥାନାରେ ଅଭିଯୋଗ କରିଛନ୍ତି। ହେଲେ ମୃତକଙ୍କ ସ୍ତ୍ରୀଙ୍କ କହିବା ମୁତାବକ, ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କୁ କେହି ଖବର ଦେଇନାହାନ୍ତି। ସେ ଅନ୍ୟ ଲୋକଙ୍କଠାରୁ ଶୁଣି ଶାଶୁଘରକୁ ଆସିଥିବାବେଳେ ସେମାନେ ତାଙ୍କୁ ଗାଳିମନ୍ଦ କରି ଘଉଡ଼ାଇ ଦେଇଥିଲେ। ସେ ତାଙ୍କ ସ୍ୱାମୀଙ୍କୁ ମାରି ଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗ ଶୁଣି ଭାଙ୍ଗିପଡ଼ିଥିବା ମୃତକଙ୍କ ସ୍ତ୍ରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଅଚେତ ହୋଇପଡ଼ିଥିଲେ। ସୋମବାର ବିଳମ୍ବିତ ରାତିରେ ସାନୁ ଟେଲିଫୋନ୍ ଯୋଗେ କହିଥିଲେ ଯେ ତୁମେ ବ୍ୟସ୍ତ ହେବନି, କାମ ସାରିକି ମଙ୍ଗଳବାର ଦେଖା କରିବେ ବୋଲି କହିଥିଲେ। ହେଲେ ମହାପ୍ରଭୁ ଏତେଶୀଘ୍ର ଅକାଳରେ ମୋ ସ୍ୱାମୀଙ୍କୁ ଛଡ଼ାଇ ନେଇଗଲେ। ସେ କିଭଳି ବଞ୍ଚିବେ ବୋଲି ଚିତ୍କାର କରି କାନ୍ଦୁଥିବା ଦେଖିବାକୁ ମିଳିଥିଲା।

## ଗୋଟିଏ ରାତିରେ ୨ ମନ୍ଦିରରୁ ଚୋରି

ବଳଙ୍ଗା/ପିପିଲି,୨୮।୪
(କେଦାରେଶ୍ୱର ନନ୍ଦ/ଦୁର୍ଗାମାଧବ ମିଶ୍ର)

ବଳଙ୍ଗା ଥାନା ଅନ୍ତର୍ଗତ ଦିପିଦେଉଳି ଗ୍ରାମଦେବୀଙ୍କ ମନ୍ଦିର ଏବଂ ବରିହା ଗ୍ରାମର ମା' ତାରିଣୀ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଠାକୁରଙ୍କ ପୂଜାସାମଗ୍ରୀ ଓ ହୁଣ୍ଡିରୁ ଟଙ୍କା ଚୋରିକରି ନେଇଥିବା ଗ୍ରାମବାସୀଙ୍କ ତରଫରୁ ଥାନାରେ ୨ଟି ଅଭିଯୋଗ ହୋଇଛି। ଅଭିଯୋଗ ପରେ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଯାଇ ତଦନ୍ତ କରିଛି। ଉଭୟ ମନ୍ଦିର ପାଖାପାଖି ଥିବାରୁ ଗୋଟିଏ ଗୋଷ୍ଠୀର ଦୁର୍ବୃତ୍ତମାନେ ଏହି ଚୋରି କରିଛନ୍ତି ବୋଲି ସନ୍ଦେହ କରାଯାଉଛି। ତାରିଣୀ ମନ୍ଦିରରୁ ୫ଥର ଚୋରି ହୋଇଥିବା ନେଇ ଗ୍ରାମର ସଭାପତି ସୋମନାଥ ସେନାପତି କହିଛନ୍ତି। ବର୍ତ୍ତମାନ ବଳଙ୍ଗା ଅଞ୍ଚଳରେ ଥିବା ମନ୍ଦିରକୁ ଟାର୍ଗେଟ କରି ଚୋରି ଏତେ ବଢ଼ିଗଲାଣି ଯେ ପୋଲିସ ମୁଣ୍ଡବ୍ୟଥାର କାରଣ ସାଜିଛି।

## ବେଳାଭୂମି ସଫେଇ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଲାୟନ୍ସ କ୍ଲବର ସଦସ୍ୟମାନେ ବେଳାଭୂମି ସଫେଇ କରିଛନ୍ତି। ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ଭକ୍ତ ଓ ସେବାୟତଙ୍କ ପାଇଁ ପ୍ରଚଣ୍ଡ ଗରମରୁ ରକ୍ଷା ଲାଗି କ୍ଲବ ପକ୍ଷରୁ ୨ଟି କୁଲର ଦିଆଯାଇଛି। କାର୍ଯ୍ୟକ୍ରମକୁ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। କ୍ଲବ ପକ୍ଷରୁ ସଭାପତି ଲାୟନ୍ ଶିବ ଦାସ ମହାପାତ୍ର, ସମ୍ପାଦକ ରୁଦ୍ର ନାରାୟଣ ରଥ, କୋଷାଧ୍ୟକ୍ଷ ଶରତ କୁମାର ପାତ୍ର, ସଭ୍ୟ ଶ୍ୟାମପ୍ରସାଦ ଚନ୍ଦୁକା, ଶ୍ୟାମସୁନ୍ଦର ମହାପାତ୍ର, ବିଷ୍ଣୁପ୍ରିୟା ଦାସ, ବୀଣା ଦାସ, ଅର୍ଚ୍ଚନା ପାତ୍ର, ଅନିଲ ଦାଶ, ଶାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ଜିଲା ଓକିଲ ସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଜିଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପୁଣ୍ୟତିଥି ଅବସରରେ ସକାଳ ୮ଟାରେ ସଂଘର କାର୍ଯ୍ୟକର୍ତ୍ତାମାନେ ସଭାଗୃହରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରିବା ସହିତ ବିଧିମୁତାବକ ପୂଜାର୍ଚ୍ଚନା କରିଥିଲେ। ପରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ସଂଘର ସଭାଗୃହରେ ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନେକ ଆଇନଜୀବୀ ରକ୍ତ ଦାନ କରିଥିଲେ। ଏଥିରେ ମୋଟ ୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ସଂଘର ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ପ୍ରଦୀପ କୁମାର ଦାସ, ଯୁଗ୍ମ ସମ୍ପାଦକ ତପନ କୁମାର ବାରିକି, ଅସୀମ କୁମାର ବାନାର୍ଜୀ ଓ ସୋମନାଥ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସଂଘର କାର୍ଯ୍ୟକାରୀ ସଦସ୍ୟ ଦେବାଶିଷ ଦାଶ, ବିଜୟ କୁମାର ସାହୁ, କର୍ଣ୍ଣବୀର ମହାପାତ୍ର, ନମିତା ସାମଲ ଓ ଶିବାନନ୍ଦ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କାର୍ଯ୍ୟକର୍ତ୍ତାମାନେ ରକ୍ତ ଦାନ କରିଥିବା ସମସ୍ତ ଆଇନଜୀବୀଙ୍କୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସଂଘ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ସହିତ ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରୀତିଭୋଜନର ଆୟୋଜନ କରାଯାଇଛି।



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି ।

# ୩ ଘଣ୍ଟାରୁ ଊର୍ଦ୍ଧ୍ୱ ଚାପଡଙ୍ଗାରେ ବସିରହିଲେ ଠାକୁର

- ସେବାୟତଙ୍କ ଅନ୍ତଃକନ୍ଦଳ
- ପବନ ଯୋଗୁ କେବଳ ନୀତିରେ ସମ୍ପାଦିତ ହେଲା ଦିନ ଓ ରାତି ଚାପ

ପୁରୀ,୨୮।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀରାମକୃଷ୍ଣ, ଶ୍ରୀମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ଶ୍ରୀମନ୍ଦିରରୁ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠେଶ୍ୱର ମନ୍ଦିରରୁ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରି ନୌକାବିହାର କରିଥାନ୍ତି। ମଙ୍ଗଳବାର ବାହାର ଚନ୍ଦନ ଯାତ୍ରାର ନବମ ଦିବସରେ ରାତିଚାପରେ ବିଭ୍ରାଟ ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବ କାରଣରୁ ପବନର ବେଗ ଅଧିକ ଥିବାରୁ ଦିନ ଓ ରାତି ଚାପ କେବଳ ନୀତିରେ ସମ୍ପାଦିତ ହୋଇଛି। ଠାକୁର, ଠାକୁରାଣୀଙ୍କୁ ନୀତି ଅନୁଯାୟୀ, ବିଡ଼ିଆ ପାନ ମଣୋହି କରାଯାଇଥିଲା। ଦିନଚାପର ନୀତି ସମ୍ପାଦନ ହେବା ପରେ ଠାକୁରଙ୍କୁ ଚନ୍ଦନ କୁଣ୍ଡକୁ ନିଆଯାଇଥିଲା।

ମଙ୍ଗଳବାର ରାତି ଚାପରେ ବିଭ୍ରାଟ ଦେଖିବାକୁ ମିଳିଛି। ଏହାକୁ ନେଇ ଭକ୍ତ ଓ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ପରମ୍ପରା ଅନୁଯାୟୀ, ବେଶ ଭୋଗ ଓ ଅନ୍ୟାନ୍ୟ ନୀତି ହେବା ପରେ ରାତି ଚାପ ନିମନ୍ତେ ଚଳନ୍ତି ପ୍ରତିମା ଚାପ ଡଙ୍ଗାକୁ ବିଜେ କରିଥିଲେ। ମାତ୍ର ସେବାୟତଙ୍କ ମଧ୍ୟରେ ଥିବା ଅନ୍ତଃକନ୍ଦଳକୁ ନେଇ ଚାପ ଆରମ୍ଭ ହୋଇପାରି ନ ଥିଲା।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଅଧିକୃତ ସେବକ ଚାପ ଡଙ୍ଗା ଉପରେ ରହିପାରିବେ। ମିଳିଥିବା ସୂଚନା ଅନୁଯାୟୀ, ଶୁଦ୍ଧ ସୁଆର ସେବକ ଚାପ ଉପରକୁ ଯିବାକୁ ନେଇ ବିବାଦ ଦେଖିବାକୁ ମିଳିଥିଲା। ଶୁଦ୍ଧ ସୁଆର ସେବକ ଚାପ ଉପରକୁ ଯିବାର ଅଧିକାର ନ ଥିବା ଦର୍ଶାଇ ମହାଜନ ସେବାୟତମାନେ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏଥିଯୋଗୁ ଠାକୁରଙ୍କ ନୀତି ଆରମ୍ଭ ହୋଇପାରି ନ ଥିଲା। ରାତି ପ୍ରାୟ ୯ଟା୧୫ରୁ ୧୨ଟା ୩୦ ଯାଏଁ ଠାକୁର ଚାପଡ଼ଙ୍ଗାରେ ବସି ରହିଥିଲେ। ଖବରପାଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ନୀତି ପ୍ରଶାସକ, ଏସ୍‌ପି, ଜିଲାପାଳଙ୍କ ସହ ବରିଷ୍ଠ ଅଧିକାରୀ ଚନ୍ଦନଚକଡ଼ାକୁ ଯାଇ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଦୀର୍ଘ ସମୟ ଆଲୋଚନା ପରେ ବିବାଦର ସମାଧାନ ନେଇ ଶ୍ରୀମନ୍ଦିର ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ କେବଳ ନୀତି ସମ୍ପାଦନ କରାଯାଇ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ତେବେ ବୁଧବାର ଶ୍ରୀମନ୍ଦିର ପ୍ରଶାସନ ଓ ସମ୍ପୃକ୍ତ ସେବାୟତ ନିଯୋଗ ସହ ଆଲୋଚନା କରାଯିବ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।



ଚାପରେ ବସି ରହିଥିବା ଠାକୁରମାନେ ।

## ଅମାନିଆ ଚାଳକଙ୍କୁ ଧରପଗଡ଼

କଟକ,(କାର୍ତ୍ତିକ ସାହୁ): ଜିଲାରେ ସଡ଼କ ସୁରକ୍ଷାକୁ ଦୃଢ଼ କରିବା ଓ ଯାତାୟାତ ନିୟମ ଉଲ୍ଲଂଘନକୁ ରୋକିବା ପାଇଁ କଟକ ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏକ ବିଶେଷ ଧରପଗଡ଼ ଅଭିଯାନ ମଙ୍ଗଳବାର ସନ୍ଧ୍ୟାରେ କରାଯାଇଛି। କୁଡିସିଆଲ ଏକାଡେମୀ ଛକ ନିକଟରେ ଯାନବାହନଗୁଡ଼ିକୁ ଅଟକାଯାଇ କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ କରୁଥିବା ଅନେକ ଚାଳକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ମାଲବାହୀ ଯାନରେ ଯାତ୍ରୀ ପରିବହନ, ହେଲମେଟ ନ ପିନ୍ଧିବା, ମଦ୍ୟପାନ କରି ଗାଡ଼ି ଚଳାଇବା ଆଦି ମାମଲା ଚିହ୍ନଟ ହୋଇଛି। ଏହି ଅଭିଯାନରେ ପରିବହନ ବିଭାଗର ଅତିରିକ୍ତ କମିଶନର ଦୀପ୍ତି ରଞ୍ଜନ ପାତ୍ର, ଅତିରିକ୍ତ କମିଶନର ସମରେନ୍ଦ୍ର ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ, ଡିଏସ୍‌ପି ରୋଡ ସେଫ୍ଟି ଦେବୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବନ୍ଧୁକ ମୁନରେ ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୮।୪(ମାନସ ସାମଲ)

ବନ୍ଧୁକ ମନରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ହେଲେ ଟାଙ୍ଗୀ ଥାନା ଅଧୀନ ଇଟୁଆ ଗ୍ରାମର ପ୍ରଶାନ୍ତ ମଲ୍ଲିକ (୩୦)। ସୂଚନା ମୁତାବକ, ପ୍ରଶାନ୍ତ ତାଙ୍କ ପାଖ ପଡ଼ୋଶୀଙ୍କ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ। ଏକଦା ପୀଡିତାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ତାଙ୍କୁ ବନ୍ଧୁକ ଦେଖାଇ ଧମକ ଦେବା ସହ ଅନେକ ଥର ବଳାତ୍କାର କରିଥିଲେ। ପ୍ରଶାନ୍ତ ପୀଡିତାଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ତାଙ୍କୁ ଧମକ ଏବଂ ଭୟଭୀତ କରିବା ପାଇଁ ଏହାକୁ ବ୍ୟବହାର କରିଥିଲେ। ପ୍ରଶାନ୍ତଙ୍କ ଘର ପୀଡିତାଙ୍କ ଘର ନିକଟରେ ଥିବାରୁ ସେ ଏହାର ସୁଯୋଗ ନେଇ ତାଙ୍କ ଝିଅକୁ ତାଙ୍କ ଘରେ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକାଙ୍କ ମା'ଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ. ୨୧୮/୨୬) ରୁଜୁ କରିଛି।

### ୪ ମାଟି ବୋଝେଇ ହାଇୱା ଜବତ

ଖୁଣ୍ଟୁଣୀ,୨୮।୪(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ତହସିଲ ଅନ୍ତର୍ଗତ ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଗ୍ରାମରୁ ମାଟି ବୋଝେଇ କରି ଆସୁଥିବା ୪ ହାଇୱାକୁ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଜବତ କରିଛନ୍ତି। ଜବତ ହାଇୱାଗୁଡ଼ିକୁ ଗୁରୁଡ଼ିଝାଟିଆ ଥାନାରେ ରଖାଯାଇଥିବା ତହସିଲଦାର ବଡ଼ଜେନା କହିଛନ୍ତି। ପ୍ରକାଶ ଯେ ରାଧାକୃଷ୍ଣପୁରଠାରେ ରେଙ୍ଗାଲି ପ୍ରୋଜେକ୍ଟ କାମରେ କେନାଲ ଖୋଳାଯାଉଛି। ଖୋଳାଯାଇଥିବା ମାଟିକୁ କେତେକ ମାଫିଆ ଠିକାଦାରଙ୍କୁ ହାତ କରି ଆଣି ବାହାରେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ପାଇ ତହସିଲଦାର ହାଇୱା ଜବତ କରିଥିଲେ। ଏହା ଏମ୍‌ଏସ୍‌ଆଇଏଲ୍ ଠିକାଦାରୀ ସଂସ୍ଥାର ହାଇୱା ବୋଲି ପୋଲିସ କହିଛି। ବୁଧବାର ଖଣି ବିଭାଗ ଆସି ତଦନ୍ତ କରିବା ପରେ ଜରିମାନା କରାଯିବ ବୋଲି ଗୁରୁଡ଼ିଝାଟିଆ ଆଇଆଇସି ଶୁଭେନ୍ଦୁ ମିଶ୍ର କହିଛନ୍ତି।

### ଫୁଟ୍‌ବଲ: ବାରବାଟୀ ୟୁନାଇଟେଡ୍ ଚାମ୍ପିୟନ

କଟକ,୨୮।୪(କୁମାରଶ୍ରୀ)

ସ୍ଥାନୀୟ ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଆୟୋଜିତ ଭେଟେରାନ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବାରବାଟୀ ୟୁନାଇଟେଡ କ୍ଲବ ଚାମ୍ପିୟନ ହୋଇଛି। ଏକ ରୋମାଞ୍ଚକର ଫାଇନାଲରେ ମୁକାବିଲାରେ ୟୁନାଇଟେଡ୍ ଦଳ ବାରବାଟୀ ମର୍ନିଂ କ୍ଲବକୁ ପରାସ୍ତ କରି ଚଳିତ ସଂସ୍କରଣର ଟାଇଟଲ ହାସଲ କରିଥିଲା। ଫୁଟବଲ କ୍ଲବ ଗ୍ୟାଲେରି ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଉପସଭାପତି ମହମ୍ମଦ ସୟଦ ଜବାରଙ୍କ ସମେତ ମହମ୍ମଦ ନିୟାଜ ଅହମ୍ମଦ, ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ଭାଜପାର ଜନ ଆକ୍ରୋଶ ମହିଳା ସମାବେଶ

କଟକ, ୨୮।୪ (ଶିଲ୍ପା ପ୍ରିୟଦର୍ଶିନୀ)

ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ ନ ହେବା ଘଟଣାକୁ ତୀବ୍ର ନିନ୍ଦା କରି ଭାଜପା ପକ୍ଷରୁ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ତୁଳସୀପୁର ସ୍ଥିତ ଖ୍ରୀଷ୍ଟିଆନ ପଡ଼ିଆରେ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ସମାବେଶରେ ଜିଲାର ୫ ନିର୍ବାଚନମଣ୍ଡଳୀରୁ ପାଖାପାଖି ପାଞ୍ଚ ହଜାରରୁ ଅଧିକ ମହିଳା ସାମିଲ ହୋଇଥିଲେ। ଏଥିରେ କଟକ ଏମପି ଭର୍ତ୍ତୃହରି ମହତାବ, ଆସ୍କା ଏମ୍‌ପି ଅନିତା ଶୁଭଦର୍ଶିନୀ, ରାଜ୍ୟ ଭାଜପା ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଜିଲା ଭାଜପା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିରେଖା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନମିତା ମିଶ୍ର, ଗୀତା ଦାସ, ପ୍ରବୀଣା ମହାପାତ୍ର, ମଧୁସ୍ମିତା ପ୍ରଧାନ, ଅମ୍ବିକା ଦାସ, ବିଧାୟକ ଛବି ମଲ୍ଲିକ, ନୟନ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## କଟକରେ ପଥ ଉତ୍ସବ




ବାରବାଟୀ ଦୁର୍ଗ ସମ୍ମୁଖ ବାଲିଯାତ୍ରା ପଡ଼ିଆ ରାସ୍ତା ପାର୍ଶ୍ୱରେ ଅନୁଷ୍ଠିତ ପଥ ଉତ୍ସବ ଅବସରରେ ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ରାଜକିଶୋର ମହାନ୍ତି)

# କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିଲେ ସହରବାସୀ




ବାରବାଟୀ ଦୁର୍ଗ ସମ୍ମୁଖ ବାଲିଯାତ୍ରା ପଡ଼ିଆ ରାସ୍ତା ପାର୍ଶ୍ୱରେ ଅନୁଷ୍ଠିତ ପଥ ଉତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ।

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

- ଚିତ୍ରକଳା ସମେତ ସ୍କେଟିଂ, ବିଭିନ୍ନ କ୍ରୀଡ଼ାର ମଜା ନେଲେ
- ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ତାଙ୍କ ପ୍ରତି ଉଚିତ ସମ୍ମାନ ହେବ

ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତାରେ ମଙ୍ଗଳବାର ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଡିଏ ଓ ସିଏମ୍‌ସିର ମିଳିତ ଆନୁକୂଲ୍ୟରେ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦ୍ଦୋସ, ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ବନ୍ଦିତା ଦାସ, ଭାଜପା ନେତା ଅରିନ୍ଦମ ରାଏ, ଶ୍ରୀତମ ଦାସ, ଅଭିନେତ୍ରୀ ବିଦ୍ୟୁତ୍‌ସ୍ମିତା ଦାସ ଯୋଗଦେଇଥିଲେ। ତେବେ ମଧୁବାବୁ ଓଡ଼ିଆ ଅସ୍ମିତା ଓ ଜାତିର ପରିଚୟ। ମଧୁବାବୁଙ୍କୁ ଓଡ଼ିଆ ଜାତିର ପିତା କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କୁ ଭାରତରତ୍ନ ପ୍ରଦାନ କରାଗଲେ ଏହା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ ବୋଲି ଅତିଥିମାନେ କହିଛନ୍ତି। ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲାଇଭ ସ୍କେଚ୍ ଆର୍ଟ, ସ୍ୱାସ୍ଥ୍ୟ ଶିବିର, ମେହେନ୍ଦି ଆର୍ଟ, ସ୍କେଟିଂ, ଚିତ୍ରାଙ୍କନ ଆଦି ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ବି.କେ. ଆର୍ଟ କଲେଜର ଛାତ୍ର ସ୍ୱରାଜ କୁମାର ନାୟକ, ପ୍ରତାପ ବାଡ଼ତ୍ୟ, କୈଳାଶ ସାହୁ ପଥ ଉତ୍ସବରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ ଲୋକଙ୍କ ମାତ୍ର ୧୫ ମିନିଟ୍‌ରେ ପେନସିଲ ଆର୍ଟ ଦ୍ୱାରା ଅବିକଳ ଚିତ୍ର ଆଙ୍କି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ସେହିପରି ଭୁବନେଶ୍ୱରର ଝରଣା ନାୟକ ଓ ଶ୍ରୀୟାମୟୀ ନାୟକ ପ୍ରଥମ କରି ଏହି ପଥ ଉତ୍ସବରେ ଯୋଗଦେଇ ମହିଳାମାନଙ୍କ ହାତରେ ଭଳିକି ଭଳି ଡିଜାଇନର ମେହେନ୍ଦି ଲଗାଇ ଆକର୍ଷିତ କରିଥିଲେ। ଏହାସହ କର୍କଟ ରୋଗର ସଚେତନତା କାର୍ଯ୍ୟକ୍ରମ କରାଯାଇଥିବାବେଳେ ରଙ୍ଗୋଲି ଆର୍ଟ, ମଧୁସୂଦନ ଦାସଙ୍କ କର୍ମଶାଳା ସମେତ କ୍ରୀଡ଼ାରେ ସିପକ୍ ଥ୍ରୋ, ଭଲିବଲ, କବାଡ଼ି ଓ ଲାଇଭ ଜୁମ୍ବା ଏବଂ ଆରାବିକ୍ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ଅନ୍ୟପଟେ ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତାରେ ଦୁଇଟି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ନାଚ, ଗୀତ ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଓଲିଉଡ଼ କଳାକାର ନିକିତା, ମଣ୍ଟୁ, ସୁଭମ ଓ ସୂର୍ଯ୍ୟମୟୀ ନୃତ୍ୟ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଗ୍ରୁପ୍‌ର ସଙ୍ଗୀତରେ ସହରବାସୀ ଝୁମିଥିଲେ।




ପଥ ଉତ୍ସବ ଅବସରରେ ମହିଳାମାନେ ମେହେନ୍ଦି ଲଗାଉଛନ୍ତି।



ପଥ ଉତ୍ସବରେ ଖୋଲିଥିବା ଅନ୍ନପୂର୍ଣ୍ଣା ଭିଲେଜ ଷ୍ଟୋର।




ପଥ ଉତ୍ସବ କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ରେଭେନ୍‌ଶାରେ ଆଇନଜୀବୀ ଦିବସ ପାଳିତ




ଆଇନଜୀବୀ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୮।୪(କୁମାରଶ୍ରୀ)

**ସୁବରାଜ, ଜ୍ୟୋତିର୍ମୟ ସମ୍ବର୍ଦ୍ଧିତ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସେଭେନ୍ ପିଲାର ଅଫ ୱିଜଡମରେ କଟକ ଜିଲା ଆଇନଜୀବୀ ପ୍ରକୋଷ୍ଠ ପକ୍ଷରୁ ମଙ୍ଗଳବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଆଇନଜୀବୀ ସୁବରାଜ ଜେନା ଏବଂ ସେବା କ୍ଷେତ୍ରରେ ଅତୁଳନୀୟ କାର୍ଯ୍ୟ ପାଇଁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସହଯୋଗୀ ପ୍ରଫେସର ତଥା ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ଲିଗାଲ ସେଲ ଆବାହକ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ଲିଗାଲ ସେଲ ଯୁଗ୍ମ ଆବାହକ ଆଇନଜୀବୀ ମାନସ ରଞ୍ଜନ ମହାନ୍ତି ଓ ଜିଲା ଲିଗାଲ ସେଲ ଆବାହକ ନିକୁଞ୍ଜ ଦେଓ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ କଟକ ଜିଲା ଲିଗାଲ ସେଲର ଯୁଗ୍ମ ଆବାହକ ଓ ସ୍ପେଶାଲ ପିପି ଶୁଭ ନାରାୟଣ ଦାସ, ଯୁଗ୍ମ ଆବାହକ ଶିବ ଶଙ୍କର ମହାନ୍ତି, ପ୍ରବୀର କୁମାର ରାୟ, ବିଶ୍ୱଜିତ ମହାରଣା, ବିଭୂପ୍ରସାଦ ନାୟକ, ଅତିରିକ୍ତ ପିପି ଦେବପ୍ରିୟ ପ୍ରଧାନ, ରଞ୍ଜନ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

ଚୌଦ୍ୱାର,୨୮।୪(ଆଶୁତୋଷ ଦାସ)

ଜଣେ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଡାଳିଯୋଡ଼ା ବ୍ରହ୍ମପୁର ଗ୍ରାମର ପ୍ରଦ୍ୟୁମ୍ନ ତ୍ରିପାଠୀ ଓରଫ ଭାଲୁ (୫୧)। ପୋଲିସ ସୂଚନା ଅନୁଯାୟୀ, ପ୍ରଦ୍ୟୁମ ପୀଡ଼ିତାଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ୪ ମାସ ମଧ୍ୟରେ ବହୁବାର ଅନିୟମିତ କାର୍ଯ୍ୟ କରିଥିଲେ। ଗତ କିଛିଦିନ ତଳେ ପୀଡ଼ିତାଙ୍କ ମା' ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୭୭/୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଉଦ୍ଧାର ବଜ୍ରକାପ୍ତାକୁ ନନ୍ଦନକାନନ ଛଡ଼ାଗଲା

କଣ୍ଟାପଡା,୨୮।୪(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଶିରସୁନ୍ଦରପୁର ଗ୍ରାମବାସୀଙ୍କ ଦ୍ୱାରା ଏକ ବଜ୍ରକାପ୍ତା ସୋମବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଥିବା ଜଣାପଡିଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ମଙ୍ଗଳବାର ସକାଳେ ବାଗଲପୁର ବନପାଳ କାର୍ଯ୍ୟାଳୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାଟିକୁ ଗ୍ରାମବାସୀଙ୍କ ନିକଟରୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଉଦ୍ଧାର ବଜ୍ରକାପ୍ତା ସୋମବାର ବିଳମ୍ବିତ ରାତିରେ ଶିରସୁନ୍ଦରପୁର ଗ୍ରାମର ଜଣେ ବ୍ୟକ୍ତି ବାହାରକୁ ଆସିଥିବାବେଳେ କାକଟପୁର ବ୍ରାଞ୍ଚ କେନାଲ ବନ୍ଧରୁ ଆସୁଥିବା ଦେଖି ଡାକ ଛାଡିଥିଲେ। ଡାକଶୁଣି ସେହି ଗ୍ରାମର ପ୍ରକାଶ ମଲିକ, ନିରଞ୍ଜନ ମଲିକ, ଦୂର୍ଯ୍ୟୋଧନ ମଲିକ, ଦୁଃଶାସନ ମଲିକ, ସନ୍ତୋଷ ଗିରି, ଅର୍ଜୁନ ମଲିକ, ରମେଶ ମଲିକ ପ୍ରମୁଖ ପହଞ୍ଚି ବ୍ରଜକାପ୍ତାଟିକୁ କାବୁ କରିଥିଲେ। ସକାଳ ଗ୍ରାମବାସୀ ବାଗଲପୁରସ୍ଥିତ ବନପାଳ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନପାଳ ସୁମିତ ଟୁଡୁ ବଜ୍ରକାପ୍ତା ଉଦ୍ଧାର କରି ନେଇ ଯାଇଥିଲେ।



ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ବଜ୍ରକାପ୍ତା।

## 'ଭକ୍ତ ଦାସ କଂଗ୍ରେସ କର୍ପୋରେଟରଙ୍କ ମଧ୍ୟରେ ଫାଟ ସୃଷ୍ଟି କରିଛନ୍ତି'

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସରେ ଫାଟ ସୃଷ୍ଟି କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। କଟକରେ ୮ଜଣ କର୍ପୋରେଟର କାଉନ୍‌ସିଲରେ ନିର୍ବାଚିତ ହୋଇଥିଲୁ, ଦଳ ପାଇଁ ସର୍ବଦା କାମ କରିଛୁ। ହେଲେ ଆମ ମଧ୍ୟରୁ ୪ଜଣଙ୍କୁ କଂଗ୍ରେସ ଭବନ ଡକାଯାଇ ଆଲୋଚନା କରାଯାଉଛି। ହେଲେ ଅନ୍ୟ ୪ଜଣଙ୍କୁ ଅଣଦେଖା କରିବା ସହ ଆମ ମଧ୍ୟରେ ଫାଟ ସୃଷ୍ଟି କରିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ଉପସଭାପତି ତଥା ସିଏମ୍‌ସି ୱାର୍ଡ ନଂ. ୪୧ର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ ଏହା କହିଛନ୍ତି। ସେ କହିଛନ୍ତି, ପ୍ରଦେଶ କଂଗ୍ରେସ କମିଟି ବର୍ତ୍ତମାନ ଠିକ୍ ଢ଼ଙ୍ଗରେ ପରିଚାଳିତ ହେଉନାହିଁ। ଦଳରେ ବହୁ ଯୁବ ଓ ବରିଷ୍ଠ ନେତାମାନେ ଦଳରୁ ବହିଷ୍କୃତ ହେଉଛନ୍ତି ବୋଲି କହିଛନ୍ତି। କଂଗ୍ରେସ ଏବେ ଦୁର୍ବଳ ହେବାରେ ଲାଗିଛି। ଭକ୍ତ ଦାସଙ୍କ ଜିଦଖୋର ମନୋବୃତ୍ତି ଓ ଅହଂଭାବ ରହିଛି। ଦଳ ଏବେ ଯେଉଁଭଳି କାମ କରିବା କଥା ତାହା କରୁନାହିଁ। ଦଳ ସମସ୍ତଙ୍କୁ ଏକଜୁଟ କରୁନାହିଁ ବୋଲି ସେ କହିଛନ୍ତି।

## ସତ୍ୟପାଠ ସାର୍ବଜନୀନ ଦାଖଲ ନିମନ୍ତେ ବିଜ୍ଞପ୍ତି ଜାରି କଲେ କମିଶନ

କଟକ,୨୮।୪(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

**୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିପାରିବେ**

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଉକ୍ତ ଘଟଣା ନେଇ ସତ୍ୟପାଠ ସାର୍ବଜନୀନ ଦାଖଲ ନିମନ୍ତେ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ କୌଣସି ବ୍ୟକ୍ତିବିଶେଷ, ସଙ୍ଗଠନ, ସଂସ୍ଥା ଅଗ୍ନିକାଣ୍ଡ ଘଟଣା ସଂକ୍ରାନ୍ତରେ ତଥ୍ୟ, ସୂଚନା ବା ଦସ୍ତାବିଜ୍ ରହିଛି କିମ୍ବା ଅଗ୍ନିକାଣ୍ଡ ଦ୍ୱାରା ପ୍ରଭାବିତ ହୋଇଛନ୍ତି, ସେନେଇ କମିଶନଙ୍କୁ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ ଚାହୁଁଥିଲେ ସେମାନେ ସତ୍ୟପାଠ ଜରିଆରେ ଜଣାଇ ପାରିବେ। ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ (ଛୁଟି ଦିନ ବ୍ୟତୀତ) ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ଦ୍ୱିତୀୟ ମହଲାସ୍ଥିତ କମିଶନଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରୁ ଅପରାହ୍ନ ୪ଟା ମଧ୍ୟରେ ସତ୍ୟପାଠ ଦାଖଲ କରି ପାରିବେ। ତଦନ୍ତ କ୍ଷେତ୍ରରେ ସତ୍ୟପାଠକୁ ଗୁରୁତ୍ୱ ଦିଆଯିବା ନେଇ କମିଶନଙ୍କ ପକ୍ଷରୁ କୁହାଯାଇଛି।

ସୂଚନାଥାଉ କି, ୧୫ ମାର୍ଚ୍ଚ ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅବସରପ୍ରାପ୍ତ ଜିଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ ଓ ଟିମ୍ ପହଞ୍ଚି ଉକ୍ତ ଘଟଣାସ୍ଥଳର ଯାଞ୍ଚ କରିବା ସହ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରିଥିଲେ। ଘଟଣାର ତଦନ୍ତ କରିବା ସହ ୬୦ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଏହି ରିପୋର୍ଟ ଆଧାରରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଏହି ଘଟଣାରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରାଥମିକ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟ ଆଧାରରେ ପ୍ରଥମେ ୪ଜଣ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଛି। ଅନ୍ୟପଟେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ନେତୃତ୍ୱରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ସମସ୍ତ କୋଠାଗୁଡ଼ିକର ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟା ନେଇ ଯାଞ୍ଚ କରାଯାଇଥିଲା।


ବିପଦକୁ ଆମନ୍ତ୍ରଣ: ସେଲ୍ଫି ନେବା ନିଶାରେ ଜଣେ ଯୁବକ ଅନୁଗୋଳ ଜିଲା ମହୀଧରପୁର ଅଞ୍ଚଳରେ ୫୦ ଟିକିଆ ହାତୀପଲ ନିକଟକୁ ଚାଲି ଆସିଥିବାର ଦୃଶ୍ୟ।

# ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନଃ ବ୍ୟବହାର ହେବ

## ୨୦୩୬ ସୁଦ୍ଧା ୫୦% ପୁନଃ ବ୍ୟବହାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଭୁବନେଶ୍ୱର,୨୮।୪ (ବନ୍ଦନା ସେଠୀ)

ଜଳ ସ୍ଥିରତା ନିଶ୍ଚିତ ସହ ସହରାଞ୍ଚଳ ବିକାଶ କ୍ଷେତ୍ରରେ ଏକ 'ସର୍କୁଲାର ଇକୋନୋମି'କୁ ପ୍ରୋତ୍ସାହିତ କରିବା ଦିଗରେ ରାଜ୍ୟ ସରକାର ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ସହରାଞ୍ଚଳ ଶୋଧିତ ବ୍ୟବହୃତ ଜଳର ପୁନଃବ୍ୟବହାର ନୀତି-୨୦୨୬ ଅଧିସୂଚିତ କରିଛନ୍ତି। ଏହି ନୀତି ବ୍ୟବହୃତ ଅପରିଷ୍କାର ଜଳକୁ ବର୍ଜ୍ୟବସ୍ତୁ ଭାବେ ନ ଦେଖି ଏହାକୁ ମୂଲ୍ୟବାନ ଅର୍ଥନୈତିକ ସମ୍ବଳରେ ପରିଣତ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛି। ଏଥିସହ ସହରାଞ୍ଚଳରେ ଦେଖାଦେଉଥିବା ଋତୁକାଳୀନ ଓ ସ୍ଥାନୀୟ ଜଳ ସଙ୍କଟର ସମାଧାନ ପାଇଁ ଯୋଜନା କରାଯାଇଛି। ଏହି ନୀତି ଅନ୍ତର୍ଗତ ୨୦୩୦ ସୁଦ୍ଧା ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବ୍ୟବହୃତ ଜଳର ୧୦୦% ସଂଗ୍ରହ, ପରିବହନ ଓ ଶୋଧନ ନିଶ୍ଚିତ କରିବା, ଶୋଧିତ ଜଳର ଅତିକମ୍‌ରେ ୨୦% ପୁନଃ ବ୍ୟବହାର କରିବା, ୨୦୩୬ ସୁଦ୍ଧା ଶୋଧିତ ଜଳର ପୁନଃବ୍ୟବହାର ପରିମାଣକୁ ଅତି କମ୍‌ରେ ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଓଡ଼ିଶାରେ ଦୈନିକ ପ୍ରାୟ ୧,୧୦୪ ଏମ୍‌ଏଲ୍‌ଡି ବ୍ୟବହୃତ ଜଳ ନିର୍ଗତ ହେଉଥିବାବେଳେ ତନ୍ମଧ୍ୟରୁ ମାତ୍ର ୧୯୦ ଏମ୍‌ଏଲ୍‌ଡି ଶୋଧିତ ହେଉଛି। ଏହି ବ୍ୟବଧାନକୁ ଦୂର କରିବା ପାଇଁ ନୂତନ ନୀତିରେ ଜଳ ଶୋଧନକୁ ବାଧ୍ୟତାମୂଳକ କରାଯିବା ସହ ଅଣପାନୀୟ କାର୍ଯ୍ୟ ପାଇଁ ନିରାପତ୍ତା ମାନକ ଅନୁଯାୟୀ ଏହାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ମଧୁର ଜଳ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହି ଶୋଧିତ ଜଳକୁ ପୌର ଏବଂ ଆନୁଷ୍ଠାନିକ ବ୍ୟବହାର ଅନ୍ତର୍ଗତ ରାସ୍ତା ସଫା କରିବା, ଅଗ୍ନିଶମ ସେବା, ପରିମଳ, ବଗିଚା କାମ ଏବଂ ଏଚ୍‌ଭିଏସି ସିଷ୍ଟମରେ ବ୍ୟବହାର କରାଯିବା ସହ ଶିଳ୍ପଭିତ୍ତିକ କାର୍ଯ୍ୟରେ ନିୟୋଜିତ କରାଯିବ। ସେହିପରି 'ଶୋଧିତ ବ୍ୟବହୃତ ଜଳ ଶୁଳ୍କ ମଡେଲ' ପ୍ରସ୍ତୁତ କରାଯାଇ ଏହି ଜଳର ମୂଲ୍ୟ ପାନୀୟଜଳ ତୁଳନାରେ କମ୍ ରଖାଯିବ। ଚାଷୀଙ୍କ ପାଇଁ 'ୱାଟର କ୍ରେଡିଟ' ସହ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ଶୁଳ୍କ ରିହାତି ରହିବ। ଆବାସିକ ସୋସାଇଟିଗୁଡ଼ିକ ଫ୍ଲସିଂ ଓ ବଗିଚା କାମରେ ଏହି ଜଳ ବ୍ୟବହାର କଲେ ସେମାନଙ୍କ ପାଇଁ ରିହାତି ବ୍ୟବସ୍ଥା ରହିଛି। ଏହି ନୀତିର ସଫଳ ରୂପାୟନ ପାଇଁ ରାଜ୍ୟ ଉଚ୍ଚସ୍ତରୀୟ କମିଟି ରହିବେ। ଏହାକୁ ସହଯୋଗ କରିବା ପାଇଁ ଏକ ରାଜ୍ୟସ୍ତରୀୟ ବୈଷୟିକ କମିଟି ଏବଂ ଏକ ସ୍ୱତନ୍ତ୍ର 'ଶୋଧିତ ବ୍ୟବହୃତ ଜଳ ସେଲ୍' ଗଠନ କରାଯିବ। ସେହିପରି ଜିଲାସ୍ତରରେ ସମନ୍ୱୟ ରକ୍ଷା ପାଇଁ 'ଜିଲା ସମନ୍ୱୟ କମିଟି' କାର୍ଯ୍ୟ କରିବ। ନଗର ଉନ୍ନୟନ ବିଭାଗ ଏହାର ନିୟାମକ ଦାୟିତ୍ୱରେ ରହିବ। ଓଡ୍ଲ୍ୟୁଏସ୍‌ଏସ୍‌ବି, ୱାଟ୍‌କୋ ଏବଂ ପିଏଚ୍‌ଇଓ ଭିତ୍ତିଭୂମି ବିକାଶ ଓ ପରିଚାଳନା କରିବେ। ଓଡ଼ିଶା ଅର୍ବାନ ଏକାଡେମୀ ଦକ୍ଷତା ବିକାଶ ଏବଂ ଗବେଷଣା କାର୍ଯ୍ୟର ନେତୃତ୍ୱ ନେବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮।୪ (ରବିନାରାୟଣ ଜେନା)

ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସତ୍ୟନଗରସ୍ଥିତ ଓଜେସି ମୁଖ୍ୟ କାର୍ଯ୍ୟାଳୟଠାରେ ଦଳର ପ୍ରତିଷ୍ଠାତା ସଭାପତି ମହମ୍ମଦ ମୋକିମ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ କହିଥିଲେ, ମଧୁବାବୁ ଓଡ଼ିଆ ସ୍ୱାଭିମାନର ଶ୍ରେଷ୍ଠ ପ୍ରତୀକ। ଓଡ଼ିଶା ଏବଂ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶା ଜନତା କଂଗ୍ରେସ ଗଠନ ହୋଇଛି। ଓଡ଼ିଶା ମାଟିକୁ ସ୍ୱତନ୍ତ୍ର କରିବା ପାଇଁ ମଧୁବାବୁ ଯେଉଁଭଳି ଲଢ଼େଇ କରିଥିଲେ, ଓଡ଼ିଆମାନଙ୍କ ଅଧିକାର ଲାଗି ଓଡ଼ିଶା ଜନତା କଂଗ୍ରେସ ସେହିଭଳି ଲଢ଼େଇ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଦଳର ନେତା ବଦ୍ରିନାରାୟଣ ମହାନ୍ତି, କଳାହାଣ୍ଡିର ବରିଷ୍ଠ ସଙ୍ଗଠକ ମଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୮୬ତମ ସ୍ଥାନରେ ରାଉରକେଲା ଏନ୍‌ଆଇଟି

ରାଉରକେଲା,୨୮।୪(ସଙ୍ଗୀତା ଜେନା)

**ଏସିଆ ର୍ୟାଙ୍କିଙ୍ଗ୍ ୨୦୨୬**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ପୁଣି ଥରେ ଟାଇମ୍ସ ହାୟର ଏଜୁକେଶନ (ଟିଏଚ୍‌ଇ) ଏସିଆ ୟୁନିଭର୍ସିଟି ର୍ୟାଙ୍କିଙ୍ଗ୍-୨୦୨୬ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ରାଉରକେଲା ଏନ୍‌ଆଇଟି ଏସିଆର ୩୬ଟି ଦେଶ ଏବଂ ୯୨୯ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ୧୮୬ତମ ସ୍ଥାନ ହାସଲ କରିଛି। ଏହି ପ୍ରତିଷ୍ଠାନ ଗତବର୍ଷର ୧୯୧ତମ ସ୍ଥାନରୁ ଏହାର ସ୍ଥିତିକୁ ଉନ୍ନତ କରିଛି। ସେହିପରି ର୍ୟାଙ୍କିଙ୍ଗରେ ସ୍ଥାନିତ ଭାରତୀୟ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ରାଉରକେଲା ଏନ୍‌ଆଇଟି ୮ମ ସ୍ଥାନରେ ରହିଛି ଏବଂ ଦେଶର ତାଲିକାଭୁକ୍ତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ମଧ୍ୟରେ ସର୍ବୋଚ୍ଚ ସ୍ଥାନ ପାଇଛି। ସୂଚନାଯୋଗ୍ୟ, ଏସିଆର ଶ୍ରେଷ୍ଠ ୨୦୦ ପ୍ରତିଷ୍ଠାନ ମଧ୍ୟରେ ସ୍ଥାନ ପାଇଥିବା ଏହା ଏକମାତ୍ର ଏନ୍‌ଆଇଟି। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଚଳିତ ବର୍ଷ ଟାଇମ୍ସ ହାୟର ଏଜୁକେଶନ ଏସିଆ ୟୁନିଭର୍ସିଟି ର୍ୟାଙ୍କିଙ୍ଗରେ ଆମର ସ୍ଥିର ପ୍ରଗତି ଦେଖି ଆମେ ଖୁସି। ଏହି ସଫଳତା ଶିକ୍ଷାଗତ ଉତ୍କର୍ଷ, ପ୍ରଭାବଶାଳୀ ଗବେଷଣା ଏବଂ ବିଶ୍ୱସ୍ତରୀୟ ସମ୍ପର୍କ ପାଇଁ ପ୍ରତିଷ୍ଠାନର ବର୍ଦ୍ଧିତ ପ୍ରତିଷ୍ଠାନକୁ ସୁଦୃଢ଼ କରେ। ତଥ୍ୟ ଦାଖଲ କରିବାରେ ସେମାନଙ୍କର କେନ୍ଦ୍ରିତ ଆଭିମୁଖ୍ୟ ପାଇଁ ମାନ୍ୟତା ଏବଂ ର୍ୟାଙ୍କିଙ୍ଗ୍ ଦଳର ଉତ୍ସର୍ଗୀକୃତ କାର୍ଯ୍ୟକୁ ମୁଁ ପ୍ରଶଂସା କରୁଛି। ଏହି ମାଇଲଖୁଣ୍ଟ ଆମକୁ ଆମର ଶିକ୍ଷାଗତ ଇକୋସିଷ୍ଟମକୁ ଆହୁରି ବୃଦ୍ଧି କରିବା, ଗବେଷଣା ସହଭାଗିତାକୁ ବିସ୍ତାର କରିବା ଏବଂ ବିଶ୍ୱ ସ୍ତରରେ ଉତ୍କର୍ଷ ପାଇଁ ପ୍ରୟାସ ଜାରି ରଖିବାକୁ ପ୍ରେରଣା ଦେବ ବୋଲି ରାଓ କହିଥିଲେ।

# ୧ରୁ ୩୭ ସାଙ୍ଗଠନିକ ଜିଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ: ଭାଜପା

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)

ଭାଜପା ନିଜ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଅନେକ ସମୟରେ ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ଶିବିର କରିଥାଏ। ସେହି କ୍ରମରେ ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ-୨୦୨୬କୁ ସଫଳ କରିବା ପାଇଁ ପ୍ରଦେଶ ସ୍ତରୀୟ ଆଇଟି ଓ ପ୍ରଦର୍ଶନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ମହାଅଭିଯାନ ବିଷୟରେ ପ୍ରତିକ୍ରିୟା ଦେଇ ଦଳର ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ କହିଛନ୍ତି, ପ୍ରଶିକ୍ଷଣ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ଏକ ପ୍ରମୁଖ ଅଙ୍ଗ। ଦଳର ସାଙ୍ଗଠନିକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ, ଆଇଟି ଏବଂ ପ୍ରଦର୍ଶନୀ ସମ୍ବନ୍ଧିତ ପ୍ରଶିକ୍ଷଣ ବର୍ଗରେ କିପରି ଉପଯୋଗ କରାଯିବ ସେସବୁ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ଓ ଯୋଜନା କରାଯାଇଛି। ଏହା ପୂର୍ବରୁ ଓଡ଼ିଶାର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସମାପ୍ତ ହୋଇସାରିଛି। ଆସନ୍ତା ୧ ତାରିଖରୁ ଦଳର ସମସ୍ତ ୩୭ ସାଙ୍ଗଠନିକ ଜିଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାପରେ ସମସ୍ତ ୭ ମୋର୍ଚ୍ଚାର ଜିଲାସ୍ତରରୁ ଆରମ୍ଭକରି ପ୍ରଦେଶ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ଏମ୍‌ପିମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ନିର୍ଦ୍ଧାରିତ ସମୟ ଭିତରେ କିପରି ଏହାର ଆୟୋଜନ ହେବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

# ବିରୋଧୀଙ୍କ ବିରୋଧରେ ମଶାଲ ଶୋଭାଯାତ୍ରା କଲା ଭାଜପା

ଭୁବନେଶ୍ୱର, ୨୮।୪(ସୁନିତ୍ ମିଶ୍ର)


ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧୀ ଲାଗୁ କରାଇ ନ ଦେବା ଅଭିଯୋଗରେ ଭାଜପା ପକ୍ଷରୁ ରାଜମହଲଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ବାହାରିଥିବା ମଶାଲ ଶୋଭାଯାତ୍ରା।

ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧୀ ଲାଗୁ କରାଇ ଦେଲେ ନାହିଁ ବୋଲି ଅଭିଯୋଗକରି ଦେଶବ୍ୟାପୀ ଭାଜପା ପକ୍ଷରୁ ପ୍ରତିବାଦ କରାଯାଉଛି। ଏହି ବିଷୟକୁ ନେଇ ମଙ୍ଗଳବାର ଭାଜପା ପକ୍ଷରୁ ରାଜଧାନୀରେ ଜନ ଆକ୍ରୋଶ ମଶାଲ ଶୋଭାଯାତ୍ରା କରାଯାଇଛି। ଏହା ରାଜମହଲ ଛକଠାରୁ ବାହାରି ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରିଥାଆନ୍ତା। ରାଜନୀତି କ୍ଷେତ୍ରରେ ଏହା ମହିଳାମାନଙ୍କ ଭାଗୀଦାରିତାକୁ ସୁନିଶ୍ଚିତ କରିଥାଆନ୍ତା। କଂଗ୍ରେସ ଠାରୁ ଆରମ୍ଭକରି ସମାଜବାଦୀ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ବିଜେଡି ପର୍ଯ୍ୟନ୍ତ ସବୁ ବିରୋଧୀ ଏହି ଅଧିନିୟମକୁ ବିରୋଧ କରି ସେମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବିରୋଧୀ ପରିବାର କେନ୍ଦ୍ରିକ ଦଳ ହୋଇଯାଇଛନ୍ତି। ସେମାନେ କେବଳ ନିଜ ପରିବାର ମହିଳାଙ୍କୁ ରାଜନୀତି କ୍ଷେତ୍ରରେ ଆଗକୁ ଆଣିବା ପାଇଁ ଚାହାନ୍ତି। ମାତ୍ର ଭାଜପା ସବୁବେଳେ ସାଧାରଣ ମହିଳାଙ୍କୁ ଅଧିକାର ଦେବା ଉପରେ ଧ୍ୟାନ ଦେଉଛି। ଯେଉଁ ନାରୀ ପରିବାର ଚଳାଏ, ସେ ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ମଧ୍ୟ କରିପାରେ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦେଶର ମା' ଓ ଭଉଣୀମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣର ସାମ୍ବିଧାନିକ ଅଧିକାର ଦେବା ଲାଗି ଭାଜପା ଲଢ଼େଇ ଜାରି ରଖିବ। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ମହିଳାଙ୍କ ନ୍ୟାଯ୍ୟ ହକ୍ ୩୩ ପ୍ରତିଶତ ସଂରକ୍ଷଣକୁ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ମିଶି ଭଣ୍ଡୁର କରିଛନ୍ତି। ମନମୋହନ, ଜୁଏଲ ଏବଂ ପ୍ରଭାତୀ ପତାକା ଦେଖାଇ ମଶାଲ ଯାତ୍ରାର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା କରାଯାଇଥିଲା।

# ପଶ୍ଚିମବଙ୍ଗର ୩୬ ବିଧାନସଭା ଦାୟିତ୍ୱ ପାଇଥିଲା ଓଡ଼ିଶା ଭାଜପା

ଭୁବନେଶ୍ୱର, ୨୮।୪ (ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗ ଓ ଆସାମ ବିଧାନସଭା ନିର୍ବାଚନ ପାଇଁ ଓଡ଼ିଶାର ବହୁ ନେତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଶାରେ ଭାଜପା ସରକାର ଗଠନ ପରେ ଅନ୍ୟ ରାଜ୍ୟରେ ନିର୍ବାଚନ ହେଲେ ବହୁ ଓଡ଼ିଆ ଶାସକ ଦଳ ନେତାଙ୍କୁ ଦାୟିତ୍ୱ ଦିଆଯାଉଛି। ପଶ୍ଚିମବଙ୍ଗ ନିର୍ବାଚନରେ ପ୍ରଚାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭକରି ଶାସକ ଦଳର ଅନେକ ନେତା ସେଠାରେ ଡେରା ପକାଇଥିଲେ। ବର୍ତ୍ତମାନ ଦୁଇ ରାଜ୍ୟର ନିର୍ବାଚନ ଫଳାଫଳ ଏବଂ ରାଜ୍ୟ ନେତାମାନଙ୍କ ଦାୟିତ୍ୱ ଗ୍ରହଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ବିଷୟକୁ ନେଇ ମଙ୍ଗଳବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ପଶ୍ଚିମବଙ୍ଗର ୩୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ଓଡ଼ିଶାକୁ ଦିଆଯାଇଥିଲା। ୨ରୁ ୪ଟି ଜିଲାର ସ୍ୱତନ୍ତ୍ର ଲୋକ ଦାୟିତ୍ୱ ପାଇଛନ୍ତି। ପଶ୍ଚିମବଙ୍ଗକୁ ଲାଗିକି ଥିବା ଜିଲାର ନେତାମାନେ ପରିଚାଳନା ଦାୟିତ୍ୱ ପାଇ ଯାଇଛନ୍ତି। ୩୬ଟି ବିଧାନସଭା ଆସନ ପାଇଁ ମାଗିଥିଲେ। ଆସାମ ଲାଗି ୧୪ଟି ଆସନରେ ପରିଚାଳନା ଦାୟିତ୍ୱ ବୁଝିବାକୁ କୁହାଯାଇଥିଲା। କେତେଜଣ ହାତଗଣତି ନେତା ସେହି ଦାୟିତ୍ୱ ପାଇଥିଲେ। ବେଙ୍ଗଲରେ ସାଧାରଣ ଲୋକମାନେ ନିର୍ବାଚନ ଲଢୁଛନ୍ତି ବୋଲି ସେ କହିଛନ୍ତି।

ମନମୋହନ ଆହୁରି କହିଛନ୍ତି, ଦଳ ଭିତରେ କିଛି ଦ୍ୱନ୍ଦ୍ୱ ନାହିଁ। ସରକାରଙ୍କ ପକ୍ଷରୁ ଯେଉଁସବୁ ନିଯୁକ୍ତି ବଣ୍ଟାଯିବା କଥା ସେହି କାର୍ଯ୍ୟ ଠିକ୍ ଭାବେ ଚାଲିଛି। ପ୍ରାୟ ସବୁ ଘୋଷଣା ସରିଗଲାଣି। ୨୯ ଜିଲାର ସଭାପତି ଘୋଷଣା ସରିଗଲାଣି। କେବଳ ଖୋର୍ଦ୍ଧା ଜିଲା ବାକି ଅଛି, ଖୁବ୍‌ଶୀଘ୍ର ଶେଷ ହୋଇଯିବ। ଜିଲା ଯୋଜନା କମିଟି ଘୋଷଣା ସରିଛି। ୨୩ ଜିଲାରେ ଏସ୍‌ଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଚୟନ ସରିଛି। କେବଳ ନିଗମ ଓ ବୋର୍ଡ ଖୁବ୍‌ଶୀଘ୍ର ହେବ। କେନ୍ଦ୍ର ନେତାଙ୍କ ସହ ବସି ଭାବିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ଚିନ୍ତା କରିବେ। ଯାହା ନିର୍ବାଚନ ପ୍ରତିଶ୍ରୁତି ଥିଲା ତାହାର ୮୦ ପ୍ରତିଶତ ସରିଲାଣି। ୨ ବର୍ଷ ପୂର୍ତ୍ତି ପାଳନ ପୂର୍ବରୁ ବାକି ପ୍ରତିଶ୍ରୁତି ପୂରଣ କରାଯିବ। ଆସାମ ନିର୍ବାଚନ ପ୍ରଭାରୀ ଥିବା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା କହିଛନ୍ତି, ଆସାମରେ ପୂର୍ବଥର ଅପେକ୍ଷା ଅଧିକ ଭୋଟ ବ୍ୟବଧାନରେ ଡବଲ ଇଞ୍ଜିନ ସରକାର ଆସିବ। ସେଠାରେ ୪ ମାସ ରହିଆସିଥିବା ଯୋଗୁ ସେହି ଅନୁଭୂତି ନେଇ ଡବଲ ଇଞ୍ଜିନ ସରକାର ଆସିବ ଭାବିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ସରକାର କରିବାକୁ ଆଶାବାଦୀ ଥିବା ସେ କହିଛନ୍ତି।

# ପେଟ୍ରୋଲ-ଡିଜେଲ ଦର ବୃଦ୍ଧି କେବଳ ଗୁଜବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୮।୪ (ରବିନାରାୟଣ ଜେନା)

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଏକ ଗୁଜବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଲୋକସେବା ଭବନରେ ମଙ୍ଗଳବାର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଭଳି ପ୍ରମୁଖ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା ଅବସରରେ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଘରୋଇ ରନ୍ଧନ ଗ୍ୟାସ୍ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି। ଖାଉଟିମାନେ ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ୍‌ଭର୍ତ୍ତି ସିଲିଣ୍ଡର ପାଇପାରୁଛନ୍ତି। ଗ୍ୟାସ୍‌ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ବର୍ତ୍ତମାନ ଦୂର ହୋଇଛି। ସେହିଭଳି ଅଣଘରୋଇ ତଥା ବାଣିଜ୍ୟିକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଣ ସମ୍ଭବ ହୋଇପାରୁଛି। ଫଳରେ ହୋଟେଲ, ରେସ୍ତୋରାଁଗୁଡ଼ିକର ଚାହିଦା ଅନେକାଂଶରେ ପୂରଣ ହୋଇପାରୁଛି। ଅନ୍ୟପକ୍ଷରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ତେବେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ନେଇ କୌଣସି ସମ୍ଭାବନା ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏଭଳି ଗୁଜବଠାରୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ନିକଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ ହେବା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ଉପଲବ୍ଧି। ରାଜ୍ୟରେ ରନ୍ଧନ ଗ୍ୟାସ୍ ଓ ପେଟ୍ରୋଲ-ଡିଜେଲର କଳାବଜାରକୁ ବରଦାସ୍ତ କରାଯିବ ନାହିଁ। ଏଥିସହିତ ୫ କେଜିଆ ଗ୍ୟାସ୍ ସିଲିଣ୍ଡର ଯୋଗାଣକୁ ବଢ଼ାଇବା ସହ ସବୁ ସହରରେ ପିଏନ୍‌ଜି ଯୋଗାଣ ବ୍ୟବସ୍ଥା ବ୍ୟାପକ କରିବା ଏବଂ ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ମନ୍ତ୍ରୀ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରାକୃତିକ ଗ୍ୟାସ୍ ଓ ତୈଳ ବିତରଣ କମ୍ପାନୀର ପ୍ରତିନିଧିମାନଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରସାମ୍ୟ ହରାଇ ଟ୍ରେଲରକୁ ପିଟିଲା ବସ୍

## ୪ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ

ବଣାଇଁ,୨୮।୪(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ୧୪୩ ନମ୍ବର ଜାତୀୟ ରାଜପଥର ଚାନ୍ଦିପୋଷ ନିକଟରେ ମଙ୍ଗଳବାର ରାତି ପ୍ରାୟ ୮ଟା ୩୫ରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ରାଉରକେଲାରୁ ଯାଜପୁର ଟାଉନ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଏକ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ୪ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଯାଜପୁରର ମାନସ ପଣ୍ଡା, ବାଇନ ଏବଂ ବାବୁ । ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଏହି ଦୁର୍ଘଟଣାରେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଚାନ୍ଦିପୋଷ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୂଚନା ଅନୁସାରେ, ପ୍ରମିଳା ନାମକ ଉକ୍ତ ଯାତ୍ରୀବାହୀ ବସ୍ ରାଉରକେଲାରୁ ସନ୍ଧ୍ୟା ୭ଟା ୪୫ରେ ବାହାରି ଯାଜପୁର ଟାଉନ ଅଭିମୁଖେ ଯାଉଥିଲା। ଚାନ୍ଦିପୋଷ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଅପର ପାର୍ଶ୍ୱରେ ଯାଉଥିବା ଏକ ଟ୍ରେଲରକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଟ୍ରେଲର ଚାଳକଙ୍କ ସମେତ ବସ୍‌ର ୨ ଚାଳକ ଓ ହେଲପରଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଏକ କିଲୋମିଟର ପରିଧି ମଧ୍ୟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ ଉଭୟ ଗାଡ଼ିରୁ ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)କୁ ପଠାଯାଇଥିଲା। ସେହିପରି ଆହତମାନଙ୍କୁ ଲହୁଣୀପଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ଦ୍ରୁତଗତିରେ ଯାଉଥିବା ବସ୍ ରାସ୍ତା ଖରାପ ଯୋଗୁ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଛି।

# ବସ୍-କାର ମୁହାଁମୁହିଁ ଧକ୍କା: ଜଣେ ମୃତ, ୪ ଗୁରୁତର

ଡୁଙ୍ଗୁରିପାଲି, ୨୮।୪ (ଦୀନବନ୍ଧୁ ସୁନା)


ଦୁର୍ଘଟଣାଗ୍ରସ୍ତ କାର୍ ଓ ବସ୍।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ବରଗଡ଼-ବଲାଙ୍ଗୀର ୨୬ ନଂ. ଜାତୀୟ ରାଜପଥର ଏଫସିଆଇ ହାଇସ୍କୁଲ ରାସ୍ତାରେ ମଙ୍ଗଳବାର ଅପରାହ୍ନ ୩ଟାରେ ବସ ସହ କାର ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କାର ଚାଳକ ରାଞ୍ଚିର ବୀରେନ୍ଦ୍ର କୁମାର ସିଂ (୬୫)। ଗୁରୁତର ହେଲେ ମୃତ ବୀରେନ୍ଦ୍ରଙ୍କ ସ୍ତ୍ରୀ ନିରମଳା (୬୨ ), ପୁଅ ହର୍ସଲ କୁମାର (୪୮), ବସ୍ ଡ୍ରାଇଭର ଶୁକଦେବ ଦାସ (୪୯) ଓ ହେଲପର ଭାଗବତ ବେଣ୍ଟକାର (୩୨)। ପୋଲିସ ସୂଚନା ମୁତାବକ, ଗୋଟିଏ ପରିବାର ୬ଜଣ ରାଞ୍ଚିରୁ ବାହାରି ବଲାଙ୍ଗୀର ଅଭିମୁଖେ କାର ନଂ. ସିଜି ୧୭ ଏଡି ୮୫୪୯ରେ ଆସୁଥିବା ବେଳେ ଡୁଙ୍ଗୁରିପାଲିରୁ ଏକ ଘରୋଇ ବସ୍ ନଂ. ଓଆର ୧୭ କେ ୦୫୭୬ ଯାଉଥିବା ସମୟରେ ଏଫସିଆଇ ହାଇସ୍କୁଲ ଛକ ରାସ୍ତା ବୁଲାଣିରେ ଧକ୍କା ହୋଇଥିଲା। ବସଟି ତେଲ ପକାଇବାକୁ ଯାଉଥିବାରୁ ସେଥିରେ ଯାତ୍ରୀ ନ ଥିଲେ। ପ୍ରତ୍ୟକ୍ଷଦର୍ଶୀ, ସ୍ଥାନୀୟ ଲୋକେ ଓ ସେବା ଫାଉଣ୍ଡେସନର ସଦସ୍ୟମାନେ କାର ଭିତରୁ ୬ ଜଣଙ୍କୁ ଓ ବସର ଡ୍ରାଇଭର ଏବଂ ହେଲପରଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର କାର ଚାଳକ ବୀରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ତାଙ୍କ ସ୍ତ୍ରୀ ନିରମଳା, ପୁଅ ହର୍ସଲ, ବସ୍ ଡ୍ରାଇଭର ଶୁକଦେବ ଓ ହେଲପର ଭାଗବତଙ୍କୁ ବୁର୍ଲା ଭୀମସାର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କାରରେ ଥିବା ହର୍ସଲଙ୍କ ସ୍ତ୍ରୀ ଓ ୨ ଛୋଟ ପିଲା ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି ବୋଲି ଆଇଆଇସି ରୋଜାଲିନ ପଟେଲ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବସକୁ କ୍ରେନ ଯୋଗେ ରାସ୍ତାରୁ ହଟାଇ ଆଣି ଥାନାରେ ରଖିଛି। ୧ ଘଣ୍ଟା ଧରି ଜାତୀୟ ରାଜପଥରେ ଯାତାୟାତ ବନ୍ଦ ରହିଥିଲା। ପୋଲିସ ବୀରେନ୍ଦ୍ରଙ୍କ ମୃତଦେହକୁ ଜବତ କରିଛି। ଏ ନେଇ ପୋଲିସ ନଂ. ୧୦୭/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ଆଇଆଇସି ପଟେଲ କହିଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଗୁରୁତର

ସିମୁଳିଆ, ୨୮।୪ (ସନ୍ତୋଷ ନାୟକ)

**ଜଗନ୍ନାଥଙ୍କୁ ଚିଠିଲେଖା ପଡ଼ିଲା ମହଙ୍ଗା**

- **ଥାନାରେ ମାମଲା ରୁଜୁ ପରେ ଶିକ୍ଷକ ଫେରାର**
- **ଶିଶୁ କଲ୍ୟାଣ ବିଭାଗର ତଦନ୍ତ ଆରମ୍ଭ**


ଆକ୍ରମଣର ଶିକାର ବୈଜନ୍ତ।

ନିଜ ମା'ଙ୍କ ଉଦ୍ଦେଶ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଚିଠି ଲେଖିବା ଛାତ୍ରାବାସରେ ରହୁଥିବା ଜଣେ ୧୩ବର୍ଷୀୟ ନାବାଳକଙ୍କ ପାଇଁ ମହଙ୍ଗା ପଡ଼ିଛି । ଶିକ୍ଷକଙ୍କ ମାଡରେ ଛାତ୍ରଜଣଙ୍କ ଲହୁଲୁହାଣ ହୋଇଛନ୍ତି। ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ।

ସବଙ୍ଗ ଅଞ୍ଚଳର ସନ୍ଧ୍ୟାରାଣୀ ଓ ମନୋଜ କୁମାର ପାଲ ନିଜର ପୁଅ ବୈଜନ୍ତ ପାଲ(୧୩)ଙ୍କୁ ସିମୁଳିଆ ଥାନା ଖଇରା ବ୍ଲକ ଅନ୍ତରା ଅଞ୍ଚଳରେ ଥିବା 'ଜ୍ଞାନଗଙ୍ଗା ଛାତ୍ରାବାସ ଓ ପାଠଶାଳା'ରେ ରଖି ୮ମ ଶ୍ରେଣୀରେ ପାଠ ପଢାଉଥିଲେ। ତେବେ ହଷ୍ଟେଲରେ ଆଳୁ ଝୋଳ ତରକାରୀ ହେଉଥିବା ସମ୍ପର୍କରେ ବୈଜନ୍ତ ନିଜ ମା'ଙ୍କ ଉଦ୍ଦେଶ୍ୟରେ ପ୍ରଭୁ ଜଗନ୍ନାଥଙ୍କୁ 'ହେ ଜଗନ୍ନାଥ ମୋତେ ମୋ ମା' ପାଖକୁ ନେଇଯାଅ' ବୋଲି ନିଜ ଖାତାରେ ଲେଖିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗତ ୨୫ତାରିଖରେ ଶିକ୍ଷକ ପ୍ରମୋଦ କୁମାର ଦାସ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ବୈଜନ୍ତଙ୍କୁ ତାଙ୍କ ମାମୁ ଦେଖାକରିବା ପାଇଁ ଯାଇଥିବା ବେଳେ ସେ ଜୋରରେ କାନ୍ଦିଥିଲେ। ଏ ସମ୍ପର୍କରେ ତାଙ୍କ ମାମୁ ବୈଜନ୍ତଙ୍କ ମା'ଙ୍କୁ ସୂଚନା ଦେବା ପରେ ସେ ହଷ୍ଟେଲରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ନିଜ ପୁଅକୁ ସେ ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କ ପିଚା, ଜଙ୍ଘ, ପିଠି ଆଦି ଶରୀରର ବିଭିନ୍ନ ଅଂଶରେ ମାଡ଼ ଚିହ୍ନ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସୋମବାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉକ୍ତ ଛାତ୍ରାବାସର ମାଲିକ ତଥା ଶିକ୍ଷକ ପ୍ରମୋଦଙ୍କୁ ପଚାରିବାରୁ ସେ ନିଜ ପାରିବାରିକ ସମସ୍ୟା ନେଇ ଉତ୍କ୍ଷିପ୍ତ ହୋଇ ବୈଜନ୍ତଙ୍କୁ ମାଡ ମାରିଥିବା କହିଥିଲେ। ଘଟଣାକୁ ଚପାଇ ଦେବା ପାଇଁ ବିଭିନ୍ନ ବ୍ୟକ୍ତିଙ୍କ ମାଧ୍ୟମରେ ଉଦ୍ୟମ କରିଥିଲେ । ଏପରିକି ବୈଜନ୍ତଙ୍କ ମା'ଙ୍କୁ ପୁଅର ଚିକିତ୍ସା ପାଇଁ ଫୋନପେରେ ୧୩ଶହ ଟଙ୍କା ଦେବା ପାଇଁ କହିଥିଲେ। ପରେ ନିଜ ପୁଅକୁ ଆକ୍ରମଣ କରିଥିବା ଶିକ୍ଷକ ପ୍ରମୋଦଙ୍କ ନାମରେ ସନ୍ଧ୍ୟାରାଣୀ ସୋମବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ. ୧୬୮/୨୬) ରୁଜୁ କରି ତଦନ୍ତ ଚଳାଇଛି । ମଙ୍ଗଳବାର ଶିଶୁ କଲ୍ୟାଣ ବିଭାଗୀୟ ଅଧିକାରୀ ସିମୁଳିଆ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି । ଅନ୍ତରାରେ ଥିବା ଜ୍ଞାନଗଙ୍ଗା ଶିକ୍ଷା ଅନୁଷ୍ଠାନ ବେଆଇନ ରୂପେ ପରିଚାଳିତ ହେବା ସହିତ ଶିଶୁଙ୍କୁ ଆକ୍ରମଣର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ କଲ୍ୟାଣ ବିଭାଗର ପଞ୍ଚାନନ ତ୍ରିପାଠୀ ସୂଚନା ଦେଇଛନ୍ତି । ଅପରପକ୍ଷେ ଥାନାରେ ମାମଲା ରୁଜୁ ପରେ ଅଭିଯୁକ୍ତ ଶିକ୍ଷକ ଫେରାର ଅଛନ୍ତି ।

# ଶ୍ୱଶୁରଘରେ ଜ୍ୱାଇଁଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ



ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଦିଗଛିଆ ବଜାରରେ ରାସ୍ତାରୋକୋ କରାଯାଇଛି।

ଚାନ୍ଦବାଲି,୨୮।୪(କିଷାନ ପାତ୍ର)

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଜଳେଶ୍ୱରପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ପରକୀୟା ପ୍ରୀତି ପାଇଁ ଶ୍ୱଶୁରଘରେ ଜ୍ୱାଇଁଙ୍କୁ ପେଟ୍ରୋଲ ଢାଳି ପୋଡ଼ି ହତ୍ୟା କରାଯାଇଛି। ମୃତକ ହେଲେ ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ପଳାଶପୁର ଗାଁର ସନ୍ତୋଷ ଦାସ। ସ୍ତ୍ରୀ, ତାଙ୍କ ପୁରୁଷ ବନ୍ଧୁ ଓ ଶାଶୁ ଏହି ହତ୍ୟାକାଣ୍ଡ ଘଟାଇଥିବା ମୃତ ସନ୍ତୋଷଙ୍କ ବାପା ପ୍ରବୋଧ ଦାସ ମଙ୍ଗଳବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଦିଗଛିଆ ବଜାରରେ ରାସ୍ତାରୋକୋ କରାଯାଇଥିଲା। ଗାଡ଼ିରେ ମୃତଦେହ ରଖି ରାସ୍ତାରେ ଟାୟାର ଜାଳି ମୃତକଙ୍କ ପରିବାର ଲୋକ ଓ ସମ୍ପର୍କୀୟମାନେ ରାସ୍ତା ଅବରୋଧ କରିଥିଲେ।

ଘଟଣାରୁ ପ୍ରକାଶ ଯେ, ସନ୍ତୋଷ ୧୦ବର୍ଷ ପୂର୍ବେ ଜଳେଶ୍ୱରପୁର ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମବିବାହ କରିଥିଲେ। ସେମାନଙ୍କର ୨ ସନ୍ତାନ ଅଛନ୍ତି। ସନ୍ତୋଷ ବାହାର ରାଜ୍ୟରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ତାଙ୍କ ସ୍ତ୍ରୀ ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ସହ ଅନୈତିକ ସମ୍ପର୍କ ରଖି ଆସୁଥିଲେ। ଏ ବିଷୟରେ ସନ୍ତୋଷ ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ଘଟଣାକୁ ନେଇ ତାଙ୍କ ସ୍ତ୍ରୀ କିଛିଦିନ ପୂର୍ବେ ନିଖୋଜ ହୋଇଯାଇଥିଲେ। ସ୍ତ୍ରୀ ନିଖୋଜ ନେଇ ସନ୍ତୋଷ ଚାନ୍ଦବାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବହୁ ଖୋଜାଖୋଜି କରିବା ପରେ ସନ୍ତୋଷଙ୍କ ସ୍ତ୍ରୀଙ୍କୁ ପ୍ରେମିକଙ୍କ ପାଖରୁ ଧରି ବାପଘରକୁ ପଠାଇଦେଇଥିଲେ। ସୋମବାର ସନ୍ତୋଷ ଶ୍ୱଶୁର ଘରକୁ ଯାଇଥିବା ବେଳେ ସ୍ତ୍ରୀଙ୍କ ସହ ତାଙ୍କର ବଚସା ହୋଇଥିଲା। ସନ୍ତୋଷଙ୍କ ଶାଶୁ, ସ୍ତ୍ରୀ, ପ୍ରେମିକ ଓ ଆଉ ଦୁଇଜଣ ଯୁବକ ମିଶି ତାଙ୍କୁ ମାଡ଼ ମାରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପ୍ରବୋଧ ଏତଲାରେ ଦର୍ଶାଇଛନ୍ତି। ପରିବାର ଲୋକେ ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ଉଦ୍ଧାର କରି ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖାହେବା ବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା।

# କ୍ୟାପିଟାଲ ହସ୍ପିଟାଲ୍‌ରେ ଏନ୍‌ଆଇଏ ଟିମ୍

## ଆଜାଦନଗର ବୋମା ବିସ୍ଫୋରଣ ଘଟଣା

### ତଥ୍ୟ ସଂଗ୍ରହ କଲା, ସିସିଟିଭି ଫୁଟେଜ୍ ମାଗିଲା



କ୍ୟାପିଟାଲ ହସ୍ପିଟାଲ୍‌ରେ ଏନ୍‌ଆଇଏ ଟିମ୍ ତଦନ୍ତ କରୁଛି।

ଭୁବନେଶ୍ୱର,୨୮।୪(ପ୍ରସନ୍ନଜିତ ସାହୁ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ପଚରାଉଚରା ସହ ବିଭିନ୍ନ ସ୍ଥାନରୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମଧ୍ୟ ଖୋଜୁଛି। ଏହି କ୍ରମରେ ମଙ୍ଗଳବାର ଏନ୍‌ଆଇଏ ଟିମ୍ କ୍ୟାପିଟାଲ୍ ହସ୍ପିଟାଲରେ ପହଞ୍ଚି ଛାନ୍‌ଭିନ୍ କରିଛି। ୨ ଜଣିଆ ସଦସ୍ୟ ବିଶିଷ୍ଟ ଏନ୍‌ଆଇଏ ଟିମ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଏନ୍‌ଆଇଏ ଅଧିକାରୀ ଦ୍ୱୟ ତଥ୍ୟ ସଂଗ୍ରହ କରିବା ସହ ହସ୍ପିଟାଲ୍ ସିସିଟିଭି ଫୁଟେଜ୍ ମାଗିଛନ୍ତି। ଉକ୍ତ ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶେହନୱାଜ ମଲିକ ଓରଫ ମୁଫି ଏବଂ ତାଙ୍କ ମା' ଲିଜାତୁନ ବିବି (୫୧)ଙ୍କର ମୃତ୍ୟୁ ଘଟିଥିବାବେଳେ ବାନ୍ଧବୀ ତୃପ୍ତିମୟୀ ମହଲା ଓ ସହଯୋଗୀ ଅମିୟ ମଲ୍ଲିକ ଗୁରୁତର ଆହତ ହୋଇଥିଲେ। ବିସ୍ଫୋରଣ ପରେ ଗୁରୁତରମାନଙ୍କୁ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ବିସ୍ଫୋରଣ ଦିନ ମୃତାହତମାନେ କେଉଁ ଅବସ୍ଥାରେ ହସ୍ପିଟାଲ୍ ଆସିଥିଲେ, କିଏ କେତେ ପ୍ରତିଶତ ପୋଡ଼ିଯାଇଥିଲେ, ସେମାନଙ୍କୁ କେଉଁ ଡାକ୍ତରମାନେ ଚିକିତ୍ସା ଯୋଗାଇଥିଲେ ଆଦି ବିଭିନ୍ନ ପ୍ରଶ୍ନ କରି ଏନ୍‌ଆଇଏ ଟିମ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଠାରୁ ତଥ୍ୟ ନେଇଛି। ଏଥିସହ ଘଟଣାଦିନର ହସ୍ପିଟାଲ୍ ସିସିଟିଭି ଫୁଟେଜ୍ ମାଗିଥିବା ଜଣାପଡ଼ିଛି। ବୋମାରେ ଆର୍‌ଡିଏକ୍ସ ଭଳି ବିସ୍ଫୋରକ ବ୍ୟବହାର ହୋଇଥିବା ପ୍ରମାଣ ମିଳିବା ପରେ ଏନ୍‌ଆଇଏ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଖୋଳତାଡ଼ ଜାରି ରଖିଛି।

### ୪ ଦିନ ତଳେ ୨ ଯୁବକଙ୍କୁ ପଚରାଉଚରା କରିଥିଲା

ଆଜାଦନଗର ବୋମା ବିସ୍ଫୋରଣ ଘଟଣାରେ ଏନ୍‌ଆଇଏ ଖୋଳତାଡ଼ କରୁଛି। ଜଣ ଜଣ କରି ପଚରାଉଚରା କରି ତଥ୍ୟ ନେବାକୁ ଚେଷ୍ଟା କରୁଛି। ଏପ୍ରିଲ ୨୩ରେ ଭିଏସ୍‌ଏସ୍ ନଗରସ୍ଥିତ ଏନ୍‌ଆଇଏ ବ୍ରାଞ୍ଚ ଅଫିସ୍‌ରେ ୨ଜଣ ଯୁବକ ହାଜର ହୋଇଥିଲେ। ସମ୍ପୃକ୍ତ ଯୁବକ ଦ୍ୱୟ ଶେହନୱାଜଙ୍କ ସହ ସମ୍ପର୍କରେ ଥିଲେ। ଏନ୍‌ଆଇଏ ପକ୍ଷରୁ ନୋଟିସ୍ ହେବା ପରେ ଯୁବକ ଦ୍ୱୟ ଏନ୍‌ଆଇଏ ଅଫିସ୍ ଆସି ସେମାନଙ୍କ ପକ୍ଷ ରଖିଥିଲେ। ବିସ୍ଫୋରଣ ଦିନ ଯୁବକ ଦ୍ୱୟ ନିଜ ଗାଡ଼ିରେ ଅମିୟ ମଲିକ ଓ ଶେହନୱାଜଙ୍କୁ ହସ୍ପିଟାଲ୍ ନେଇଥିବା ସ୍ୱୀକାର କରିଥିଲେ। ତେଣୁ ଏନ୍‌ଆଇଏ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା।

### ଏୟାରଫିଲ୍ଡ ଥାନାରୁ ତଥ୍ୟ ନେଇଥିଲା ଟିମ୍

ଏପ୍ରିଲ ୯ ତାରିଖରେ ଏନ୍‌ଆଇଏର ୩ଜଣିଆ ଟିମ୍ ଏୟାରଫିଲ୍ଡ ଥାନା ଯାଇ ଖୋଳତାଡ଼ ଆରମ୍ଭ କରିଥିଲା। ଏନ୍‌ଆଇଏ ଅଧିକାରୀ ଥାନା ଅଧିକାରିଣୀ ଦୀପିକା ଦେବୀରାୟଙ୍କ ସହିତ ଆଲୋଚନା କରିବା ସହ ବିସ୍ଫୋରଣ ସମ୍ପର୍କରେ ତଥ୍ୟ ନେଇଥିଲେ।

# ଦିନରେ ଚୁଟି ବେପାର, ରାତିରେ ଚୋରି

## ଆନ୍ତଃ ରାଜ୍ୟ ଲୁଟେରା ଗିରଫ

ଭୋଗରାଇ, ୨୮।୪(ପ୍ରଦୀପ ଦାସ

ଦିନରେ ଘର ଘର ବୁଲି ଚୁଟି ବେପାର କରୁଥିଲେ। ରାତି ହେଲେ ଘରେ ପଶି ଟଙ୍କା ପଇସା, ସୁନାଗହଣା ଲୁଟ୍ କରି ଚମ୍ପଟ ମାରୁଥିଲେ। ଏଭଳି ଘଟଣା ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଗାଁରେ ଦୈନନ୍ଦିନ ଘଟିଚାଲିଥିବା ବେଳେ ଦୁଇ ରାଜ୍ୟର ପୋଲିସକୁ ଚକ୍‌ମା ଦେଖାଇ ଲୁଟେରା ଖସିଯାଉଥିଲେ। ଏହି ଲୁଟେରା ଘରେ କଳାକନା ବୁଲାଇବା ସହିତ ବିଭିନ୍ନ ମନ୍ଦିରରେ ଠାକୁରଙ୍କର ଅଳଙ୍କାର, ଦାନବାକ୍ସରୁ ଟଙ୍କା ଲୁଟ୍ ଓ ଛିନତାଇ ଭଳି ସଙ୍ଗୀନ ଅଭିଯୋଗ ପୋଲିସ ଥାନାରେ ହୋଇଥିଲା। ଏହି ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ଥାନା ସନ୍ତେଶରପୁର ଗ୍ରାମର ଏସ୍. କେ. ଅଜିତ। ଅଭିଯୁକ୍ତଙ୍କ ନାମରେ ଉଭୟ ରାଜ୍ୟରେ ୪୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ବେଳେ ଭୋଗରାଇ ଥାନାରେ ୧୧ଟି ଫୌଜଦାରୀ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ପାଖାପାଖି ୫ ଲକ୍ଷ ଟଙ୍କାର ସୁନା ରୁପା ସହ ନଗଦ ଟଙ୍କା ଓ ବାଇକ ଜବତ କରିଛି।

ଏହି ଲୁଟେରା ଶରୀରରେ କେବଳ ସମ୍ବେଦନଶୀଳ ସ୍ଥାନରେ ଛୋଟ କପଡା ଢାଙ୍କି କିମ୍ବା ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ବିଭିନ୍ନ କାଇଦାରେ ଲୋକଙ୍କ ଘରୁ ଲୁଟ କରୁଥିଲେ ବୋଲି ଲୋକେ ଦେଖିଛନ୍ତି। ଆସାମୀ ଅଳଙ୍କାର ଚୋରି କରି ସୀମାନ୍ତ ମାନକୁଣ୍ଡା ହାଟରେ ଏକ ଅଳଙ୍କାର ବ୍ୟବସାୟୀଙ୍କୁ ବିକ୍ରି କରିଥିବା ଅଭିଯୋଗରେ ଜଣେ ବ୍ୟବସାୟୀଙ୍କୁ ମଧ୍ୟ ପୋଲିସ ଗିରଫ ସହ ମାମଲା(ନଂ.୧୦୯/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କଠୁ ଦେଢ଼ କିଲୋ ରୁପା, ୭ ଗ୍ରାମ ସୁନା, ଗୋଟିଏ ବାଇକ ଜବତ କରାଯାଇଛି। ୨ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। କୋର୍ଟରେ ୨ଜଣଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଅପରାଧୀ ଜଣକ ଏକା କିମ୍ବା ତାଙ୍କର ଅନ୍ୟ ସହଯୋଗୀ ଅଛନ୍ତି ସେନେଇ ପୋଲିସ ଛାନଭିନ କରୁଛି।

# ନାବାଳିକାଙ୍କୁ ଅପହରଣ ପରେ ଆକ୍ରମଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୪(ପ୍ରସନଜିତ୍ ସାହୁ)

ନାବାଳିକାଙ୍କୁ ଅପହରଣ ପରେ ଆକ୍ରମଣ ଅଭିଯୋଗରେ ମଙ୍ଗଳବାର ନୟାପଲ୍ଲୀ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ତ୍ରିନାଥନଗର ବସ୍ତିର ରାଜେନ୍ଦ୍ର ବେହେରା। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ଆଳ ଦେଖାଇ ରାଜେନ୍ଦ୍ର ତାଙ୍କ ଘରକୁ ନେଇଯାଇଥିଲେ। ସେ ପୂର୍ବରୁ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କରେ ଥିଲେ। ଏହାକୁ ବିରୋଧ କରିବାରୁ ପ୍ରଦୀପଙ୍କୁ ରାଜେନ୍ଦ୍ର ଓ ଭାଇ ଉପେନ୍ଦ୍ର ମିଶି ଆକ୍ରମଣ କରିଥିଲେ। ପୋଲିସ୍‌କୁ ସୂଚନା ଦେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେମାନେ ଧମକ ଦେଇଥିଲେ। ଏନେଇ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଏକ ମାମଲା (ନଂ. ୨୭୬/୨୦୨୬) ରୁଜୁ ସହ ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୃଦ୍ଧଙ୍କୁ ଗଳାକାଟି ହତ୍ୟା

ଜୟପୁର, ୨୮।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଫାମ୍ପୁଣି ନିକଟ କୁମ୍ଭୁଲିପୁଟ ଗାଁ ନାଳ ଭିତରୁ ସୋମବାର ରାତିରେ ଜଣେ ବୃଦ୍ଧଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ମୃତକ ହେଲେ କୁମ୍ଭୁଲିପୁଟ ଗ୍ରାମର ରଘୁନାଥ ଗୌଡ଼ (୬୦)। ଜୟପୁର ସଦର ଥାନାରେ ମୃତକଙ୍କ ପୁଅ ଭଗବାନ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଏହା ଆଧାରରେ ପୋଲିସ କେସ୍ ନଂ.୧୪୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗ ଆଧାରରେ ପୋଲିସ କେତେଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏତଲା ଅନୁଯାୟୀ, ପ୍ରତିଦିନ ସନ୍ଧ୍ୟାରେ ରଘୁ କୁମ୍ଭୁଲିପୁଟରୁ ଫାମ୍ପୁଣିକୁ ଚା ପିଇବାକୁ ଯାଆନ୍ତି। ସୋମବାର ମଧ୍ୟ ଚା ପିଇବାକୁ ଯାଇଥିବା ବେଳେ କିନ୍ତୁ ସେଠାରୁ ଆଉ ଫେରି ନ ଥିଲେ। ଘରକୁ ଫେରିବା ଡେରିହେବାରୁ ଭଗବାନ ଖୋଜାଖୋଜି କରିଥିଲେ। ନାଳ ପାଖରେ ରଘୁଙ୍କ ସାଇକେଲ ପଡ଼ିଥିବା ଦେଖି ସେଠାରେ ଖୋଜାଖୋଜି କରିଥିଲେ। ପରେ ବାପାଙ୍କ କ୍ଷତବିକ୍ଷତ ମୃତଦେହ ମିଳିଥିଲା। ପୂର୍ବ ଶତ୍ରୁତାକୁ ନେଇ ବାପାଙ୍କ ଗଳାକଟି ହତ୍ୟା କରାଯାଇଥିବା ଭଗବାନ ଅଭିଯୋଗ କରିଥିଲେ। ଏତଲାରେ କେତେଜଣ ଗ୍ରାମବାସୀଙ୍କ ନାମ ଭଗବାନ ଉଲ୍ଲେଖ କରିଛନ୍ତି। ଏସ୍‌ଡିପିଓ ଅର୍ଚ୍ଚିତା ମିଉଲ, ସଦର ଥାନାଧିକାରୀ ପୋଲିସ ଟିମ୍ ସହ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଛି। ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରିକରି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ନିବେଶ ଆଳରେ ୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ



ଦେବୀପ୍ରସାଦ ବିଶ୍ୱାଳ

ଭୁବନେଶ୍ୱର,୨୮।୪(ପ୍ରସନଜିତ୍ ସାହୁ)

ନିବେଶ ଆଳରେ ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ପଟିଆ କାନନ ବିହାର ଅଞ୍ଚଳର ଦେବୀପ୍ରସାଦ ବିଶ୍ୱାଳ। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଘୁନାଥ ଏନକ୍ଲେଭରେ ରହୁଥିବା ବିଷ୍ଣୁପ୍ରିୟା ସାହୁଙ୍କୁ ଅଭିଯୁକ୍ତ ଦେବୀପ୍ରସାଦ ଟଙ୍କା ନିବେଶ କରିବାକୁ କହିଥିଲେ। ନିବେଶ ପରେ ସେ ତାଙ୍କୁ ୨ଗୁଣ ଟଙ୍କା ସହ ଏକ ଥାର୍ ଗାଡ଼ି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କୁ ବିଶ୍ୱାସ କରି ବିଷ୍ଣୁପ୍ରିୟା ଅନଲାଇନ୍ ମାଧ୍ୟମରେ ୬ ଲକ୍ଷ ୭୯ ହଜାର ୬୧୬ ଟଙ୍କା ଏବଂ ନଗଦ ୨୫ ହଜାର ଟଙ୍କା ଏଭଳି ମୋଟ ୭ ଲକ୍ଷ ୪ ହଜାର ୬୧୬ ଟଙ୍କା ଦେଇଥିଲେ। ଏହାପରେ ଅଭିଯୁକ୍ତ ପ୍ରତିଶ୍ରୁତି ମୁତାବକ ଟଙ୍କା କିମ୍ବା ଗାଡ଼ି ଦେଇ ନ ଥିଲେ। ଗତ ୧୨ ତାରିଖରେ ସେ ଗାଡ଼ି ଦେବା ବାହାନାରେ ବିଷ୍ଣୁପ୍ରିୟାଙ୍କୁ ଯାଜପୁର ରୋଡ୍‌କୁ ଡାକି ପ୍ରାୟ ୨ଘଣ୍ଟା ଅପେକ୍ଷା କରାଇବା ପରେ ମଧ୍ୟ ଆସି ନ ଥିଲେ। ବିଷ୍ଣୁପ୍ରିୟା ଟଙ୍କା ଫେରସ୍ତ ପାଇଁ ବାରମ୍ବାର ଦାବି କରିବାରୁ ଅଭିଯୁକ୍ତ ଟଙ୍କା କିମ୍ବା ଗାଡ଼ି ଦେବେ ନାହିଁ ବୋଲି କହିଥିଲେ। ଏନେଇ ବିଷ୍ଣୁପ୍ରିୟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୩୨/୨୦୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ୫ ବନ୍ଧୁକ, ୩୦ ଗୁଳି ଜବତ: ୩ ଗିରଫ

ବ୍ରଜରାଜନଗର, ୨୮।୪ (ବିଜୟ ବରାଡ଼)



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଚୋରା ବନ୍ଧୁକ କାରବାର ଘଟଣାରେ ବ୍ରଜରାଜନଗର ପୋଲିସ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଓପିଏମ୍ ଅଞ୍ଚଳର ବଣ୍ଟି ପ୍ରସାଦ, ବିଶାଳ ବାଗ ଏବଂ ସନ୍ତୋଷ ଖେଡ଼କର। ସେମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ, ୩୦ଟି ଗୁଳି ଜବତ କରାଯାଇଛି ବୋଲି ବ୍ରଜରାଜନଗର ଥାନାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପି ରାଘବେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ବ୍ରଜରାଜନଗର ଥାନା ଅନ୍ତର୍ଗତ ହନୁମାନ ନଗରରେ ରହୁଥିବା ବଣ୍ଟି ବିହାରରୁ ଚୋରା ବନ୍ଧୁକ ଆଣି ୨ ଜଣଙ୍କୁ ବିକ୍ରି କରିଥିଲେ। ସେହିପରି ଅନ୍ୟମାନଙ୍କୁ ବିକ୍ରି କରିବା ପାଇଁ ଯୋଜନା କରୁଥିବା ନେଇ ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ ଖବର ପାଇଥିଲେ। ସୋମବାର ରାତିରେ ଆଇଆଇସି ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରଭାକର ପାତ୍ର, ଅଭୟ ମହାନ୍ତି ଓ ପୂର୍ଣ୍ଣିମା ଓରାମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରଥମେ ବିଶାଳଙ୍କୁ କାବୁ କରିଥିଲେ। ଏଥିସହ ତାଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ। ବିଶାଳଙ୍କଠାରୁ ସୂଚନା ପାଇ ପୋଲିସ ସନ୍ତୋଷଙ୍କୁ ଧରିଥିଲା। ଏଥିସହ ତାଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଜବତ କରିଥିଲା। ସେହିପରି ବିଶାଳ ଓ ସନ୍ତୋଷଙ୍କଠାରୁ ସୂଚନା ପାଇବା ପରେ ପୋଲିସ ବଣ୍ଟିଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଥିଲା। ଏନେଇ ବ୍ରଜରାଜନଗର ଥାନାରେ ଏକ ମାମଲା(ନଂ.୯୫/୨୬) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଏହି ଚୋରା ବନ୍ଧୁକ କାରବାରର ଚେର କେତେଦୂର ଲମ୍ବିଛି ସେନେଇ ଅଧିକ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ସ୍ପନ୍‌ସରଶିପ୍ ନାଁରେ ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୪ (ପ୍ରସନଜିତ୍ ସାହୁ)

ସ୍ପନ୍‌ସରଶିପ୍ ଆଳରେ ଠକେଇ ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ୍ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଖଣ୍ଡପଡାର କେ. ଶୁଭଙ୍କର। ସୂଚନା ଅନୁଯାୟୀ, ରାଜ ମହାନ୍ତି ଏକ ଶୋ' ପାଇଁ ବିଭିନ୍ନ କମ୍ପାନୀ ତଥା ସଂଗଠନରୁ ସ୍ପନ୍‌ସରଶିପ୍ ଆବଶ୍ୟକ କରୁଥିଲେ। ଶୁଭଙ୍କର ଏମ୍‌ସିଏଲ୍, ନାଲ୍‌କୋ, ଡିଅନ ଇତ୍ୟାଦି କମ୍ପାନୀଗୁଡ଼ିକରୁ ପୃଷ୍ଠପୋଷକତା ବ୍ୟବସ୍ଥା କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ତାଙ୍କ ନିକଟରୁ ୨ଲକ୍ଷ ୭୭ ହଜାର ଟଙ୍କା ନେଇଥିଲେ। ଏହାପରେ ସେ ପ୍ରତିଶ୍ରୁତି ମୁତାବକ କୌଣସି ପୃଷ୍ଠପୋଷକତା ବ୍ୟବସ୍ଥା କରି ନ ଥିଲେ କିମ୍ବା ଟଙ୍କା ଫେରାଇ ନ ଥିଲେ। ରାଜ ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୩୩୧/୨୦୨୬) ରୁଜୁ କରିଥିଲା।

# ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା

ଟେନ୍‌ସା,୨୮।୪(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ କଦମଡିହୀ ଗ୍ରାମରେ ସୋମବାର ରାତିରେ ବାପାଙ୍କୁ ଠେଙ୍ଗାରେ ପିଟି ପୁଅ ହତ୍ୟା କରିଛନ୍ତି। ମୃତକ ହେଲେ ପାଣ୍ଡୁ ମୁଣ୍ଡା। ଏହି ଘଟଣାରେ କୋଇଡ଼ା ପୋଲିସ ଏକ ମାମଲା (ନଂ.୧୧୦/୨୬) ରୁଜୁ କରି ଘଟଣାର ତଦନ୍ତ କରୁଛି। ଖାଇବାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ କୋଇଡ଼ା ପୋଲିସ ଜାଣିବାକୁ ପାଇଛି। ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ସେପଟେ ରାଉରକେଲାରୁ ଏକ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ସ୍ତ୍ରୀ ରାଇବାରି ମୁଣ୍ଡା, ପୁଅ ସନା ମୁଣ୍ଡାଙ୍କୁ ନେଇ ପାଣ୍ଡୁଙ୍କ ପରିବାର। ସୋମବାର ରାତିରେ ମା' ରାଇବାରି ଖାଇବାକୁ ଦେଉଥିବା ବେଳେ କୌଣସି କାରଣରୁ ସନା ହଠାତ୍ ଉତ୍ୟକ୍ତ ହୋଇପଡ଼ିଥିଲେ। ମା'ଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ରାଇବାରିଙ୍କ ଚିତ୍କାର ଶୁଣି ପାଣ୍ଡୁ ତାଙ୍କୁ ରକ୍ଷା କରିବା ପାଇଁ ଆସିଥିଲେ। ହେଲେ ସେହି ସମୟରେ ପୁଅ ସନା ଏକ ଠେଙ୍ଗାରେ ବାପା ପାଣ୍ଡୁଙ୍କୁ ଅତି ନିର୍ମମ ଭାବେ ପିଟିବାକୁ ଲାଗିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ରାଇବାରିଙ୍କ ହାତ ଭାଙ୍ଗିଯାଇଥିବା ବେଳେ ସେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ କୋଇଡ଼ା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସରିଲା ରିମାଣ୍ଡ ଅବଧି, କାରାଗାରକୁ ଗଲେ ୫ ଅଭିଯୁକ୍ତ

## ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା

ଗୋପାଳପୁର,୨୮।୪ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ସତ୍ୟନାରାୟଣପୁର ଗ୍ରାମର ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାର ୫ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିଛି। ଗୋପାଳପୁର ଥାନା ପୋଲିସ ମଙ୍ଗଳବାର ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇବା ପରେ ବ୍ରହ୍ମପୁରସ୍ଥିତ ମାଜିଷ୍ଟ୍ରେଟଙ୍କ ଆବାସିକ କାର୍ଯ୍ୟାଳୟରେ ହଜାର କରିବା ପରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତ ଆଶିଷ ମହାପାତ୍ର ବୁଗୁଡ଼ା ନିକଟସ୍ଥ ବାଘୁଆ ଡ୍ୟାମରେ ପକାଇଥିବା ୨ଟି ବନ୍ଧୁକକୁ ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଯାଇଥିଲେ ମଧ୍ୟ ସନ୍ଧାନ ମିଳିନାହିଁ। ଅଭିଯୁକ୍ତମାନେ କେଉଁ କାରଣରୁ ସୁଧୀରଙ୍କୁ ହତ୍ୟା କଲେ, ଏଥିରେ ଆଉ କାହାର ସମ୍ପର୍କ ରହିଛି କି ନାହିଁ ପୋଲିସ ଜେରାରୁ କିଛି ତଥ୍ୟ ପାଇଥିବାରୁ ସେ ଦିଗରେ ତଦନ୍ତ କରୁଛି। ଫେରାର ଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଆବଶ୍ୟକ ପଡିଲେ ଅଭିଯୁକ୍ତମାନଙ୍କୁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଘଟଣାଦିନ ଅପହରଣକାରୀ ଓ ସୁଧୀରଙ୍କ ସ୍ତ୍ରୀ ରଶ୍ମିତା ପାତ୍ରଙ୍କ କଥାବାର୍ତ୍ତାର ଏକ ଅଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୁଧୀରଙ୍କୁ ମାରିବାକୁ ଆମକୁ ୫୦ ଲକ୍ଷ ଟଙ୍କା ମିଳିଛି, ସୁଧୀରଙ୍କ ଫୋନ୍ ପେ'ରେ ଅଧିକ ଟଙ୍କା ଅଛି। ତୁମେ କାରରେ ୧ କୋଟି ଟଙ୍କା ଧରି ଆସିକା ଆସ ବୋଲି ଅପହରଣକାରୀ ରଶ୍ମିତାଙ୍କୁ କହୁଥିବା ଉକ୍ତ ଅଡିଓରେ ଅଛି। ଏତେ ଟଙ୍କା ରାତିରେ କେଉଁଠୁ ଆଣିବି, ମୋର, ଝିଅ ଓ ଘରେ ଯେତେ ସୁନା ଅଛି ଆଣିକି ଦେବି ବୋଲି ରଶ୍ମିତା କହିଥିବା ଅଡିଓରେ ଅଛି। ଅପହରଣକାରୀଙ୍କ ଧମକ ପରେ ରଶ୍ମିତା ସେମାନଙ୍କୁ କହୁଛନ୍ତି 'କେସ୍ କରିବି ନାହିଁ, ପଇସା ନେବ ମଣିଷ ଦେବ ଓ ମୁଁ ଆସୁଛି ବୋଲି କହିଥିବା ଅଡିଓ ଭାଇରାଲ ହେଉଛି। କିଛିଦିନ ତଳେ ସୁଧୀରଙ୍କୁ ଅପହରଣ ପରେ ଅପହରଣକାରୀମାନେ ନିଷ୍ଠୁର ମାଡ଼ ମାରି ବ୍ଲାଙ୍କ ଫାୟାରିଂ କରି ନିର୍ଯାତନା ଦେଉଥିବା ବେଳେ ମୋତେ ମାରନି ଶୁଟ୍ କରିଦିଅ ବୋଲି ସୁଧୀର କହୁଥିବା ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ସୁଧୀରଙ୍କୁ ଗତ ୧୫ ତାରିଖରେ ଅପହରଣ କରିନେଇ ତାଙ୍କ ସ୍ତ୍ରୀଙ୍କୁ ଟଙ୍କା ମାଗିଥିଲେ। ପରେ ସେମାନେ ସୁଧୀରଙ୍କୁ ହତ୍ୟା କରି ସୋରଡ଼ା ଥାନା ଅଞ୍ଚଳର ଏକ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ପଶ୍ଚିମବଙ୍ଗରୁ ୨ ଜଣଙ୍କୁ ଗିରଫକଲା କ୍ରାଇମବ୍ରାଞ୍ଚ

## ୫.୧୪ କୋଟି ସାଇବର ଠକେଇ



ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଥିବା ୨ ଅଭିଯୁକ୍ତ।

କଟକ,୨୮।୪(କାର୍ତ୍ତିକ ସାହୁ)

ଅନ୍‌ଲାଇନ୍ ନିବେଶରେ ଅଧିକ ଲାଭ ମିଳିବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୫.୧୪ କୋଟି ଟଙ୍କା ଠକେଇ ହୋଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚ ଏନେଇ ରୁଜୁ ମାମଲାରେ ପଶ୍ଚିମବଙ୍ଗର ଦାର୍ଜିଲିଂରୁ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଦାର୍ଜିଲିଂ ଜିଲା ସିଲିଗୁଡ଼ି ଥାନା ଅନ୍ତର୍ଗତ ତିରୁମାଲପଡ଼ାର କିରନ୍ ଗୁରୁଙ୍ଗ (୫୫) ଓ ପ୍ରଧାନନଗର ଥାନା ଅନ୍ତର୍ଗତ ଗୁରୁଙ୍ଗ ବସ୍ତିର ରଣଧୀର କୁମାର ରାୟ (୪୬)। ଉଭୟଙ୍କୁ ସିଲିଗୁଡ଼ି ଅତିରିକ୍ତ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି। ଏନେଇ ଓଡ଼ିଶା ଭିଜିଲାନ୍ସରେ ମାମଲା (ନଂ. ୧୨/୨୦୨୫) ରୁଜୁ ହୋଇ ତଦନ୍ତ ଚାଲିଛି।

ସୂଚନାନୁସାରେ, ଠକେଇର ଶିକାର ବ୍ୟକ୍ତି ଏକ ମିଥ୍ୟା ଟ୍ରେଡିଂ ପ୍ଲାଟଫର୍ମରେ ଫସିଯାଇଥିଲେ। ସେ ପ୍ରଲୋଭନରେ ପଡ଼ି ନିଜ ବ୍ୟାଙ୍କ ଆକାଉଣ୍ଟରେ ଥିବା ମୋଟ ୫.୧୪ କୋଟି ଟଙ୍କା ୨୦୨୫ ମାର୍ଚ୍ଚ ୧୭ରୁ ୨୦ ଦିନ ମଧ୍ୟରେ ପର୍ଯ୍ୟାୟ କ୍ରମେ ସାଇବର ଅପରାଧୀଙ୍କ ଏକାଧିକ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଠକେଇର ଶିକାର ବ୍ୟକ୍ତି ଅଧିକ ଲାଭ ପାଇ ଉତ୍ସାହିତ ହେବା ସହ ଅଧିକ ଅର୍ଥ ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କ ନିବେଶରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ସାଇବର ଅପରାଧୀମାନେ ଆଉ ଅଧିକ ନିବେଶ ନ କଲେ ଟଙ୍କା ଉଠାଇ ହେବ ନାହିଁ ବୋଲି କହିଥିଲେ। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣିପାରି ସାଇବର କ୍ରାଇମର ହେଲପ୍ ଲାଇନ ନଂ. ୧୯୩୦ ଜରିଆରେ ଅଭିଯୋଗ କରିଥିଲେ। ଏଥିସହ ସାଇବର ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ ନିମନ୍ତେ ସେ କଟକ ସାଇବର କ୍ରାଇମ ପୋଲିସ ଷ୍ଟେଶନରେ ଏକ ମାମଲା ଦାୟର କରିଥିଲେ। ଅଭିଯୋଗ ଆଧାରରେ ବ୍ୟାଙ୍କ କାରବାର, ଡିଜିଟାଲ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ପ୍ରମାଣପତ୍ର ଯାଞ୍ଚ କରି ଅଭିଯୁକ୍ତ ପଶ୍ଚିମବଙ୍ଗର ଦାର୍ଜିଲିଂ ଅଞ୍ଚଳର ବାସିନ୍ଦା ବୋଲି ଇନ୍ସପେକ୍ଟର ରାଜକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଗଠିତ ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଥିଲା। କ୍ରାଇମବ୍ରାଞ୍ଚ ସେଠାରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଅବଗତ ହୋଇଥିଲା। ତେବେ କିଛି ଠକେଇ ଅର୍ଥ ଟ୍ରାନ୍ସଫର ହୋଇଥିବା ବ୍ୟାଙ୍କ ଆକାଉଣ୍ଟ ୪ ଜଣଙ୍କ ନାମରେ ଯୁଗ୍ମ ଭାବେ ପରିଚାଳିତ ହେଉଥିଲା। ଉକ୍ତ ଆକାଉଣ୍ଟକୁ ମୋଟ ଠକେଇ ପରିମାଣର ୪୯.୧ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିଲା। ସେହି ଆକାଉଣ୍ଟ ସହ ଜଡ଼ିତ ୨ଜଣଙ୍କୁ ଗିରଫ କରି ଓଡ଼ିଶା ଅଣାଯାଉଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍‌କାର୍ଡ, ଆଧାର କାର୍ଡ, ପାନକାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଠକେଇରେ ସାମିଲ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଉଛି।

# ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେ’ ୧ରୁ ଓପେକ୍‌ରୁ ଓହରିବ ୟୁଏଇ

**ଦୁବାଇ,୨୮।୪**

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ତୈଳ ଯୋଗାଣ କ୍ଷେତ୍ର ମାତ୍ରାଧିକ ପ୍ରଭାବିତ ହେବା ସହ ମୂଲ୍ୟବୃଦ୍ଧି ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ(ଓପେକ୍) ଏବଂ ଓପେକ୍ ପ୍ଲସ୍ ସଂଗଠନରୁ ମିଳିତ ଆରବ ଏମିରେଟସ୍(ୟୁଏଇ)ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ସାମ୍ପ୍ରତିକ ସ୍ଥିତିରେ ଇରାନରୁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲାବେଳେ ୟୁଏଇ ଓପେକ୍‌ରୁ ବାହାରି ନିଜର ତୈଳ ଉତ୍ପାଦନ ବୃଦ୍ଧି କରିବାକୁ କହିଛି। ବର୍ତ୍ତମାନ ୟୁଏଇର ଦୈନିକ ତୈଳ ଉତ୍ପାଦନ ୩.୪ ନିୟୁତ ବ୍ୟାରେଲ ରହିଛି। କିନ୍ତୁ ୨୦୨୭ ସୁଦ୍ଧା ୟୁଏଇ ଏହାକୁ ୫ ନିୟୁତ ବ୍ୟାରେଲକୁ ବୃଦ୍ଧି କରିବ। ୟୁଏଇ ସ୍ୱାଧୀନ ଭାବେ ତୈଳ କାରବାର କରିବ ଏବଂ ଉତ୍ପାଦନ ଓ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଓପେକ୍‌ର ଯେଉଁ ସର୍ତ୍ତ ରହିଛି ତାହାକୁ ବାଦ୍ ଦେବ। କିନ୍ତୁ ଏହାଦ୍ୱାରା


ୟୁଏଇ ରାଷ୍ଟ୍ରପତି
ଶେଖ୍ ମହମ୍ମଦ ଜାୟେଦ ଅଲ ନହ୍ୟାନ

ବୈଶ୍ୱିକ ତୈଳ ଯୋଗାଣ ଶୃଙ୍ଖଳକୁ ନେଇ ପୁଣି ସମସ୍ୟା ସୃଷ୍ଟି ହେବା ସହ ସାଉଦି ଆରବ ସହ ୟୁଏଇର ମତାନ୍ତର ଆହୁରି ଜଟିଳ ହୋଇପଡ଼ିବ ବୋଲି କୁହାଯାଉଛି। ୨୦୧୬ରେ ସାଉଦି ଆରବ, ୟୁଏଇ, କାତାର, ଓମାନ କୁଏଟ ଭଳି ୧୨ ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଙ୍କୁ ନେଇ ଓପେକ୍ ଗଠନ କରାଯାଇଥିଲା। ଏହି ରାଷ୍ଟ୍ରମାନଙ୍କ ନିକଟରେ ପୃଥିବୀର ମୋଟ ଗଚ୍ଛିତ ତୈଳ ସମ୍ବଳର ୮୦ ପ୍ରତିଶତ ରହିଛି। ଏହାପରେ ରୁଷିଆ ଏବଂ ମେକ୍ସିକୋ ଆଦି ୧୦ଟି ରାଷ୍ଟ୍ର ଓପେକ୍‌ରେ ସାମିଲ ହେବା ପରେ ଏହି ସଂଗଠନ ଓପେକ୍ ପ୍ଲସ୍ ଭାବେ ପରିଚିତ ରହିଛି।

## ଇରାନରେ ତୈଳ ସଂରକ୍ଷଣ ପାଇଁ ସ୍ଥାନ ନାହିଁ

ଗୋଟିଏ ପଟେ ତୈଳ ଯୋଗାଣ ଅଭାବରୁ ଅନ୍ତର୍ଜାତୀୟ ସ୍ତରରେ ତୈଳ ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଅନ୍ୟପଟେ ଇରାନ୍‌ରେ ଦୈନିକ ଯେତିକି ତୈଳ ଉତ୍ପାଦନ ହେଉଛି ତାହା ପରିବହନ ହୋଇପାରୁ ନ ଥିବାରୁ ଏବେ ତୈଳ ସଂରକ୍ଷଣ ଲାଗି ଭଣ୍ଡାରସ୍ଥଳର ଅଭାବ ଦେଖାଯାଇଛି। ତୈଳ ସଂରକ୍ଷଣ ଲାଗି ଇରାନରେ ଯେତିକି ସ୍ଥାନ ରହିଛି ତାହା ମାତ୍ର ୧୨ରୁ ୨୨ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଇରାନ ଆଗାମୀ ଦିନରେ ତୈଳ ଉତ୍ପାଦନ ବନ୍ଦ କରିଦେବାକୁ ଧମକ ଦେଇଛି। ଯଦି ଏଭଳି କିଛି ହୁଏ ତେବେ ଅନ୍ତର୍ଜାତୀୟ ସ୍ତରରେ ତୈଳକୁ ନେଇ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ ‘ ଓପେକ୍’ ମଧ୍ୟରେ ଇରାନ ୨ୟ ବୃହତ୍ ରାଷ୍ଟ୍ର ଭାବେ ସର୍ବାଧିକ ତୈଳ ଉତ୍ପାଦନ କରିଥାଏ। କିନ୍ତୁ ଏବେ ହର୍ମୁଜ୍ ପ୍ରଣାଳୀକୁ ନେଇ ଆମେରିକା ସହ ଚାଲିଥିବା ବିବାଦ ଇରାନରୁ ତୈଳ ନେବା ନେଇ ପ୍ରତିବନ୍ଧକ ସୃଷ୍ଟି କରିଛି। ଆମେରିକା ସେନା ହର୍ମୁଜ୍ ପ୍ରଣାଳୀକୁ କବ୍‌ଜା କରିବା ସହ କୌଣସି ଇରାନୀୟ ଜାହାଜକୁ ଯିବାକୁ ଅନୁମତି ଦେଉନାହିଁ। ଫଳରେ ଇରାନ୍‌ର ଦୈନିକ ଉତ୍ପାଦିତ ତୈଳ ବିଦେଶକୁ ଯୋଗାଣ ହୋଇ ନ ପାରି ପଡ଼ିରହୁଛି। ଉତ୍ପାଦିତ ତୈଳକୁ ସଂରକ୍ଷିତ ରଖିବା ଲାଗି ତୈଳ ଭଣ୍ଡାରରେ ସ୍ଥାନ ମଧ୍ୟ ଶେଷ ହେବାକୁ ବସିଛି। ଇରାନରେ ଦୈନିକ ୨.୫ ନିୟୁତ ବ୍ୟାରେଲ ତୈଳ ଉତ୍ପାଦନ ହୋଇଥାଏ। ଯୁଦ୍ଧସଙ୍କଟକୁ ନେଇ ସାଉଦି ଆରବ, କାତାର ଏବଂ କୁଏଟ୍ ଭଳି ରାଷ୍ଟ୍ର ପୂର୍ବରୁ ତୈଳ ଉତ୍ପାଦନ ହ୍ରାସ କରିଥିଲେ। ବର୍ତ୍ତମାନ ସଂରକ୍ଷଣକୁ ନେଇ ଇରାନ ତୈଳ ଉତ୍ପାଦନ ବନ୍ଦ କଲେ ସାରା ବିଶ୍ୱରେ ଇନ୍ଧନଜନିତ ସମସ୍ୟା ଭୟଙ୍କର ହେବ ବୋଲି କୁହାଯାଉଛି।


ବିଏସ୍‌ଇ ସେନ୍‌ସେକ୍ସ
୭୬,୮୮୬ (-୪୧୬)


୧ ଡଲାର = ୯୪.୬୪ ଟଙ୍କା


ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୧୧.୦୦ ଡଲାର

# ଆଦିତ୍ୟ ଆଲୁମିନିୟମର ପ୍ରକଳ୍ପ ‘ଜ୍ଞାନ ଅର୍ଜନ’



**ଭୁବନେଶ୍ୱର, ୨୮।୪**
**(ଅନୁରାଧା ମହାରଣା)**

ଆଦିତ୍ୟ ଆଲୁମିନିୟମର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକଳ୍ପ ‘ଜ୍ଞାନ ଅର୍ଜନ’ ମାଧ୍ୟମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଦେୟମୁକ୍ତ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ତିଲେଇମାଳ ଗ୍ରାମବାସୀଙ୍କ ସହଯୋଗରେ ଏକ ଗୃହ ଓ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏକ ଅଭିଜ୍ଞ ଶିକ୍ଷକ ଯୋଗାଇ ଏହି ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛ। ଏହାଦ୍ୱାରା ବୋମାଲୋଇ ଗ୍ରାମପଞ୍ଚାୟତର ୪ର୍ଥ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ପ୍ରୟାସ ଦ୍ୱାରା ଉପକୃତ ହେବେ। କାର୍ଯ୍ୟ ଉଦ୍‌ଘାଟନ ସମୟରେ ରେଙ୍ଗାଲିର ମୁଖ୍ୟ ଅତିଥି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ ଉପସ୍ଥିତ ଥିଲେ। ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ସମିତି ସଭ୍ୟ ଅଞ୍ଜଳି କିଶାନ ଉପସ୍ଥିତ ରହିବା ସହ ଆଦିତ୍ୟ ଆଲୁମିନିୟମର ସିଏସ୍‌ଆର୍ ମୁଖ୍ୟ ରବି ନିୱାସ, ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁମ୍ବାଇ ବଜାରରେ ଡି’ଜାନାଏ ରୟାଲ ଫ୍ରାଗ୍ରାନ୍ସ

**ମୁମ୍ବାଇ,୨୮।୪**

ଭାରତୀୟ ଐତିହ୍ୟକୁ ଆଧୁନିକ ଢଙ୍ଗରେ ଉପସ୍ଥାପନ କରୁଥିବା ବ୍ରାଣ୍ଡ ଡି’ଜାନାଏ ମୁମ୍ବାଇର ସ୍ନୋବଲ୍ ଷ୍ଟୁଡିଓ, ଓର୍ଲିରେ ଏକ ବିଶେଷ ଇଭେଣ୍ଟରେ ଲଞ୍ଚ ହୋଇଛି। ଡି’ଜାନାଏକୁ ଏକ ପ୍ରିମିୟମ ଲଗ୍‌ଜୁରି ଫ୍ରାଗ୍ରାନ୍ସ ବ୍ରାଣ୍ଡ ଭାବେ ଚୟନ କରାଯାଇଛି। ବିବାହ ଏବଂ ଉତ୍ସବ ପାଇଁ ଏହାକୁ ଏକ ଅତି ଭଲ ରିଟର୍ନ ଗିଫ୍ଟ ଭାବେ ପ୍ରସ୍ତୁତ କରାଯାଇଛି। ‘ଡି’ଜାନାଏ’ ନାମର ଅର୍ଥ ହେଉଛି ‘ଡିଭାଇନ ଏସେନ୍ସ’ ଅର୍ଥାତ୍ ଦୈବୀ ସୁଗନ୍ଧ। ଏହି ବ୍ରାଣ୍ଡ କନୌଜର ପ୍ରାଚୀନ ଅତର ତିଆରି ପରମ୍ପରାରୁ ପ୍ରେରିତ ହୋଇଛି। ଫ୍ରାଗ୍ରାନ୍ସ ବ୍ରାଣ୍ଡର ପ୍ରତିଷ୍ଠାତା ଅଭିନେତ୍ରୀ ଦିବିତା ଜୁନେଜା ପଞ୍ଜାବର ପ୍ରସିଦ୍ଧ ଉଦ୍ୟୋଗପତି ସଞ୍ଜୀବ ଜୁନେଜାଙ୍କ ଝିଅ। ବଲିଉଡ୍ ଫିଲ୍ମ ‘ହୀର୍ ଏକ୍ସପ୍ରେସ୍’ରେ ଡେବ୍ୟୁ କରିଥିବା ଦିବିତା ଭାରତର ସୁଗନ୍ଧ ଐତିହ୍ୟକୁ ବିଶ୍ୱର ସମସ୍ତ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ବ୍ରାଣ୍ଡ ଆରମ୍ଭ କରିଛନ୍ତି।




ଧ-୨୩୫


# ବିଓବି ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

**ସମ୍ବଲପୁର,୨୮।୪**



ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ପ୍ରଭାକର ଝପର୍‌ସିଂହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଝପର୍‌ସିଂହ ୨୦୦୫ରେ ବ୍ୟାଙ୍କରେ ଯୋଗଦେଇ ଗ୍ରାମାଞ୍ଚଳ ସମେତ ମେଟ୍ରୋ ସହର ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଓଡ଼ିଶା, ଗୁଜରାଟ,ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଓ ତେଲଙ୍ଗାନା ଭଳି ୫ଟି ରାଜ୍ୟରେ କାର୍ଯ୍ୟକରି ସେ ଶାଖା ବ୍ୟାଙ୍କିଙ୍ଗ୍ , ପ୍ରଶାସନିକ ଓ ଋଣ କ୍ଷେତ୍ରରେ ୨୧ ବର୍ଷର ଅଭିଜ୍ଞତା ହାସଲ କରିଛନ୍ତି। ବର୍ତ୍ତମାନ ସେ ସମ୍ବଲପୁର କ୍ଷେତ୍ର ଅଧୀନରେ ଓଡ଼ିଶାର ୧୬ଟି ଜିଲ୍ଲାକୁ ଉତ୍ତମ ଗ୍ରାହକ ସେବା ଯୋଗାଇଦେବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

# ମାର୍ଚ୍ଚରେ ସର୍ବନିମ୍ନ ସ୍ତରକୁ ଛୁଇଁଲା ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି

**ନୂଆଦିଲ୍ଲୀ ,୨୮।୪**

ଦେଶର ସାମଗ୍ରିକ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଗତ ମାର୍ଚ୍ଚରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ପଶ୍ଚିମ ଏସିଆ ଯୁଦ୍ଧ ସଙ୍କଟକୁ ନେଇ ଇନ୍ଧନ ସମସ୍ୟା ବଢ଼ି ଚାଲିଥିବାରୁ ଏହା ପ୍ରଭାବରେ ଭାରତୀୟ ଶିଳ୍ପ ଉତ୍ପାଦନ କ୍ଷେତ୍ର ମାତ୍ରାଧିକ ପ୍ରଭାବିତ ହେବା ସହ ମାର୍ଚ୍ଚ ଉତ୍ପାଦନ ଅଭିବୃଦ୍ଧି ୪.୧ ପ୍ରତିଶତ ରହିଛି; ଯାହାକି ଗତ ୫ ମାସ ମଧ୍ୟରେ ସର୍ବନିମ୍ନ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ କୁହାଯାଇଛି। ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି)କୁ ଆଧାରକରି ଦେଶର ସାମଗ୍ରିକ ଶିଳ୍ପ ଅଭିବୃଦ୍ଧି ମୂଲ୍ୟାୟନ କରାଯାଇଥିଲାବେଳେ ଗତ ବର୍ଷ ତୁଳନାରେ ଚଳିତ ମାର୍ଚ୍ଚରେ ସାମଗ୍ରିକ ଉତ୍ପାଦନ ଅଭିବୃଦ୍ଧି ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ବୋଲି କୁହାଯାଇଛି। ଏନ୍‌ଏସ୍‌ଓ ତଥ୍ୟ ଅନୁସାରେ ୨୦୨୫ ମାର୍ଚ୍ଚରେ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧିରେ ୩.୯ ପ୍ରତିଶତ ରହିଥିଲା। ସେହିପରି ୨୦୨୬ ଫେବୃଆରୀରେ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୫.୨ ପ୍ରତିଶତ( ପ୍ରୋଭିଜିନାଲ) ରହିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ସେ ତୁଳନାରେ ମାର୍ଚ୍ଚରେ ଉତ୍ପାଦନ ଅଭିବୃଦ୍ଧି ଅତ୍ୟନ୍ତ ନିମ୍ନ ରହିଥିବା କୁହାଯାଇଛି। ବିଭିନ୍ନ ଶିଳ୍ପ କ୍ଷେତ୍ରର ଉତ୍ପାଦନକୁ ନେଇ ଏନ୍‌ଏସ୍‌ଓ ପକ୍ଷରୁ କୁହାଯାଇଛି, ୨୦୨୬ ମାର୍ଚ୍ଚରେ କେବଳ ଖଣି ଉତ୍ପାଦନ ସନ୍ତୋଷଜନକ ରହିଛି। ମାର୍ଚ୍ଚରେ ଏହି କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ୫.୫ ପ୍ରତିଶତ ରହିଛି। ଗତ ବର୍ଷ ସମାନ ସମୟରେ ଏହି ଅଭିବୃଦ୍ଧି ୧.୨ ପ୍ରତିଶତ ରହିଥିଲା। କିନ୍ତୁ ଶକ୍ତି ଉତ୍ପାଦନ କ୍ଷେତ୍ର ମାତ୍ରାଧିକ ପ୍ରଭାବିତ ହୋଇଛି। ୨୦୨୫ ମାର୍ଚ୍ଚରେ ଏହି କ୍ଷେତ୍ରର ଅଭିବୃଦ୍ଧି



୭.୫ ପ୍ରତିଶତ ରହିଥିଲାବେଳେ ୨୦୨୬ ମାର୍ଚ୍ଚରେ ଏହା ୦.୮ ପ୍ରତିଶତ ରହିଛି। ସେହିପରି ୨୦୨୫ ମାର୍ଚ୍ଚ ତୁଳନାରେ ୨୦୨୬ ମାର୍ଚ୍ଚରେ ମୋଟ ୨୩ଟି ପ୍ରମୁଖ ମାନୁଫାକ୍‌ଚରିଂ କ୍ଷେତ୍ର ମଧ୍ୟରୁ କେବଳ ୧୪ଟି କ୍ଷେତ୍ରର ଅଭିବୃଦ୍ଧି ସକାରାତ୍ମକ ରହିଥିବା କୁହାଯାଇଛି। ମୌଳିକ ସ୍ତରର ଧାତୁ ଉତ୍ପାଦନ କ୍ଷେତ୍ରରେ ଚଳିତ ବର୍ଷ ମାର୍ଚ୍ଚରେ ୮.୬ ପ୍ରତିଶତ ଅଭିବୃଦ୍ଧି ଘଟିଥିଲାବେଳେ ଯାନ, ଟ୍ରେଲର ଓ ସବ୍ ଟ୍ରେଲର ଉତ୍ପାଦନରେ ୧୮.୧ ପ୍ରତିଶତ ଏବଂ ମେଶିନାରି ଓ ସରଞ୍ଜାମ ଉତ୍ପାଦନରେ ୧୧.୨ ପ୍ରତିଶତ ଅଭିବୃଦ୍ଧି ଘଟିଥିବା କୁହାଯାଇଛି।

# ହର୍ମୁଜ୍ ସ୍ଥିତି ସ୍ୱାଭାବିକ କରିବାକୁ ଜାତିସଂଘର ଆହ୍ୱାନ

**ନ୍ୟୁୟର୍କ ,୨୮।୪**

ହର୍ମୁଜ୍ ପ୍ରଣାଳୀକୁ ନେଇ ଉପୁଜିଥିବା ସଙ୍କଟ ଏବେ ବୈଶ୍ୱିକ ଅର୍ଥନୈତିକ ବ୍ୟବସ୍ଥା ପ୍ରତି ଘୋର ସଙ୍କଟ ସୃଷ୍ଟି କରିଥିଲାବେଳେ ବେଳକୁ ବେଳ ଏହା ଗମ୍ଭୀର ହେବାରେ ଲାଗିଛି। ତେଣୁ ତୁରନ୍ତ ଏହାକୁ ସ୍ୱାଭାବିକ କରି ଜାହାଜ ଚଳାଚଳ କ୍ଷେତ୍ରକୁ ନିୟମିତ କରିବା ସହ ପଶ୍ଚିମ ଏସିଆ ସ୍ଥିତିକୁ ମଧ୍ୟ ସ୍ୱାଭାବିକ କରିବା ଜରୁରୀ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। କାରଣ ହର୍ମୁଜ୍ ଦେଇ ଇନ୍ଧନ ଯୋଗାଣ ବୈଶ୍ୱିକ ଅର୍ଥନୀତି ଓ ଅଭିବୃଦ୍ଧି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ଇନ୍ଧନ ପରିବହନ ଲାଗି ସମସ୍ତଙ୍କ ଅଧିକାର ରହିଛି ଏବଂ ଏହା ଏକ ଅନ୍ତର୍ଜାତୀୟ ବ୍ୟବସ୍ଥା ହୋଇଥିବାରୁ ଏହାକୁ ସବୁ ଦେଶ ସମ୍ମାନ ଦେବା ଦରକାର। ଏହି ସାମୁଦ୍ରିକ ପଥ ଦେଇ ଯାତାୟାତ କରୁଥିବା ଜାହାଜକୁ କେହି ପ୍ରତିରୋଧ କରିବା ଉଚିତ ନୁହେଁ କି ଶୁଳ୍କ ମଧ୍ୟ ଆଦାୟ କରିବା ଉଚିତ ନୁହେଁ। ଏଠାରେ କୌଣସି ଶକ୍ତି ପ୍ରଭାବ ବିସ୍ତାର ନ କରି ତୈଳବାହୀ ଜାହାଜଗୁଡ଼ିକୁ ନିୟମିତ ଭାବେ ଯିବାକୁ ଦିଆଯିବା ଦରକାର ବୋଲି ଜାତିସଂଘ କହିଛି।


# Classified Everyday
**0674-2580101, 9692975378**


MATRIMONIAL

## BRIDE WANTED

“କନ୍ୟା ଆବଶ୍ୟକ” କ୍ଷତ୍ରିୟ ଘର ପୁଅ, Fish Farming ବ୍ୟବସାୟୀ, 5’7”। ଶିକ୍ଷିତ ଓ ସୁନ୍ଦରୀ କନ୍ୟା ଆବଶ୍ୟକ। ଯୋଗାଯୋଗ: 7978509903. D-200

Wanted Employed Brahmin Bride B-Tech/MBA, below 28, 5’4” for highly paid handsome Brahmin Boy, 1994, 5’6” (7/3), B-Tech (IIT), MBA (ISB), working Gurgaon Family settled Bhubaneswar, “SUNASANSAR”. 9937512659, 9090969895. D-33

## GROOM WANTED

ବୟସ 28 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7735667587. D-205

54 ବୟସ୍କା Brahmin Govt. Employee କନ୍ୟା ପାଇଁ ଯେକୌଣସି ଜାତିର unmarried/ widow/divorce ବରପାତ୍ର ଆବଶ୍ୟକ। 7873141286. D-207

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


REAL ESTATE

## SALE

ହଂସପାଳ ଗୁଆଳିରେ ଘରବାରି ପ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। **Sqft. Rs.1350/-, 9337259012.** D-184

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

**4270sqft. plot available for sale near Puri bypass opposite of Aqua Lawns, Price 6000/sqft. Phone- 7504102226 / 9437164260.** D-116


CONSTRUCTION

Construct your dream home @999/-, 1560/- with branded materials, we provide plan approval, free boring(Vastu complaints) SNV Engineering- 9439295469. D-212



**8000/16000sqft. space available with Lift and Parking for rent @100/ sqft. negotiable near Rabitalkies Rajarani Temple. 7504102226 / 9437164260.** D-115

3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Newly health benifits, Joint pain relax environment atmosphere 7653969971. D-229

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open health benefits spa by expert therapist. Contact- 7504222886. D-76963

## AFFIDAVIT

By virtue of an affidavit I, A Amaladoss, S/o Arulsamy resident of Loyola School, P.O.- East Coast Railway Colony, Maitri Vihar, BBSR, declare that My name has been wrongly mentioned as A. Amaladoss instead of A Amaladoss in my Aadhaar No. XXXX XXXX 8702. A Amaladoss and A. Amaladoss is same and one person. Hence this declaration. D-233

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, M Avinash, Address Chorda Bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
M Avinash
D-234

By virtue of an affidavit sworn before Notary Public, Jagatsinghpur, dated 22.04.2026, I, Tathagata Patra, resident of At- Kayan (Part), P.O.-Kamardhi, P.S.- Mangalpur, Dist.- Jajpur, Odisha presently at- HDO Colony, P.O.- PPL Township, P.S.- Paradip, Dist.- Jagatsinghpur, Odisha- 754145 that I have changed my name from Tathagat Patra to Tathagata Patra. Henceforth, I shall be known as Tathagata Patra for all purposes.
Tathagata Patra
D-239

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## LEGAL NOTICE

ବାସୁଦେବପୁର ମୁକାମ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତ
T.S No:-୯୭/୨୦୦୨

ଶ୍ରୀ ପ୍ରଫୁଲ କୁମାର ମହାପାତ୍ର, ବ୩୪ର୍ଷ, ପିତା:-ସ୍ୱର୍ଗତ ଭକ୍ତ ହରି ମହାପାତ୍ର, ସା:-କରଞ୍ଜଆଡ଼ିଆ, ପୋ:- ବାଲିଆପାଳ, ଥା:-ନାୟକାଣୀଡ଼ିହ, ଜି:-ଭଦ୍ରକ ..... ବାଦୀ

(ବନାମ)

୧- ଓଡ଼ିଶା ସରକାର ତରଫ ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ସା/ପୋ/ଥା:- ବାସୁଦେବପୁର, ୨-ନାରାୟଣ ମହାପାତ୍ର, ବ୫୦ର୍ଷ, ପିତା:- ସ୍ୱର୍ଗତ ଗୌରହରି ମହାପାତ୍ର, ସା:-କରଞ୍ଜଆଡ଼ିଆ, ପୋ:- ବାଲିଆପାଳ, ଥା:-ନାୟକାଣୀଡ଼ିହ, ଜି:-ଭଦ୍ରକ, ୩-ପ୍ରଫୁଲ ପଣ୍ଡା, ବ୩୦ର୍ଷ, ୪-ପ୍ରଶାନ୍ତ ପଣ୍ଡା, ବ୨୭ର୍ଷ, ୫-ସୁଶାନ୍ତ ପଣ୍ଡା, ବ୨୪ର୍ଷ ନଂ ୩ଲ:୫ମର ବିବାଦୀଙ୍କର ପିତା:- ନିଶାକର ଓରଫ ରତ୍ନାକର ପଣ୍ଡା, ସା:- କରଞ୍ଜଆଡ଼ିଆ, ପୋ:- ବାଲିଆପାଳ, ଥା:-ନାୟକାଣୀଡ଼ିହ, ଜି:-ଭଦ୍ରକ .....ବିବାଦୀମାନେ

ଏହିକି ଉପର ବର୍ଣ୍ଣିତ ଦାବି ତଫସିଲ ବର୍ଣ୍ଣିତ ଦାବି ବୃତ୍ତି ପକ୍ଷେ ସ୍ୱତ୍ୱ ସାବସ୍ତ ଦାବିରେ ଅତ୍ର ମକଦ୍ଦମା ଆଗତ କରିଅଛନ୍ତି। ଦାବି ବାବଦ ବୃତ୍ତି ଓଡ଼ିଶା ସରକାରଙ୍କ ନାମିତ ଆବଦ୍ଧ ଯୋଗ୍ୟ ଅନାବାଦୀ ଖାତା ମୂଳେ ରେକର୍ଡ ହୋଇଅଛି, ନଂ ୩ଲ:୫ମର ବିବାଦୀ ଏତଦ୍‌ବ୍ୟତୀତ ଯଦି ଅନ୍ୟ କୌଣସି ସର୍ବସାଧାରଣଙ୍କର ଦାବି ବୃତ୍ତି ପକ୍ଷେ ଆପତ୍ତି ଓ ଅଭିଯୋଗ ଥାଏ ତାହେଲେ ଆସନ୍ତା ତା୩୦।୦୬।୨୦୨୬ରିଖରେ ଅତ୍ର ଅଦାଲତରେ ହାଜର ହୋଇ ଜବାବ ଦାଖଲ କରିବେ ।

ତଫସିଲ ବୃତ୍ତି

ଜି:-ଭଦ୍ରକ, ଥା:-ନାୟକାଣୀଡ଼ିହ, ମୌଜା:-କରଞ୍ଜଆଡ଼ିଆ ମେଜର ବନ୍ଦୋବସ୍ତ ଖା୨୩୩ତା, ଖ୪୫୭ସଡ଼ା- ଏ୦.୩୫ଡି., ଖ୪୫୯ସଡ଼ା- ଏ୧.୧୨ଡି., ଖ୪୬୧ସଡ଼ା-ଏ୦.୨୭ଡି., ଖ୪୭୯ସଡ଼ା- ଏ୦.୨୬ଡି., ମୋଟ ଖସଡ଼ା ଗୋ୪ଟି-ଏ୨.୦୦ଡ଼ି।

S.d/- CJJD, BASUDEVPUR
Date- 30.03.2026
ଧ-୨୪୦




### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତଃ ସତ୍ୟଭାମା ପତି**

ଆବିର୍ଭାବ ୦୪.୦୬.୧୯୫୫ | ତିରୋଧାନ ୨୨.୦୪.୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର- ସବ୍ୟସାଚୀ ମିଶ୍ର, ସସ୍ମିତ ମିଶ୍ର, କନ୍ୟା- ପୂର୍ବାଶା ମିଶ୍ର ଏବଂ ମିଶ୍ର ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-117

ଧରିତ୍ରୀ DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ଚାଷୀଙ୍କ ପାଇଁ

ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨–୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହକରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ । ମାଟି ପରୀକ୍ଷାକରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ । ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ' ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।



## ଖରାଦିନେ ଛେଳିଙ୍କ ଯତ୍ନ

ଖରାଦିନେ ଛେଳି ରହୁଥିବା ଘର ଭିତର ପରିବେଶ ଥଣ୍ଡା ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଦିନସାରା ଚରିଲେ ମଧ୍ୟ ମେ' ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳିକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।



## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦–୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



# ଡାଲୁଅ ଧାନ କାଟିବା ପୂର୍ବରୁ ପ୍ରସ୍ତୁତି

## ମେ' ମାସର କୃଷି ସୂଚନା



ଡାଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ। ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩–୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ। କଟାହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ–ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟକରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲିଜାତୀୟ ଫସଲ**

ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳକରିଦିଅନ୍ତୁ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଖରାଟିଆ ବିରି ଓ ମୁଗ ଫୁଲ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ନଳିତା**

ଏପ୍ରିଲରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧–୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫–୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ**

ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।

**ତୈଳବୀଜ ଫସଲ**

**ରାଶି**

ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ। ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖିଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ**

ଚିନାବାଦାମ ଫସଲ ପାକଳହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନକରି ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ**

ଏହି ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଏଥିରେ ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

**ପରିବା ଚାଷ**

ଖରାଟିଆ ପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ। ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାରକରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ। ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷାଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନକରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

**ମସଲା ଜାତୀୟ ଫସଲ**

ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା – ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା – ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ।

**କୁକୁଡ଼ା ଓ ବତକ ପାଳନ**

କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଚଳାଚଳର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ। ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ୨ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ଦାନା ଯଥା ସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

**ମାଛଚାଷ**

ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ୧ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପ୍ରୟୋଗ କରନ୍ତୁ । ବର୍ଷକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ଅଦା–ହଳଦୀ ଚାଷ

ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।



## ଅଳ୍ପରେ...



➤ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଡିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ।

➤ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ।

➤ଧାନ ବଦଳରେ ଅଣଧାନ ଫସଲ ଯଥା ମକା–ବରଗୁଡି,ହରଡ଼, ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ।

➤ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ବିଶୋଧନ ପାଇଁ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।

➤ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ଆଖୁ କାଟିବା ସମୟରେ...

ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଭେଣ୍ଡି ବିହନ ଲଗାଇବା ପରେ...



ଭେଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି– ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।

## ମୁଗ ଫସଲରେ ଜଳସେଚନ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

# ଖରାଦିନିଆ ପନିପରିବା ଚାଷ

ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨–୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ିଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ତିନି ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଅପ୍ରେଲ ୨୯/୨୦୨୬ Bhubaneswar, Wednesday, April 29/ 2026

# ପଞ୍ଜାବର ବିଜୟ ଧାରା ଭାଙ୍ଗିଲା



ଶଟ୍ ଖେଳିବା ଅବସରରେ ଡୋନୋଭାନ ଫରେରା।

ମୁଲାନପୁର,୨୮।୪

ଡୋନୋଭାନ ଫରେରା ଓ ଶୁଭମ ଦୁବେଙ୍କ ଜବରଦସ୍ତ ଫିନିଶିଂ ବଳରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ରାଜସ୍ଥାନ ୯ ମ୍ୟାଚ୍‌ରେ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ଏହି ପରାଜୟ ସହ ପଞ୍ଜାବର ବିଜୟ ଧାରାରେ ବ୍ରେକ ଲାଗିଛି।

ପ୍ରଥମେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୨୨ ରନ କରିଥିଲା। ଦଳ ପାଇଁ ମାର୍କସ ଷ୍ଟୋଇନିସ ୨୨ ବଲରେ ଅପରାଜିତ ୬୨ (୪ ଚୌକା ଓ ୬ ଛକା) ଓ ପ୍ରଭସିମରନ ସିଂ ୪୪ ବଲରେ ୫୯ (୬ ଚୌକା ଓ ୧ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୧୧ ବଲରେ ୨୯ (୫ ଚୌକା ଓ ୧ ଛକା), କୁପର କନୋଲି ୧୪ ବଲରେ ୩୦ (୨ ଚୌକା ଓ ୩ ଛକା) ରନ କରିଥିଲେ। ଜବାବରେ ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ରାଜସ୍ଥାନକୁ ୩.୨ ଓଭରରେ ୫୧ ରନର ଭଲ ପ୍ଲାଟଫର୍ମ ପ୍ରଦାନ କରିଥିଲେ। ଚିରାଚରିତ ଆଟାକିଂ ବ୍ୟାଟିଂ କରୁଥିବା ସୂର୍ଯ୍ୟବଂଶୀ ୧୬ ବଲରେ ୩ ଚୌକା ଓ ୫ ଛକା ସହାୟତାରେ ୪୩ ରନ କରି ଆଉଟ୍ ହୋଇଥିଲେ। ନଂ.୩ରେ ଆସିଥିବା ଧ୍ରୁବ ଜୁରେଲ (୨୦)ଙ୍କ ସହ ମିଶି ଜୟସ୍ୱାଲ ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ଅର୍ଦ୍ଧଶତକ ପୂରଣ କରିଥିବା ଜୟସ୍ୱାଲ (୨୭ ବଲ, ୫୧ ରନ, ୭ ଚୌକା ଓ ୧ ଛକା) ଓ ରିଆନ ପରାଗ (୧୬ ବଲ, ୨୯ ରନ, ୨ ଲେଖାଏ ଚୌକା ଓ ଛକା)ଙ୍କୁ ଯୁଜବେନ୍ଦ୍ର ଚହଲ ଆଉଟ୍ କରିଥିଲେ। ଏହାପରେ ଡୋନୋଭାନ ଫରେରା ଓ ଶୁଭମ ଦୁବେ ଅବିଭାଜିତ ପଞ୍ଚମ ଉଇକେଟରେ ୩୨ ବଲରେ ଦ୍ରୁତ ୭୭ ରନ କରି ଦଳକୁ ଜିତାଇଥିଲେ। ଫଳରେ ରାଜସ୍ଥାନ ୧୯.୨ ଓଭରରେ ୪ ଉଇକେଟ ହରାଇ ୨୨୮ ରନ କରିଥିଲା। ଫରେରା ୨୬ ବଲରେ ୫୨ (୬ ଚୌକା ଓ ୩ ଛକା) ଓ ଶୁଭମ ୧୨ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ପାଇଁ ଯୁଜବେନ୍ଦ୍ର ଚହଲ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଇଭରରେ ୨୨୨/୪(ପ୍ରଭସିମରନ ସିଂ–୫୯, ମାର୍କସ ଷ୍ଟୋଇନିସ–୬୨*, କୁପର କନୋଲି–୩୦)। ରାଜସ୍ଥାନ ରୟାଲ୍ସ: ୧୯.୨ ଓଭରରେ ୨୨୮/୪ (ଯଶସ୍ୱୀ ଜୟସ୍ୱାଲ–୫୧, ଡୋନୋଭାନ ଫରେରା–୫୨*, ବୈଭବ ସୂର୍ଯ୍ୟବଂଶୀ–୪୩, ଶୁଭମ ଦୁବେ–୩୧*, ଯୁଜବେନ୍ଦ୍ର ଚହଲ–୩/୩୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ହାଇଦ୍ରାବାଦ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ରାଜସ୍ଥାନ ରୟାଲ୍ସ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | –୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | –୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | –୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | –୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | –୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | –୧.୧୦୬ |

# ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**



ପ୍ରୀତିଶ ମିଶ୍ର



ଆୟୁଷ ଦାସ

କଟକ,୨୮।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର–ଏ, କଟକ–ଏ, ସୁନ୍ଦରଗଡ଼ ଏବଂ ଖୋର୍ଦ୍ଧା ବିଜୟୀ ହୋଇ ସେମିରେ ପ୍ରବେଶ କରିଛନ୍ତି। ବୁଧବାର ସନ୍‌ସାଇନ ପଡ଼ିଆରେ ଭୁବନେଶ୍ୱର–ଏ ଓ ସୁନ୍ଦରଗଡ ଏବଂ ଡ୍ରିମ୍ସ ଗ୍ରାଉଣ୍ଡରେ କଟକ–ଏ ଓ ଖୋର୍ଦ୍ଧା ମଧ୍ୟରେ ମୁକାବିଲା ହେବ।

ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର–ଏ ୧୧୦ ରନ୍‌ରେ ଗଞ୍ଜାମକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର–ଏ ୧୭୪ ରନ୍‌ରେ ଅଲଆଉଟ ହୋଇଥିଲା। ଲିଓନିଲ ମିଶ୍ର ୩୭ ରନ କରିଥିଲେ। ଗଞ୍ଜାମର ସୁପ୍ରୀତ ପାଢ଼ୀ ଏବଂ ରାହୁଲ ପରିଡ଼ା ୪ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ତେବେ ଗଞ୍ଜାମ ମାତ୍ର ୬୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୧୭ ରନ୍ ବିନିମୟରେ ୩ଟି ଉଇକେଟ ଦଖଲ କରିଥିବା ଭୁବନେଶ୍ୱର–ଏ'ର ନିଲେଶ ଦାଶ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ କଟକ–ଏ ୬ ଉଇକେଟରେ ଯାଜପୁରକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ସେଖ୍ ଅହମ୍ମଦଙ୍କ ୪୧ରନ୍ ସହାୟତାରେ ଯାଜପୁର ସମସ୍ତ ଉଇକେଟ ହରାଇ ୧୬୩ ରନ କରିଥିଲା। କଟକ–ଏ'ର ପ୍ରୀତିଶ ମିଶ୍ରଙ୍କୁ ୫ଟି ଉଇକେଟ ମିଳିଥିଲା। ୩୯.୩ ଓଭରରେ କଟକ–ଏ' ବିଜୟ ହାସଲ କରିଥିବା ବେଳେ ପ୍ରୀତିଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୫୦ ରନରେ ଭୁବନେଶ୍ୱର–ବି'କୁ ହରାଇଥିଲା। ଆୟୁଷ ଦାସଙ୍କ ସଂଘର୍ଷପୂର୍ଣ୍ଣ ୮୮ ରନ୍‌ର ପାଳି ସହାୟତାରେ ସୁନ୍ଦରଗଡ଼ ୧୬୮ ରନ କରିଥିଲା। ଜବାବରେ ଭୁବନେଶ୍ୱର–ବି' ୧୧୮ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ୪ ଉଇକେଟ ଦଖଲ କରିଥିବା ବିଜୟୀ ଦଳର ଶିବମ ରାମ ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ୫୨ ରନ୍‌ରେ କେନ୍ଦୁଝରକୁ ପରାସ୍ତ କରିଛି। ସନ୍‌ସାଇନ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ଖୋର୍ଦ୍ଧା ୧୮୧ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଆରୋନ୍ ଚନ୍ଦ୍ରଙ୍କ ୫୪ ରନ ସତ୍ତ୍ୱେ କେନ୍ଦୁଝର ୧୨୯ ରନ୍‌ରେ ସୀମିତ ରହିଥିଲା। ୨୦ ରନ ବ୍ୟୟକରି ୩ଟି ଉଇକେଟ ଅକ୍ତିଆର କରିଥିବା ଖୋର୍ଦ୍ଧାର ଶୁଭ୍ରାଂଶୁ ଭୋଇ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ବିସିସିଆଇର ୬ ଇନ୍‌ଡୋର କ୍ରିକେଟ ଏକାଡେମୀ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଗାଙ୍ଗଟକ୍, ୨୮।୪ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର–ପୂର୍ବାଞ୍ଚଳ ଭାରତରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ୬ଟି ଅତ୍ୟାଧୁନିକ ଇନ୍‌ଡୋର କ୍ରିକେଟ ଏକାଡେମୀର ଉଦ୍‌ଘାଟନ କରିଛନ୍ତି, ଯାହା ଏ ଅଞ୍ଚଳରେ କ୍ରିକେଟ ଭିତ୍ତିଭୂମି ପାଇଁ ବିସିସିଆଇର ସଂପ୍ରସାରଣ କାର୍ଯ୍ୟକ୍ରମର ଏକ ଅଂଶବିଶେଷ। ଏକାଡେମୀଗୁଡ଼ିକ ରାଙ୍ଗ୍‌ପୋ (ସିକିମ), ଡୋଇମୁଖ (ଅରୁଣାଚଳ ପ୍ରଦେଶ), ଇମ୍ଫାଲ(ମଣିପୁର), ମଦନକୁର୍କଲାଙ୍ଗ (ମେଘାଳୟ), ଆଇଜଲ (ମିଜୋରାମ) ଏବଂ ଦିମାପୁର (ନାଗାଲାଣ୍ଡ)। ସିକିମର ଗାଙ୍ଗଟକ୍‌ଠାରେ ଏକ ରାଜ୍ୟସ୍ତରୀୟ ଉତ୍ସବରେ ପ୍ରଧାନମନ୍ତ୍ରୀ ଭର୍ଚ୍ଚୁଆଲି ଏକାଡେମୀଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଇସିସି ଚେୟାରମ୍ୟାନ ଜୟ ଶାହା, ବିସିସିଆଇର ସମସ୍ତ କର୍ମକର୍ତ୍ତା ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଅନ୍ୟ ୫ ପ୍ରଶାସନ ପ୍ରମୁଖ ଉପସ୍ଥିତ ଥିଲେ।

**ବୟସ ପ୍ରମାଣପତ୍ରରେ ଗଡ଼ବଡ଼**

# ୧୭ ବର୍ଷୀୟା କୁସ୍ତିଯୋଦ୍ଧାଙ୍କୁ ବାରଣ କଲା ଡବ୍ଲ୍ୟୁଏଫ୍‌ଆଇ

**ନୂଆଦିଲ୍ଲୀ, ୨୮।୪ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସ୍ଥାନୀୟ ସାମ୍ରାଜୀ ନଗରଠାରେ ଚାଲିଥିବା ଜାତୀୟ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଜଣେ ୧୭ ବର୍ଷୀୟାଙ୍କୁ ଅଂଶଗ୍ରହଣରୁ ବାରଣ କରିଛି। ପ୍ରତିଯୋଗୀଙ୍କ ପିତା ଦୁଇଟି ପୃଥକ୍ ପୃଥକ୍ ରାଜ୍ୟର ଦୁଇଟି ଜନ୍ମ ପ୍ରମାଣପତ୍ର ଦାଖଲ କରିଥିଲେ। ପ୍ରଶାସନ ତରଫରୁ ଯାଞ୍ଚ କରିବା ପରେ ଏଥିରେ କିଛି ଗଡ଼ବଡ ଥିବା ନଜରକୁ ଆସିଥିଲା। ଏହି କୁସ୍ତିଯୋଦ୍ଧାଙ୍କ ନାମ ପ୍ରକାଶ କରାଯାଇ ନାହିଁ। ତେବେ ସେ ମଧ୍ୟପ୍ରଦେଶ ତରଫରୁ ମହିଳା ୫୭କେଜି କାଟେଗୋରିରେ ଅଂଶଗ୍ରହଣ କରିଥାନ୍ତେ। ଅଫିସିଆଲମାନେ ଜନ୍ମ ପ୍ରମାଣପତ୍ର ଯାଞ୍ଚ ପରେ ଏଥିରେ ଗଡ଼ବଡ଼ ଥିବା ଜାଣିବାକୁ ପାଇଥିଲେ। ମଧ୍ୟପ୍ରଦେଶ କର୍ତ୍ତୃପକ୍ଷ ଦାଖଲ କରିଥିବା ଜନ୍ମ ପ୍ରମାଣପତ୍ରରେ ଜନ୍ମ ତାରିଖ ୨୦୧୦ ଅଗଷ୍ଟ ୨୬ ଉଲ୍ଲେଖ ଥିବା ବେଳେ ପଞ୍ଜୀକରଣ ଏବଂ ଇସୁ ତାରିଖ ୨୦୨୧ ନଭେମ୍ବର ୧୬ ଉଲେଖ ରହିଛି; ଯାହାକି ଜନ୍ମ ଗ୍ରହଣର ଦଶନ୍ଧିରୁ ଅଧିକ ସମୟ ପରେ ଇସୁ କରାଯାଇଛି। ଏକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଏହା ଇସୁ କରାଯାଇଛି। ନାମ ପଞ୍ଜୀକରଣରେ କାହିଁକି ବିଳମ୍ବ ଘଟିଲା ବୋଲି କୁସ୍ତିଯୋଦ୍ଧାଙ୍କ ପିତାଙ୍କୁ ପଚରାଯିବାରେ ସେ ରାଜସ୍ଥାନରୁ ଇସୁ ହୋଇଥିବା ଅନ୍ୟ ଏକ ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିଥିଲେ।

# କ୍ୱାର୍ଟର–ମାଇଲର ବିସ୍ମୟା ସସ୍‌ପେଣ୍ଡ

ନୂଆଦିଲ୍ଲୀ, ୨୮।୪ (ପି.ଟି.)

ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଏସିଆନ ଗେମ୍ସ ୪X୪୦୦ ମିଟର ରିଲେ ସ୍ୱର୍ଣ୍ଣ ବିଜେତା ଭି.କେ ବିସ୍ମୟାଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି(ନାଡା)ର ଆଣ୍ଟି ଡୋପିଙ୍ଗ ଡିସିପ୍ଲିନାରୀ ପ୍ୟାନେଲ ୨ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସ ମହିଳା ୪X୪୦୦ ମିଟର ରିଲେ ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ଦଳର ଅନ୍ୟତମ ସଦସ୍ୟା ବିସ୍ମୟାଙ୍କ ମୂତ୍ର ନମୁନାରୁ କ୍ଲୋମିଫିନ୍ ନାମକ ଏକ ନିଷିଦ୍ଧ ଦ୍ରବ୍ୟ ଠାବ କରାଯିବା ପରେ ନାଡା ତାଙ୍କୁ ୨୦୨୪ରେ ସାମୟିକ ସସ୍‌ପେଣ୍ଡ କରିଥିଲା। ୨୦୨୪ ଅଗଷ୍ଟ ୧୫ରେ ପ୍ରତିଯୋଗିତା ବାହାରେ କୋଚି ନିକଟସ୍ଥ ପେରୁମ୍ବୁରସ୍ଥିତ ବାସଭବନରେ ତାଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ମାସରେ ନାଡା ଏହି ଆଥଲେଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ବିଷୟ ଜଣାଇଥିଲା। ବିସ୍ମୟା ପରେ ସଫେଇ ଦେଇଥିଲେ ତାଙ୍କଠାରୁ ସାମ୍ପଲ ସଂଗ୍ରହ ପୂର୍ବରୁ ଯେ ସ୍ୱାସ୍ଥ୍ୟଗତ କାରଣରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିଥିଲେ, ଯାହାଫଳରେ ଡୋପ୍ ଟେଷ୍ଟରେ ତାଙ୍କର ପଜିଟିଭ୍ ଆସିଥିଲା। ମାତ୍ର ଆଥ୍‌ଲେଟଙ୍କ ଜବାବ ସନ୍ତୋଷଜନକ ନ ଥିଲା ବୋଲି ଆଣ୍ଟି–ଡୋପିଙ୍ଗ ଡିସିପ୍ଲିନାରୀ ପ୍ୟାନେଲ ମନେ କରି ତାଙ୍କୁ ଗତମାସରେ ପିଛିଲା ୨୦୨୪ ଅକ୍ଟୋବର ୨୯ରୁ ଦୁଇବର୍ଷ ପାଇଁ ସସ୍‌ପେଣ୍ଡ କରିଥିଲା। ଫଳରେ ବିସ୍ମୟାଙ୍କ ସସ୍‌ପେଣ୍ଡ ଅବଧି ଆଉ ୬ ମାସ ପରେ ଶେଷହେବ। ପ୍ୟାନେଲର ଏହି ନିଷ୍ପତ୍ତିକୁ ନାଡା ନିକଟରେ ପ୍ରକାଶ କରିଛି। ଅନ୍ୟପକ୍ଷରେ ସ୍ପ୍ରିଣ୍ଟର ଏନ୍. ସନମୁଗା ଶ୍ରୀନିବାସଙ୍କୁ ୨୦୨୫ ଫେବୃଆରୀ ୬ରୁ ୪ ବର୍ଷ ପାଇଁ ବାସନ୍ଦ କରଯାଇଛି। ସେ ସାମ୍ପଲ ସଂଗ୍ରହ ପାଇଁ ମନା କରିଦେଇଥିଲେ।



ଭି.କେ ବିସ୍ମୟା

# ଆଇପିଏଲ୍ ଜର୍ସିରେ ସିଲ୍‌ଭର ରଙ୍ଗ ବ୍ୟବହାର ହୋଇପାରିବନି

**ନୂଆଦିଲ୍ଲୀ,୨୮।୪(ପିଟି):** ଆଇପିଏଲ୍ ଜର୍ସିରେ ସିଲ୍‌ଭର ରଙ୍ଗ ବ୍ୟବହାର ହୋଇପାରିବ ନାହିଁ। ଏ ନେଇ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ସହମାଲିକିଆଣୀ ପ୍ରୀତି ଜିଣ୍ଟା ପ୍ରକାଶ କରିଛନ୍ତି। ନିକଟରେ ବଲିଉଡ୍ ଅଭିନେତ୍ରୀ ପ୍ରୀତି ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ଜଣେ ଫ୍ୟାନ କମେଣ୍ଟ କରିଥିଲେ ଯେ, ପଞ୍ଜାବ ତା'ର ପୁରୁଣା ରେଡ୍ ଓ ସିଲ୍‌ଭର ଜର୍ସି ଫେରାଇ ଆଣିବା ଉଚିତ। ସେହି ଜର୍ସିରେ ଆଡାମ ଗିଲ୍‌କ୍ରିଷ୍ଟ ତାଙ୍କର ଏକମାତ୍ର ଆଇପିଏଲ୍ ଉଇକେଟ ନେଇଥିଲେ। ତାହା ଶ୍ରେଷ୍ଠ ଜର୍ସି ଥିଲା। ଏହାର ଉତ୍ତରରେ ପ୍ରୀତି ଲେଖିଥିଲେ, ଆଇପିଏଲ୍ ଜର୍ସିରେ ସିଲ୍‌ଭର, ଧଳା, ଗ୍ରେ ରଙ୍ଗ ବ୍ୟବହାରକୁ ବିସିସିଆଇ ବ୍ୟାନ୍ କରିଛି। କାରଣ ଜର୍ସିରେ ସିଲ୍‌ଭର ଓ ଗ୍ରେ ରଙ୍ଗ ରହିଥିବାରୁ ଧଳାବଲ୍ ଦେଖାଯାଉ ନ ଥିବା ଦଳଗୁଡ଼ିକ ଅଭିଯୋଗ କରିଥିଲେ। ମୁଁ ବି ସିଲ୍‌ଭର ରଙ୍ଗର ଜର୍ସିକୁ ମିସ୍ କରୁଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ରେଡ୍ ଓ ଗ୍ରେ ରଙ୍ଗର ଜର୍ସି ବ୍ୟବହାର କରୁଥିବା ପଞ୍ଜାବ ଏବେ ରେଡ୍ ଓ ବ୍ଲୁ ରଙ୍ଗର ଜର୍ସି ବ୍ୟବହାର କରୁଛି।

# କର୍ପୋରେଟ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ।

ଭୁବନେଶ୍ୱର, ୨୮।୪(ତପନ ସ୍ୱାଇଁ)

'ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିୟନ୍ସ' ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଛି। ସିଡ୍ରିମିଜ୍ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୨୮ଟି ପୁରୁଷ ଡବଲ୍ସ ଏବଂ ୩୨ଟି ମିକ୍ସଡ୍ ଡବଲ୍ସ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳଗୁଡ଼ିକ ବେଷ୍ଟ–ଅଫ୍–୩ ସେଟ୍ ଫର୍ମାଟ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ପ୍ରମୁଖ ଆଇଟି ଏବଂ କର୍ପୋରେଟ୍ ସଂସ୍ଥା ୱିପ୍ରୋ, ଟିସିଏସ୍, ଇନ୍‌ଫୋସିସ୍, ଆକ୍ସେଞ୍ଚର୍, ଆଇବିଏମ୍, କଗ୍ନିଜାଣ୍ଟ, ଇଏସ୍‌ଏସ୍‌ଏଲ୍‌ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ବେସରକାରୀ ବ୍ୟାଙ୍କ, ରେଲୱେ ଓ ନାଲ୍‌କୋର ବରିଷ୍ଠ ଅଧିକାରୀମାନେ ମଧ୍ୟ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାର ପୁରୁଷ ଡବଲ୍ସରେ ଦେବେଶ କୁମାର ଓ ପ୍ରତାପ ଏକ୍କା ଚାମ୍ପିୟନ ଏବଂ ପ୍ରଦ୍ୟୁମ୍ନ ବିଶ୍ୱାଳ ଓ ସ୍ମୃତିରଞ୍ଜନ ମହାନ୍ତି ରନରଅପ୍ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ଜନ୍ମେଜୟ ମାନସିଂହ ଓ ଶାଳିନୀ ଆର୍ ଚାମ୍ପିୟନ ଏବଂ ଆଶାକିରଣ ଓ ବାଲା କ୍ରିଷ୍ଣା ରନରଅପ୍ ହୋଇଛନ୍ତି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ନାଲ୍‌କୋରୁ ଆଶୁତୋଷ ରଥ, ଇନ୍‌ଫୋସିସ୍‌ରୁ ସତ୍ୟଜିତ୍ ମହାନ୍ତି, ସନ୍‌ସାଇନ୍ ହସ୍ପିଟାଲ୍ସରୁ ଅୟସକାନ୍ତ ମହାନ୍ତି, ୱିପ୍ରୋରୁ ମନୀଷ ୱାଘେଲା, ଦୂରଦର୍ଶୀ ମାଗାଜିନ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ମୋର୍ଗିନିସ୍ ପରିଚାଳକ ଜଗନ୍ନାଥ ପାତ୍ର, ଜୟ ଓଡ଼ିଶାରୁ ରୁଦ୍ର ସାମନ୍ତରାୟ, ଡିବି ନେକ୍ସଟ ସିଇଓ ସଂଗ୍ରାମ ରାଉତରାୟ, କୋଟାକ୍‌ରୁ ଅନୁପମ ପଟ୍ଟନାୟକ ଏବଂ କଳ୍ପତରୁ ଫାଉଣ୍ଡେଶନରୁ ଶୁଭେନ୍ଦୁ ପଣ୍ଡା, ଅଭିନେତା ପାର୍ଥସାରଥି ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

**ଆନ୍ତଃଜିଲା ମହିଳା ଟି୨୦**

# କିଟ୍, କଟକ ବିଜୟୀ

କଟକ,୨୮।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ କୋରାପୁଟ ସହଜ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ–୨ରେ ଦଳ ୨୨୩ ରନ୍‌ରେ ନୂଆପଡ଼ାକୁ ହରାଇଛି। ଉଜଳ ବଂଶଲଙ୍କ ୬୪, ଅଲିଶା ବାନୋଙ୍କ ୪୨ ରନ ବଳରେ କୋରାପୁଟ ୭ ଉଇକେଟ ବିନିମୟରେ ୨୩୭ ରନ୍ ସଂଗ୍ରହ କରିଥିଲା। ଜବାବରେ ନୂଆପଡ଼ା ମାତ୍ର ୧୪ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଅତିରିକ୍ତ ୧୦ ରନ ହୋଇଥିବା ବେଳେ ଦଳର ୯ ଜଣ ଖେଳାଳି ଖାତା ଖୋଲିପାରି ନ ଥିଲେ। ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ ସହ ୪ ଉଇକେଟ ଦଖଲ କରିଥିବା ଅଲିଶା ପ୍ଲେୟର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ କିଟ୍ ୪୬ ରନରେ ବରଗଡ଼କୁ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୧୦ ଉଇକେଟରେ ଗଞ୍ଜାମକୁ, କେନ୍ଦୁଝର ୬୮ ରନରେ ନବରଙ୍ଗପୁରକୁ, ସୁନ୍ଦରଗଡ଼ ୨୩୫ ରନରେ ଦେବଗଡ଼କୁ, ବଲାଙ୍ଗୀର ୧୩୮ ରନରେ ନୟାଗଡ଼କୁ, କଟକ ୧୦୬ ରନରେ ମାଲକାନଗିରିକୁ, ମୟୂରଭଞ୍ଜ ୧୮ ରନରେ କଳାହାଣ୍ଡିକୁ ଏବଂ ଭଦ୍ରକ ୧୫୯ ରନ୍‌ରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି।

# ଫାଇନାଲରେ ୟୁନିୟନ ସ୍ପୋର୍ଟିଂ

**ସର୍ବଭାରତୀୟ ନୀଳାଚଳ ଟ୍ରଫି**

ପୁରୀ, ୨୮।୪(ଅଜିତ୍ କୁମାର ମହାନ୍ତି)

ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ୭ ରନ୍‌ରେ ହରାଇ କଟକର ୟୁନିୟନ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୟୁନିୟନ୍ ସ୍ପୋର୍ଟିଂ ୩୬.୩ ଓଭରରେ ୧୭୫ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଦେବୀ ପ୍ରସାଦ ମହାପାତ୍ର ସର୍ବାଧିକ ୫୫ ଓ ସୁଜିତ କୁମାର ଲେଙ୍କା ୫୪ ରନ୍ କରିଥିଲେ। ବିପକ୍ଷ ଦଳର ଆଶୁତୋଷ ମାରାଣ୍ଡି ୪ଟି ଏବଂ ଚନ୍ଦ୍ରାଂଶୁ ବାଘେଲ, ସ୍ୱପ୍ନ ଭୂୟାଁ ଓ ପ୍ରତୀକ ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ପୂରା ୪୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୬୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ତନୟ ବିଶ୍ୱାଳ ୭୭ ଓ ଦୀନେଶ କୁମାର ମାଝି ୨୯ ରନ୍ କରିଥିଲେ। ବିଜୟୀ ଦଳର ଦେବୀ ପ୍ରସାଦ ମହାପାତ୍ର ୩ଟି ଏବଂ ବିଶ୍ୱଜିତ୍ ପ୍ରଧାନ ଓ ପ୍ରଶାନ୍ତ ରାଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ଦେବୀ ପ୍ରସାଦ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଶୁତୋଷ ମାରାଣ୍ଡି ଇମ୍ପାକ୍ଟ ପ୍ଲେୟର ପୁରସ୍କାର ପାଇଥିବାବେଳେ ଶୁଭମ୍ ସିଂ ଏମ୍‌ଆଇ ଫୋନ୍ ବିଜେତା ହୋଇଥିଲେ। ପୁରୀ ୱଣ୍ଡର ୱାର୍ଲ୍ଡ ଏମ୍‌ଡି ନିରଞ୍ଜନ ପାତ୍ର, ଡାଇକିନ୍‌ର ଓଡ଼ିଶା ମୁଖ୍ୟ ପ୍ରଦୀପ୍ତ କୁମାର ମିଶ୍ର ଓ ସତ୍ୟକେତନ ମିଶ୍ର ଏବଂ ଷ୍ଟର୍ଲିଂ ରିସର୍ଟର ଉପସଭାପତି ସିତାଂଶୁ ଭାର୍ଗବ ଅତିଥିଭାବେ ଯୋଗଦେଇଥିଲେ। ଗ୍ରୁପ୍ 'ବି'ର ପ୍ରଥମ କ୍ୱାର୍ଟର ଫାଇନାଲ ଏଲ୍‌ଆର୍‌ଏସ୍ କୋଲ୍‌କାତା ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।





ଦେବୀ ପ୍ରସାଦ ମହାପାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତ ଅଭିଯାନ ଶେଷ

ହୋର୍ସେନ, ୨୮।୪ (ପି.ଟି.)

ଚାଇନାଠାରୁ ୦–୫ରେ ପରାଜିତ ହେବା ପରେ ଏଠାରେ ଚାଲିଥିବା ଉବର କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଫାଇନାଲ୍ସରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳର ଅଭିଯାନ ଶେଷ ହୋଇଛି। ଭାରତ ଏହାର ପ୍ରଥମ ମୁକାବିଲାରେ ଡେନମାର୍କଠାରୁ ୨–୩ରେ ପରାଜିତ ହେବା ପରେ ୟୁକ୍ରେନ ବିପକ୍ଷରେ ୪–୧ରେ ବିଜୟୀ ହୋଇ ଟୁର୍ନାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିଥିଲା। ଚାଇନା ବିପକ୍ଷ ଓପନିଂ ସିଙ୍ଗଲ୍ସରେ ସିନ୍ଧୁ ଲଢୁଆ ପ୍ରଦର୍ଶନ କରି ଆଶା ସଞ୍ଚାର କରିଥିଲେ। ମତ୍ର ସେ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ୱାଙ୍ଗ୍ ଝିୟିଙ୍କଠାରୁ ୧୬–୨୧, ୨୧–୧୯, ୧୯–୨୧ରେ ପରାଜିତ ହୋଇଥିଲେ।

# ଓଡ଼ିଶା ଏଫ୍‌ସି ପରାସ୍ତ

ଗୋଆ, ୨୮।୪

ସ୍ଥାନୀୟ ପିଏନ୍‌ଜି ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ୍ ସୁପର ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୦–୩ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସି ନିକଟରୁ ପରାଜିତ ହୋଇଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ବିପିନ ସିଂ ୧୧ଶ ମିନିଟ୍‌ରେ ଏକ ଗୋଲ ଦେଇ ଇଷ୍ଟ ବେଙ୍ଗଲକୁ ଅଗ୍ରଣୀ କରିଥିବାବେଳେ ୟୁସେଫ ଇଜେଜାରି ୭୦ ଓ ୮୪ତମ ମିନିଟରେ ୨ଟି ଗୋଲସ୍କୋର କରିଥିଲେ। ଓଡ଼ିଶା ଏଫ୍‌ସି ଖେଳାଳିମାନେ ଗୋଟିଏହେଲେ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇ ନ ଥିଲେ। ଏହି ବିଜୟ ଫଳରେ ଇଷ୍ଟ ବେଙ୍ଗଲ ୯ ମ୍ୟାଚ୍‌ରୁ ୧୮ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୬ ପଏଣ୍ଟ ସହିତ ୧୩ଶ ସ୍ଥାନରେ ରହିଛି।





1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>